# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଅକ୍ଟୋବର ୩୦/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) | Berhampur, Wednesday, October 30/2019 | ★★★

୧୫୪ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## ଲିଲିମା ଆଶାବାଦୀ

କଳିଙ୍ଗ ଷ୍ଟାଡିୟମରେ ଆମେରିକା ବିପକ୍ଷ ଅଲିମ୍ପିକ ହକି କ୍ୱାଲିଫାୟର୍ସରେ ଭଲ ପ୍ରଦର୍ଶନ ନେଇ ଭାରତୀୟ ମିଡ୍‌ଫିଲ୍ଡର ଲିଲିମା ମିଞ୍ଜ୍ ଆଶାବାଦୀ।

୧୫

୦୨

## ଇନ୍‌ଷ୍ଟାଗ୍ରାମରେ ଦୀପିକାଙ୍କ ରାଜ୍

ବଲିଉଡ୍ ମସ୍ତାନୀ ଗର୍ଲ ଦୀପିକା ପାଦୁକୋନ୍‌ଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋର୍ସ ସଂଖ୍ୟା ୪୦ ଲକ୍ଷରେ ପହଞ୍ଚିଛି। ଏହି ଖୁସିରେ ସେ ପ୍ରଶଂସକଙ୍କୁ କୃତଜ୍ଞତା ଜଣାଇଛନ୍ତି।








## ୧୮ରେ ଶପଥ ନେବେ ନୂଆ ସିଜେଆଇ ବୋବ୍‌ଡେ


ନୂଆଦିଲ୍ଲୀ, ୨୯।୧୦ (ଆଇଏଏନ୍‌ଏସ୍)

ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେ ଭାରତର ୪୭ତମ ପ୍ରଧାନ ବିଚାରପତି (ସିଜେଆଇ) ହେବେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ତାଙ୍କ ନିଯୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ଜଷ୍ଟିସ୍ ବୋବ୍‌ଡେ ନଭେମ୍ବର ୧୮ରେ ସିଜେଆଇ ଭାବେ ଶପଥ ନେବା ପରେ ପ୍ରାୟ ୧୮ ମାସ ଧରି ଏହି ମର୍ଯ୍ୟାଦାଜନକ ସାମ୍ବିଧାନିକ ପଦବୀରେ ରହିବେ। ସେ ୨୦୨୧ ଏପ୍ରିଲ ୧୩ରେ



ଅବସର ନେବେ। ବର୍ତ୍ତମାନର ସିଜେଆଇ ଜଷ୍ଟିସ୍ ରଞ୍ଜନ ଗୋଗୋଇ ଆସନ୍ତା ୧୭ରେ ଅବସର ନେବେ। ଏଥିପାଇଁ ସେ ସୁପ୍ରିମକୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ବୋବ୍‌ଡେଙ୍କୁ ଗତ ୧୮ ତାରିଖରେ ନିଜ ଉତ୍ତରାଧିକାରୀ ଭାବେ ଚୟନ କରି ଆଇନ ମନ୍ତ୍ରଣାଳୟକୁ ତାଙ୍କ ନାମ ସୁପାରିସ କରିଥିଲେ।

## ଶ୍ରୀନଗରରେ ଇୟୁ ପ୍ରତିନିଧି



ଶ୍ରୀନଗରର ଡାଲ୍ ହ୍ରଦରେ ୟୁରୋପୀୟ ସଂଘ ପ୍ରତିନିଧି ଦଳର ସଦସ୍ୟମାନେ।

■ ଗସ୍ତବେଳେ ବନ୍ଦ, ସଂଘର୍ଷ, ହିଂସା

■ କେନ୍ଦ୍ରକୁ ଘେରିଲେ ବିରୋଧୀ

**ଶ୍ରୀନଗର, ୨୯।୧୦ (ପି.ଟି./ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀରର କେତେକ ସ୍ଥାନରେ ହିଂସା ଓ ବନ୍ଦପାଳନକୁ ନେଇ ଉତ୍ତେଜନା ଲାଗିରହିଥିବାବେଳେ ମଙ୍ଗଳବାର ସ୍ଥିତି ଅନୁଧ୍ୟାନ ପାଇଁ ୟୁରୋପୀୟ ସଂଘର ଏକ ପ୍ରତିନିଧି ଦଳ ଶ୍ରୀନଗରରେ ପହଞ୍ଚିଛି। ଏଥିରେ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ପୋଲାଣ୍ଡ, ଚେକ୍ ରିପବ୍ଲିକ୍ ଓ ସ୍ଲୋଭାକିଆରୁ ୟୁରୋପୀୟ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିବା ୨୩ ସଦସ୍ୟ (ଏମ୍‌ଇପି) ସାମିଲ ଅଛନ୍ତି। ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇବା ପରେ ଉପତ୍ୟକାକୁ ଏହା ହେଉଛି କୌଣସି ବିଦେଶୀ ପ୍ରତିନିଧି ଦଳର ପ୍ରଥମ ଗସ୍ତ।

ପ୍ରତିନିଧି ଦଳ ସଦସ୍ୟମାନେ ଏକ ପଞ୍ଚତାରକା ହୋଟେଲରେ ପହଞ୍ଚିବା ପରେ ସେମାନଙ୍କୁ ବାଦାମୀ ବାଗ୍‌ସ୍ଥିତ ସେନା ୧୫ କର୍ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ସେନା ☞ପୃଷ୍ଠା-୪

## ଖଣି ଅଞ୍ଚଳର ବିକାଶ ହିସାବ ମାଗିଲେ ସିଇସି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ରାଜ୍ୟର ଖଣିଜ ସମ୍ପଦ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କି କି ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି। ସେଠାକାର ଲୋକମାନଙ୍କୁ ଏହା କେତେ ଫାଇଦା ଦେଇଛି। ଅଞ୍ଚଳର ବିକାଶ ଲାଗି ଖଣିରୁ ଆଦାୟ ହେଉଥିବା ଅର୍ଥର କିଭଳି ବିନିଯୋଗ ହୋଇଛି ତାହା ଜାଣିବା ପାଇଁ କେନ୍ଦ୍ରୀୟ କ୍ଷମତାସମ୍ପନ୍ନ କମିଟି(ସିଇସି) ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି କମିଟି ଆସନ୍ତା ନଭେମ୍ବର ୨ ଯାଏ ବିଭିନ୍ନ ଜିଲାର ଖଣିଜ ସମ୍ପଦ ଅଞ୍ଚଳ ବୁଲି ପ୍ରକଳ୍ପ ଦେଖିବେ। ଏହି କମିଟିର ଅଧ୍ୟକ୍ଷ ପି.ଭି. ଜୟକ୍ରିଷ୍ଣନ୍‌ଙ୍କ ସମେତ ମେମ୍ବର ସେକ୍ରେଟାରି ଅମରନାଥ ସେଟ୍ଟୀ, ସଦସ୍ୟ ଏସ.କେ. ପଟ୍ଟନାୟକ ଏବଂ ମହେନ୍ଦ୍ର ବ୍ୟାସ ପ୍ରମୁଖ ଓଡ଼ିଶା ଖଣିଜ ସମ୍ପଦ ଅଞ୍ଚଳ ବିକାଶ ନିଗମ(ଓଏମ୍‌ବିଏଡିସି) ଦ୍ୱାରା କରାଯାଇଥିବା ଖର୍ଚ୍ଚ ଓ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିବେ। ଭୁବନେଶ୍ୱରରେ ପହଞ୍ଚିବା ପରେ ସିଇସି ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଓଏମ୍‌ବିଏଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଉମା ନନ୍ଦୁରୀ ଏବଂ ବିଭିନ୍ନ ବିଭାଗର ସଚିବଙ୍କ ସହ ଆଲୋଚନା କରିଛନ୍ତି।

■ କ୍ଷେତ୍ର ପରିଦର୍ଶନ ପରେ ସୁପ୍ରିମ୍‌କୋର୍ଟଙ୍କୁ ରିପୋର୍ଟ ଦେବ କମିଟି

ବୈଠକରେ ୮ ଖଣିଜ ସମ୍ପଦ ଜିଲାରେ ଓଏମ୍‌ବିଏଡିସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ବିଷୟରେ ସିଇସି ଆଲୋଚନା କରିଥିଲେ। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼। କେଉଁ ଜିଲାରେ କେଉଁ ପ୍ରକଳ୍ପ ବାବଦରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ସେ ସବୁର ହିସାବ ମାଗିଥିଲେ। ଓଏମ୍‌ବିଏଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ନନ୍ଦୁରୀ ଖର୍ଚ୍ଚ ଓ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତ୍ୟେକ ପ୍ରକଳ୍ପକୁ ତନ୍ନତନ୍ନ କରି କମିଟି ସମୀକ୍ଷା କରିଥିଲେ। ରାଜ୍ୟ ସରକାର ସମସ୍ତ ପ୍ରକଳ୍ପ ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍ସ ଅନୁସାରେ କରୁଥିବାରୁ ସିଇସି ସନ୍ତୋଷ ବ୍ୟକ୍ତ କରିଛନ୍ତି।

କାମ୍ପା ପାଣ୍ଠିରୁ ୮ଟି ଜିଲାର ୨୯ ବ୍ଲକ ୧୨୧ ପଞ୍ଚାୟତର ୬୯୧ ଗ୍ରାମରେ ୮୬୯ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିବା ରାଜ୍ୟ ସରକାର ସିଇସିଙ୍କୁ ଜଣାଇଥିଲେ। ଏହି ପାଣ୍ଠିରେ ମୁଖ୍ୟତଃ ପାନୀୟ ଜଳ, ଗୃହ ନିର୍ମାଣ, ଦକ୍ଷତା ବିକାଶ, ନର୍ସରି ଆଦି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସିଇଓ ନନ୍ଦୁରୀ ବୈଠକରେ କହିଥିଲେ, ଓଏମ୍‌ବିଏଡିସି ଅନୁଦାନରୁ ୨୯ ହଜାର ୮୨୯ ପକ୍କାଘର ନିର୍ମାଣ କରାଯାଇଥିବା ବେଳେ ୨୪୪ ପାନୀୟ ଜଳ ପ୍ରକଳ୍ପ ଏବଂ ୨୦୦ ଅନୁସୂଚିତ ଜାତି ଓ ଜନଜାତି ଯୁବତୀଯୁବକଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଦକ୍ଷତା ବିକାଶ ତାଲିମ ଦିଆଯାଇଛି। ଏଥିପାଇଁ ପ୍ରାୟ ୮୬୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାରଙ୍କ ନିକଟରେ ଓଏମ୍‌ବିଏଡିସି ପାଣ୍ଠିରେ ପ୍ରାୟ ୧୬ ହଜାର କୋଟି ଟଙ୍କା ରହିଛି।

ସୂଚନାଯୋଗ୍ୟ ଯେ ପାଣ୍ଠିର ବିନିଯୋଗ କିଭଳି ହେଉଛି ତାହା ତଦାରଖ କରିବାକୁ ସୁପ୍ରିମ୍‌କୋର୍ଟ ପୂର୍ବରୁ ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଭରସାଇଟ ଅଥରିଟି କମିଟି ଗଠନ କରିଥିଲେ। କମିଟି ଗତ ଫେବୃୟାରୀରେ ଓଏମ୍‌ବିଏଡିସି ପାଣ୍ଠିରୁ ୧୦ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ଏଥିରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଗୃହନିର୍ମାଣ ଏବଂ ଗ୍ରାମ୍ୟ ରାସ୍ତା ନିର୍ମାଣ ଆଦି ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି। ରାଜ୍ୟ ସରକାରଙ୍କ ସହ ବୈଠକ ଶେଷ ହେବା ପରେ ସିଇସି କେନ୍ଦୁଝର ଜିଲା ଗସ୍ତ କରିଛନ୍ତି। ଏହି ଜିଲାରେ ☞ପୃଷ୍ଠା-୪

## ନଭେମ୍ବରରେ ମିଳିବ ଦ୍ୱିତୀୟ କିସ୍ତି କାଳିଆ ଟଙ୍କା

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ରାଜ୍ୟବାସୀଙ୍କ ପାଖକୁ ସରକାର ପୁଣି କାଳିଆ ଯୋଜନା ସମ୍ପର୍କିତ ବାର୍ତ୍ତା ପଠାଇଛନ୍ତି। କାଳିଆ ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଆସନ୍ତା ନଭେମ୍ବରରେ ଦିଆଯିବ ବୋଲି ମଙ୍ଗଳବାର କୃଷି ସଚିବ ସୌରଭ ଗର୍ଗ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪

## କ୍ରୀଡ଼ାବିତ୍‌ଙ୍କ ଭତ୍ତା ବୃଦ୍ଧି

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ରାଜ୍ୟର କ୍ରୀଡାବିତ୍‌ମାନଙ୍କ ଭତ୍ତା ପରିମାଣ ବୃଦ୍ଧି କରିଛନ୍ତି। ଏଣିକି କ୍ରୀଡ଼ାବାସରେ ରହୁଥିବା ଝିଅମାନେ ମାସିକ ୫୦୦ ଟଙ୍କାର ସହାୟତା ରାଶି ପାଇବେ। ସେହିପରି ପୁଅମାନଙ୍କ ସହାୟତା ରାଶି ୩୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଭିନ୍ନ ସମୟରେ ଜାତୀୟସ୍ତରୀୟ ଅଥବା ଜାତୀୟ କ୍ରୀଡ଼ା ଫେଡେରେଶନ ଦ୍ୱାରା କରାଯାଉଥିବା ପ୍ରତିଯୋଗିତା ପାଇଁ ସ୍ୱତନ୍ତ୍ରଭାବେ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାଗୁଡ଼ିକରେ ଭାଗ ନେଉଥିଲେ ଦୈନିକ ୩୦୦ ଟଙ୍କା ଭତ୍ତା ଦିଆଯିବ। ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିବା ପ୍ରତିଯୋଗୀଙ୍କୁ ଏକବର୍ଷ ପର୍ଯ୍ୟନ୍ତ ମାସିକ ୧୦୦୦ ଟଙ୍କା ଲେଖାଏ ଭତ୍ତା ଦିଆଯିବ। ସେହିଭଳି ରୌପ୍ୟ ପାଇଁ ୫୦୦ ଏବଂ ବ୍ରୋଞ୍ଜ ପଦକ ପାଇଁ ମାସିକ ୩୦୦ ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି। ଏହି ସହାୟତା ରାଶି କ୍ରୀଡାବିତ୍‌ମାନେ ସେମାନଙ୍କ ମାସିକ ଭତ୍ତା ସହ ଅଲଗାଭାବେ ପାଇବେ ବୋଲି ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ୫-ଟି ମନ୍ତ୍ରକୁ ନେଇ ଅଧିକାରୀମାନଙ୍କ ଗସ୍ତ ପରେ ମିଳିଥିବା ପରାମର୍ଶରୁ ଏହି ନିଷ୍ପତ୍ତି ନିଆଯାଇଛି। ଗସ୍ତ ସମୟରେ ଅଧିକାରୀମାନେ ସିଧା କ୍ରୀଡ଼ାବିତ୍ ଏବଂ ତୃଣମୂଳରେ କ୍ରୀଡ଼ା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ମତାମତ ନେଇଥିଲେ। ଜାତୀୟସ୍ତରୀରେ କୌଣସି କ୍ରୀଡାବିତ୍ ରେକର୍ଡ କରିଲେ, ସେହି ରେକର୍ଡ ଯଦି ବର୍ଷେ ପର୍ଯ୍ୟନ୍ତ ବଳବତ୍ତର ରୁହେ, ତେବେ ସେହି କ୍ରୀଡାବିତ୍‌ଙ୍କୁ ଅତିରିକ୍ତଭାବେ ଏକ ବର୍ଷ ଯାଏ ମାସିକ ୫୦୦୦ ଟଙ୍କାର ଭତ୍ତା ମିଳିବ। କୌଣସି ଜାତୀୟ ଦଳରେ ସ୍ଥାନ ପାଇଲେ କ୍ରୀଡ଼ାବିତ୍‌ଙ୍କୁ ମାସିକ ୧୦୦୦ ଟଙ୍କା ଲେଖାଏ ଏକ ବର୍ଷ ଯାଏ ମିଳିବ। ସ୍ଥାୟୀଭାବେ କ୍ରୀଡ଼ା ବିଭାଗ ଅଧୀନରେ କାର୍ଯ୍ୟରତ ପ୍ରଶିକ୍ଷକମାନଙ୍କୁ ☞ପୃଷ୍ଠା-୪

## ରାଜ୍ୟରେ ଚିହ୍ନଟ ହେବ ଭୂସ୍ଖଳନ ଅଞ୍ଚଳ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

■ ଆଇଆଇଟି ମୁମ୍ବାଇକୁ ଦାୟିତ୍ୱ

■ ଆବଶ୍ୟକ ହେଲେ ଚିହ୍ନଟ ଅଞ୍ଚଳବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ

■ ସହରାଞ୍ଚଳ ବନ୍ୟା ରୋକିବା ପାଇଁ ପ୍ରତିଷ୍ଠା ହେବ ରାଡାର

ଜଳବାୟୁ ପରିବର୍ତ୍ତନ ଯୋଗୁ ରାଜ୍ୟରେ ବର୍ତ୍ତମାନ ନୂତନ ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ଗତ ଦୁଇ ବର୍ଷ ହେବ ଓଡ଼ିଶାରେ ଲ୍ୟାଣ୍ଡ୍ ସ୍ଲାଇଡ୍(ଭୂସ୍ଖଳନ) ହେଉଛି। ତେଣୁ ରାଜ୍ୟରେ ଭୂସ୍ଖଳନପ୍ରବଣ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ପାଇଁ ଆଇଆଇଟି ମୁମ୍ବାଇର ଏକ ଟିମ୍ ଓଡ଼ିଶାରେ ଅନୁଧ୍ୟାନ କରୁଛନ୍ତି। କେଉଁ କେଉଁ ଅଞ୍ଚଳରେ ଭୂସ୍ଖଳନର ସମ୍ଭାବନା ରହିଛି ତାହାର ଏକ ମ୍ୟାପ୍ ପ୍ରସ୍ତୁତ ହେବ। ଚିହ୍ନିତ ଅଞ୍ଚଳଗୁଡ଼ିକରେ ରହୁଥିବା ଲୋକମାନଙ୍କ ଜ୍ଞାନକୌଶଳ ଓ ଦକ୍ଷତା ବୃଦ୍ଧି କରିବାକୁ ପଡ଼ିବ। ଆବଶ୍ୟକସ୍ଥଳେ ସେମାନଙ୍କୁ ସ୍ଥାନାନ୍ତର କରି ଅନ୍ୟ ଜାଗାରେ ଥଇଥାନ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି। ରାଜ୍ୟସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ଜେନା ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସେହିପରି ଅର୍ବାନ୍ ଫ୍ଲଡ୍ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ, ସହରାଞ୍ଚଳ ବନ୍ୟାକୁ ରୋକିବା ପାଇଁ ଏକ ରାଡାର ପ୍ରସ୍ତୁତ କରାଯାଉଛି। ସେଥିପାଇଁ ଭୁବନେଶ୍ୱରରେ ଏକ ରାଡାର ପ୍ରତିଷ୍ଠା ହେବ, ଯାହାଦ୍ୱାରା କେଉଁ ଅଞ୍ଚଳରେ କିଭଳି ଭାବେ ବନ୍ୟା ହେବ ସେନେଇ ପ୍ରାକ୍ ସୂଚନା ମିଳିପାରିବ। ଏଥିପାଇଁ ଭାରତୀୟ ପାଣିପାଗ ବିଭାଗକୁ ଏକ ପ୍ରସ୍ତାବ ଦିଆଯାଇଥିବା ଜେନା କହିଛନ୍ତି।

ଓସ୍‌ଡମା ପକ୍ଷରୁ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ପାଲଟିଛି ଓ ଓଡ଼ିଶା ବିଶ୍ୱପାଇଁ ବେଞ୍ଚମାର୍କ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ମରୁଡ଼ିକୁ ଏକ ବିପର୍ଯ୍ୟୟ ଭାବେ ନେଇ ତାକୁ ମୁକାବିଲା କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଉଥିବା କହିଥିଲେ। ମହାବାତ୍ୟା ପରେ ଗଞ୍ଜାମ, ପୁରୀ ଓ ଅନ୍ୟ ଉପକୂଳବର୍ତ୍ତୀ ଜିଲାରେ ବାତ୍ୟା ନିରୋଧୀ ☞ପୃଷ୍ଠା-୪


ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ବୋର୍‌ୱେଲ୍‌ରେ ମୃତ୍ୟୁ

### ଆଜିର ମନ୍ତବ୍ୟ

ମେଣ୍ଟ ପାଇଁ ଉଭୟ କଂଗ୍ରେସ ଓ ଭାଜପା ବିଶ୍ୱାସଯୋଗ୍ୟ ନୁହନ୍ତି।
-ଏଚ୍.ଡି. ଦେବେଗୌଡ଼ା, ପୂର୍ବତନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଦେଶରୁ ୫,୧୫୧ କୋଟି ଟଙ୍କାର ଜୈବିକ ଉତ୍ପାଦ ଆମଦାନୀ ହୋଇଛି।
– ଏପିଇଡିଏ


Vencobb FRESH CHICKEN


29.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 65 | 113 | 123 |
| ANG | 63 | 110 | 120 |
| BHM | 59 | 105 | 115 |

*Conditions Apply

Issued in the Interest of Consumers








ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନଙ୍କ ଅଭିନୀତ ଫିଲ୍ମ 'ହାଉସ୍‌ଫୁଲ୍ -୪' ରିଲିଜ୍ ହୋଇଯାଇଛି। ଏବେ କ୍ରିତି ନିଜର ଅପ୍‌କମିଂ ଫିଲ୍ମ 'ମିମି'ର ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି। ଫିଲ୍ମକୁ ନେଇ କ୍ରିତି କୁହନ୍ତି, ଏଭଳି ଏକ ନାରୀକୈନ୍ଦ୍ରିକ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିବାରୁ ସେ ବହୁତ ଖୁସି। ଫିଲ୍ମଟି ନାରୀମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ଏକ ଗମ୍ଭୀର ସମସ୍ୟା ଉପରେ ଆଧାରିତ। ଏହାସହ ଏହି ଫିଲ୍ମକୁ ସେ ନିଜ କ୍ୟାରିୟରର ଏକ ମାଇଲ୍ ଖୁଣ୍ଟ ବୋଲି କହିଛନ୍ତି।

# ଅନ୍ୟମାନଙ୍କ ତୁଳନାରେ ଭାରତୀୟଙ୍କ ମସ୍ତିଷ୍କ ଛୋଟ

**ହାଇଦ୍ରାବାଦ:** ଅନ୍ୟ ଦେଶର ଲୋକମାନଙ୍କ ତୁଳନାରେ ଭାରତୀୟଙ୍କ ମସ୍ତିଷ୍କ ଛୋଟ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଏହା ଅପେକ୍ଷାକୃତ କମ୍ ଲମ୍ୱା, ଚଉଡ଼ାଯୁକ୍ତ। ହାଇଦ୍ରାବାଦର ଇଣ୍ଟର୍‌ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ପକ୍ଷରୁ ଭାରତୀୟ ବ୍ରେନ୍ ଆଟ୍‌ଲାସ ପ୍ରସ୍ତୁତ କରାଯାଇଥିବାବେଳେ ଏହାକୁ ଗବେଷଣା କରି ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ଏହି ବ୍ରେନ୍ ଆଟ୍‌ଲାସ ଦ୍ୱାରା ଆଲ୍‌ଜାଇମର୍ସ ଓ ଅନ୍ୟ ମସ୍ତିଷ୍କଜନିତ ସମସ୍ୟା ସମ୍ପର୍କରେ ସୂଚନା ମିଳିଥାଏ। ଏ ସମ୍ପର୍କିତ ଗବେଷଣାତ୍ମକ ସନ୍ଦର୍ଭ ନ୍ୟୁରୋଲୋଜି ଇଣ୍ଡିଆ ଜର୍ନାଲ୍‌ରେ ପ୍ରକାଶ ପାଇଛି। ମସ୍ତିଷ୍କର କୋଷକୁ ଧ୍ୟାନରେ ରଖି ବ୍ରେନ୍ ଆଟ୍‌ଲାସ ପ୍ରସ୍ତୁତ କରାଯାଇଥାଏ ବୋଲି ଗବେଷକ ଜୟନ୍ତୀ ଶିବସ୍ୱାମୀ ପ୍ରକାଶ କରିଛନ୍ତି। ବ୍ରେନ୍ ଆଟ୍‌ଲାସ ବଡ଼ ହେଲେ ଏହାର ସମୀକ୍ଷା କରିବା ଓ ସ୍ଥିତି ପରଖିବା ସହଜ ହୋଇଥାଏ ବୋଲି ସେ ମତ ଦେଇଛନ୍ତି। ବ୍ରେନ୍ ଟେମ୍ପ୍‌ଲେଟକୁ ନେଇ ଅଦ୍ୟାବଧି ଯେତେ ପରୀକ୍ଷା କରାଯାଇଛି, ସେଥିରେ ଚାଇନା ଓ କୋରିଆ ମସ୍ତିଷ୍କ ସ୍ଥାନ ପାଇଛି। ଭାରତୀୟଙ୍କ ପାଇଁ କୌଣସି ଟେମ୍ପ୍‌ଲେଟ ପ୍ରସ୍ତୁତ କରାଯାଇ ନାହିଁ।



ହାଇଦ୍ରାବାଦର ଇଣ୍ଟର୍‌ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍ମେଶନ ଟେକ୍ନୋଲୋଜି ପକ୍ଷରୁ ଏଭଳି ପ୍ରଥମ ପ୍ରୟାସ କରାଯାଇଛି। ମସ୍ତିଷ୍କରେ ଥିବା ରୋଗ ନିରୂପଣ ସମ୍ପର୍କରେ ଜାଣିବା ଓ ଏନେଇ ଗବେଷଣା କରିବା ଲାଗି ବ୍ରେନ୍ ଟେମ୍ପ୍‌ଲେଟର ଆବଶ୍ୟକତା ରହିଥିବା ଜୟନ୍ତୀ ପ୍ରକାଶ କରିଛନ୍ତି।

# ଜୀବନରେ ସମୃଦ୍ଧି ଆଣେ

**ନୂଆଦିଲ୍ଲୀ:** ବିଶ୍ୱ ମିତବ୍ୟୟୀ ଦିବସ ପ୍ରତିବର୍ଷ ଅକ୍ଟୋବର ୩୧ରେ ପାଳନ କରାଯାଉଛି। କିନ୍ତୁ ଭାରତରେ ଏହି ଦିବସ ଅକ୍ଟୋବର ୩୦ରେ ପାଳନ କରାଯାଉଛି। ୧୯୮୪ ଅକ୍ଟୋବର ୩୧ରେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିଧନ ପରେ ଏହାକୁ ଆମ ଦେଶରେ ଅକ୍ଟୋବର ୩୧ ପରିବର୍ତ୍ତେ ୩୦ରେ ପାଳନ କରାଯାଉଛି। ୧୯୨୪ରେ ବ୍ୟାଙ୍କରେ ସଞ୍ଚୟ ବୃଦ୍ଧି କରିବା ଓ ବ୍ୟାଙ୍କ ପ୍ରତି ଲୋକମାନଙ୍କର ଆତ୍ମବିଶ୍ୱାସ ବଢାଇବା ଲାଗି ଏହି ଦିବସ ପାଳନ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ଇଟାଲୀର ମିଲାନସ୍ଥିତ ଇଣ୍ଟରନ୍ୟାଶନାଲ ସେଭିଙ୍ଗସ ବ୍ୟାଙ୍କରେ ଆୟୋଜିତ କଂଗ୍ରେସରେ ଏହି ଦିବସର ଘୋଷଣା କରାଯାଇଥିଲା। ଆମେରିକା ଓ ସ୍ପେନର ବ୍ୟାଙ୍କ ଦ୍ୱାରା ଏହାକୁ ଗ୍ରହଣ କରାଯାଇଥିଲା। ପରେ ଆର୍ଥିକ ସ୍ତରରେ ଲୋକମାନଙ୍କ ଜୀବନମାନରେ ସୁଧାର ଆଣିବା ପାଇଁ ସଞ୍ଚୟ ଉପରେ ଅନ୍ୟଦେଶର ବ୍ୟାଙ୍କଗୁଡିକ ଏହାକୁ ସମର୍ଥନ କରିଥିଲେ। ଧୀରେଧୀରେ ବ୍ୟଙ୍କଗୁଡିକୁ ବିଭିନ୍ନ ମହିଳା ସଂଗଠନ,ଖେଳସଂଘ ତଥା ଅନ୍ୟ ସଂଗଠନ ପକ୍ଷରୁ ମଧ୍ୟ ସମର୍ଥନ ମିଳିଥିଲା। ଏହି ଦିବସକୁ ମୁଖ୍ୟତଃ ନୈତିକ,ଆର୍ଥିକ ବୃଦ୍ଧିର ଏକ ମିଶନ ରୂପେ ପ୍ରଚାର କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ମଧ୍ୟ ବିଶ୍ୱ ମିତବ୍ୟୟୀ ଦିବସ ଜାରି ରହିଥିଲା ଓ ୧୯୫୫ରୁ ୧୯୭୦ ମଧ୍ୟରେ ଏହାର ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଥିଲା। ଏହା ମଧ୍ୟ ବ୍ୟବହାରିକ ରୂପରେ କେତେକ ଦେଶରେ ଏକ ପରମ୍ପରା ପାଲଟିଗଲା। ଆଜି ମଧ୍ୟ ବିକଶିତ ଦେଶଗୁଡିକ ମିତବ୍ୟୟତାକୁ ପସନ୍ଦ କରୁଛନ୍ତି ଓ ଦେଶର ଅଧିକାଂଶ ଲୋକ ସଞ୍ଚୟ ଉପରେ ବିଶ୍ୱାସ କରୁଛନ୍ତି। ବ୍ୟବହାରିକ ରୂପରେ ଏମିତି କୌଣସି ବ୍ୟକ୍ତି ନାହାନ୍ତି ଯାହାଙ୍କ ପାଖରେ ବ୍ୟାଙ୍କ ଖାତା ନାହିଁ। କିନ୍ତୁ ବିକାଶଶୀଳ ଦେଶଗୁଡିକରେ ଲୋକମାନଙ୍କ ଏଥିପ୍ରତି ଧାରଣ କମ୍ ରହିଛି। ଲୋକମାନଙ୍କ ପାଖରେ କମ୍ ବ୍ୟାଙ୍କ ଖାତା ବି ରହିଛି। ବିଶ୍ୱ ସ୍ତରରେ ଦେଖାଯାଇଛି ବିକାଶଶୀଳ ଦେଶଗୁଡ଼ିକରେ ପ୍ରାୟ ୧୦ ପ୍ରତିଶତରୁ ଅଧିକ ଲୋକଙ୍କୁ ଏହି ସୁବିଧାରେ ଅନ୍ତର୍ଭୁକ୍ତ କରାଯାଇପାରିଛି ଓ ତାହା ପୁଣି ଭାରି କଷ୍ଟରେ। ମିତବ୍ୟୟୀ ହେବା ବା ଅର୍ଥ ସଞ୍ଚୟ କରିବା ଲାଗି ବିଭିନ୍ନ ଯୋଜନାରେ ବିକାଶ ପାଇଁ ଯେଉଁଭଳି ଅଭିଯାନ ଆରମ୍ଭ କରାଯାଉଛି ସେହିଭଳି ଏହାକୁ ଅଗ୍ରାଧିକାର ଦେବାରେ ବିକାଶଶୀଳ ଦେଶଗୁଡିକର ମୁଖ୍ୟ ଭୂମିକା ରହିଛି। ଭାରତରେ ଲୋକମାନେ ମିତବ୍ୟୟୀ ହେବାରେ ଅଧିକ ଆଗ୍ରହ ପ୍ରକାଶ କରିବା ଲକ୍ଷ୍ୟ କରାଯାଉଛି। ୩୦ ଅକ୍ଟୋବରରେ ଦେଶର ସବୁ ରାଜ୍ୟର ପ୍ରତି ଜିଲାରେ ଏହି ଦିବସ ପାଳନ କରାଯାଉଛି। ଏହା ଉପଲକ୍ଷେ ଆୟୋଜିତ ସମାରୋହରେ ସ୍ଥାନୀୟ ସାଂସଦ, ବିଧାୟକ ଓ ଜିଲାପାଳ ସମେତ ଅନ୍ୟ ସରକାରୀ ଅଧିକାରୀମାନେ ବି ସାମିଲ ହେଉଛନ୍ତି।




# ବିଗ୍ ବସ୍- ୧୩ରେ ଶେଫାଳୀଙ୍କ ୱାଇଲ୍ଡ କାର୍ଡ ଏଣ୍ଟ୍ରି

**ନୂଆଦିଲ୍ଲୀ:** ଟେଲିଭିଜନ ଦୁନିଆର ସବୁଠାରୁ ବିବାଦୀୟ ଶୋ 'ବିଗ୍ ବସ୍-୧୩'ରେ ପ୍ରତିଦିନ ନୂଆ ନୂଆ ଟୁଇଷ୍ଟ ଦେଖିବାକୁ ମିଳୁଛି। ଚଳିତ ସିଜନ୍‌ରେ ବିଗ୍ ବସ୍‌ଙ୍କ ଘରେ ପ୍ରଥମ ଦିନରୁ ହିଁ ହାଇ ଭୋଲ୍‌ଟେଜ୍ ଡ୍ରାମା ଚାଲିଛି। ତେବେ ସମୟ ସମୟରେ ବିଗ୍ ବସ୍ ଅପ୍ରତ୍ୟାଶିତ ଟୁଇଷ୍ଟ ଆଣି ଘରେ ରହୁଥିବା ସେଲିବ୍ରିଟିମାନଙ୍କୁ ଚକିତ କରିଦେଉଛନ୍ତି। ବିଗ୍ ବସ୍‌ଙ୍କ ଘରେ ମଙ୍ଗଳବାର ସରପ୍ରାଇଜ୍ ଏଭିକ୍‌ଶନ ବିଷୟରେ ଚର୍ଚ୍ଚା ଚାଲିଥିବାବେଳେ ଶୋ'ରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ହେବାକୁ ଯାଉଛି। ପ୍ରତିଦିନ ନୂଆ ନୂଆ ବିବାଦ ସାଙ୍ଗକୁ ନୂଆ ନୂଆ ଟୁଇଷ୍ଟ ଶୋ'କୁ ଅଧିକ ରୋମାଞ୍ଚଭରା କରିବା ସହ ଚର୍ଚ୍ଚାରେ ରହିବାକୁ ଖୋରାକ୍ ଯୋଗାଉଛି। ଖାସ୍ ଏଇଥିପାଇଁ ବିଗ୍ ବସ୍ ଶୋ'ର ସବୁ ସିଜନ୍ ରହିଥାଏ ବେଶ୍ ବିବାଦୀୟ। ଆଉ ଏବେ ସିଜନ୍ -୧୩କୁ ଅଧିକ ବିବାଦୀୟ ତଥା ଚର୍ଚ୍ଚାରେ ରଖିବାକୁ ୱାଇଲ୍ଡ କାର୍ଡ ଏଣ୍ଟ୍ରିରେ ଆସିପାରନ୍ତି 'କାଣ୍ଟା ଲଗା ଗାର୍ଲ' ଶେଫାଳୀ ଜରିୱାଲା।

ବିଗ୍ ବସ୍‌ଙ୍କ ଘରେ ରହୁଥିବା ସମସ୍ତ ସଦସ୍ୟ ନିଜ ସ୍ଥାନ ପକ୍କା କରିବାକୁ ପରସ୍ପର ସହ ଝଗଡ଼ା କରୁଥିବାବେଳେ ଘରକୁ ଏବେ ନୂଆ ସଦସ୍ୟଙ୍କ ଏଣ୍ଟ୍ରି କରିବାର ସମୟ ଆସିଯାଇଛି। ତେବେ ତିନି ୱାଇଲ୍ଡ କାର୍ଡ ସଦସ୍ୟଙ୍କ ସହ ହୋଷ୍ଟ ସଲମାନ୍ ଖାନ୍ ପୂର୍ବରୁ ହିଁ ପରିଚୟ କରାଇସାରିଛନ୍ତି। ୟୁ-ଟ୍ୟୁବ୍‌ରୁ ଲୋକପ୍ରିୟ ହୋଇଥିବା ବିକାଶ ପାଠକ ଏବଂ ନ୍ୟୁଜ୍ ଆନାଲିଷ୍ଟ ତହସୀନ ପୁନାୱାଲା ଏବଂ ଭୋଜପୁରୀ ଫିଲ୍ମ ଷ୍ଟାର ଖେସାରୀ ଲାଲ୍ ଯାଦବଙ୍କ ସହ ଏବେ ଶେଫାଳୀଙ୍କ ନାମ ମଧ୍ୟ ଯୋଡ଼ି ହୋଇଯାଇଛି।



ସଫଳ ମଡେଲ ତଥା ଅଭିନେତ୍ରୀ ଶେଫାଳୀଙ୍କ ଅଭିନୀତ 'କାଣ୍ଟା ଲଗା' ମ୍ୟୁଜିକ୍ ଭିଡିଓଟି ଖୁବ୍ ଲୋକପ୍ରିୟ ହୋଇଥିଲା। ସେ ୱାଇଲ୍ଡ କାର୍ଡ ଜରିଆରେ ବିଗ୍ ବସ୍‌ଙ୍କ ଘରର ସଦସ୍ୟ ହେବେ ବୋଲି ଜଣାପଡ଼ିଛି। ଏବେ ଶେଫାଳୀଙ୍କ ଏଣ୍ଟ୍ରିରେ ଘରେ ଥିବା ସଦସ୍ୟ କେତେ ବିଚଳିତ ହେଉଛନ୍ତି ଆଉ ଶୋ'କୁ କେତେ ବିବାଦୀୟ କରୁଛନ୍ତି, ତାହା ଆଗକୁ ଜଣାପଡ଼ିବ।

# ଇନ୍‌ଷ୍ଟାଗ୍ରାମ୍‌ରେ ଦୀପିକାଙ୍କ ରାଜ୍

**ମୁମ୍ବାଇ:** ସୋସିଆଲ୍ ମିଡିଆରେ ବେଶ୍ ସକ୍ରିୟ ରହୁଥିବା ବଲିଉଡ୍ ମସ୍ତାନୀ ଗର୍ଲ ଦୀପିକା ପାଦୁକୋନ୍‌ଙ୍କ ଇନ୍‌ଷ୍ଟାଗ୍ରାମ୍ ଫଲୋର୍ସ ସଂଖ୍ୟା ୪୦ ଲକ୍ଷରେ ପହଞ୍ଚିଛି। ଏହି ଖୁସିରେ ପ୍ରଶଂସକଙ୍କୁ କୃତଜ୍ଞତା ଜଣାଇବା ପାଇଁ ଦୀପିକା ଇନ୍‌ଷ୍ଟାରେ ଏକ ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ସେ 'ଆପଣଙ୍କ ପାଇଁ ମୁଁ ଲଭ୍-ଦୀପିକା ବୋଲି ଲେଖିଛନ୍ତି। ଅନ୍ୟପଟେ ଦୀପିକା ସବୁ ଫଲୋଅର୍ସଙ୍କ ମଧ୍ୟରୁ ୪୦ ଜଣଙ୍କୁ ଉପହାର ଆକାରରେ ଏନ୍‌ଭଲପ୍‌ରେ ନିଜ ଫଟୋ ସହ ପର୍ସନାଲ୍ ନୋଟ ମଧ୍ୟ ପଠାଇଛନ୍ତି। ଗତ ଡିସେମ୍ବର ସୁଦ୍ଧା ଦୀପିକାଙ୍କ ପ୍ରଶଂସକଙ୍କ ସଂଖ୍ୟା ୩୦ ଲକ୍ଷରେ ପହଞ୍ଚିଥିଲା। ଏହି ଖୁସିରେ ସେ ମାଇକେଲ ଜାକ୍‌ସନ୍‌ଙ୍କ ମୁନ୍ ଡ୍ୟାନ୍ସ ଷ୍ଟେପ୍‌ରେ ଡାନ୍ସ କରି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଫର୍‌ହାନ୍ ଖାନ୍‌ଙ୍କ ଫିଲ୍ମ 'ଓମ୍ ଶାନ୍ତି ଓମ୍'ରୁ ବଲିଉଡ୍‌ରେ ପାଦ ଦେଇଥିଲେ ଦୀପିକା। ଏହି ଫିଲ୍ମରେ ସେ ଶାହରୁଖ୍‌ଙ୍କ ସହ କାମ କରି ବେଶ୍ ପ୍ରଶଂସା ପାଇଥିଲେ। ଏହାପରେ ସଞ୍ଜୟ ଲୀଲା ଭଁସାଲୀଙ୍କ ଫିଲ୍ମ 'ଗୋଲିଓ କି ରାସ୍‌ଲୀଲା-ରାମ୍‌ଲୀଲା' ତାଙ୍କୁ ସଫଳତାର ଆଉ ଗୋଟିଏ ପାହାଚ ଉପରକୁ ଚଢ଼ିବାରେ ସାହାଯ୍ୟ କରିଥିଲା। ଏହାପରେ ତାଙ୍କ ଫିଲ୍ମ 'ତମାସା', 'ବାଜିରାଓ ମସ୍ତାନୀ' ଓ 'ପଦ୍ମାବତ୍' ଆଦି ବକ୍ସ ଅଫିସ୍‌ରେ ବେଶ୍ ସଫଳତା ପାଇଛି।



# ସ୍ପେଶାଲ ଚା ପାଇଁ ପ୍ରସିଦ୍ଧ ଭୋପାଳ

**ଭୋପାଳ:** ଭାରତରେ ଚା'ର ରହିଛି ଏକ ଅଲଗା ଚାହିଦା। ଏଠାରେ କେବଳ ଛୋଟ ପିଲାଙ୍କ ବ୍ୟତୀତ ପ୍ରାୟ ସବୁ ବୟସର ବ୍ୟକ୍ତି ଚା' ପିଇବାକୁ ପସନ୍ଦ କରି ଥାଆନ୍ତି। ତେବେ ଭୋପାଳରେ ମିଳୁଥିବା ଚା' ସବୁଠାରୁ ନିଆରା। ଏଠାରେ ମିଳୁଥିବା ଲୁଣ ଚା' ପାଇଁ ସନ୍ଧ୍ୟା ହେଲେ କିଛି ନିର୍ଦ୍ଦିଷ୍ଟ ଦୋକାନରେ ଲାଗେ ଗ୍ରାହକଙ୍କର ଭିଡ। ତେବେ ଏହି ଚା'ପଛରେ ରହିଛି କିଛି ରୋଚକ କାହାଣୀ। ସ୍ଥାନୀୟ ଲୋକଙ୍କ ମତରେ ପୂର୍ବେ ଭୋପାଳର ବେଗମ ସିକନ୍ଦର ଜହାଁ ଥରେ ତୁର୍କୀ ଯାଇଥିଲେ। ସେହିଠାରୁ ସେ ଏହି ଲୁଣପକା ଚା'ର ପ୍ରସ୍ତୁତି ପ୍ରଣାଳୀ ଶିଖି ଆସିଥିବା କୁହାଯାଏ। ଏହାପରେ ପଞ୍ଜାବର ମହାରାଜା ରଞ୍ଜିତ ସିଂ ନବାବ ହମିଦୁଲ୍ଲାଙ୍କୁ ଏକ ବିଶେଷ ଚା' ସମ୍ପର୍କରେ କହିଥିଲେ। ଧୀରେ ଧୀରେ ଏହି ଲୁଣ ଚା' ନବାବଙ୍କ ମହଲରୁ ବାହାରି ସହରର କେତେକ ବଡ ବଡ ହୋଟେଲରେ ମିଳିବା ଆରମ୍ଭ କଲା। ଏବେ ଏହା ଭୋପାଳର କିଛି ନିର୍ଦ୍ଦିଷ୍ଟ ହୋଟେଲ ଓ ଚା' ଦୋକାନରେ ମିଳେ ବୋଲି କୁହାଯାଏ।



# ଗଛ ଜିତିଲା ପୁରସ୍କାର

**ଲିଭରପୁଲ:** ଇଂଲଣ୍ଡର ଲିଭରପୁଲରେ ଥିବା ହଜାରେ ବର୍ଷ ପୁରୁଣା ଏକ ଓକ୍ ଗଛକୁ ଚଳିତ ବର୍ଷ ମିଳିଛି 'ଟ୍ରି ଅଫ୍ ଦି ଇୟର' ପୁରସ୍କାର। ଏହି ଦୌଡ଼ରେ ଇତିହାସର ମୂକସାକ୍ଷୀ ଥିବା ଅନ୍ୟ କେତୋଟି ଗଛ ମଧ୍ୟ ସାମିଲ ହୋଇଥିଲେ। ହେଲେ ସମସ୍ତଙ୍କୁ ପଛରେ ପକାଇ ଏହି ବୁଢ଼ା ଓକ୍ ଗଛ ବାଜି ମାରିନେଇଛି। ଐତିହାସିକ ସ୍ମାରକୀ ସଂରକ୍ଷଣ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି ଇଂଲଣ୍ଡ। ଏଥିରେ ୨୦୧୪ରୁ ତାଲିକାଭୁକ୍ତ ହୋଇଛି ଗଛ। ଇଂଲଣ୍ଡ ଏବଂ ଆୟରଲାଣ୍ଡର ଇତିହାସ ସହିତ ଜଡ଼ିତ ପୁରାତନ ଦ୍ରୁମକୁ ପ୍ରତୀକାତ୍ମକ ଭାବେ ପୁରସ୍କୃତ କରାଯାଉଛି।

୧୦୦୦ ବର୍ଷରୁ ବେଶି ପୁରାତନ ହୋଇଥିଲେ ମଧ୍ୟ ଗଛଟି ଦେଖିବାକୁ ବେଶ୍ ସୁନ୍ଦର। ଏହି ପ୍ରତିଯୋଗିତା ଲାଗି ୧୧ହଜାର ଭୋଟ ମଧ୍ୟରୁ ୩୪% ମିଳିଥିଲା ଉକ୍ତ ଓକ୍ ବୃକ୍ଷକୁ। ଏହି ବିଶାଳକାୟ ଦ୍ରୁମ ଆସନ୍ତା ବର୍ଷ ହେବାକୁ ଥିବା 'ୟୁରୋପିୟନ ଟ୍ରି ଅଫ୍ ଦି ଇୟର' ପ୍ରତିଯୋଗିତାରେ ଭାଗନେବ। ଲିଭରପୁଲର ଇତିହାସ ତଥା ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହି ଓକ୍ ଗଛ ଖୁବ୍ ଗୁରୁତ୍ୱ ରଖେ। ଦୁର୍ଦ୍ଦଶ ନର୍ମାନଙ୍କ ଇଂଲଣ୍ଡ ଉପରେ ବିଜୟର ମୂକସାକ୍ଷୀ ଥିଲା ଏହି ଗଛ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯୁଦ୍ଧକୁ ଯାଉଥିବା ସୈନ୍ୟ ଏହି ଗଛର ଫଳ ଏବଂ ପତ୍ରକୁ ସାଙ୍ଗରେ ନେଉଥିଲେ। ଏହାଦ୍ୱାରା ଶକ୍ତି ବୃଦ୍ଧି ହେବ ଏବଂ ସେମାନେ ଅପରାଜେୟ ହୋଇ ଫେରିବେ ବୋଲି ବିଶ୍ୱାସ ରଖୁଥିଲେ। ଏହି ଗଛକୁ ନେଇ ଅନ୍ୟ ଏକ ପ୍ରଚଳିତ କିମ୍ବଦନ୍ତୀ ମଧ୍ୟ ରହିଛି। ଜଣେ ଯୋଦ୍ଧା ଯୁଦ୍ଧରୁ ଫେରିବା ସମୟରେ ଏକ ଡ୍ରାଗନ୍ ସହ ମୁହାଁମୁହିଁ ହୋଇଯାଇଥିଲେ। ଉଭୟଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଶେଷରେ ଯୋଦ୍ଧାଜଣକ ଡ୍ରାଗନ୍‌କୁ ହତ୍ୟା କରିଥିଲେ। ଏହାପରେ ଉକ୍ତ ଡ୍ରାଗନର ଶରୀର ଗଛରେ ରୂପାନ୍ତରିତ ହୋଇଯାଇଥିଲା। ତେଣୁ ଏହାକୁ 'ଡ୍ରାଗନ ଟ୍ରି' ମଧ୍ୟ କୁହାଯାଏ। ଯୋଦ୍ଧା ୱିଲିୟମ୍ସଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ ପୁସ୍ତକ 'ଡୋମ୍‌ସ ଡେ'ରେ ଏହି କାହାଣୀ ଉଲ୍ଲେଖ ରହିଛି। ୧୮୬୪ରେ ବାରୁଦ ଭର୍ତ୍ତି ଏକ ଜାହାଜ ବିସ୍ଫୋରଣରେ ଗଛ ଗଣ୍ଡିରେ ଫାଟ ସୃଷ୍ଟି ହୋଇଥିଲା। ତଥାପି ଏହା ଏଯାଏ ସୁରକ୍ଷିତ ରହିଛି।



# ଅଣ୍ଡା ପାଇଁ ସ୍ୱାମୀଙ୍କୁ ଛାଡ଼ି ସ୍ତ୍ରୀ ଫେରାର



**ଗୋରଖପୁର:** ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ କିଛି ନୂଆ କଥା ନୁହେଁ। କୁହାଯାଏ ଛୋଟବଡ଼ ପାଟିତୁଣ୍ଡ ପ୍ରେମ ସମ୍ପର୍କକୁ ମଜବୁତ କରିଥାଏ। ହେଲେ ଅନେକ ସମୟରେ ଏହି ପାଟିତୁଣ୍ଡ ଏତେ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଯାଏ, ଯାହାର କଳ୍ପନା ମଧ୍ୟ କରିହେବ ନାହିଁ। ଏମିତି କିଛି ଘଟିଛି ଉତ୍ତରପ୍ରଦେଶର ଗୋରଖପୁର ସହରରେ। ଏଠାରେ ଏକ ଦମ୍ପତ୍ତିଙ୍କ ମଧ୍ୟରେ ଅଣ୍ଡା ଖାଇବାକୁ ନେଇ ପାଟିତୁଣ୍ଡ ହୋଇଥିଲା। କଥାଟି ଏତେ ବଢ଼ିଗଲା ଯେ, ସାମାନ୍ୟ ଅଣ୍ଡା ପାଇଁ ସ୍ତ୍ରୀ ସ୍ୱାମୀଙ୍କୁ ଛାଡ଼ି ପ୍ରେମୀକଙ୍କ ସହ ଫେରାର ହୋଇଯାଇଛନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟି ସତ। ଗୋରଖପୁର କେପିଅରଗଞ୍ଜରେ ରୁହନ୍ତି ଏହି ଦମ୍ପତ୍ତି। ସ୍ୱାମୀ ଜଣେ ଦିନ ମଜୁରିଆ। ଏଣୁ ଘରର ଆର୍ଥିକ ସ୍ଥିତି ସେତେଟା ଭଲ ନୁହେଁ। ମାତ୍ର ସ୍ତ୍ରୀ ଅଣ୍ଡା ପ୍ରେମୀ। ତାଙ୍କ ପାଇଁ ସବୁଦିନ ଅଣ୍ଡା ଆଣିବା ସ୍ୱାମୀଙ୍କ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ଏକଦା ସ୍ୱାମୀ ଅଣ୍ଡା ନ ଆଣି ଘରକୁ ଆସିଥିଲେ। ଏହାକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ସ୍ତ୍ରୀ ରାଗିଯାଇ ପ୍ରେମିକଙ୍କ ସହ ଘର ଛାଡି ପଳାଇଲେ। ତେବେ ଏହା ପ୍ରଥମ ନୁହେଁ। ୪ ମାସ ପୂର୍ବେ ମଧ୍ୟ ସମାନ ଘଟଣା ଘଟିଥିଲା। ଅଣ୍ଡା ଖାଇବାକୁ ସ୍ୱାମୀ ନ ଦେବାରୁ ପାଟିତୁଣ୍ଡ ହୋଇଥିଲା। ଉକ୍ତ ସମୟରେ ମଧ୍ୟ ସ୍ୱାମୀଙ୍କୁ ଛାଡି ପ୍ରେମୀକଙ୍କ ସହ ସେ ଚାଲିଯାଇଥିଲେ। ମାତ୍ର ପରେ ଫେରିଆସିଥିଲେ। ସ୍ୱାମୀଙ୍କ କହିବା ଅନୁସାରେ, ସ୍ତ୍ରୀ ପାଇଁ ସବୁଦିନ ଅଣ୍ଡା କିଣିକି ଆଣିବା ସମ୍ଭବ ନୁହେଁ। ଯାହାର ଫାଇଦା ଉଠାଇଥାଏ ସ୍ତ୍ରୀର ପ୍ରେମିକ। ପ୍ରେମିକ ସବୁଦିନ ସ୍ତ୍ରୀ ପାଇଁ ଅଣ୍ଡା ଆଣି ଆସିଥାଏ। ତେଣୁ ସେ ପୁଣିଥରେ ପ୍ରେମିକ ସହ ଫେରାର ହୋଇଯାଇଛନ୍ତି। ଏ ନେଇ ସେ ଥାନାରେ କେସ୍ କରିଛନ୍ତି। ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।





# ଅଭିନେତ୍ରୀ ଏଲିନାଙ୍କ ସହ ମନଖୋଲା କଥା




ଦେଖନ୍ତୁ ଭିଡିଓ

YouTube /dharitrilive

# ୫ ଜିଲାରେ ଆରମ୍ଭ ହେବ ମିଶନ ଇନ୍ଦ୍ରଧନୁଷ୍-୨

## ଟିକାକରଣ ଲାଗି ପୂର୍ଣ୍ଣ ପ୍ରସ୍ତୁତି ପାଇଁ ଜିଲାପାଳଙ୍କୁ ଚିଠି

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ରାଜ୍ୟର ୫ ଜିଲାରେ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ ମିଶନ ଇନ୍ଦ୍ରଧନୁଷ୍-୨ ଆରମ୍ଭ ହେବ। ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି ଓ ରାୟଗଡ଼ାରେ ମିଶନ ଇନ୍ଦ୍ରଧନୁଷ୍ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଲାଗି ପୂର୍ଣ୍ଣ ପ୍ରସ୍ତୁତି ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ଜିଲାଗୁଡ଼ିକର ସମସ୍ତ ଗ୍ରାମ, ପଡ଼ା ଓ ବସ୍ତିରେ ଥିବା ପିଲା ଓ ଗର୍ଭବତୀ ମହିଳାଙ୍କୁ ଠାବ କରିବା ସହ ପୂର୍ବଥର ଟିକାକରଣରୁ ବାଦ୍ ପଡ଼ିଥିବା ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ ସେ କହିଛନ୍ତି। ଏହି ଅଭିଯାନରେ ସମସ୍ତ ଛୋଟ ପିଲା ଓ ଗର୍ଭବତୀ ମହିଳାଙ୍କୁ ଯେଭଳି ଟିକାଦାନ କରାଯିବ ସେନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧା ଗୁରୁତ୍ୱ ଦେଇଛନ୍ତି। ସେହିପରି ଧାର୍ଯ୍ୟ ସମୟ ମଧ୍ୟରେ ଶତ ପ୍ରତିଶତ ଟିକାକରଣ ଶେଷ କରିବା ଉପରେ ମଧ୍ୟ ସଚିବ ଗୁରୁତ୍ୱାରୋପ କରିଛନ୍ତି।

ମିଶନ ଇନ୍ଦ୍ରଧନୁଷ୍-୨ରେ ଉପରୋକ୍ତ ୫ ଜିଲାରେ ଆସନ୍ତା ଡିସେମ୍ବର ୨ରୁ ପ୍ରଥମ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେବାକୁଥିବାବେଳେ ୨୦୨୦ ଜାନୁୟାରୀ ୬ରେ ଦ୍ୱିତୀୟ, ଫେବୃୟାରୀ ୩ରେ ତୃତୀୟ ଓ ମାର୍ଚ୍ଚ ୨ରେ ଚତୁର୍ଥ ପର୍ଯ୍ୟାୟ ଟିକାକରଣ କରାଯିବ। ବିଗତ ଦିନର ଅଭିଜ୍ଞତା ଆଧାରରେ ମିଶନ ଇନ୍ଦ୍ରଧନୁଷ୍-୨ର ସଫଳତା ଲାଗି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଜିଲା ସ୍ତରରେ ତାଲିମ ଦିଆଯିବ। ଟିକାଦାନ ପାଇଁ ହିତାଧିକାରୀଙ୍କୁ ଚିହ୍ନଟ କରାଯିବା ସହ ଯେଭଳି ସମସ୍ତେ ଟିକା ନେବେ ସେଥିପାଇଁ ସ୍ୱାସ୍ଥ୍ୟକର୍ମୀମାନେ ତୃଣମୂଳ ସ୍ତରରେ ଉଦ୍ୟମ କରିବେ। ଦୁଇ ବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ମହିଳାମାନେ ଯେଭଳି ନିଶ୍ଚିତ ଭାବେ ଟିକା ନେବେ ତାହା ଉପରେ ଶାଳିନୀ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ଥିବା ସମସ୍ତ ସମ୍ବେଦନଶୀଳ ଅଞ୍ଚଳକୁ ମିଶନ ଇନ୍ଦ୍ରଧନୁଷ୍-୨ରେ ସାମିଲ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ସମସ୍ତଙ୍କୁ ଟିକାକରଣରେ ସାମିଲ କରିବାକୁ ସ୍ୱାସ୍ଥ୍ୟ ମିଶନ ତରଫରୁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଟିକାଦାନ ପାଇଁ ଯୋଗ୍ୟ ବିବେଚିତଙ୍କୁ ଚିହ୍ନଟ ସହ ସେମାନଙ୍କ ସମସ୍ତ ସୂଚନା ନଭେମ୍ବର ୧୫ ସୁଦ୍ଧା ମିଶନ ଇନ୍ଦ୍ରଧନୁଷ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ଶାଳିନୀ ନିର୍ଦ୍ଦେଶ ଦେଇଛନ୍ତି।

କନ୍ଧମାଳ ପୋଲିସର ପୋଷ୍ଟର ଜାରି

# ୨୨ ମାଓବାଦୀଙ୍କ ନାଁରେ ପୁରସ୍କାର ରାଶି ଘୋଷଣା

**ବାଲିଗୁଡା,୨୯।୧୦(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ ଦ୍ୱାରା ୨୨ ଜଣ କେକେବିଏନ୍ (କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ) କ୍ୟାଡର ମାଓବାଦୀଙ୍କ ପାଇଁ ପୁରସ୍କାର ରାଶି ମଙ୍ଗଳବାର ଘୋଷଣା କରାଯାଇଛି। ଏନେଇ କନ୍ଧମାଳ ପୋଲିସ ପକ୍ଷରୁ ପୋଷ୍ଟର ଜାରି କରାଯାଇଛି। ବାଲିଗୁଡା ଷ୍ଟେଟବ୍ୟାଙ୍କ ପାଚେରିରେ ମାଓବାଦୀ ବିରୋଧୀ ପୋଷ୍ଟର ସହ କେକେବିଏନ୍ ମାଓବାଦୀ ସଙ୍ଗଠନର ୨୨ କ୍ୟାଡର ମାଓବାଦୀଙ୍କ ଫଟୋ ସହ ପୁରସ୍କାର ରାଶି ଲେଖାଥିବା ପୋଷ୍ଟର ଲଗାଯାଇଛି। ମାଓବାଦୀ ଭଉଣୀଭାଇମାନଙ୍କୁ ହିଂସାର ମାର୍ଗଛାଡି ଆତ୍ମସମର୍ପଣ କରିବାକୁ ପୋଷ୍ଟରରେ ଅନୁରୋଧ କରାଯାଇଛି।


## XAVIER UNIVERSITY BHUBANESWAR

EXCELLENCE & INTEGRITY ...the winning way

Invites applications for Admissions to P.G. & Doctoral Programs - 2020

**XUB Advantages**
- Excellent Academic/Learning Experience.
- Globally/Industry aligned Curriculum.
- Eminent and Committed Faculty.
- Top Ranked Programs.
- Excellent Infrastructure with Green Campuses.
- International Collaboration and Student Exchange.
- Career Advisory Services.
- Educational Loan Facility.

Eligibility and other details and Online Application Form at : www.xub.edu.in

**Xavier Institute of Management (XIMB)**
- MBA in Business Management (MBA-BM)
- International Master's Program in Management (MBA-Global)
- One-Year MBA in Business Management for Executives (EMBA-BM)
- One-Year MBA in Business Analytics for Executives (EMBA-BA)

**Xavier School of Sustainability (XSOS)**
- MBA in Sustainability Management (MBA-SM)

**Xavier School of Commerce (XSC)**
- Master of Business Finance (MBF)

**Xavier School of Computer Science & Engineering (XCOMP)**
- Master of Technology in Data Science & Analytics (MTech-DSA)
- Master of Technology in Artificial Intelligence (MTech-AI)

**School of Government and Public Affairs (SGPA)**
- Master of Public Policy [with concentration in Business] (MPP)

**Xavier-Emlyon Business School (XEBS)**
- Global MBA
- Global MBA (M.Sc.- Track)

**Xavier School of Human Resource Management (XAHR)**
- MBA in Human Resource Management (MBA-HRM)
- One-Year Postgraduate Program in Human Resource Management for Working Executives (ECHR)

**Xavier School of Rural Management (XSRM)**
- MBA in Rural Management (MBA-RM)

**Xavier School of Human Settlements (XAHS)**
- MBA in Urban Management and Governance (MBA-UMG)
- Master of Urban and Regional Planning (MURP)

**Xavier School of Communications (XCOMM)**
- Master of Mass Communication (MA-MC)
- Master of Advertising and Public Relations (MA-ADV & PR)

**Xavier School of Economics (XSE)**
- Master of Economics (MSc-Economics)

■ For Doctoral Programs visit : www.xub.edu.in/doctoral-programs.html

CAT/XAT/GMAT/X-GMT scores are used for shortlisting candidates for our PG programs in Management. NMAT by GMAC scores are also accepted for MBA-HRM, MBA-RM, MBA-SM, MBA-UMG and MBF programs. XLRI or IIMs have no role either in the selection process or in the conduct of the programs.

LAST DATE Programs : PG (MBA/MBF) - Dec 9, 2019; PG (Others) - May 31, 2020; PhD - Feb 28, 2020


ନଭେମ୍ବରରେ ମିଳିବ କାଳିଆ ଟଙ୍କା




■ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା

# ୫-ଟି ଆଧାରରେ ରତ୍ନଭଣ୍ଡାର ଅଳଙ୍କାର ଯାଞ୍ଚ ହେଉ

■ ବାହାରେ ଯେତିକି ଅଛି ତା'ର ଅଡିଟ କରାଯାଉ: ସୁର
■ ରତ୍ନଭଣ୍ଡାର ସୁରକ୍ଷା ପାଇଁ ସବୁ ବ୍ୟବସ୍ଥା ହୋଇଛି: ମନ୍ତ୍ରୀ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

ରତ୍ନଭଣ୍ଡାର ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି। ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ଦେଢ଼ବର୍ଷରୁ ଅଧିକ ଦିନ ବିତିଗଲାଣି। ରତ୍ନଭଣ୍ଡାର ଚାବି ହଜିବା ପରେ ଏଥିରେ ଥିବା କୋଟି କୋଟି ଟଙ୍କା ମୂଲ୍ୟର ଅଳଙ୍କାର ବାସ୍ତବରେ ସୁରକ୍ଷିତ କି ନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଥିଲା। ବର୍ତ୍ତମାନ ମଧ୍ୟ ସେହି ସନ୍ଦେହ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୁରନ୍ତ ରତ୍ନଭାଣ୍ଡାର ଖୋଲି ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ମଙ୍ଗଳବାର ପ୍ରଦୀପ୍ତ ନାଏକ ଏକ ଚିଠି ଲେଖି ଏ ବାବଦରେ ଜଣାଇଛନ୍ତି।

ଚିଠିରେ ନାଏକ ଉଲ୍ଲେଖ କରିଛନ୍ତି ଯେ, ରତ୍ନଭଣ୍ଡାର ଭିତର ଗୃହର ଅଳଙ୍କାର ସମ୍ପର୍କରେ ୧୯୭୮ରେ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏବେ ପୁଣି ଯାଞ୍ଚ କରି ଗୋଟିଏ ଅଳଙ୍କାର ତାଲିକା ପ୍ରସ୍ତୁତ କରାଯାଉ। ତାହାକୁ ପୂର୍ବ ତାଲିକା ସହ ମେଳ କରି ସାର୍ବଜନୀନ କରାଯାଉ। ରାଜ୍ୟ ସରକାର ଏବେ ୫-ଟି ଉପରେ ଗୁରୁତ୍ୱ ଦେଉଛନ୍ତି। ସେହି ବ୍ୟବସ୍ଥାକୁ ମନ୍ଦିର ପ୍ରଶାସନିକ ବ୍ୟବସ୍ଥାରେ ମଧ୍ୟ ଲାଗୁ କରନ୍ତୁ। ୫-ଟିରେ ଥିବା ଟ୍ରାନ୍ସପରେନ୍ସି ଓ ଟାଇମ୍‌କୁ ରାଜ୍ୟ ସରକାର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଲାଗୁ କରନ୍ତୁ। ନିର୍ଦ୍ଦିଷ୍ଟ ସମୟ ସୀମା ଓ ପୂରା ସ୍ୱଚ୍ଛତାରେ ରତ୍ନଭଣ୍ଡାରକୁ ଖୋଲି ଏହାର ଯାଞ୍ଚ କରାଯାଉ। ମାର୍ଚ୍ଚ ୨୨, ୨୦୧୮ରେ ରତ୍ନଭଣ୍ଡାର ଚାବି ହଜିଥିବା କଥା ପ୍ରଶାସନ ସ୍ୱୀକାର କରିଥିଲା । ବଢ଼ୁଥିବା ଜନଆକ୍ରୋଶ ଏବଂ ପ୍ରତିବାଦକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ଜୁନ ୮, ୨୦୧୮ରେ ଏକ ବିଚାର ବିଭାଗୀୟ ତଦନ୍ତ କମିଶନ ଘୋଷଣା କଲେ । ୩ମାସ ଭିତରେ ରିପୋର୍ଟ ପ୍ରଦାନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ କାଳରେ ଏହାର କାର୍ଯ୍ୟକାଳ ଅଧିକ ୩ମାସ ବୃଦ୍ଧି କରାଗଲା। ନଭେମ୍ବର ୩୦, ୨୦୧୮ରେ କମିଶନ ରିପୋର୍ଟ ପ୍ରଦାନ କଲେ । କିନ୍ତୁ କାହିଁକି ଉକ୍ତ ତଦନ୍ତ ରିପୋର୍ଟକୁ ଚାପିଦିଆଯାଇଛି । ରତ୍ନଭଣ୍ଡାର ଚାବି ହଜିବା ଓ ପରେ ଜିଲା ପ୍ରଶାସନ, ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କର ପଦକ୍ଷେପ ନିହାତି ସନ୍ଦେହଜନକ। ରତ୍ନଭଣ୍ଡାର ଚାବି ହଜିବା କଥା ସାମ୍ନାକୁ ଆସିବାପରେ ସବୁ ସୁରକ୍ଷିତ ଅଛି କି ନାହିଁ ତାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମନରେ ଯେଉଁ ସନ୍ଦେହ ସୃଷ୍ଟି ହୋଇଛି ତାକୁ ସରକାର ଦୂର କରିବାର ଆବଶ୍ୟକତା ଅଛି ବୋଲି ପ୍ରଦୀପ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଅନ୍ୟପକ୍ଷରେ କିଛିଦିନ ତଳେ ରତ୍ନଭଣ୍ଡାର ଖୋଲି ଅଳଙ୍କାରର ଯାଞ୍ଚ କରିବାକୁ ଦିଲୀପ ବରାଳ ନାମକ ଜଣେ ବ୍ୟକ୍ତି ରାଜ୍ୟପାଳଙ୍କୁ ଅନୁରୋଧ ପତ୍ର ପଠାଇଥିଲେ। ଏ ବାବଦରେ ଉଚିତ୍ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାର ଆଇନ ବିଭାଗ ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନ ବିଭାଗ ଯେଉଁ ପଦକ୍ଷେପ ଗ୍ରହଣ କରିବ ତା'ର ରିପୋର୍ଟ ରାଜ୍ୟପାଳ ଏବଂ ଆବେଦନକାରୀଙ୍କୁ ପଠାଇବା ପାଇଁ କୁହାଯାଇଥିଲା।

ବିରୋଧୀ ଦଳ ନେତାଙ୍କ ଅଭିଯୋଗ ପରେ କଂଗ୍ରେସ ବରିଷ୍ଠ ନେତା ତଥା ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ରତ୍ନଭଣ୍ଡାରକୁ ନେଇ ଶସ୍ତା ରାଜନୀତି କରା ନ ଯାଉ। ଏହା କେବଳ ରାଜ୍ୟ କି ଦେଶର ନୁହେଁ ସାରା ବିଶ୍ୱର ଗର୍ବ। ଏମାନେ ବୋଧହୁଏ ସବୁ ଲୁଟି ଖାଇ ଯାଇଛନ୍ତି। ରତ୍ନଭଣ୍ଡାର ଖୋଲିବାର ଆବଶ୍ୟକତା ନାହିଁ। ଯଦି ଆଜି ପର୍ଯ୍ୟନ୍ତ ଖୋଲା ହୋଇନି ଏବେ କାହିଁକି ଖୋଲାଯିବ। ଯେତିକି ଅଳଙ୍କାର ବାହାରେ ଅଛି ତା'ର ଅଡିଟ କରାଯାଉ। ରତ୍ନଭଣ୍ଡାର ଖୋଲିଲେ ଏମାନେ ସବୁ ଖାଇଯିବେ ବୋଲି ସେ କହିଛନ୍ତି। ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ରାଜ୍ୟ ସରକାର ଏନେଇ ଚୁପ୍ ବସିନାହାନ୍ତି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ସରକାର ତର୍ଜମା କରିଛନ୍ତି। ରତ୍ନଭଣ୍ଡାର ପ୍ରସଙ୍ଗରେ କମିଶନ ମଧ୍ୟ ଗଠନ କରାଯାଇଛି ବୋଲି ସେ କହିଛନ୍ତି।





30th - 31st October 2019: 10.00hrs: Mayfair Convention: Bhubaneswar

Invited Key Dignitaries to grace the Occasion:

**Invited Key Eminent Speakers:**

Shri R Vineel Krishna
Managing Director, Odisha Mining Corporation

Dr Gurdeep Singh
Head- Dept. of Environment, ISM & Member EAC , MoEF & CC, Government of India

Dr S K Dhyani
Chief Scientist & Advisor
World Agroforestry (ICRAF), Government of India. New Delhi

Prof Jayanta Bhattacharya
Head- Dept.of Environment, IIT-Kharagpur

Prof. S. Ramakrishna Rao
Vice Chancellor, Krishna University, Andhra Pradesh & Member, EAC Non Coal Mines, MoEF&CC, Govt.of India

Mr Robert Keast
President, Coresafe, Australia

Mr Vivek Lath
Associate Partner & Co-Leader
McKinsey & Co.

Mr Anant Arora
Ex-CEO, Bharti Airtel Limited

**Conclave Highlights:**
- Regulatory Issues in Mining Industries,
- MMDR Act & related rules,
- State Mines Prevention of theft and Smuggling Rules
- Forest Conservation & Environment Conservation Acts & related rules.,
- National Mineral Policy 2019: Integration with Act & Rules
- Taxes/ duties/ levies in mining sector,
- Latest acceptable methods for exploration & resource assessment (Geophysical methods).
- Global practices & Global vis a vis Indian practices in exploration,
- Best Mining Practices & Sustainability in Mining
- Infrastructure & Logistic Aspects,
- Iron ore reserves, Beneficiation status, Technology impediments in beneficiation of Indian hematite & Latest technology for iron ore beneficiation.

**Chief Guest:**
Shri Prafulla Kumar Mallik
Hon'ble Minister, Department of Steel & Mines and Works, Government of Odisha

**Guest of Honour:**
Shri Asit Kumar Tripathy
Chief Secretary& Chief Development Commissioner
Government of Odisha

**Keynote Speaker:**
Shri R K Sharma, IAS
Additional Chief Secretary, Dept. of Steel & Mines, Government of Odisha

**Special Guests:**

Mr Naveen Jindal
Chairman
Jindal Steel & Power Ltd

Mr Anil Kumar Chaudhary
Chairman
Steel Authority of India Limited (SAIL)

Mr Paul Bergman
Country Head (India), Vale India Ltd

Mr Scott Caithness
Director – Exploration
Vedanta Group

Mr Manish Kharbanda
Convenor, Steel & Mines Committee, ICC Odisha SC & Group Advisor – Jindal Steel & Power Ltd

Principal Sponsors :
JINDAL STEEL & POWER | OMC | ODISHA NEW OPPORTUNITIES | TATA STEEL #WeAlsoMakeTomorrow | SNM M/s S. N. Mohanty Group of Companies | vedanta transforming elements

For Details Please Contact :
PRADEEP KUMAR NAYAK / SAMIR MISHRA
Indian Chamber of Commerce
BDA - HIG 23, In Front of Pal Heights, Behind Aditya Birla Building, Jaydev Vihar, Bhubaneswar - 751013
0674-2303327, +91 9937682012, +91 9937235836


ଲାଞ୍ଚ ମାମଲା

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ୨ ବର୍ଷ ଜେଲ

ଫୁଲବାଣୀ ଅଫିସ,୨୯।୧୦

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ ଏକ ଲାଞ୍ଚ ମାମଲାର ବିଚାର କରି ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ଗୁଡ଼ିଗିଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧୀନ୍ଦ୍ର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି।

୨୦୧୫ ମସିହାରେ ଗୁଡ଼ିଗିଆ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଗୁଡ୍ରିପଡି ଗ୍ରାମ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ମାଟିରାସ୍ତା ନିର୍ମାଣ ହୋଇଥିଲା। ମଷ୍ଟରରୋଲ ଜରିଆରେ ଉକ୍ତ କାମର ବିଲ୍ କରାଯାଇ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବଳକା ୫୦ ହଜାର ଟଙ୍କାର ମଷ୍ଟରରୋଲ ପ୍ରସ୍ତୁତ କରିବା ପାଇଁ ଗାଁସାଥୀ କୁବେର ପ୍ରଧାନ ୨୦୧୫ ଅକ୍ଟୋବର ୮ ତାରିଖରେ ନିର୍ବାହୀ ଅଧିକାରୀ ସୁଧୀନ୍ଦ୍ରଙ୍କ ପାଖକୁ ଯାଇଥିଲେ। ସେ ଏଥିପାଇଁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ କୁବେର ଫୁଲବାଣୀସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ନଂ.୪୮/୨୦୧୫ ରୁଜୁ କରାଯାଇଥିଲା। ଉକ୍ତ ଦିନ ସନ୍ଧ୍ୟାରେ ଯୋଜନା ପ୍ରକାରେ କୁବେର ପଞ୍ଚାୟତ କାର୍ଯ୍ୟାଳୟରେ ସୁଧୀନ୍ଦ୍ରଙ୍କୁ ୧୦ ହଜାର ଟଙ୍କା ଦେବାବେଳେ ଭିଜିଲାନ୍ସକର୍ମଚାରୀମାନେ ପହଞ୍ଚି ଉକ୍ତ ଟଙ୍କା ଜବତ କରିଥିଲେ। ସୁଧୀନ୍ଦ୍ରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ସୁରେଶ କୁମାର ମହାପାତ୍ର ମାମଲା ପରିଚାଳନା କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୟୁଏସ୍ଏ କନ୍ସଲ୍ ଜେନେରାଲ

ଭୁବନେଶ୍ୱର,୨୯।୧୦(ବ୍ୟୁରୋ)-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ)ର ବାଣିଜ୍ୟ ଦୂତ (କନ୍ସଲ୍ ଜେନେରାଲ୍) ଜୋଏଲ୍ ରେଫ୍ମ୍ୟାନ୍ ଲୋକସେବା ଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ରାଜ୍ୟର ଅର୍ଥନୀତି, ଦ୍ୱିପାକ୍ଷିକ ସମ୍ପର୍କ, ଗ୍ରାମୀଣ ଅର୍ଥନୀତି, କୃଷି ଏବଂ କୃଷକଙ୍କ ସାମାଜିକ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ନିୟମିତ ବ୍ୟବଧାନରେ ଓଡ଼ିଶା ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ରାଜ୍ୟ ପ୍ରଶାସନ ଏହାର ସଫଳ ମୁକାବିଲା କରୁଥିବାରୁ କନ୍ସଲ୍ ଜେନେରାଲ ସରକାରଙ୍କୁ ପ୍ରଶଂସା କରିଥିଲେ। ସେହିଭଳି ମଙ୍ଗଳବାର ପୂର୍ବାହ୍ନରେ କନ୍ସଲ୍ ଜେନେରାଲ ମିଲ୍କ ମନ୍ତ୍ର ଫାର୍ମ ହାଉସ ଗସ୍ତ କରିଥିଲେ। ସେଠାରେ ଗୋପାଳନ, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଉତ୍ପାଦନ/ପ୍ରକ୍ରିୟାକରଣ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଜୋଏଲ କହିଥିଲେ ଯେ, ମିଲ୍କ ମନ୍ତ୍ର ଦ୍ୱାରା କରାଯାଇଥିବା ବ୍ୟବସ୍ଥା ପ୍ରଶଂସନୀୟ। ଏହା ଦ୍ୱାରା କୃଷକଙ୍କ ଅର୍ଥନୈତିକ ଉନ୍ନତି ହୋଇପାରିବ। ସେମାନେ ଅର୍ଥ ଉପାର୍ଜନ କରିବା ସହ ନିଜର ଆର୍ଥିକ ସ୍ଥିତି ଉନ୍ନତି କରିପାରିବେ। ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ଆଗକୁ ଆହୁରି ବିକାଶ କରିବ ବୋଲି କନ୍ସଲ୍ ଜେନେରାଲ କହିଛନ୍ତି।

## ରାଜ୍ୟରେ ଚିହ୍ନଟ ହେବ...

ପକ୍କାଘର ନିର୍ମାଣ କରାଯାଇଛି। ଖୁବ୍ଶୀଘ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାରେ ୩ ଲକ୍ଷ ବାତ୍ୟା ନିରୋଧୀ ପକ୍କାଘର ନିର୍ମାଣ ହେବ। ପ୍ରାଥମିକ ପର୍ଯ୍ୟାୟରେ ପୁରୀ ଓ ଖୋର୍ଦ୍ଧାରେ ପକ୍କାଘର ହେବ। ପକ୍କାଘର ତିଆରି ପାଇଁ ପ୍ରସ୍ତୁତି ଶେଷ ହୋଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ଡିଜି ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ ଯେ, ପାଣିପାଗ ସୂଚନା ଦେବା କ୍ଷେତ୍ରରେ ୧୯୯୯ ଓ ୨୦୧୯ ସହିତ ଯଦି ତୁଳନା କରାଯାଏ, ତେବେ ଆକାଶ ପାତାଳ ଫରକ ରହିଛି। ନୂତନ ଜ୍ଞାନକୌଶଳ ବ୍ୟବହାର ଯୋଗୁ ବିଭିନ୍ନ ମାଧ୍ୟମ ଦେଇ ସାଧାରଣ ଲୋକଙ୍କ ପାଖରେ ପାଣିପାଗ ବିଭାଗର ସତର୍କ ସୂଚନା ପହଞ୍ଚି ପାରୁଛି। ବାତ୍ୟା ପରିଚାଳନା କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ଏକ ପରିଚୟ ସୃଷ୍ଟି କରିଛି ବୋଲି ମହାପାତ୍ର କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନ୍ୟକୁ ସାହାଯ୍ୟ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଙ୍ଗଠନକୁ ସାହସିକତା ପୁରସ୍କାର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ୟବହାର କରାଯାଉଥିବା ଯନ୍ତ୍ରପାତିକୁ ନେଇ ଏକ ପ୍ରଦର୍ଶନୀ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଶ୍ରୀନଗରରେ ଇୟୁ ...

କମାଣ୍ଡରମାନେ କଶ୍ମୀରର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଦୁଇଦିନିଆ ଗସ୍ତ କାଳରେ ପ୍ରତିନିଧି ଦଳ ଜମ୍ମୁ-କଶ୍ମୀର ପ୍ରଶାସନ ଓ ପୋଲିସ ସହ ମଧ୍ୟ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ନେଇ ବିଭିନ୍ନ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ଶ୍ରୀନଗର, ଚାନ୍ପୋରା, ରାମବାଗ, ମାଇସୁମାରେ ଟେକାମାଡ଼ରେ ୬ ଆହତ ହୋଇଛନ୍ତି। ଦୋକାନବଜାର ଓ ଯାନବାହନ ଚଳାଚଳ ବନ୍ଦ ରହିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ପୁଲଓ୍ୱାମାର ଦ୍ରୁବଗାଁରେ ସୁରକ୍ଷା ବଳର ଏକ ପାଟ୍ରୋଲିଂ ଗାଡ଼ି ଉପରକୁ ଗୁଳିମାଡ଼ କରାଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଇତିମଧ୍ୟରେ ୬୦ ହଜାର ଛାତ୍ରୀଛାତ୍ର ଉପତ୍ୟକାର ୪୦୦୦ କେନ୍ଦ୍ରରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରତିନିଧି ଦଳର ଅଧିକାଂଶ ସଦସ୍ୟ ଇଟାଲୀ, ଫ୍ରାନ୍ସ ଓ ଜର୍ମାନୀର ଦକ୍ଷିଣପନ୍ଥୀ ଦଳର ହୋଇଥିବାରୁ ସେମାନଙ୍କ ଗସ୍ତକୁ ସମାଲୋଚନା କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତିଙ୍କ ଝିଅ ଇଲ୍ତିଜା ମୁଫ୍ତି ମା'ଙ୍କ ଟୁଇଟର୍ ଆକାଉଣ୍ଟରେ ଲେଖିଛନ୍ତି, ଶ୍ରୀନଗରରେ ବନ୍ଦପାଳନ ଓ ଟେକାମାଡ଼ ଚାଲିଥିବାବେଳେ ଭାରତ ସରକାର କଶ୍ମୀରକୁ ଇସ୍ଲାମୋଫୋବିକ୍ (ଇସ୍ଲାମ୍କୁ ଘୃଣା କରୁଥିବା) ଇୟୁର ଏମ୍ପିମାନଙ୍କୁ ପଠାଇ କ'ଣ ନିଷ୍କର୍ଷ ବାହାରିବ ବୋଲି ଆଶା କରୁଛନ୍ତି। ସେମାନଙ୍କ ପାଇଁ ୯୦ ଲକ୍ଷ କଶ୍ମୀରୀ କ'ଣ ରେଡ୍ କାର୍ପେଟ ବିଛାଇବେ ବୋଲି କେନ୍ଦ୍ର ଆଶା କରୁଛି ବୋଲି ଇଲ୍ତିଜା ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଭାରତୀୟ ଏମ୍ପିମାନଙ୍କୁ କଶ୍ମୀରକୁ ଯିବାକୁ ଛଡ଼ାଯାଉ ନ ଥିବାବେଳେ ସରକାର ୟୁରୋପୀୟ ସଂଘର ଏମ୍ପିମାନଙ୍କୁ କିପରି ଅନୁମତି ଦେଲେ ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ସେହିପରି ବିଏସ୍ପି ସୁପ୍ରିମୋ ମାୟାବତୀ ମଧ୍ୟ ସମାନ ପ୍ରଶ୍ନ କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ଜମ୍ମୁ-କଶ୍ମୀରର ସ୍ଥିତି ଅନୁଧ୍ୟାନ ପାଇଁ ଇୟୁର ଏମ୍ପିଙ୍କ ବଦଳରେ ବିରୋଧୀ ଦଳଗୁଡ଼ିକର ଏମ୍ପିମାନଙ୍କୁ ପଠାଇଥିଲେ ଭଲ ହୋଇଥାନ୍ତା ବୋଲି ମାୟାବତୀ ଟୁଇଟ୍ କରିଛନ୍ତି। ସୀତାରାମ ୟେଚୁରୀ (ସିପିଆଇଏମ୍) ଓ ଅସାଦୁଦ୍ଦିନ ଓ୍ୱାଇସି (ଏଆଇଏମ୍ଆଇଏମ୍)ଙ୍କ ଭଳି ବିରୋଧୀ ନେତାମାନେ ମଧ୍ୟ କେନ୍ଦ୍ରକୁ ଏହି ପ୍ରସଙ୍ଗରେ ସମାଲୋଚନା କରିଛନ୍ତି।

## ଖଣି ଅଞ୍ଚଳର ବିକାଶ ...

ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବେ। ଆସନ୍ତା ୩୧ ତାରିଖରେ ସିଇସି ମୟୂରଭଞ୍ଜ ଜିଲାର ବିଭିନ୍ନ ପ୍ରକଳ୍ପ ତଦାରଖ କରିବେ। ନଭେମ୍ବର ୧ରେ କମିଟିର ସଦସ୍ୟମାନେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ପ୍ରକଳ୍ପଗୁଡିକ ବିଷୟରେ କମିଟି ତଥ୍ୟ ସଂଗ୍ରହ କରିବେ ଏବଂ ସୁପ୍ରିମକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓରଞ୍ଜନ ସିଂ ଗଣମାଧ୍ୟମକୁ କହିଛନ୍ତି।

## ନଭେମ୍ବରରେ ମିଳିବ ...

ଗର୍ଗ କହିଛନ୍ତି ଯେ, କାଳିଆ ଯୋଜନାରେ କେବଳ ତାଲିକାଭୁକ୍ତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି ଅର୍ଥ ମିଳିବ। ଏହି ଯୋଜନା ପାଇଁ କେତେ ଯୋଗ୍ୟ ଏବଂ କେତେଜଣ ଅଯୋଗ୍ୟ ହିତାଧିକାରୀ ଅଛନ୍ତି ସେନେଇ ତାଲିକା ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଏନେଇ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ଶେଷରେ କୃଷି ସଚିବ ଏହା କହିଛନ୍ତି। ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୧୮ ତାରିଖରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଟଙ୍କା ଫେରସ୍ତ ଅଣାଯିବ ବୋଲି କହିଥିଲେ। ହେଲେ ଅଯୋଗ୍ୟଙ୍କ ସଂଖ୍ୟା ବହୁତ କମ୍ ବାହାରିଥିଲା। ରାଜ୍ୟ ସରକାର ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୫୧ଲକ୍ଷ ୫ହଜାର ଚାଷୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହାପରେ ସରକାର ଚିହ୍ନଟ କରିଥିବା ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୨୦ ହଜାର ଥିଲା। ସେଥିରୁ ୩ ଲକ୍ଷ ହିତାଧିକାରୀ, ଯେଉଁମାନଙ୍କ ପରିବାରରୁ ଏକାଧିକ ଚାଷୀ ଉପକୃତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। କାଳିଆ ଯୋଜନାରେ ଗୋଟିଏ ଚାଷୀ ପରିବାରର ଜଣଙ୍କୁ ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଯେଉଁ ହିତାଧିକାରୀମାନଙ୍କ ପରିବାରକୁ ଅଧିକ ଅର୍ଥ ଯାଇଛି ସେମାନଙ୍କୁ ଦ୍ୱିତୀୟ କିସ୍ତି ଯିବ ନାହିଁ ବୋଲି ଜଣାପଡିଛି। କାଳିଆ ଯୋଜନା ଘୋଷଣା ହେବାପରେ ଏଥିରେ ଏକ କୋଟି ୧୯ଲକ୍ଷ ଲୋକ ସାମିଲ ହେବା ପାଇଁ ଆବେଦନ କରିଥିଲେ।

## କ୍ରୀଡ଼ାବିତ୍ଙ୍କ ଭତ୍ତା ...

ଆର୍ଥିକ ସହାୟତା ପାଇଁ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରାଯିବ ବୋଲି ଜଣାପଡିଛି। ନିକଟ ଅତୀତରେ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଓଡ଼ିଶାରେ ସଫଳ ଆୟୋଜନ କରାଯାଇପାରିଛି। ଏହା ମଧ୍ୟରେ ରହିଛି ୨୦୧୭ରେ ଆୟୋଜିତ ଏସିଆନ୍ ଆଥ୍ଲେଟିକ ଚାମ୍ପିୟନଶିପ୍ ଏବଂ ୨୦୧୮ରେ ଆୟୋଜିତ ପୁରୁଷ ହକି ବିଶ୍ୱକପ୍। ତେଣୁ ରାଜ୍ୟ ଦେଶର କ୍ରୀଡ଼ା ହବ୍ ହେବାକୁ ଯାଉଛି। ସେହି ପରିପ୍ରେକ୍ଷୀରେ ରାଜ୍ୟରେ କ୍ରୀଡ଼ାବିତ୍ଙ୍କୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ବ୍ୟାଡମିଣ୍ଟନ, ହକି, ଫୁଟବଲ୍, ଶୁଟିଂ, ସନ୍ତରଣ, ଆଥଲେଟିକ୍ସ ଭଳି ୧୦ ବିଭାଗର ଭିତ୍ତିଭୂମି ଉନ୍ନୟନ ଉପରେ ଗୁରୁତ୍ୱାରୋପ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ହଠାତ୍ ସକାଳୁ ସକାଳୁ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କୀୟ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ କୌଣସି ଅସୁବିଧା ହେବ ନାହିଁ। କାମ ହାସଲ କ୍ଷେତ୍ରରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିପାରନ୍ତି, କିନ୍ତୁ ଧାର କରଜକୁ କେନ୍ଦ୍ରକରି କଳହ ଲାଗିପାରେ। ସାଧାରଣ କଥାରେ ଭ୍ରାତୃ ସମ୍ପର୍କ, ଅର୍ଥପ୍ରାପ୍ତି, ଯାତ୍ରା ଓ ଆଲୋଚନା ବାଧାପ୍ରାପ୍ତ ହେବ।

**ବୃଷ**
ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ**
ଆଜି ଯେମିତି ଯାହା ଆଶା କରୁଛନ୍ତି ସେହିପରି ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ପଡିପାରେ। ପ୍ରଶାସନ, ସଭାସମିତି, ଲେଖାପଢା, ଯାତ୍ରା ପାଇଁ ଦିନଟି ବହୁତ ଭଲ। ଅପରାହ୍ନେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହ କିମ୍ବା ମନାନ୍ତର ଘଟିବାର ଆଶଙ୍କା ଉପୁଜ ହେବ। ଠିକ୍ଏ ଠିକ୍ଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ, ଯାହା କି ପାରିବାରିକ ସମସ୍ୟାକୁ ବଢାଇ ଦେଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ।

**ସିଂହ**
ଯେତେ ଭଲ କଥା କହିଲେ ମଧ୍ୟ ପୂର୍ବର କଳହକୁ ନେଇ ପଡୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରିବ। ଆଶା କରୁଥିବା ଦିଗରୁ କିଛି ପାଇବା ପଛରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ ରହିବ।

**କନ୍ୟା**
ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ମାତ୍ର କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ଅବଶ୍ୟ ମିଳିବ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ପଛରେ ନାନାଦି କଥା କହିପାରନ୍ତି।

**ତୁଳା**
କେତେକ କଥାରେ ମନ ଚାହୁଁ ନ ଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ କରିବାକୁ ବାଧ୍ୟ ହୋଇପାରନ୍ତି। ଆଲୋଚନା ପରିସରରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହେବେ।

**ବିଛା**
କର୍ମକ୍ଷେତ୍ରରେ ମିତ୍ର ବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଅଟକି ରହିଥିବା କାମରେ ଅଳ୍ପ ସମୟ ଅପେକ୍ଷା କରନ୍ତୁ, ଦେଖିବେ ସବୁ ଠିକ୍ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସକାଳୁ ସକାଳୁ ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଲୋଚନାରୁ ମନ ଖୁସୀ ହୋଇଯିବ।

**ଧନୁ**
ଅଫିସରେ କିମ୍ବା ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କୁ ମିଶି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳି ପାରିବ। ଅତିରିକ୍ତ ଭ୍ରମଣ ହେତୁ କ୍ଲାନ୍ତି ଅନୁଭବ କରିପାରନ୍ତି, ଯାହା କି ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଭାବପ୍ରବଣତାର ବଶବର୍ତ୍ତୀ ହୋଇ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମକରିବା ଠିକ୍ ହେବନାହିଁ।

**ମକର**
କର୍ମକ୍ଷେତ୍ରରେ କୌଣସି ଅପରିଚିତ ବ୍ୟକ୍ତି ଦ୍ୱାରା ଗୁରୁତ୍ୱପୂର୍ଣ୍ଣ କାମ ହାସଲ କରିବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ସୁଫଳ ପାଇବେ। କଳା ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଅନ୍ୟମାନଙ୍କର ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ**
ମାନସିକ ଅସ୍ଥିରତା ବୃଦ୍ଧି ପାଇବା ପଛରେ ପରିବାରରେ ଅଶାନ୍ତ ବାତାବରଣ ଓ ଅଭାବ ଅସୁବିଧା ମୁଖ୍ୟ କାରଣ ହୋଇପାରେ। ଧାର୍ମିକ କାର୍ଯ୍ୟ, ବନ୍ଧୁ, ସହକର୍ମୀ, ପାଖ ପଡୋଶୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣାକୁ ବଦଳାଇପାରିବେ ନାହିଁ। ପାରିବାରିକ, ବ୍ୟବସାୟିକ, ନୂତନ ପ୍ରକଳ୍ପ, ସମ୍ପର୍କୀୟ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ।

**ମୀନ**
ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବା କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ମନକୁ ବିଚଳିତ କରିପାରେ ତଥାପି ଅନ୍ୟମାନଙ୍କର ସେବାରେ ମନଦେଇ ଖୁସୀ ରହିବେ।

ଆଜି କାର୍ତ୍ତିକ ଶୁକ୍ଳ ତୃତୀୟା ବୁଧବାର, ଅକ୍ଟୋବର ୩୦ ତାରିଖ, ବିଶ୍ୱ ମିତବ୍ୟୟିତା ଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, କର୍କଟ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୬।୩୫ମି. ମଧ୍ୟେ ଘ.୭।୨୦ମି. ଗତେ, ଘ.୮।୦୬ମି. ମଧ୍ୟେ ଘ.୧୦।୨୨ମି. ଗତେ, ଘ.୧୨।୩୧ମି. ମଧ୍ୟେ ଅମୃତବେଳା। ଦିବା ଘ.୭।୧୦ମି. ମଧ୍ୟେ ଘ.୧୦।୨୫ମି. ଗତେ, ଘ.୧୨।୦୦ମି. ମଧ୍ୟେ ଘ.୪।୩୦ମି. ଗତେ, ଘ.୬।୦୬ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302




**BRIDE WANTED**

Tech Mahindraରେ job, 40,000/- ଦରମା, ବୟସ 34, ବ୍ରାହ୍ମଣ ପୁଅଙ୍କ ପାଇଁ ଅବିବାହିତ ଝିଅ ଦରକାର। 9658674636. D-67914

Son age 28 B.Tech, M.Tech NIT Rurkela working in Govt. of India Assistant Manager (Caste-no-bar) 7008986005. D-14979

Son age 30 B.Tech, M.Tech IIT Bombay working in Senior Manager MNC Company Brahmin 8144589551. D-14980

Teli boy Bank Manager required BE/ Bank/ Govt. Employee. 9861950024. D-14950

Looking for bride for our son, 28 Years, (5'8"), Leo, B.Tech, Karan, working at Cognizant, Kolkata. 9439916116, 9439833009. D-14951

ବ୍ରାହ୍ମଣ, କରଣ, ଖଣ୍ଡାୟତ, ଜାତିର ବରପାତ୍ର ପାଇଁ ଚାକିରିଆ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68208

Divorcee SC Groom TCS Engineer 36, Doctor 39 (Cast-no-bar). 7873374269. D-67097

Hindu divorcee Teli/39 Yrs/5'6"/B.Tech/ Rs.20 Lakh PA seeks educated bride. Mob: 9900176521. D-14946

Now Matrimonial ads. only on Wednesday & Sunday Book 1 Get 1 FREE

**GROOM WANTED**

Beautiful SC (Chamara) girl 1989/ BSC MBA (Caste-no-bar) 9437310220, 7008967858. D-66200

Girl age 30 Ph.D NIT Rourkela working in Govt. of India (SC) (Caste-no-bar) 7008986003. D-14978

ବ୍ରାହ୍ମଣ, କରଣ, ଖଣ୍ଡାୟତ ଜାତିର କନ୍ୟାପାତ୍ରୀ ପାଇଁ ଚାକିରିଆ ବରପାତ୍ର ଆବଶ୍ୟକ। 7978736177. D-68209

47 ବର୍ଷ ESIC ରେ Accountant ଭାବରେ କାର୍ଯ୍ୟରତ ଥିବା ବିଧବା ଝିଅ ପାଇଁ ବରପାତ୍ର ଆବଶ୍ୟକ। ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। 8763284487. D-63795




**SALE**

2012 December, Renault Duster, 3.5Lacs for Immediate sale. Contact- 9937050101. D-68305




**SALE**

Plot, Flat, Simplex, Duplex sale in BBSR. Contact: 7873616375, 6372322064. D-66989

2BHK flat sale near Sifa Rs.32 Lakh and Nakhara, 7873616375. D-66988

**Gated plotting project near Sum Hospital and Janla Infovally square. 7008818121.** D-66796

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

**3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse).** D-68019

ଭୁବନେଶ୍ୱର ନିକଟ ବାଳକାଟିରୁ 2k.m ଦୂରରେ ଘରବାଡି ଜାଗା sqft. 500/- ରେ ମିଳୁଛି। School, college, hospital ପାଖ। Immediate registration 8280002060. D-66990

**Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826.** D-68407

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68412

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

**ସୁନ୍ଦରପଦା Indus Engineering କଲେଜ backsideରେ ଘରବାରି ପ୍ଲଟ୍ sqft. 229/- ମିଳୁଅଛି। 8594954102.** D-68408

4486sqft. Gharabari sthitiban plot for sale at Nayapalli, Maa Mahima dhaba backside. 100mtrs. distance from National Highway. (Brokers excuse) Contact: 9090908000. D-68144




25000 sqft. of open land near Dhauli for rent with boundary wall and gate for any commercial purpose. 8917576258. D-14974

Semi furnished single room attach bath kitchen balcony, Lewis Road, BBSR. Rent- 5,000/-. 9337524451. D-67246

1,60,000sqft vacant land with compound wall to-let for godown stock yard and ware housing purpose at Totapada, Adjacent to NH-16 near Khurdha Contact: 9937033933, 8328835823. D-60953




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies/gents smart experts therapist- 8480939300 D-66979

Refresh your mind and soul with best therapy at Orchid Salon/Spa. 9937287222. D-66983

Experience full body massage with us (expert). Call: 7377048581, 06742597822. D-68147

Kajal Ayurvedic Massage club fully relaxed by smart lady home service available- 9937637219. D-66984

Full body herbal massage with refreshment expert therapist. 7381239385, 06742540855. D-68146

Monalisa Massage Club: All types body massage with hiprofile smart lady rooms service available- 9708545108. D-14965

Ayurvedic full body massage smart boy therapist home services available- 9937929638. D-14889

Herbal full body massage by smart / expert therapist. Contact: 8338067247. D-68148

Summer special mesmerizing offer expert therapeutic refreshing massage appointment. 9668374480. D-68149





ସଠିକ୍ ଜାତକ ଭାବଭବିଷ୍ୟବାଣୀ, ଦଶାଭବିଷ୍ୟବାଣୀ, ବାସ୍ତୁ, ଯୋଡିମେଳକ, ମଙ୍ଗଳ ଦୋଷ ପାଇଁ 7978736177. D-68210

**AFFIDAVIT**

By virtue of an affidavit before Notary Puri, I Kishor Chandra Jena have changed my name to Kishore Kumar Jena. Henceforth I shall be known as Kishore Kumar Jena for all purposes. D-63796

I, Purba Harijan S/o- Rati Harijan declared vide affidavit my correct name is Purba Harijan but wrongly mentioned in my driving licence No. OR-2420020000877 as Purba Sagaria. Henceforth, I shall be known as Purba Harijan for all purposes. D-14981

**ନିରୁଦ୍ଦିଷ୍ଟ**



ମୋ ବାପା ସୁରେନ୍ଦ୍ର ପ୍ରସାଦ ଦେହୁରୀ, ଘର- ରଣପୁର, ଥାନା- ଖଇରା, ଜିଲ୍ଲା- ବାଲେଶ୍ୱରଙ୍କ ମସ୍ତିଷ୍କ ବିକୃତି ଯୋଗୁଁ ଗତ ୨୩।୧୦।୧୯ରିଖ ବୁଧବାର ସକାଳ ପ୍ରାୟ ୧୦ଘଟିକା ସମୟରେ ଘରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ତାଙ୍କର ବର୍ଣ୍ଣ ଗୌର, ଉଚ୍ଚତା ୫ଫୁଟ, ଲମ୍ବା ମୁଖମଣ୍ଡଳ। ଗଳାବେଳେ ଲାଲ ଗାମୁଛା, ଧଳା ଗେଞ୍ଜି ପିନ୍ଧିଥିଲେ। ତାଙ୍କର ସନ୍ଧାନ କୌଣସି ବ୍ୟକ୍ତିଙ୍କୁ ମିଳିବା ମାତ୍ରେ ମୋବାଇଲ ନମ୍ବର 9668154847, 9938352884ରେ ଜଣାଇବାକୁ ଅନୁରୋଧ।

ଭକ୍ତ ଚରଣ ଦେହୁରୀ, ରଣପୁର, ଖଇରା, ବାଲେଶ୍ୱର

ଧ-୧୪୯୭୭


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## ଜିଲ୍ଲା ଚିଠି

### ଗଜପତି

## ବାତ୍ୟା ଭୟ

୨୦୧୮ର ତିତ୍‌ଲି ବାତ୍ୟା ଓ ପରବର୍ତ୍ତୀ ବନ୍ୟା ଗଜପତି ଜିଲ୍ଲାକୁ ସର୍ବାଧିକ କ୍ଷତିଗ୍ରସ୍ତ କରିଥିଲା। ଏବେ ବି ସେ ଦିନର କଥା ମନେପକାଇଲେ ଜିଲ୍ଲାବାସୀଙ୍କ ଦେହ ଶିହରି ଉଠେ। ତିତ୍‌ଲିରେ ଗଜପତି ଜିଲ୍ଲା ସଦର ସମେତ ସମସ୍ତ ବ୍ଲକ୍ ପ୍ରଭାବିତ ହୋଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ସଂଖ୍ୟାରେ ଗୃହପାଳିତ ପଶୁପକ୍ଷୀଙ୍କ ମଧ୍ୟ ଜୀବନ ଚାଲିଯାଇଥିଲା। ସେହିପରି ହଜାରରୁ ଊର୍ଦ୍ଧ୍ୱ ଲୋକ ବାସହୀନ ହୋଇଥିଲେ। ସରକାରୀ ସୂଚନା ଅନୁଯାୟୀ ୧ ଲକ୍ଷ ୪୪ ହଜାର ୪୬୦ ପରିବାର ଏଥିରେ ପ୍ରଭାବିତ ହୋଇଥିଲେ। ଜିଲ୍ଲାର ରାୟଗଡ଼ ବ୍ଲକ୍ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରାୟଗଡ଼ ବ୍ଲକ୍ ଗଙ୍ଗାବାଡ଼ ପଞ୍ଚାୟତ ଅଧୀନ ବାରଘର ଗ୍ରାମରେ ଭୂସ୍ଖଳନରେ ୧୮ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ତିତ୍‌ଲିର ୧ ବର୍ଷ ମଧ୍ୟରେ ପ୍ରଶାସନିକ ତଥ୍ୟ ଅନୁଯାୟୀ ପ୍ରାୟ ୧୯୧୫.୨୭ କିମି ରାସ୍ତାର ପୁନଃନିର୍ମାଣ କରାଯାଇଥିବାବେଳେ ୧୮ଟି ନୂତନ ଗ୍ରାମ ସୃଷ୍ଟି କରାଯାଇ ସେଠାରେ ୭୬୬ ପରିବାରକୁ ବିଜୁ ପକ୍କାଘର ଯୋଜନାରେ ଅନ୍ତର୍ଭୁକ୍ତ ସହ ସେଠାକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ୭୮ ଅଙ୍ଗନୱାଡ଼ି କେନ୍ଦ୍ର, ୧୦୧ ପ୍ରାଥମିକ ବିଦ୍ୟାଳୟର ପୁନଃନିର୍ମାଣ କାର୍ଯ୍ୟ ମଧ୍ୟ କରାଯାଇଥିଲା। ଏହାସତ୍ତ୍ୱେ ଏବେ ବି ତିତ୍‌ଲିର ସେହି ଭୟଙ୍କର ପରିସ୍ଥିତି ଗଜପତିବାସୀ ଭୁଲି ନାହାନ୍ତି। ଏବେ ମଧ୍ୟ ଅନେକ କ୍ଷତିଗ୍ରସ୍ତ ପରିବାର ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ତେବେ ବର୍ଷା, ବାତ୍ୟାକୁ ବେଶି ଡରୁଛନ୍ତି ପାହାଡ଼ ତଳି ଲୋକ। ଗଙ୍ଗାବାଡ଼ ଭଳି ଅନେକ ପଞ୍ଚାୟତ ରହିଛି, ଯେଉଁଠାରେ ଗ୍ରାମବାସୀ ପାହାଡ଼ ତଳେ ବିପଜ୍ଜନକ ଭାବେ ବସବାସ କରୁଛନ୍ତି। ଚଳିତ ଅକ୍ଟୋବରରେ କେତୋଟି ଲଘୁଚାପ ବର୍ଷା ଯୋଗୁ ସେମାନେ ପୁଣି ଆଶଙ୍କିତ ହୋଇପଡ଼ିଥିଲେ। ଲଗାଣ ବର୍ଷା ଯୋଗୁ ଗତ ୨୪ ତାରିଖରେ ଗୁମ୍ମା ବ୍ଲକ୍ ଅଧୀନ ତିତିସିଂ ଓ କୁଲଙ୍ଗ ଗ୍ରାମରେ ପାହାଡ଼ ଧସି ୨୦ରୁ ଊର୍ଦ୍ଧ୍ୱ ଘର ମାଟିରେ ମିଶିଯାଇଥିଲା। ଏହି ଘଟଣାରେ ଶତାଧିକ ଗୃହପାଳିତ ପଶୁଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ରାୟଗଡ଼ ବ୍ଲକ୍ ଜିରାଙ୍ଗ ପଞ୍ଚାୟତ ଅଧୀନ ଗାଲଗଣ୍ଡା ଗ୍ରାମରେ ମଧ୍ୟ ପାହାଡ଼ରୁ ମାଟି ଅତଡ଼ା ଖସି ୨ ଘର ନଷ୍ଟ ହୋଇଥିଲା। ପାହାଡ଼ ତଳେ ବସବାସ କରୁଥିବା ଜିଲ୍ଲାର ଅନେକ ଉପାନ୍ତ ଗ୍ରାମବାସୀଙ୍କୁ ବିଜୁ ପକ୍କାଘର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉନାହିଁ। ଏହା ବ୍ୟତୀତ ଜିଲ୍ଲା ଦେଇ ମହେନ୍ଦ୍ରତନୟା ଓ ବଂଶଧାରା ନଦୀ ପ୍ରବାହିତ ହେଉ ଥିବାବେଳେ ଅଧିକାଂଶ ସମୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅମଳ ବେଳେ ଚାଷ କ୍ଷତିଗ୍ରସ୍ତ ହେଉଛି। ଜିଲ୍ଲାବାସୀ ବାରମ୍ବାର ଅଣ୍ଟା ସଳଖିବାକୁ ଚେଷ୍ଟା କରୁଥିବାବେଳେ ବିପର୍ଯ୍ୟୟ ବାରମ୍ବାର ସେମାନଙ୍କୁ ଦୋହଲାଇଦେଉଛି। ପ୍ରଶାସନ ଏବଂ ସରକାର ଏଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ଅଧିକ ପ୍ରସ୍ତୁତି କରିବାକୁ ଦାବି ହୋଇଛି।

– ରଶ୍ମିରଞ୍ଜନ ମିଶ୍ର

# କୋଇଲା ଖନନ ପାଇଁ ଗ୍ରାମ ଉଚ୍ଛେଦକୁ ବିରୋଧ

ତାଳଚେର, ୨୯।୧୦(ନି.ପ୍ର.)

ଅନୁଗୋଳ ଜିଲ୍ଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ହିଙ୍ଗୁଳା କୋଇଲା ଖଣି ନିକଟରେ ଥିବା ଭାଲୁଗାଡିଆ ଗ୍ରାମକୁ ମଙ୍ଗଳବାର ଜବରଦସ୍ତ ଉଚ୍ଛେଦ ବେଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ, ପ୍ରଶାସନ ସହାୟତାରେ ଖଣି କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟକୁ ବିରୋଧ ବେଳେ ଗ୍ରାମର ୩ଶହ ଲୋକଙ୍କୁ ଅଟକ ରଖାଯାଇଛି। ତେବେ ଉଚ୍ଛେଦକୁ ବିରୋଧ କରି ନିଜେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗ୍ରାମବାସୀଙ୍କ ସହ ଅଟକ ସ୍ଥାନରେ ବସି ରହିଥିବାରୁ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ତାଳଚେର କୋଲ୍ ଫିଲଡ୍‌ସରେ ଥିବା ଏମ୍‌ସିଏଲ୍‌ର ସମସ୍ତ ୧୦ ଗୋଟି କୋଇଲା ଖଣିକୁ ଅଚଳ କରିଦିଆଯାଇଥିବା ବେଳେ ଡେରା ଗେଷ୍ଟ ହାଉସ୍‌ରେ ଭଙ୍ଗାରୁଜା କରାଯାଇଛି। ହାଣ୍ଡିଧୂଆଁ ଛକ ଓ କଳିୟାରୀ ଥାନା ସମ୍ମୁଖରେ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ କରାଯାଇଛି। ଘଟଣାକୁ ନେଇ ବୁଧବାର ବିଜେଡି ପକ୍ଷରୁ ତାଳଚେର ବନ୍ଦ ଡାକରା ଦିଆଯାଇଥିବା ସୂଚନା ମିଳିଛି।

**ହିଙ୍ଗୁଳା ଖଣି ଅଞ୍ଚଳରେ ତୀବ୍ର ଉତ୍ତେଜନା**



ହିଙ୍ଗୁଳା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅଟକ ଥିବା ଗ୍ରାମବାସୀଙ୍କ ସହ ବିଧାୟକ।

- ୩ ଶହ ଗ୍ରାମବାସୀଙ୍କୁ ଅଟକ ରଖିଛି ପୋଲିସ
- ଲୋକଙ୍କ ସହ ବସିରହିଛନ୍ତି ତାଳଚେର ବିଧାୟକ
- ଏମ୍‌ସିଏଲ୍‌ର ସମସ୍ତ ଖଣି ବନ୍ଦ, ଗେଷ୍ଟହାଉସ୍ ଭଙ୍ଗାରୁଜା
- ବିଜେଡି ପକ୍ଷରୁ ବୁଧବାର ତାଳଚେର ବନ୍ଦ ଡାକରା

ପ୍ରକାଶ ଯେ, କୋଇଲା ଖନନ ନିମନ୍ତେ ହିଙ୍ଗୁଳା ଖଣି କର୍ତ୍ତୃପକ୍ଷ ଅଧିକ ଜମିର ଆବଶ୍ୟକତା କରୁଥିଲେ। ତେଣୁ ପୂର୍ବରୁ ଅଧିଗ୍ରହଣ ସରିଥିବା ନିକଟସ୍ଥ ଭାଲୁଗାଡ଼ିଆ ଗ୍ରାମକୁ ମଙ୍ଗଳବାର ଉଚ୍ଛେଦ ପାଇଁ ଖଣି କର୍ତ୍ତୃପକ୍ଷ ସ୍ଥିର କରିଥିଲେ। ଏଥିପାଇଁ ସକାଳୁ କର୍ତ୍ତୃପକ୍ଷ ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ତାଳଚେର ଉପଜିଲ୍ଲାପାଳ ପରେଶଚନ୍ଦ୍ର ନାୟକ, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ବିଭିନ୍ନ ଥାନାର ଅଧିକାରୀ, ମାଜିଷ୍ଟ୍ରେଟ, ୧୨ ପ୍ଲାଟୁନ ଫୋର୍ସକୁ ନେଇ ଭାଲୁଗାଡିଆ ଗ୍ରାମରେ ପହଞ୍ଚି ଘରଦ୍ୱାର ଛାଡି ଚାଲିଯିବାକୁ ଲୋକଙ୍କୁ କହିଥିଲେ। କିନ୍ତୁ ଗ୍ରାମବାସୀ ରାଜି ନ ହେବାରୁ ଖଣି କର୍ତ୍ତୃପକ୍ଷ ଜବରଦସ୍ତ ଘର ଭଙ୍ଗା କାମ ଆରମ୍ଭ କରିଥିଲେ। ଏହାକୁ ଗ୍ରାମର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ଛାତ୍ରୀଛାତ୍ର ବିରୋଧ କରିଥିଲେ। ଖବରପାଇ ତାଳଚେର ବିଧାୟକ ମଧ୍ୟ ପହଞ୍ଚି ଉଚ୍ଛେଦ ନ କରିବାକୁ କହିଥିଲେ। କିନ୍ତୁ ଖଣି କର୍ତ୍ତୃପକ୍ଷ କାହା କଥା ନ ଶୁଣି ପୋଲିସ ଲଗାଇ ଉଚ୍ଛେଦରେ ବାଧା ସୃଷ୍ଟି କରୁଥିବା ଲୋକଙ୍କୁ ବଳପୂର୍ବକ ଭ୍ୟାନରେ ବସାଇ ହିଙ୍ଗୁଳା ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣି ଅଟକ ରଖିଥିଲେ। ବିଧାୟକ ମଧ୍ୟ ଲୋକଙ୍କ ସହିତ ପୋଲିସ ଗାଡିରେ ଆସି ଅଟକ ସ୍ଥାନରେ ବସି ରହିଥିଲେ। ସନ୍ଧ୍ୟାରେ ଉତ୍ତର-କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଏ ନେଇ ବିଧାୟକ ବ୍ରଜକିଶୋର ପ୍ରଧାନ କହିଛନ୍ତି, ଜମିହରା ଓ ଗ୍ରାମବାସୀଙ୍କୁ ଅବଗତ କରା ନ ଯାଇ ଅଚାନକ ଉଚ୍ଛେଦ ଅମାନୁଷିକ କାର୍ଯ୍ୟ। ଏହା ଅତ୍ୟନ୍ତ ନିନ୍ଦନୀୟ। ଏସ୍‌ପି ଜଗମୋହନ ମୀନା କହିଛନ୍ତି, କାହାରିକୁ ଗିରଫ କରାଯାଇ ନାହିଁ କି ଅଟକ ରଖାଯାଇ ନାହିଁ। ସରକାରଙ୍କ କାମରେ ବାଧା ସୃଷ୍ଟି କରୁଥିବା ଲୋକଙ୍କୁ ଏଠାରୁ ହଟାଇ ଦିଆଯାଇଛି। ଉପଜିଲ୍ଲାପାଳ ପରେଶ ଚନ୍ଦ୍ର ନାୟକ କହିଛନ୍ତି, ବିଧାୟକଙ୍କୁ ଗିରଫ କରାଯାଇ ନାହିଁ। ସେ ସେଲଫ ଆରେଷ୍ଟ ହୋଇ ଲୋକଙ୍କ ସହ ଯାଇଛନ୍ତି। ହିଙ୍ଗୁଳା ଖଣିର ପ୍ରକଳ୍ପ ଅଧିକାରୀ ଅଜୟ ସିଂହ କହିଛନ୍ତି, ୪୧ ପରିବାରକୁ ଉଚ୍ଛେଦ କରାଯାଉଛି। ଏହି ୪୧ ପରିବାର ଖଣି ନିକଟସ୍ଥ ୭/୮ ହେକ୍ଟର ଜମିରେ ବସବାସ କରୁଛନ୍ତି।

**ବେଆଇନ ପଥର ଖଣି ମାମଲା**

# ମହମ୍ମଦ ତାବ୍ରେଜ କଲିକତା ବିମାନ ବନ୍ଦରରୁ ଗିରଫ

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)

- ସ୍ତ୍ରୀଙ୍କ ସହ ଥାଇଲାଣ୍ଡ ଲୁଚି ପଳାଉଥିଲେ



ମହମ୍ମଦ ତାବ୍ରେଜ

ଖୋର୍ଦ୍ଧା ବେଆଇନ ପଥର ଖଣି ଓ ଚୋରା ଚାଲାଣ ଘଟଣାର ଅନ୍ୟତମ ମାଷ୍ଟରମାଇଣ୍ଡ୍ ତଥା ପୋଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ମହମ୍ମଦ ତାବ୍ରେଜଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ କଲିକତାରୁ ଗିରଫ କରିଛି। ସେ ନିଜ ସ୍ତ୍ରୀଙ୍କ ସହ ଥାଇଲାଣ୍ଡ ଲୁଚି ପଳାଉଥିବାବେଳେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ କଲିକତା ନେତାଜୀ ସୁଭାଷଚନ୍ଦ୍ର ବୋଷ ବିମାନବନ୍ଦରରୁ ଧରିବାରେ ସକ୍ଷମ ହୋଇଛି। ତାଙ୍କ ନିକଟରୁ ପାସ୍‌ପୋର୍ଟ ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି। ଗିରଫ ପରେ ତାବ୍ରେଜଙ୍କୁ ଏସ୍‌ଟିଏଫ୍ କଲିକତା ବାରାକପୁର କୋର୍ଟରେ ହଜାର କରିବା ପରେ ଭୁବନେଶ୍ୱରକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣିଥିଲା। ତାଙ୍କ ବିରୋଧରେ ଏସ୍‌ଟିଏଫ୍ କେସ୍ ନଂ.୭/୧୯, ଦଫା ୩୭୯, ୪୧୧, ୪୨୦, ୪୬୭, ୪୬୮, ୪୭୧, ୧୨୦(ବି), ୩୪ ଆଇପିସି ଏବଂ ୨୫/୨୭ ଆର୍ମ୍ସ ଆକ୍ଟ ଲଗାଯାଇଛି। ମଙ୍ଗଳବାର ତାଙ୍କୁ ଖୋର୍ଦ୍ଧା କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାତକୁ ପଠାଇ ଦିଆଯାଇଛି।

ମହମ୍ମଦ ତାବ୍ରେଜର ଘର ତ୍ରିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁରରେ ହୋଇଥିବାବେଳେ ସେ ଭୁବନେଶ୍ୱର ହଂସପାଳସ୍ଥିତ ମେଟ୍ରୋ ସାଟେଲାଇଟ୍ ଆପାର୍ଟମେଣ୍ଟରେ ରହୁଥିଲେ। କିଶନନଗର ଥାନା ପୋଲିସ ପାଇଁ ତାବ୍ରେଜ ମୋଷ୍ଟ ୱାଣ୍ଟେଡ ଥିଲେ। ଖୋର୍ଦ୍ଧା ବେଆଇନ ପଥର ଖନନ ଓ ଚୋରା ଚାଲାଣ ମାମଲାର ତଦନ୍ତ କରୁଥିବା ଏସ୍‌ଟିଏଫ୍ ଗିରଫ କରିଥିବା କେତେଜଣ ଅଭିଯୁକ୍ତଙ୍କୁ ପଚରାଉଚରାବେଳେ ତାବ୍ରେଜଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଉଦ୍ୟମ କରୁଥିବା ଜାଣିବା ପରେ ସେ କଲିକତା ପଳାଇଯାଇଥିଲେ। ସେଠାରୁ ସ୍ତ୍ରୀଙ୍କ ସହ ଥାଇଲାଣ୍ଡ ପଳାଇଯିବାକୁ ଉଦ୍ୟମ କରୁଥିଲେ। ଏସ୍‌ଟିଏଫ୍ ଫୋନ୍ ନମ୍ବର ଟ୍ରାକିଂ କରି ସେ କଲିକତାରେ ଥିବା ଜାଣିବା ପରେ ସବୁ ବିମାନ ବନ୍ଦରରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଦେଇଥିଲେ। ଏଥିସହ ଏସ୍‌ଟିଏଫ୍ ଟିମ୍ କଲିକତା ବିମାନବନ୍ଦରରେ ଜଗି ରହିଥିଲେ। ସେ ବିମାନ ବନ୍ଦର ଭିତରକୁ ପଶିବା ସମୟରେ ତାଙ୍କୁ କାବୁ କରି ନିଆଯାଇଥିଲା।

## ■ ମିଳିଲାନି ମହାପ୍ରୟାଣ ଗାଡ଼ି

# ୫ କିମି ମୃତଦେହକୁ ବୋହିଲେ ସମ୍ପର୍କୀୟ

ଦିଗପହଣ୍ଡି/ପାଟପୁର, ୨୯।୧୦(ଡି.ଏନ.ଏ.)

ମହାପ୍ରୟାଣ ଗାଡ଼ି ନ ମିଳିବାରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସମ୍ପର୍କୀୟମାନେ ବାଉଁଶ ଭାରା କରି ୫ କିମି ବୋହିଛନ୍ତି। ଏଭଳି ଏକ କରୁଣ ଚିତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଖଲିଙ୍ଗି ପଞ୍ଚାୟତ ଗୁଣସାଗର ଗ୍ରାମର ପଞ୍ଚାନନ ନାୟକ (୫୮) ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସମ୍ପର୍କୀୟମାନେ ତାଙ୍କୁ ଗାଁ ନିକଟ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ। ଦିନ ମଜୁରୀ ଲାଗୁଥିବା ପଞ୍ଚାନନଙ୍କୁ ବ୍ରହ୍ମପୁର ନେବାକୁ ଅର୍ଥ ଯୋଗାଡ଼ ହୋଇପାରି ନ ଥିଲା। ସାମାନ୍ୟ ସୁସ୍ଥ ଅନୁଭବ କରିବାରୁ ପଞ୍ଚାନନଙ୍କୁ ଘରକୁ ଅଣାଯାଇଥିଲା। ବିଳମ୍ବିତ ରାତିରେ ସେ ପୁଣି ଗୁରୁତର ହୋଇପଡ଼ିଥିଲେ। ମଙ୍ଗଳବାର ସକାଳେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ଅଟୋରିକ୍ସାରେ ଘରକୁ ନେବା ପାଇଁ କେହି ରାଜି ହୋଇ ନ ଥିଲେ। ମହାପ୍ରୟାଣ ଗାଡ଼ି ମଧ୍ୟ ମିଳିଲା ନାହିଁ। ତେଣୁ ବାଧ୍ୟହୋଇ ସମ୍ପର୍କୀୟମାନେ ଦୁଇଟି ବାଉଁଶ ଯୋଗାଡ଼ କରି ଭାରରେ ମୃତଦେହକୁ ୫ କିମି ଦୂର ଗାଁକୁ ଆଣିଥିଲେ। ସାହିବାସିନ୍ଦାଙ୍କ ସହାୟତାରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିବା ଯୁଧିଷ୍ଠିର ନାୟକ ନାମକ ଜଣେ ସମ୍ପର୍କୀୟ କହିଛନ୍ତି। ପଞ୍ଚାନନଙ୍କ ମୃତ୍ୟୁ ପରେ ସ୍ତ୍ରୀ ପ୍ରମିଳା ନିରୁପାୟ ହୋଇପଡ଼ିଛନ୍ତି। ମୃତଦେହ ଭାରରେ ବୋହିନେବା ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଡିଓ ଗାୟତ୍ରୀ ଦତ୍ତ ନାୟକ ଘଟଣାର ଅନୁଧ୍ୟାନ କରି ପଞ୍ଚାନନଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଜଣାଇଛନ୍ତି।



ମୃତଦେହକୁ ବୋହି ନେଉଛନ୍ତି ସମ୍ପର୍କୀୟମାନେ।

# କେଆଇଏଫ୍‌ଏଫ୍‌ରୁ ବାଦ୍ ପଡ଼ିଲା 'ପାଟଣାଗଡ଼'

ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)




- ବିବାଦୀୟ ଦର୍ଶାଇ ସ୍କ୍ରିନିଂ ପାଇଁ ମନାକଲେ ଆୟୋଜକ
- ଭବିଷ୍ୟତରେ ଭଲ ସିନେମା କରିବାକୁ ଡରିବେ: ପ୍ରଯୋଜକ

କୋଲକାତା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ(କେଆଇଏଫ୍‌ଏଫ୍)ରେ ଆଉ ପ୍ରଦର୍ଶିତ ହେବନି ବହୁଭାଷୀ ଓଡ଼ିଆ ଫିଲ୍ମ 'ପାଟଣାଗଡ଼'। ଶେଷ ମୁହୂର୍ତ୍ତରେ ଓଡ଼ିଆ ଫିଲ୍ମ 'ପାଟଣାଗଡ଼'କୁ ଫିଲ୍ମ ଫେଷ୍ଟିଭାଲରୁ ବାଦ୍ ଦିଆଯାଇଛି। ଆସନ୍ତା ନଭେମ୍ବର ୮ରୁ ୧୫ ତାରିଖ ପର୍ଯ୍ୟନ୍ତ କୋଲକାତାରେ କେଆଇଏଫ୍‌ଏଫ୍ ୨୫ତମ ସଂସ୍କରଣ ଆୟୋଜିତ ହେବାକୁଥିବାବେଳେ ଏଥିରେ ବଲାଙ୍ଗୀର ଜିଲ୍ଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଉପରେ ନିର୍ମିତ ଚଳଚ୍ଚିତ୍ର 'ପାଟଣାଗଡ଼' ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଥିଲା। ହେଲେ ଫିଲ୍ମକୁ ବିବାଦୀୟ ଦର୍ଶାଇ ଆୟୋଜକ ଏହାକୁ ମହୋତ୍ସବରେ ପ୍ରଦର୍ଶନ କରିବାକୁ ସିଧା ମନା କରିଦେଇଛନ୍ତି। ଏହାକୁ ନେଇ ଫିଲ୍ମ ନିର୍ମାତା ଅସନ୍ତୋଷ ବ୍ୟକ୍ତ କରିବା ସହ ବିନା କୌଣସି କାରଣରେ ଏକ ଭଲ ଫିଲ୍ମକୁ ବିକୃତ କରାଯାଉଥିବା କହିଛନ୍ତି।

ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର ପ୍ରମୁଖ ଭୂମିକାରେ ବଲିଉଡ୍ ଅଭିନେତା ଅତୁଲ କୁଲକର୍ଣ୍ଣୀ, ଯଶପାଲ ଶର୍ମା, ଲୋକପ୍ରିୟ ଓଡ଼ିଆ ଫିଲ୍ମ ଅଭିନେତା ମନୋଜ ମିଶ୍ର, ପୁଷ୍ପା ପଣ୍ଡା, ଅନୁ ଚୌଧୁରୀ, ତେଲୁଗୁ ଅଭିନେତା ଥନିକେଲ୍ଲା ଭାରାଣୀ ପ୍ରମୁଖ ଅଭିନୟ କରିଛନ୍ତି। ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ରେ ହୋଇଥିବା ବହୁଚର୍ଚ୍ଚିତ ପାର୍ସଲ ବୋମା ଘଟଣା ଉପରେ ଫିଲ୍ମର କାହାଣୀ ଆଧାରିତ। ମୁଖ୍ୟ ଅପରାଧୀ ପୁଞ୍ଜିଲାଲ ମେହେର ଭୂମିକାରେ ଫିଲ୍ମରେ ମନୋଜ ମିଶ୍ର ଅଭିନୟ କରିଛନ୍ତି। ଫିଲ୍ମର ପ୍ରଯୋଜନା ଶ୍ରୀଧର ମାର୍ଥା କରିଥିବାବେଳେ ନିର୍ଦ୍ଦେଶନା ରାଜେଶ ଟଚରିଭର୍ ଦେଇଛନ୍ତି। ଫିଲ୍ମର ସିନେମାଟୋଗ୍ରାଫି ସହ କାହାଣୀ ଉଚ୍ଚକୋଟୀର ହୋଇଥିବାରୁ ଏହାକୁ କେଆଇଏଫ୍‌ଏଫ୍‌ର ଇଣ୍ଡିଆନ୍ ଲାଙ୍ଗୁଏଜ୍ ସେକ୍ସନରେ ସ୍କ୍ରିନିଂ କରିବାକୁ ମନୋନୀତ କରାଯାଇଥିଲା। ହେଲେ ଫିଲ୍ମ ନିର୍ମାଣ ବେଳେ ବୋମା ବିସ୍ଫୋରଣର ଶିକାର ହୋଇଥିବା ପରିବାର ନିର୍ମାତାଙ୍କ ବିରୋଧରେ ହାଇକୋର୍ଟକୁ ଯାଇଥିଲେ। ପରବର୍ତ୍ତୀ ସମୟରେ କିନ୍ତୁ ମାମଲାର ସମାଧାନ ହେବାସହ କୋର୍ଟରୁ ମାମଲା ଉଠାଇ ନିଆଯାଇଥିଲା। ଏହି ବିବାଦକୁ ଆଧାରକରି ମହୋତ୍ସବ ଆୟୋଜକ ଫିଲ୍ମକୁ ସ୍କ୍ରିନିଂ ପ୍ରକ୍ରିୟାରୁ ବାଦ୍ ଦେଇଥିବା କୁହାଯାଇଛି। ଏନେଇ ଫିଲ୍ମ ପ୍ରଯୋଜକ ଶ୍ରୀଧର ମାର୍ଥା କହିଛନ୍ତି, ପ୍ରଥମେ ଚୟନ କରିଦେଇ ଏଭଳି ଶେଷ ମୁହୂର୍ତ୍ତରେ ଏକ ସ୍ୱାଧୀନ ସିନେମାକୁ ଚଳଚ୍ଚିତ୍ର ମହୋତ୍ସବରୁ ବାଦ୍ ଦେବା ଅପମାନଜନକ। ଫିଲ୍ମରେ କୌଣସି ବିବାଦୀୟ ଦୃଶ୍ୟ କିମ୍ବା ତଥ୍ୟ ନାହିଁ। ବୋମା ବିସ୍ଫୋରଣରେ ପୀଡ଼ିତ ପରିବାରଙ୍କ ବିରୋଧରେ ଏଥିରେ କୌଣସିଭାବେ ଭ୍ରମାତ୍ମକ ତଥ୍ୟ ଦିଆଯାଇନାହିଁ। ଭଲ ଫିଲ୍ମ ବୋଲି ନିଶ୍ଚିନ୍ତ ଭାବେ ସେମାନେ ପ୍ରଥମେ ଚୟନ କରିଥିଲେ। ହେଲେ ଏବେ ଉକ୍ତ ପରିବାରଙ୍କ ଚାପରେ ଶେଷ ମୁହୂର୍ତ୍ତରେ ଫିଲ୍ମକୁ ବାଦ୍ ଦିଆଯାଇଛି। ଏହାଦ୍ୱାରା ଭବିଷ୍ୟତରେ ସ୍ୱାଧୀନ ଏବଂ ମୌଳିକଧର୍ମୀ କାହାଣୀ ଉପରେ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଭୟ କରିବେ ବୋଲି ମାର୍ଥା କହିଛନ୍ତି।


## ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ବାର୍ତ୍ତା

DSPL-132



### ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦର ବିଷୟ ଏହି କି ଆମ ଦେଶର ଅନ୍ୟାନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ମଧ୍ୟ ଅକ୍ଟୋବର ୩୦ ତାରିଖକୁ ବିଶ୍ୱ ମିତବ୍ୟୟିତା ଦିବସ ରୂପେ ଆମେ ପାଳନ କରୁଛୁ । ଏହି ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ବର୍ତ୍ତମାନ ସମୟରେ ପ୍ରତ୍ୟେକ ବ୍ୟକ୍ତି ମିତବ୍ୟୟୀ ହେବା ଏବଂ ସଞ୍ଚୟ ମନୋବୃତ୍ତି ପୋଷଣ କରିବା ଏକାନ୍ତ ଆବଶ୍ୟକ । ନିୟମିତ ସଞ୍ଚୟ ବ୍ୟକ୍ତିର ଭବିଷ୍ୟତ ପାଇଁ ଆର୍ଥିକ ନିରାପତ୍ତା ପ୍ରଦାନ ସହ ଯେକୌଣସି ଜରୁରୀ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଇଁ ବେଶ୍ ସରଳ ଓ ସୁରକ୍ଷିତ ବୋଲି ପ୍ରମାଣିତ । ଏହି ଜମା ଯୋଜନାରେ ପୁଞ୍ଜି ନିବେଶ ପୂର୍ବକ ଜନସାଧାରଣ ନିଜର ଭବିଷ୍ୟତ ଆର୍ଥିକସ୍ଥିତି ସୁଦୃଢ଼ କରିବାର ସୁଯୋଗ ନିଅନ୍ତୁ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ସ୍ୱଳ୍ପ ସଞ୍ଚୟକୁ ଅଧିକ ଲୋକପ୍ରିୟ କରାଇବା ଦିଗରେ ବିଶେଷ ସହାୟକ ହୋଇପାରିଛି ।

ମିତବ୍ୟୟିତା ଆଚରଣ ପୂର୍ବକ ଆର୍ଥିକ ସ୍ୱାବଲମ୍ବନତା ହାସଲ କରିବା ଆଜିର ଦିନରେ ଆମ ସମସ୍ତଙ୍କର ସଂକଳ୍ପ ହେଉ ।

ଆମ ସମସ୍ତଙ୍କର ମିଳିତ ସହଯୋଗ ଓ ନିଷ୍ଠାପର ଉଦ୍ୟମ ଦ୍ୱାରା ବିଶ୍ୱ ମିତବ୍ୟୟିତା ଦିବସ ପାଳନର ଉଦ୍ଦେଶ୍ୟ ସାଧିତ ହେବ ବୋଲି ମୁଁ ଆଶା କରୁଛି ।

(ଗଣେଶୀ ଲାଲ)



### ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆନନ୍ଦର କଥା ପ୍ରତିବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ମାସ ୩୦ ତାରିଖ ଦିନ ବିଶ୍ୱ ମିତବ୍ୟୟିତା ଦିବସ ପାଳନ କରାଯାଉଛି ।

ଆର୍ଥିକ ବିକାଶ ପାଇଁ ସମ୍ବଳର ସଦୁପଯୋଗ ଏକାନ୍ତ ଅପରିହାର୍ଯ୍ୟ । ଉପଲବ୍ଧ ଏବଂ ଅର୍ଜିତ ସମସ୍ତ ସମ୍ବଳର ବିନିଯୋଗରେ ମିତବ୍ୟୟିତା ଅବଲମ୍ବନ ଦ୍ୱାରା ହିଁ ପ୍ରକୃତ ବିକାଶ ଲକ୍ଷ୍ୟ ହାସଲ କରାଯାଇପାରିବ । ସୁବିନିଯୋଗ ଓ ମିତବ୍ୟୟିତା ଗୋଟିଏ ମୁଦ୍ରାର ପାର୍ଶ୍ୱ ସଦୃଶ । ଅନାବଶ୍ୟକ ବ୍ୟୟ ହ୍ରାସ କରାଯିବା ସହିତ ଉପଲବ୍ଧ ଅର୍ଥର ସୁବିନିଯୋଗ ନାଗରିକଙ୍କୁ ସୁରକ୍ଷା ଯୋଗାଇବା ସହିତ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ । ମିତବ୍ୟୟିତା ସଞ୍ଚୟକୁ ପ୍ରୋତ୍ସାହିତ କରିଥାଏ । ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବ୍ୟକ୍ତି ବିଶେଷଙ୍କ ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୋଇଥାଏ । ରାଷ୍ଟ୍ର ନିର୍ମାଣରେ ମଧ୍ୟ ଏହା ବିଶେଷ ସହାୟକ ହୋଇଥାଏ ।

ରାଜ୍ୟ ସରକାରଙ୍କ ତରଫରୁ ସ୍ୱଳ୍ପ ସଞ୍ଚୟ ଜମାକାରୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରୋତ୍ସାହନ ଯୋଜନା ପ୍ରଚଳନ କରାଯାଇଅଛି । ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସହିତ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନାରେ ଅର୍ଥ ବିନିଯୋଗ କରି ନିଜର ତଥା ରାଜ୍ୟର ଆର୍ଥିକ ବିକାଶରେ ଭାଗୀଦାର ହେବାପାଇଁ ମୁଁ ଏ ଅବସରରେ ନିବେଦନ କରିବା ସହିତ ବିଶ୍ୱ ମିତବ୍ୟୟିତା ଦିବସର ଅପାର ସଫଳତା କାମନା କରୁଅଛି ।

(ନବୀନ ପଟ୍ଟନାୟକ)



### ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀଙ୍କ ବାର୍ତ୍ତା

ଅକ୍ଟୋବର ୩୦ ତାରିଖରେ ଆମ ଦେଶର ସବୁ ରାଜ୍ୟରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହେଉଅଛି । ଏହି ଉପଲକ୍ଷେ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ସଞ୍ଚୟର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । ନିଜର ଉପାର୍ଜିତ ଧନରୁ କିଛି ଅର୍ଥ ଭବିଷ୍ୟତର ଆବଶ୍ୟକତା ପାଇଁ ସଞ୍ଚୟ କରି ରଖିବା ଆମ ସମସ୍ତଙ୍କ ପାଇଁ ଏକାନ୍ତ ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ । ମିତବ୍ୟୟୀ ହେଲେ ସଞ୍ଚୟ କରିବା ସହଜସାଧ୍ୟ ହୋଇଥାଏ ।

ଆର୍ଥିକ ବିକାଶ କ୍ଷେତ୍ରରେ ସ୍ୱଳ୍ପ ସଞ୍ଚୟର ଭୂମିକା ଅନନ୍ୟ । ବ୍ୟକ୍ତିର ଆର୍ଥିକ ସ୍ୱଚ୍ଛଳତା ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ସ୍ୱଳ୍ପ ସଞ୍ଚୟ ଯୋଜନା ଏକ ସରଳ ଏବଂ ପ୍ରକୃଷ୍ଟ ମାଧ୍ୟମ । ଏହାର ଆକର୍ଷଣୀୟ ସୁଧହାର ଏବଂ ବିଭିନ୍ନ ସୁରକ୍ଷିତ ଜମା ଯୋଜନା ପ୍ରତ୍ୟେକଙ୍କୁ ଆକୃଷ୍ଟ କରିଥାଏ । ରାଜ୍ୟର ସମସ୍ତ ଡାକଘର ଓ ରାଷ୍ଟ୍ରାୟତ ବ୍ୟାଙ୍କମାନଙ୍କରେ ଏହି ସ୍ୱଳ୍ପ ସଞ୍ଚୟ ଯୋଜନାଗୁଡିକ ଉପଲବ୍ଧ । ତେଣୁ ଦୈନନ୍ଦିନ ଖର୍ଚ୍ଚରେ ମିତବ୍ୟୟିତା ଅବଲମ୍ବନ କରି ସଞ୍ଚୟକୁ ଅଭ୍ୟାସରେ ପରିଣତ କରିବା ଆଜିର ସଂକଳ୍ପ ହେଉ । ଏହି ଅଭ୍ୟାସ ବ୍ୟକ୍ତିର ଭବିଷ୍ୟତ ଜୀବନକୁ ସୁଗମ ତଥା ସୁଖମୟ କରିବାରେ ବିଶେଷ ସହାୟକ ହୋଇଥାଏ ।

ସ୍ୱଳ୍ପ ସଞ୍ଚୟ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା ପ୍ରଚଳନ କରିଛନ୍ତି । ଏଥିରେ ବର୍ଷକୁ ୨୪୨୮ ଗୋଟି ଆକର୍ଷଣୀୟ ନଗଦ ପୁରସ୍କାରର ବ୍ୟବସ୍ଥା କରାଯାଇଅଛି । ପ୍ରଥମ ପୁରସ୍କାରର ମୂଲ୍ୟ ୫ଲକ୍ଷ ଟଙ୍କା ରହିଥିବାବେଳେ, ସର୍ବନିମ୍ନ ପୁରସ୍କାର ମୂଲ୍ୟ ୨୦୦୦ ଟଙ୍କା ରହିଅଛି ।

ଏଣୁ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ଅନୁରୋଧ, ସେମାନେ ସ୍ୱଳ୍ପ ସଞ୍ଚୟ ଯୋଜନାରେ ସକ୍ରିୟ ଅଂଶ ଗ୍ରହଣ କରି ନିଜର ଆର୍ଥିକ ସ୍ଥିତିକୁ ସୁରକ୍ଷିତ କରିବା ସଂଗେ ସଂଗେ ରାଜ୍ୟ ଓ ଦେଶର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

ଏହି ଅବସରରେ ମୁଁ ବିଶ୍ୱ ମିତବ୍ୟୟିତା ଦିବସର ସଫଳତା କାମନା କରୁଅଛି ।

(ନିରଞ୍ଜନ ପୂଜାରୀ)

05001/13/0012/1920

ମୁଁ ଜଣେ ଭକ୍ତ ନୁହେଁ। ମୁଁ ମଧ୍ୟ ଜଣେ ଜ୍ଞାନୀ ନୁହଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହଁ। ମୁଁ ତା'ହେଲେ କ'ଣ ? ମୋର ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ-ପବନରେ ଉଡିଯାଉଥିବା ପତ୍ରଟିଏ।
–ଶ୍ରୀଅରବିନ୍ଦ

# ବୋର୍‌ୱେଲ୍‌ରେ ମୃତ୍ୟୁ

ତାମିଲନାଡୁର ତିରୁଚିରାପଲ୍ଲୀରେ ୨ ବର୍ଷର ବାଳକ ସୁଜିତ ୱିଲ୍‌ସନ ୮୮ ଫୁଟ ଖୋଳା ଯାଇଥିବା ଏକ ବୋର୍‌ୱେଲ୍‌ରେ ୨୫ ଅକ୍ଟୋବରରେ ପଡ଼ିଯାଇଥିଲେ। ଏଭଳି ଦୁର୍ଘଟଣା ଭାରତବର୍ଷର ବିଭିନ୍ନ ସ୍ଥାନରେ ଘଟୁଥିବାର ବାରମ୍ବାର ପରିଲକ୍ଷିତ ହେଉଛି। ଏହା ସତ ଯେ, ଏପରି ଦୁଃଖଦାୟକ ଘଟଣା ଟେଲିଭିଜନ୍ ଚ୍ୟାନେଲଗୁଡ଼ିକୁ ଦୀର୍ଘ ସମୟ ସକାଶେ ଖାଦ୍ୟ ଯୋଗାଉଛି। କିନ୍ତୁ ଯେଉଁ ମାତାପିତାଙ୍କ ସନ୍ତାନ ଦୁର୍ଘଟଣାର ଶିକାର ହେଉଛନ୍ତି, ସେମାନଙ୍କ ମାନସିକ ଯନ୍ତ୍ରଣା ବୁଝିବା ସମ୍ଭବପର ହେଉନାହିଁ। ସେଥିପାଇଁ, ହୁଏତ, କୌଣସି ସାମାଜିକ ସଚେତନତା ବୃଦ୍ଧି ପାଉନାହିଁ।

ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ଏବଂ ଡାକ୍ତରୀ ଦଳଙ୍କ ଶତ ଚେଷ୍ଟା ସତ୍ତ୍ୱେ ୨୯ ଅକ୍ଟୋବର ସକାଳେ ସୁଜିତଙ୍କ ମୃତ୍ୟୁ ଘଟିଛି। ଏଠାରେ ମନେପଡ଼େ, ୧୩ ବର୍ଷ ତଳେ ହରିୟାଣାର କୁରୁକ୍ଷେତ୍ରରେ ୪ ବର୍ଷୀୟ ପ୍ରିନ୍ସ ନାମକ ଜଣେ ବାଳକ ବୋର୍‌ୱେଲ୍‌ରେ ପଡ଼ି ଦୀର୍ଘ ଘଣ୍ଟା ସେଥିରେ ରହିବା ପରେ ତାଙ୍କୁ ଅତିକଷ୍ଟରେ ଉଦ୍ଧାର କରାଯାଇପାରିଥିଲା। ସେହିପରି ଓଡ଼ିଶାର ଅନୁଗୋଳ ଜିଲା କିଶୋରନଗର ବ୍ଲକ ଜାମୁନାଳି ପଞ୍ଚାୟତ ବୋଲାସର ଗ୍ରାମରେ ୨୦୧୭ ଡିସେମ୍ବର ୨୫ରେ ଦୁଇ ବର୍ଷର ଶିଶୁକନ୍ୟା ରାଧାରାଣୀ ୯୦ ଫୁଟ ବିଶିଷ୍ଟ ବୋର୍‌ୱେଲ୍‌ର ୧୩ ଫୁଟ ଗଭୀରରେ ଥିବା ଏକ ପଥର ଉପରେ ଅଟକି ଯାଇଥିଲେ। ୭ ଘଣ୍ଟାର ପ୍ରୟାସ ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଦେଖିବାକୁ ଗଲେ ଉଦ୍ଧାର ପାଇ ଜୀବନ ଫେରିପାଉଥିବା ପିଲାଙ୍କ ସଂଖ୍ୟା ଅତି କମ୍।

ପ୍ରତି କ୍ଷେତ୍ରରେ ବେଖାତିର ବା ଖାମଖିଆଲ ମନୋଭାବ ପୋଷଣ କରିବା ହେଉଛି ଭାରତୀୟ ଚରିତ୍ର। ନିଜ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ନ ଥିବାରୁ ସେଗୁଡ଼ିକ ଅଧାପନ୍ତରିଆ ରହିଯାଇଥାଏ। ଫଳରେ ଅନ୍ୟମାନେ ଅସୁବିଧା ଭୋଗିଥାଆନ୍ତି। ଜଳ ପାଇବା ପାଇଁ ଲୋକେ ବୋର୍‌ୱେଲ୍ ଉପରେ ବିଶେଷଭାବେ ନିର୍ଭର କରୁଥିବାରୁ ଗଭୀର ନଳକୂପ ଖୋଳିଥାଆନ୍ତି। ଦେଖାଯାଉଛି କେତେକ ସ୍ଥାନରେ ଅନେକେ ତାହାକୁ ଖୋଳିଦେଇ ବ୍ୟବହାର ଉପଯୋଗୀ ନ ହେଉଥିବାରୁ ଖୋଲା ଛାଡ଼ି ଦେଉଛନ୍ତି। ଫଳରେ ଛୋଟ ପିଲାମାନେ ଖେଳିବା ବା ବୁଲାବୁଲି କଲା ବେଳେ ସେଥିରେ ଖସିପଡୁଛନ୍ତି। ଏଭଳି ସ୍ଥଳେ ବୋର୍‌ୱେଲ୍ ଖୋଳୁଥିବା ବ୍ୟକ୍ତିଙ୍କ ଦାୟିତ୍ୱହୀନତା ଯୋଗୁ ଘଟୁଥିବା ମୃତ୍ୟୁ ପାଇଁ ତାଙ୍କ ବିରୋଧରେ ହତ୍ୟା ମକଦ୍ଦମା ରୁଜୁ କରିବା ଆବଶ୍ୟକ ହୋଇପଡ଼ିଲାଣି।

ଉଦ୍ଧାର କରାଯିବା ବିଷୟକୁ ଦେଖିଲେ ବୋର୍‌ୱେଲ୍‌ରୁ ପିଲାଙ୍କୁ ରକ୍ଷାକରିବା ସହଜ ନୁହେଁ। ଗର୍ତ୍ତର ଆକାର ଛୋଟ ଥିବାରୁ ଅଦ୍ୟାବଧି ଆଧୁନିକ ଯନ୍ତ୍ରପାତି ଉପଲବ୍ଧ ହୋଇପାରୁ ନାହିଁ। ପାଇପ୍ ଯୋଗେ ଅମ୍ଳଜାନ ଯୋଗାଇବା କିମ୍ବା ଗର୍ତ୍ତର ନିକଟବର୍ତ୍ତୀ ସ୍ଥାନରେ ବଡ଼ ଆକାରର ଗାତ ଖୋଳାଯାଇ ଉଦ୍ଧାର କରାଯିବାରେ ହାତଗଣତି ସଫଳତା ମିଳିପାରିଛି। ଏହା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ।

କେବଳ ବୋର୍‌ୱେଲ୍‌ରେ ସାନପିଲା ପଡ଼ିଯିବାରେ ଭାରତୀୟଙ୍କ ଅବହେଳା ଶେଷ ହେଉନାହିଁ। ଏକ ଜାତୀୟ ଚରିତ୍ର ଭାବେ ଆମେ ଅନ୍ୟ କାହାରି ସୁରକ୍ଷା ପ୍ରତି ଧ୍ୟାନ ଦେଉନାହୁଁ। ଏହାର ଅନ୍ୟ ଏକ ଜ୍ୱଳନ୍ତ ଉଦାହରଣ ନିକଟରେ ଦେଶବ୍ୟାପୀ ଦେଖିବାକୁ ମିଳିଥିଲା। ଗୁଜରାଟରୁ ଓଡ଼ିଶା ପର୍ଯ୍ୟନ୍ତ ସବୁଆଡ଼େ ନୂତନ ଟ୍ରାଫିକ୍ ଆଇନ ଲାଗୁ କରିବାର ସରକାରଙ୍କ ଉତ୍ତମ ପ୍ରୟାସକୁ ସମସ୍ତେ ମିଳିମିଶି ବିରୋଧ କରିଥିଲେ। ଏପରି କି ସରକାରୀ ଗାଡ଼ିକୁ ଅଟକାଇ ତାହାର କାଗଜପତ୍ର ଯାଞ୍ଚ କରିବା ପର୍ଯ୍ୟନ୍ତ କଥା ଗଲା। ଏଭଳି ମନୋଭାବ ପୋଷଣ କରିବାର ଅର୍ଥ ହେଉଛି, ଆମେ କେହି କାହାରି ସୁରକ୍ଷା ଚିନ୍ତା କରୁନାହୁଁ। ଭୁଲିଯାଉଛୁ ଯେ, ଅନ୍ୟ ଲୋକ ସୁରକ୍ଷିତ ରହିବା ସହିତ ଆମେ ନିଜେ ସୁରକ୍ଷା ପାଇପାରିବୁ। ନିଜ ଉପରେ ବିପଦ ପଡ଼ିଲେ ସରକାର ଏବଂ ବ୍ୟବସ୍ଥାକୁ ଗାଳିଦେବା ପାଇଁ ତତ୍ପର। ଅନ୍ୟ ଉପରେ ପଡ଼ିଲେ ମୋବାଇଲ ଫୋନ୍ କାଢ଼ି ଭିଡିଓ କରିବାରେ ବ୍ୟସ୍ତ। ଏହା ହେଉଛି ନୂତନ ଭାରତର ନବଜାତ ଚରିତ୍ର।

# ବିବେକାନନ୍ଦଙ୍କ ଦୃଷ୍ଟିରେ ପ୍ରତୀକ ଉପାସନା



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସ୍ୱାମୀ ବିବେକାନନ୍ଦଙ୍କ ରାଜପୁତାନା ପରିଭ୍ରମଣ ସମୟର କଥା। ଅଲୱାରର ରାଜା ମଙ୍ଗଲ ସିଂହଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ମହାରାଜା ସ୍ୱାମିଜୀଙ୍କୁ ପଚାରିଲେ, ମୁଁ ମୂର୍ତ୍ତି ପୂଜାରେ ବିଶ୍ୱାସ ରଖେ ନାହିଁ। ପଥର, ମାଟି, କାଠ, ଧାତୁକୁ ମୁଁ ପୂଜା କରେ ନାହିଁ। ଏଥିପାଇଁ କ'ଣ ପରଜନ୍ମରେ ମୋର ଅଧୋଗତି ହେବ। ହଠାତ୍ ସ୍ୱାମିଜୀଙ୍କ ଦୃଷ୍ଟିରେ ପଡ଼ିଲା କାନ୍ଥରେ ଟଙ୍ଗା ହୋଇଥିବା ମହାରାଜାଙ୍କର ଏକ ଫଟୋଚିତ୍ର। ସ୍ୱାମିଜୀ ତାକୁ କାନ୍ଥରୁ ନେଇଆସି ଏହା କାହାର ଫଟୋଚିତ୍ର ବୋଲି ପଚାରନ୍ତେ ଦେୱାନ କହିଲେ, ତାହା ହେଉଛି ମହାରାଜାଙ୍କ ଫଟୋଚିତ୍ର। ବିବେକାନନ୍ଦ ଦେୱାନଙ୍କୁ ସେହି ଫଟୋଚିତ୍ର ଉପରେ ଛେପ ପକାଇବାକୁ କହନ୍ତେ, ଦେୱାନ ଭୟରେ ଥରିଉଠି କହିଲେ, ସ୍ୱାମିଜୀ ଏହା କିପରି ସମ୍ଭବ ? ଏହା ହେଉଛି ମହାରାଜାଙ୍କ ଫଟୋଚିତ୍ର। ସ୍ୱାମିଜୀ କହିଲେ, ଏହି ଫଟୋଚିତ୍ରରେ ମହାରାଜାଙ୍କ ଶାରୀରିକ ଅସ୍ତିତ୍ୱ ନାହିଁ। ଏହା ଖଣ୍ଡେ କାଗଜ ମାତ୍ର। ତଥାପି ଆପଣ ଏହା ଉପରେ ଛେପ ପକାଇବାକୁ ସାହସ କରୁନାହାନ୍ତି, କାରଣ ଏହି ଫଟୋଚିତ୍ର ଭିତରେ ଆପଣ ମହାରାଜାଙ୍କ ଅସ୍ତିତ୍ୱକୁ ଅନୁଭବ କରୁଛନ୍ତି। ମଙ୍ଗଲ ସିଂହଙ୍କୁ ଲକ୍ଷ୍ୟ କରି ସ୍ୱାମିଜୀ କହିଲେ, ମହାରାଜ! ଠିକ୍ ସେପରି କାଠ, ପଥର, ମାଟି, ଧାତୁ ନିର୍ମିତ ମୂର୍ତ୍ତି ମଧ୍ୟରେ ଭକ୍ତମାନେ ସେମାନଙ୍କ ଈଶ୍ୱରଙ୍କୁ ଅନୁଭବ କରନ୍ତି। ସେମାନେ ମୂର୍ତ୍ତିକୁ ପୂଜା କରନ୍ତି ନାହିଁ। ମୂର୍ତ୍ତି ଭିତରେ ଅନୁଭବ କରୁଥିବା ଈଶ୍ୱରଙ୍କୁ ପୂଜା କରନ୍ତି। ଏହି ଉତ୍ତର ମହାରାଜାଙ୍କ ଆଖି ଖୋଲିଦେଇଥିଲା। ବିବେକାନନ୍ଦ ମନ୍ଦିର, ଗିର୍ଜା, ଧର୍ମଶାସ୍ତ୍ର ବର୍ଣ୍ଣିତ ବିଭିନ୍ନ ପ୍ରତୀକ ଓ ଉପାସନାର ଉପଚାରଗୁଡ଼ିକୁ ଧର୍ମ ଚାଟଶାଳୀର ଶିଶୁ ଶ୍ରେଣୀ ବୋଲି କହୁଥିଲେ। ଆଧ୍ୟାତ୍ମିକ ଶିଶୁଟିଏ ସେଠାରୁ ତା'ର ପାଠ ଆରମ୍ଭ କରେ, ମାତ୍ର ସେହି ଶ୍ରେଣୀରେ ସେ ଜୀବନଯାକ ପଡି ରହେନାହିଁ। ଆଗକୁ ସେ ଅଧିକ ମେଧାଶକ୍ତି ଘଟାଏ। ଅଧିକ ପଢ଼େ ଓ ପରିପକ୍ୱତା ହାସଲ କରେ। ତା'ର ଉତ୍ତରଣ ଘଟେ। ଚେତନାର ବିକାଶ ହୁଏ। ଆମେ ଯେତେବେଳେ ଚାରାଟିଏ ଲଗାଉ, ପ୍ରଥମେ ତାକୁ ରକ୍ଷା କରିବା ପାଇଁ ତା'ର ଚାରିପଟେ ବାଡ଼ ଘେରାଇଦେଉ, କାଳେ ଗୋରୁ ଖାଇଦେବେ! ମାତ୍ର ଗଛଟି ବଡ଼ ହୋଇଗଲା ପରେ ସେହି ବାଡ଼କୁ ଉଠାଇଦେଉ। ଗଛଟି ସାନ ଥିବା ବେଳେ ଯେଉଁ ବାଡ଼ର ଆବଶ୍ୟକତା ଥିଲା, ବଡ଼ ହେବା ପରେ ତା'ର ଆଉ ଆବଶ୍ୟକତା ରହେ ନାହିଁ। ଆଧ୍ୟାତ୍ମିକ ଜୀବନ ମଧ୍ୟ ଠିକ୍ ସେହିପରି। ପ୍ରଥମ ଅବସ୍ଥାରେ ପ୍ରତୀକ ଓ ବିଭିନ୍ନ ଉପଚାର ରହିପାରେ, କାରଣ ତାହା ଆଧ୍ୟାତ୍ମିକତା ରୂପକ ଚାରାଗଛଟିକୁ ବଢ଼ିବାରେ ସାହାଯ୍ୟ କରିବ। ମାତ୍ର ବିବେକାନନ୍ଦଙ୍କ ଭାଷାରେ ଏହି ପ୍ରତୀକଗୁଡ଼ିକୁ, ବିଧିଗୁଡ଼ିକୁ ଓ ବାହ୍ୟ ରୂପଗୁଡ଼ିକୁ ଚିରକାଳ ଅନୁସରଣ କରିବାକୁ ହେବ ବୋଲି ଯଦି କୌଣସି ବ୍ୟକ୍ତି କହୁଥାଏ, ତେବେ ମୁଁ କହିବି ସେ ସମ୍ପୂର୍ଣ୍ଣ ଭୁଲ କହୁଛି। ମାତ୍ର ଏହିସବୁ ପ୍ରତୀକ ଓ ଉପାସନା ବିଧି ଆତ୍ମାର ଅଭିବୃଦ୍ଧି ନିମନ୍ତେ ସହାୟକ ହୁଅନ୍ତି। ଆତ୍ମାର ନିମ୍ନତର ଓ ଅବିକଶିତ ଅବସ୍ଥା ସମୟରେ ତାକୁ ସାହାଯ୍ୟ କରନ୍ତି ବୋଲି ଯଦି କିଏ କହେ, ତେବେ ସେ ଠିକ୍ କଥା କହୁଛି ବୋଲି ଅବଶ୍ୟ ସ୍ୱୀକାର କରିବି। ମନ୍ଦିର, ମସ୍‌ଜିଦ, ଗିର୍ଜା ଆଦିକୁ ଯାଇ ସେଠି ଉପାସନା କରିବାକୁ ସ୍ୱାମିଜୀ ଆଧ୍ୟାତ୍ମିକ ଜୀବନର ଶିଶୁ ଶ୍ରେଣୀ ବୋଲି କହି ସେଠାରେ ଚିରକାଳ ପଡ଼ି ନ ରହି ଉତ୍ତରିତ ହେବା ପାଇଁ ଆହ୍ୱାନ ଦେଉଥିଲେ। ତାଙ୍କରି ଭାଷାରେ କୌଣସି ମନ୍ଦିରରେ ଜନ୍ମ ହେବା ଏକ ଉତ୍ତମ କଥା, ମାତ୍ର ଯେଉଁ ବ୍ୟକ୍ତି ମରିବା ବେଳେ ମଧ୍ୟ ମନ୍ଦିର ବା ଗୀର୍ଜାଟି ଭିତରେ ବନ୍ଦୀ ହୋଇ ରହିଯାଇଛି, ତେବେ ତାହାକୁ ତା'ର ଦୁର୍ଭାଗ୍ୟ ବୋଲି କୁହାଯିବ। ଅନ୍ୟ ଏକ ଅବସରରେ ସେ କହିଛନ୍ତି, ଯଦି ଜଣେ ଅଳ୍ପ ବୟସ୍କ ମଣିଷ ମନ୍ଦିର ଯାଉନାହିଁ, ତେବେ ତାହା ଅବଶ୍ୟ ଅନୁଚିତ କଥା ଏବଂ ଯଦି ଜଣେ ପ୍ରାପ୍ତବୟସ୍କ ବଡ଼ ମଣିଷ ମଧ୍ୟ ସେହି ମନ୍ଦିର ସହିତ ଆପଣାର ଧର୍ମ ଜୀବନକୁ ବାନ୍ଧି ରଖିଛି ତାହା ମଧ୍ୟ ସମାନ ଭାବରେ ଏକ ଅନୁଚିତ କଥା।

ଯାବତୀୟ ପ୍ରତୀକ ଉପାସନା ସମ୍ପର୍କରେ ସ୍ୱାମିଜୀ ସତର୍କ କରି କହୁଥିଲେ, ପ୍ରତୀକମାନଙ୍କର ଉପାସନା କଲାବେଳେ ଯଦି ଆମେ ପରମେଶ୍ୱରଙ୍କ ଉପାସନା କରୁଛୁ ବୋଲି ଭାବିବା ତେବେ ଆମେ ଭୁଲ କରିବା। କୌଣସି ମୂର୍ତ୍ତିକୁ କିମ୍ବା ମୃତ ବ୍ୟକ୍ତିମାନଙ୍କର ପ୍ରେତ ଓ ଆତ୍ମାମାନଙ୍କୁ ପୂଜାକରି ଯଦି କେହି ତଦ୍ୱାରା ମୁକ୍ତି ମିଳିବ ବୋଲି ଭାବୁଥିବ, ତେବେ ସେ ଭୁଲ କରୁଛି ବୋଲି କୁହାଯିବ। ଯଦି ଆମେ ମୂର୍ତ୍ତିଟିକୁ ଭୁଲିଯାଇପାରୁଥିବା ଏବଂ ତା' ଭିତରେ ଭଗବାନଙ୍କୁ ହିଁ ଦେଖୁଥିବା, ତେବେ ଆମେ ହୁଏତ ଯେ କୌଣସି ପଦାର୍ଥକୁ ପୂଜା କରିପାରିବା। ଆମେ ଭଗବାନ ରୂପେ ଅବଶ୍ୟ ଏକ ଛବିର ପୂଜା କରିବା ସିନା, ମାତ୍ର ଛବିଟିକୁ ଭଗବାନ ବୋଲି ଭାବିବା ନାହିଁ। ମୂର୍ତ୍ତିଟି ଭିତରେ ରହିଥିବା ଭଗବାନ ଉପଲବ୍ଧିରେ କୌଣସି ଦୋଷ ନାହିଁ। କୌଣସି ବିପଦ ନାହିଁ। ମାତ୍ର ଭଗବାନ-ମୂର୍ତ୍ତି, ସେଇଟା କେବଳ ପ୍ରତୀକ ମାତ୍ର। ବେଳେବେଳେ ସ୍ୱାମିଜୀ ମୂର୍ତ୍ତିପୂଜାର ନକାରାତ୍ମକ ଦିଗକୁ ସମାଲୋଚନା କରିବାକୁ ପଛାଉ ନ ଥିଲେ। ଏକଦା ସେ କହିଥିଲେ ଘଣ୍ଟା ବାଜୁଛି, ଚଅଁର ପକା ହେଉଛି। ଭଗବାନଙ୍କ ପାଇଁ ଭାତଥାଳି ନେଇ ତାଙ୍କ ଆଗରେ ରଖି ଦିଆଯାଉଛି। ସେହି ଉପଚାରରେ ଦଶ ମିନିଟ୍ କି ଅଧଘଣ୍ଟାଏ ଚାଲିଯାଉଛି। ଏସବୁକୁ ତାଙ୍କ କାର୍ଯ୍ୟ ବୋଲି କଦାପି କୁହାଯିବ ନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚକରି କାଶୀ ବା ବୃନ୍ଦାବନର ଠାକୁର ମନ୍ଦିରରେ କବାଟ ଖୋଲୁଛି ଆଉ ପଡ଼ିଯାଉଛି। ପୁଣି କୁହାଯାଉଛି, ବର୍ତ୍ତମାନ ଠାକୁର ଲୁଗା ବଦଳାଉଛନ୍ତି, ବର୍ତ୍ତମାନ ଠାକୁର ଭାତ ଖାଉଛନ୍ତି ବା ବର୍ତ୍ତମାନ ଠାକୁର ସନ୍ତାନହୀନ ଆଣ୍ଠୁକୁଡ଼ୀଙ୍କ ସନ୍ତାନଗୁଡ଼ିକୁ ନିଜ ହାତରେ ତିଆରି କରୁଛନ୍ତି। ତେବେ ଜିଅନ୍ତା ଠାକୁର ଅନ୍ନ ବିନା, ବିଦ୍ୟା ବିନା ମରିବାରେ ଲାଗିଛି। ବିବେକାନନ୍ଦ କହୁଥିଲେ ଧନୀ ଲୋକମାନେ ଇତର ପ୍ରାଣୀମାନଙ୍କ ପାଇଁ ଡାକ୍ତରଖାନା ତିଆରି କରୁଛନ୍ତି ଅଥଚ ମଣିଷ ମରୁଥାଉ, ସେଥିରେ ତାଙ୍କର କିଛି ଯାଉ ନାହିଁ କି ଆସୁନାହିଁ। ସେ ବାରମ୍ବାର କହୁଥିଲେ ମଣିଷ ହେଉଛି ପରମେଶ୍ୱରଙ୍କର ସର୍ବୋଚ୍ଚ ପୂଜାସ୍ଥଳୀ ଓ ମନୁଷ୍ୟ ମଧ୍ୟଦେଇ ତାଙ୍କର ପୂଜା କରିବା ହେଉଛି ସର୍ବୋଚ୍ଚ ଓ ସର୍ବୋତ୍ତମ ପୂଜା। ଯୁଗ ଯୁଗ ଧରି ଧର୍ମ କେବଳ କିଛି ନିର୍ବାଚିତ ଲୋକମାନଙ୍କ ହାତରେ ଥିଲା। କିଛି ପୁରୋହିତ ଗୋଷ୍ଠୀ ଧର୍ମକୁ ନିଜର ସମ୍ପତ୍ତିରେ ପରିଣତ କରି ରଖିଥିଲେ। ସେଥିପାଇଁ ତାହା ମନ୍ଦିର, ଗିର୍ଜା, ଶାସ୍ତ୍ର, ଉପଚାର ଓ ପ୍ରତୀକ ମଧ୍ୟରେ ଆବଦ୍ଧ ହୋଇ ରହିଥିଲା। ଈଶ୍ୱର ବାହ୍ୟିକତା ମଧ୍ୟରେ ବନ୍ଦୀ ହୋଇ ରହିଥିଲେ। ଆମେ ଯେତେବେଳେ ସେଗୁଡ଼ିକୁ ପରିହାର କରି ଆଧ୍ୟାତ୍ମିକ ତଥା ବୈଶ୍ୱିକ ଧର୍ମ ଭାବନା ପାଖରେ ପହଞ୍ଚିବା, ସେତେବେଳେ ଧର୍ମ ଯଥାର୍ଥ ଓ ଜୀବନ୍ତ ହେବ। ସେତେବେଳେ ତାହା ଆମ ସ୍ୱଭାବର ଏକ ଅଂଶ ହୋଇ ରହିବ।

ସ୍ୱାମିଜୀ କହୁଥିଲେ ଧର୍ମ ଶାସ୍ତ୍ରରେ ନାହିଁ, ସୂତ୍ର କିମ୍ବା ସିଦ୍ଧାନ୍ତଗୁଡ଼ିକରେ ନାହିଁ, ଅନ୍ଧ ଭାବରେ ବିଶ୍ୱାସ କରାଯାଉଥିବା କେତୋଟି କାହାଣୀ ଅଥବା ବିଧାନରେ ନାହିଁ। ବୁଦ୍ଧିର ସାହାଯ୍ୟରେ ଏଇଟା ବା ସେଇଟାକୁ ପ୍ରମାଣ କରି ଥୋଇଦେବାକୁ ମଧ୍ୟ ଧର୍ମ ବୋଲି କୁହାଯିବ ନାହିଁ। ଧର୍ମ ହେଉଛି being and becoming- କିଛି ହେବା ଏବଂ ସେହି ହେବା ପଥରେ ନିୟତ ଅଗ୍ରସର ହେଉଥିବା। ସ୍ୱାମିଜୀଙ୍କ ଦୃଷ୍ଟିରେ ଯଥାର୍ଥ ଧର୍ମ ପୁରାଣ କଳ୍ପନାର ଅନେକ ଊର୍ଦ୍ଧ୍ୱରେ। ପ୍ରକୃତ ଧର୍ମ କାଳ୍ପନିକ ପୁରାଣଗୁଡିକୁ ଆଶ୍ରୟ କରି ରହିପାରିବ ନାହିଁ। ପ୍ରତ୍ୟେକ ଧର୍ମର ନିଜସ୍ୱ ଶାସ୍ତ୍ର ରହିଛି ଏବଂ ଗୋଟିଏ ଧର୍ମର ଶାସ୍ତ୍ର ସହ ଅନ୍ୟ ଧର୍ମର ଶାସ୍ତ୍ରରେ ଅନେକ ସାମଞ୍ଜସ୍ୟ ରହିଛି। ତାହାକୁ ବୁଝିପାରୁ ନ ଥିବାରୁ ଧର୍ମକୁ ନେଇ କଳହ ଓ ଦ୍ୱନ୍ଦ୍ୱ ଲାଗିରହିଛି। ଏଣୁ ସେ କହୁଥିଲେ, ତୁମେମାନେ କାହିଁକି ବୃଥା ନିଜ ଭିତରେ କଳହ କରୁଛ ଓ ଲଢ଼ିବାରେ ଲାଗୁଛ। ଯେଉଁ ଭଗବାନଙ୍କୁ ତୁମେମାନେ ପ୍ରଚାର କରିବାକୁ ଇଚ୍ଛା କରୁଛ, ସେହି ଭଗବାନଙ୍କୁ ନିଜେ ଦେଖିଛ କି ଏବଂ ଯଦି ଦେଖିନାହଁ, ତେବେ ତୁମମାନଙ୍କର ଯାବତୀୟ ପ୍ରଚାର କରିବା ବୃଥା। ତେବେ କହିବାକୁ ହେବ ଯେ ତୁମେମାନେ ଯାହା କହୁଛ ତାହାକୁ ନିଜେ ଆଦୌ ସାଧ କରିନାହଁ। ପ୍ରତ୍ୟେକ ଧର୍ମରେ ଭଗବାନଙ୍କୁ ପ୍ରଚଣ୍ଡ ଶକ୍ତିଶାଳୀ, ପାପପୁଣ୍ୟର ବିଚାରକ ଓ ପାପୀର ଦଣ୍ଡଦାତା ବୋଲି ବର୍ଣ୍ଣନା କରାଯାଇଛି। ତେଣୁ ମଣିଷ ଭଗବାନଙ୍କୁ ଭୟ କରିଛି ଓ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପ୍ରତୀକର ପରିକଳ୍ପନା କରିଛି ଏବଂ ଉପାସନା କରିଛି। ମାତ୍ର ବିବେକାନନ୍ଦ କହୁଥିଲେ, ଭଗବାନଙ୍କୁ ଯଥାର୍ଥରେ ଲୋଡୁଥିବା ମଣିଷ ତାଙ୍କୁ କେବେ ଭୟ କରେ ନାହିଁ। ସେ ପରମ, ଅନନ୍ତ, ନିତ୍ୟ ଶୁଦ୍ଧ ଓ ନିତ୍ୟମୁକ୍ତ। ସେ ମଣିଷକୁ ଦଣ୍ଡ ବିଧାନ କରିବା ପାଇଁ ସିଂହାସନରେ ବସି ନାହାନ୍ତି। ସେ ସର୍ବଦା ଦୟାଶୀଳ ଓ ପ୍ରେମମୟ। ଭଗବାନଙ୍କୁ ଏହିପରି ଭାବରେ ଚିନ୍ତା କଲେ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆଉ ପ୍ରତୀକ ଓ ଉପାସନାର ଆବଶ୍ୟକତା ପଡ଼ିବ ନାହିଁ। କାତର ହୋଇ ସ୍ତୋତ୍ର ଓ ଭଜନ ଗାଇବାକୁ ହେବ ନାହିଁ। ଭଗବାନ ଏହି ସଂସାରରେ ନାହାନ୍ତି, ସେ ସ୍ୱର୍ଗରେ ଅଛନ୍ତି- ଏହି ବିଶ୍ୱାସ ତୁଟିଯିବ ଓ ସବୁ ମଣିଷ ଭିତରେ ଭଗବାନଙ୍କୁ ଉପଲବ୍ଧି କରିହେବ। ସେହି ସମୟରେ ଭାରତରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରତୀକ ଉପାସନାକୁ ସମ୍ପୂର୍ଣ୍ଣ ବିରୋଧ କରି ହଜାର ହଜାର ବର୍ଷ ଧରି ମୂର୍ତ୍ତି ପୂଜା କରୁଥିବା ଭାରତୀୟମାନଙ୍କୁ କ୍ଷୁବ୍ଧ କରିଥିଲେ। ମାତ୍ର ବିବେକାନନ୍ଦ ପ୍ରତୀକ ପୂଜାକୁ ସମ୍ପୂର୍ଣ୍ଣ ବିରୋଧ ନ କରି ଆଧ୍ୟାତ୍ମିକ ଜୀବନର ପ୍ରାରମ୍ଭିକ ସ୍ତର ଭାବରେ ଗ୍ରହଣ କରିନେଲେ ଓ କ୍ରମେ ସେଥିରୁ ଉତ୍ତରିତ ହୋଇ 'ଯତ୍ର ଜୀବ ତତ୍ର ଶିବ' ଉପଲବ୍ଧି କରିବା ପାଇଁ ଆହ୍ୱାନ ଦେଲେ। ମାତ୍ର ବିଡମ୍ବନାର ବିଷୟ ଯେ ଆଜି ପ୍ରତୀକ ପୂଜା ଈଶ୍ୱର ଉପଲବ୍ଧିର ପ୍ରାରମ୍ଭିକ ସ୍ତର ଭାବରେ ଗୃହୀତ ନ ହୋଇ ଈଶ୍ୱରପ୍ରାପ୍ତିର ଲକ୍ଷ୍ୟ ଭାବରେ ଗୃହୀତ ହୋଇଛି ଓ ମନୋରଞ୍ଜନର ମାଧ୍ୟମ ହୋଇଯାଇଛି।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼,
ମୋ-୯୪୩୭୩୨୯୨୬୩

# ସାହିତ୍ୟର ସଂକଳ୍ପ



ଅରୁଣ କୁମାର ପଣ୍ଡା

ହଁ, ଶହେବାର କହିବି, ସାହିତ୍ୟ ଗୋଟାଏ ସାଧନା- ସାଧନାର ଧାରା। ଏହି ଶବ୍ଦଟିକୁ କିଏ କେବେ ଉଦ୍ଭାବନ କରିଥିଲା କେଜାଣି, ସାହିତ୍ୟ କହିବା ବେଳକୁ ବୋଧ ହେଉଛି, ଏକ ସହିତ ସେ ଅନେକ, ଏକାଧିକ ଲୋକଙ୍କ ଏକତ୍ର ସମାବେଶ, ସ୍ୱଭାବ, ପ୍ରଭାବ ଓ ବିଭାବର ଆଦାନପ୍ରଦାନ-ବିଜ୍ଞାନ, ପ୍ରଜ୍ଞାନ ଓ ଅଭିଜ୍ଞାନର ସ୍ୱର ଏକତ୍ର। 'ସାହିତ୍ୟ ସାଧନ ନୁହେଁ, ସାଧନା!'ଏହି ଅଭିବ୍ୟକ୍ତି ଥିଲା ଶତାୟୁ ସାହିତ୍ୟ ସାଧକ ସ୍ୱର୍ଗତ ନିତ୍ୟାନନ୍ଦ ମହାପାତ୍ରଙ୍କର।

ସାହିତ୍ୟ କହିଲେ କଲମରୁ ନିର୍ଗତ କେତେଗୁଡ଼ିଏ ଗଦ୍ୟ, କବିତାର ସମାହାରକୁ ବୁଝାଏ ନାହିଁ। ସାହିତ୍ୟ ହୃଦୟକୁ ସ୍ପର୍ଶ କଲା ଭଳି ସମାଜକୁ ସଂସ୍କାରିତ କରିବା ପାଇଁ ତଥା ଚେତନାର ଊର୍ଦ୍ଧ୍ୱଗତି ପାଇଁ ହୃଦୟର ନିଚ୍ଛକ ଅଭିବ୍ୟକ୍ତି। ଏହି ସାଧନାଦୀପ୍ତ ଅଭିବ୍ୟକ୍ତିର ରସ ଆସ୍ୱାଦନର ସୁଯୋଗ ଦେଇଥିଲେ ବ୍ୟାସ, ବାଲ୍ମୀକି, କାଳିଦାସ, ଭବଭୂତିଙ୍କ ପରି ମହାନ୍ ସାଧକଗଣ ଏବଂ ଆଧୁନିକ କାଳରେ ରୁଷୋ, ଭଲଟାଏର, ମାଜିନି, ଗାରିବାଲ୍‌ଡିଙ୍କ ପରି ଅନେକ ପାଶ୍ଚାତ୍ୟ ସାରସ୍ୱତ ସାଧକ। ଆଧ୍ୟାତ୍ମିକ ସାହିତ୍ୟ କ୍ଷେତ୍ରରେ ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ରାମତୀର୍ଥ, ଶ୍ରୀଅରବିନ୍ଦ, ଶ୍ରୀଶଙ୍କର ଦେବ ଏବଂ ସର୍ବପଲ୍ଲୀ ଡ. ରାଧାକ୍ରିଷ୍ଣନଙ୍କ ପରି ଆହୁରି ଅନେକଙ୍କୁ ଆମେ ସାହିତ୍ୟ ସାଧକ ତାଲିକାର ଆଗ ଧାଡ଼ିରେ ରଖିପାରିବା।

ଓଡ଼ିଶାର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କଲାଭଳି ସାହିତ୍ୟ ସାଧକଙ୍କ ଅଭାବ ମଧ୍ୟ ନାହିଁ। ସେମାନଙ୍କ ମଧ୍ୟରେ ଆଦିକବି ସାରଳା ଦାସ, ଅଚ୍ୟୁତ, ଅନନ୍ତ, ଜଗନ୍ନାଥ, ବଳରାମ, ଯଶୋବନ୍ତ ଓ ଭୀମ ଭୋଇଙ୍କ ପରି ପ୍ରାଚୀନ ଏବଂ ମଧ୍ୟଯୁଗୀୟ କବି, ଲେଖକଙ୍କଠାରୁ ଆରମ୍ଭ କରି ବିଂଶଶତାବ୍ଦୀର ମହାନ୍ ବହୁ ସ୍ରଷ୍ଟା ଅଛନ୍ତି।

କୁହାଯାଇପାରେ ଯେ ଭାରତୀୟ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟ ବିବିଧ ଭାବରେ ପ୍ରଗତିର ଶୀର୍ଷ ସ୍ପର୍ଶ କରିପାରିଛି। ଓଡିଆ ସାହିତ୍ୟର ଉତ୍ତରଣରେ ପୂର୍ବସୂରୀମାନଙ୍କ ସହିତ ବର୍ତ୍ତମାନ ପିଢ଼ିର ସାଧନାରତ ସାହିତ୍ୟ ପ୍ରତିଭାମାନଙ୍କର ଯଥେଷ୍ଟ ଯୋଗଦାନ ରହିଛି। ସାହିତ୍ୟର ଉତ୍ତରଣ ଅର୍ଥ ସମାଜର ଉତ୍ତରଣ। ପ୍ରଖ୍ୟାତ କବି, ସାଧକ, ଶିକ୍ଷାବିତ ଡକ୍ଟର ମାୟାଧର ମାନସିଂହଙ୍କ ମତରେ କବି ଓ ଲେଖକ, ସମାଜର ଦଶଜଣରୁ ଜଣେ ନୁହନ୍ତି, ସେ ଦଶଜଣର ମୁଖପାତ୍ର। ଖଡ଼୍‌ଗଧାରୀ ବୀର ଜନତାର କଲ୍ୟାଣ ପାଇଁ ଯୁଦ୍ଧଭୂମିରେ ମଥା ପାତିଦିଏ ଅକାତରେ। ଲେଖନୀଧାରୀ କବି ମଧ୍ୟ ଠିକ୍ ସେହିପରି ଦେଶ ଓ ଜାତିର ଆହ୍ୱାନରେ କାରା ଓ ମୃତ୍ୟୁବରଣ କରେ। ରୁଷିଆ ଓ ଅନ୍ୟାନ୍ୟ ଅନେକ ଦେଶ ଯେଉଁଠି ଜନତା ବର୍ଷ ବର୍ଷ ଧରି ପ୍ରତିଷ୍ଠିତ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଯୁଦ୍ଧ କରି ଆସିଛି, ସେଠି ବହୁ କବି ଓ ଲେଖକ ଜାତୀୟ ଚେତନାର ମୁଖପାତ୍ର ଭାବରେ କଠୋର ଦୁଃଖ ବରଣ କରିଛନ୍ତି। ଦାନ୍ତେ ଏଥିପାଇଁ ତାଙ୍କ ପ୍ରିୟନଗରୀ ଫ୍ଲୋରେନ୍ସରୁ ନିର୍ବାସିତ ହୋଇଥିଲେ। ଦସ୍ତୋଭସ୍କି ଫାଶୀଖୁଣ୍ଟରେ ଝୁଲିବାକୁ ଯାଇଥିଲେ। ବରେଣ୍ୟ କବି ଓ ସାହିତ୍ୟ ସ୍ରଷ୍ଟାମାନଙ୍କର ଏହି ନିର୍ଯାତନାର କରୁଣ କାହାଣୀ ସମାଜର ଏହି ଗୋଷ୍ଠୀର ମର୍ଯ୍ୟାଦା ବଢାଇଦେଇଛି। ଆଧୁନିକ ପ୍ରତ୍ୟେକ ଲେଖକ ଓ କବି ଏହି ମର୍ଯ୍ୟାଦାକୁ ତାଙ୍କ ଚେତନାରେ ଚିର ଜାଗ୍ରତ କରି ରଖିବା ଉଚିତ।

ଲେଖକ, କବି ଏବଂ ସମଗ୍ର ସାହିତ୍ୟିକ ଗୋଷ୍ଠୀଙ୍କଠାରୁ ଦେଶ ଓ ଜାତି ବହୁତ କିଛି ଆଶା କରେ। କେବଳ ଗପ, କବିତା ଲେଖିବା, ଆବିଳ ପ୍ରେମର ପରିସ୍ଫୁଟନ, ଦୁର୍ବୋଧ ତଥା ଦ୍ୱ୍ୟର୍ଥବୋଧକ ଶାବ୍ଦିକ ଅଳଙ୍କାରରେ ସୁଶୋଭିତ ରଚନା କେବେ ସାହିତ୍ୟର ଆନ୍ତରିକ ଚେତନାକୁ ପ୍ରକଟିତ କରି ନ ପାରେ। ଏକବିଂଶ ଶତାବ୍ଦୀର ସାହିତ୍ୟ ସତେ ଯେପରି ଲକ୍ଷ୍ୟହୀନ ହୋଇପଡିଛି। ସରସ୍ୱତୀଙ୍କ ବରପୁତ୍ରମାନଙ୍କଠାରୁ ସମାଜ ଅନେକ କିଛି ଆଶାକରେ। ପ୍ରଗତିଶୀଳ ଅର୍ଥ ନୁହେଁ ମର୍ଯ୍ୟାଦାର ସବୁ ସୀମାକୁ ଲଙ୍ଘନ କରିବା। ଏହା ଜଣେ ଲେଖକ ସଦା ମନେରଖିବା ଆବଶ୍ୟକ।

ପ୍ରଖ୍ୟାତ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ମତରେ ତିନିପ୍ରକାର ଚେତନାରୁ ତିନି ପ୍ରକାରର ସାହିତ୍ୟ। ଜଣେ ମଣିଷ ଯେଉଁ ଭୂମିରେ ବିଚରଣ କରୁଥାଏ ତା'ର ଯାବତୀୟ ସର୍ଜନାତ୍ମକତା ସେହି ଭୂମିର ହୋଇ ରହିଥାଏ, ଜିଜ୍ଞାସା ଓ ସମୀକ୍ଷା ମଧ୍ୟ ସେହି ଭୂମିର ହୋଇ ରହିଥାଏ। ସାହିତ୍ୟର ଦୁଇଟି ପାର୍ଶ୍ୱ-ଗୋଟିଏ ସାହିତ୍ୟ-ଲେଖକର ପାର୍ଶ୍ୱ ଓ ଆରଟି ସାହିତ୍ୟ-ପାଠକର ପାର୍ଶ୍ୱ। ଯାବତୀୟ ସାହିତ୍ୟ ଲେଖିବାକୁ କାଳେ କାଳେ ଏକ ସର୍ଜନାତ୍ମକ ପ୍ରକ୍ରିୟା ରୂପେ ବୁଝାଯାଇ ଆସିଛି। ସାହିତ୍ୟର ଯଥାର୍ଥ ପାଠକକୁ ମଧ୍ୟ ସର୍ଜନାତ୍ମକ ହେବାକୁ ପଡିଥାଏ। ଯେମିତି ସବୁ ମଣିଷ ଲେଖକ ହୋଇପାରନ୍ତି ନାହିଁ, ସେମିତି ସବୁ ମଣିଷ ପାଠକ ମଧ୍ୟ ହୋଇପାରନ୍ତି ନାହିଁ। ଆପଣାକୁ ଦେବା ଲାଗି ରାଜି ହୋଇଗଲେ ସାରସ୍ୱତ ସାଧନାରୁ କାର୍ପଣ୍ୟ ଦୂର ହୁଏ ଏବଂ ଲେଖକର ଲେଖନୀ ପ୍ରବହମାନ ହୁଏ। ପାଠକ ମଧ୍ୟ ସେହି ଅନୁରୂପ ନିଜକୁ ଉନ୍ମୁକ୍ତ କରିବା ଆବଶ୍ୟକ। ସାହିତ୍ୟର ସଂକଳ୍ପ କେବଳ ବର୍ତ୍ତମାନକୁ ନୁହେଁ ଭବିଷ୍ୟତକୁ ମଧ୍ୟ ଉଚ୍ଚତର ଚେତନା ଆଡକୁ ନେଇଯିବା। ସାହିତ୍ୟ ସର୍ବାଗ୍ରେ ଏହି ଲକ୍ଷ୍ୟରେ ଅନୁପ୍ରାଣିତ ହେଲେ ଏହାର ଭବିଷ୍ୟତ ନିଶ୍ଚିତ ଭାବରେ ଉଜ୍ଜ୍ୱଳ, ଏଥିରେ ସନ୍ଦେହ ନାହିଁ।

ମର୍କତନଗର, କଟକ, ମୋ-୯୪୩୭୨୭୦୬୦୫

## ଏଇ ଭାରତରେ

ମଦ ବିରୋଧରେ ଏକ ନିଆରା ଯୁଦ୍ଧ ଦେଖିବାକୁ ମିଳିଛି ଗୁଜରାଟରେ। ଗାନ୍ଧୀନଗର ଜିଲାର କଲୋଲ ତହସିଲ ଅନ୍ତର୍ଗତ ପିୟାଜ ଗାଁରେ ବିବାହ ପୂର୍ବରୁ କନ୍ୟା ପରିବାରର ଲୋକମାନେ ବରର ପାଟି ଶୁଂଘିବା ପରମ୍ପରା ପ୍ରଚଳିତ ରହିଛି। କେବଳ ବର ନୁହନ୍ତି, କନ୍ୟା ପକ୍ଷର ପ୍ରାୟ ୨୫ ଜଣ ବର ପରିବାର ଲୋକମାନଙ୍କର ପାଟି ଓ ନିଃଶ୍ୱାସକୁ ଶୁଂଘିଥାନ୍ତି। ବର କିମ୍ବା ତାଙ୍କ ପରିବାରର ଲୋକମାନେ କାଳେ ମଦ୍ୟପାନ କରୁଥିବେ ତାହା ଜାଣିବା ପାଇଁ ଏପରି କରାଯାଏ। ଯଦି କେହି ମଦ ପିଇଥିବା ଜଣାପଡ଼େ ତେବେ ବାହାଘର ବନ୍ଦ ହୋଇଯାଏ। ଏହି ନିୟମ ନିର୍ବନ୍ଧ ସମୟରେ ପାଳନ କରାଯାଇଥାଏ। ବାହାହେବାକୁ ଆସିବାବେଳେ ମଧ୍ୟ ବର ଓ ବରଯାତ୍ରୀଙ୍କର ନିଶ୍ୱାସ ଶୁଂଘିବା ପରମ୍ପରା ରହିଛି। ଯଦି ଏମାନେ ମଦ ପିଇଥିବା ଜଣାପଡେ ତେବେ ବର ପକ୍ଷକୁ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ହୁଏ। ଗାଁରେ ଏହି ପରମ୍ପରା ୪ ବର୍ଷ ପୂର୍ବରୁ ଆରମ୍ଭ ହୋଇଛି ଓ ଏହାକୁ ଆରମ୍ଭ କରାଯିବା ପଛରେ ଏକ କାରଣ ବି ରହିଛି। ଗାଁରେ ମଦ ପିଇ ୧୫ ଜଣ ଯୁବକଙ୍କ ମୃତ୍ୟୁ ହେବା ପରେ ଏହି ନିୟମ ଲାଗୁ କରାଯାଇଛି। ମୃତ୍ୟୁ ପରେ ଏମାନଙ୍କ ପରିବାରର ଦୁର୍ଦ୍ଦଶା ବଢିଯାଇଥିଲା। ଏଣୁ ଏହି ଘଟଣା ପରେ ବର ଓ ତାଙ୍କ ପରିବାର ଲୋକମାନେ ମଦ ପିଅନ୍ତି କି ନାହିଁ ତାହା ଜାଣିବା ଲାଗି ଏଭଳି ନିୟମ ଲାଗୁ କରାଯିବା ପାଇଁ ପଞ୍ଚାୟତ ନିଷ୍ପତ୍ତି ନେଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଅକ୍ଟୋବର ୧୯୯୪**

- ଉପରାଷ୍ଟ୍ରପତି କେ.ଆର. ନାରାୟଣନ୍ ୮ ଦିନିଆ ଚାଇନା ଗସ୍ତ ଶେଷକରି ଭାରତ ଫେରିଲେ।
- ଅଯୋଧ୍ୟା ପ୍ରଶ୍ନ ଉପରେ କଥାବାର୍ତ୍ତା କରିବା ସମ୍ଭାବନାକୁ ବାବ୍ରୀ ମସ୍‌ଜିଦ କ୍ରିୟାନୁଷ୍ଠାନ କମିଟିର ଅଗ୍ରାହ୍ୟ।
- ବୋସନିଆ ବିରୋଧରେ ଲାଗୁ ହୋଇଥିବା ଅସ୍ତ୍ରଶସ୍ତ୍ର କଟକଣାକୁ ଉଠାଇ ନେବା ପାଇଁ ଆମେରିକାର ଜାତିସଂଘକୁ ଅନୁରୋଧ।

## ଚିରନ୍ତନୀ

ସେ ବାରତା ନ ଆସୁ ଏ ବିଜନ ପ୍ରବାସେ,
ସେ ସ୍ମୃତି ନ ଭାସୁ ଆଜି ଆଲୋକ ଆକାଶେ,
ଆଣିଛି ଯେ ସ୍ମୃତି ଧରି
ଯାଉ ସବୁ ଏଥି ମରି
ନିଭୃତ ଏ ଶୂନ୍ୟ କୋଣେ ତମସ ତରାସେ
ଆଲୋକର ରଶ୍ମି ଉଠୁ ପୁଣି ନବ ହାସେ।
ମୁକତି ବନ୍ଧନ ଦୁଃଖ ସୁଖ ଯେତେ ହାୟ
ଆସେ ଯାଏ ନିତି ସେ ଯେ ଦିବା ରାତ୍ରି ପ୍ରାୟ
ସମୟର ସ୍ରୋତ ସମ
ଜୀବନର ଶିଖା ମମ
ସବୁରି ଉପରେ ଜାଳି ତଡିବ ଅନ୍ୟାୟ
ଆରମ୍ଭିବି ଜୀବନର ନବୀନ ଅଧ୍ୟାୟ।
(ବନ୍ଦୀର ବିଳାପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | | | | 1 | | | 7 | 0 | | | | 4 |
| | | | 9 | | E | | | 8 | | | | B | 3 | |
| 4 | B | | | | 2 | 0 | E | D | | 5 | | | | |
| | | 1 | | A | 3 | | | | | 6 | 2 | 5 | | |
| | | 8 | | D | | 2 | 7 | B | | 9 | | 1 | A | |
| | | 4 | D | | | | | | | | | A | | |
| D | | | | 0 | | | 4 | | 3 | | 6 | | 7 | |
| C | | | | | | 3 | | 7 | | B | | D | | |
| 9 | | B | | | 5 | 8 | A | | | 2 | | | | |
| | | 7 | | | | | 1 | | | | | 6 | | 0 |
| 5 | | D | 6 | 2 | | | | 3 | | 8 | | | | |
| | | | | | | | | | | 7 | 4 | 8 | | |
| | | | | 1 | A | 6 | 8 | | E | | B | | | |
| 6 | | | 8 | | | | 0 | C | | | | 3 | | B |
| | | | 5 | 7 | 0 | 9 | | | | C | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 7 | 6 | 1 | 0 | E | 8 | 9 | 2 | B | 5 | A | 4 | C | 3 |
| 9 | B | A | C | 4 | 8 | 7 | 1 | 5 | 3 | 0 | D | E | 2 | 6 |
| E | 3 | 5 | 2 | 7 | 9 | A | 4 | C | 1 | 6 | 8 | 0 | D | B |
| 0 | 2 | C | 5 | 3 | 6 | B | D | E | 9 | 7 | 4 | 8 | A | 1 |
| 1 | 4 | 8 | D | A | B | 0 | 6 | 3 | C | E | 2 | 5 | 9 | 7 |
| 6 | E | 2 | 4 | D | 7 | 9 | A | 1 | 0 | 8 | 5 | 3 | B | C |
| A | 1 | 9 | 8 | 5 | 3 | 6 | B | 0 | 2 | 4 | C | D | 7 | E |
| 3 | C | 7 | 6 | B | 0 | 2 | 5 | 8 | A | D | E | 9 | 1 | 4 |
| B | 0 | 4 | E | 1 | A | D | C | 7 | 6 | 3 | 9 | 2 | 8 | 5 |
| 5 | 8 | D | 9 | 2 | C | 3 | E | 4 | 7 | 1 | B | A | 6 | 0 |
| 2 | 9 | 0 | 7 | 6 | 5 | E | 3 | A | D | C | 1 | B | 4 | 8 |
| 8 | 5 | 3 | 0 | 9 | 2 | 1 | 7 | B | 4 | A | 6 | C | E | D |
| 4 | 6 | B | A | E | 1 | C | 8 | D | 5 | 9 | 0 | 7 | 3 | 2 |
| 7 | A | E | B | C | D | 4 | 0 | 6 | 8 | 2 | 3 | 1 | 5 | 9 |
| C | D | 1 | 3 | 8 | 4 | 5 | 2 | 9 | E | B | 7 | 6 | 0 | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାଳିଆ ଅଳିଆ

ମହାଶୟ,

ନିର୍ବାଚନ ଥିବାରୁ ସରକାର ଅତି ତରବରିଆ ଭାବେ କାଳିଆ ଯୋଜନାରେ ଟଙ୍କା ବାଣ୍ଟିଲେ। ଅନେକ ସରକାରୀ କର୍ମଚାରୀ, ପେନସନଭୋଗୀ ଓ ବଡଚାଷୀ ବି ସରକାରଙ୍କ ଅର୍ଥକୁ ଉପୁରି ପଇସା ବା ନିର୍ବାଚନୀ ଲାଞ୍ଚ ଭାବି ନେଇଗଲେ। ଏବେ ସରକାର କହୁଛନ୍ତି ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଟଙ୍କା ଫେରସ୍ତ ଅଣାଯିବ। ଦଳୀୟ ଭିତ୍ତିରେ ଯେଉଁ ଟଙ୍କା ବଣ୍ଟାଯାଇଛି, ତାକୁ ଲୋକେ କ'ଣ ସତରେ ଫେରାଇ ଦେବେ ? ନିର୍ବାଚନ ବୈତରଣୀ ପାର ହେବା ପାଇଁ ସରକାରଙ୍କର ଏହା ଏକ କୌଶଳ ଥିଲା। ସେତେବେଳେ ଅନେକ ଯୋଗ୍ୟ ହିତାଧିକାରୀ ସହାୟତାରୁ ବଞ୍ଚିତ ହୋଇଥିଲେ, ଯାହାଙ୍କ ଦାବି ଶୁଣିବା ପାଇଁ କେହି ପ୍ରସ୍ତୁତ ନ ଥିଲେ। ଏ କାଳିଆ ଅଳିଆ ସଫା କରିବା ସମ୍ଭବ ନୁହେଁ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ସ୍କୁଲ ବ୍ୟାଗ୍‌ର ଓଜନ ଯାଞ୍ଚ

ସ୍କୁଲକୁ ଆସୁଥିବା ପିଲାମାନଙ୍କୁ ଅଟକାଇ ବ୍ୟାଗ ଓଜନ କରିବା ଆଦୌ ଯୁକ୍ତିସଙ୍ଗତ ନୁହେଁ। ଛନ୍ଦକପଟବିହୀନ ପିଲାମାନଙ୍କୁ ଏହି ଯାଞ୍ଚ ପ୍ରକ୍ରିୟା ଭୟଭୀତ କରିବ। ଏବେ ଦେଖାଯାଉଛି ଯାଞ୍ଚରେ ଧରା ନ ପଡିବାକୁ ସ୍କୁଲ କର୍ତ୍ତୃପକ୍ଷ ପିଲାମାନଙ୍କୁ ଘରୁ ପିଇବା ପାଣି ଓ ଟିଫିନ୍ ବାକ୍ସ ନ ଆଣିବାକୁ କହୁଛନ୍ତି। ସ୍କୁଲ ଫିଲଟରରୁ ପାଣି ପିଇବା ଓ ସ୍କୁଲ କ୍ୟାଣ୍ଟିନରୁ ଜଳଖିଆ କିଣି ଖାଇବାକୁ ଉତ୍ସାହିତ କରାଯାଉଛି। ସ୍କୁଲ ଫିଲଟର ପାଣିର ଗୁଣବତ୍ତା କିମ୍ବା କ୍ୟାଣ୍ଟିନର ସଫାସୁତୁରା ସନ୍ଦେହଜନକ। ସ୍କୁଲ ବ୍ୟାଗ୍‌ର ଓଜନ ଯାଞ୍ଚ ସମୟରେ ପାଣି ବୋତଲ ଓ ଟିଫିନ ବାକ୍ସ ସାମିଲ ହେବ କି ନାହିଁ ତାହା ଅସ୍ପଷ୍ଟ। ସରକାର ଏହା ସ୍ପଷ୍ଟ କରନ୍ତୁ। ପୁଣି ସରକାର ଏକ ବିଶେଷଜ୍ଞ କମିଟି ଗଠନ କରି ପ୍ରତ୍ୟେକ ପାଠ୍ୟପୁସ୍ତକକୁ ଚାରି ପାଞ୍ଚ ଖଣ୍ଡରେ ବିଭକ୍ତ କରିଦିଅନ୍ତୁ। ଏହାଦ୍ୱାରା ପିଲାଟିଏ ଗୋଟିଏ ବିଷୟରେ ମାତ୍ର ଗୋଟିଏ ଖଣ୍ଡ ନେଇ ସ୍କୁଲକୁ ଆସିବ। ସେହିପରି ପତଳା ଖାତା ବ୍ୟବହାର କରାଯାଉ। ଏହା କରାଗଲେ ସ୍କୁଲ ବ୍ୟାଗ୍ ଆପେ ହାଲୁକା ହୋଇଯିବ।

ସୁଧାଂଶୁ ଶେଖର ମିଶ୍ର, ବେଲିନ୍ ମିଶ୍ର, ବ୍ଲକ କଲୋନୀ, ଆଠଗଡ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୩୦ ଅକ୍ଟୋବର, ୨୦୧୯



# ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଦାବି

**ବାଲିଗୁଡା ଏନ୍‌ଏସି**

ଫୁଲବାଣୀ ଅଫିସ,୨୯।୧୦

ବାଲିଗୁଡା ଏନ୍‌ଏସି ଅଧ୍ୟକ୍ଷା ମମତା ବେହେରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ପରିଷଦର ୭ଜଣ ସଦସ୍ୟାସଦସ୍ୟ ମଙ୍ଗଳବାର କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡିଙ୍କ ନିକଟରେ ଦାବି କରିଛନ୍ତି। ପରିଷଦର ସଦସ୍ୟ ବରଦା ପ୍ରସାଦ ମିଶ୍ର, ନାରାୟଣ ଡାକୁଆ, ଜୟନ୍ତୀ ଜେନା, ଶାନ୍ତି କୁମାରି ନାୟକ, ଅର୍ଜୁନ ନାୟକ, ଶିରିସି କୁମାର ପ୍ରଧାନ ପ୍ରମୁଖ ୬ ଜଣ ଜିଲାପାଳଙ୍କୁ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ଅଧ୍ୟକ୍ଷା ମନମୁଖୀ କାମ କରିବା ସହ ପରିଷଦ ସଦସ୍ୟଙ୍କ ମତାମତ ନେଉ ନାହାନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ପିଏଙ୍କୁ ଅଭିଯୋଗପତ୍ର ଦେଇଥିଲେ। ମାସେତଳେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କୌଣସି ପଦକ୍ଷେପ ନ ନେଲେ ହାଇକୋର୍ଟର ଆଶ୍ରୟ ନେବେବୋଲି ସଦସ୍ୟମାନେ ଗଣାମଧ୍ୟମକୁ କହିଛନ୍ତି।


ଅଧ୍ୟକ୍ଷାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ପରିଷଦ ସଭ୍ୟାସଭ୍ୟମାନେ।

## ସଂକ୍ଷେପରେ

### କନଷ୍ଟେବଲଙ୍କୁ ହତ୍ୟା ଧମକ, ଯୁବକ ଗିରଫ

ଶଙ୍କରାଖୋଲ(ଡି.ଏନ୍.ଏ.)/ଟିକାବାଲି, ୨୯।୧୦- ଚକାପାଦ ଥାନାର କନଷ୍ଟେବଲ ବସନ୍ତ କୁମାର ନାହକଙ୍କୁ ଚକାପାଦ ଶୈବ ପୀଠଠାରେ ହତ୍ୟା ଧମକ ଦେବା ସହ ଗାଳିଗୁଲଜ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ନୂଆସାହିର ଆଲୋକ



ସେନାପତି। ନଂ.୫୬/୧୯ରେ ମାମଲା ରୁଜୁ କରି ଆଲୋକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତରୁଣ ତପନ ବେହେରା କହିଛନ୍ତି। ପ୍ରକାଶ ଯେ, କାର୍ତ୍ତିକ ମାସ ତୃତୀୟ ସୋମବାର ପାଇଁ ଚକାପାଦଠାରେଥିବା ବିରୁପାକ୍ଷ ଶୈବପୀଠ ପରିସରରେ କନଷ୍ଟେବଲ ବସନ୍ତ କୁମାର ନାହକ ଡ୍ୟୁଟି କରୁଥିଲେ। ଆଲୋକ ସେଠାରେ ପହଞ୍ଚି କୌଣସି କାରଣକୁ ନେଇ ତାଙ୍କୁ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ କନଷ୍ଟେବଲ ଥାନାରେ ଅଭିଯୋଗ କରିଥିଲେ।

### ବିଦ୍ୟୁତ୍ ଗ୍ରୀଡରେ ଅଗ୍ନିକାଣ୍ଡ

**ଆସିକା,୨୯।୧୦(ଡି.ଏନ୍.ଏ.):** ଆସିକା କଲେଜଛକ ସ୍ଥିତ ୧୩୨/୩୩ କେଭି ବିଦ୍ୟୁତ୍ ଗ୍ରୀଡରେ ମଙ୍ଗଳବାର ରାତି ପ୍ରାୟ ୭ଟାରେ ଅଗ୍ନିକାଣ୍ଡ ଘଟିଛି। ସବ୍‌ଷ୍ଟେସନରେ ଥିବା ଏକ ସିଟିରେ ନିଆଁ ଜଳୁଥିବା ଦେଖିବାପରେ ସ୍ଥାନୀୟ ଅଗ୍ନିଶମ ବିଭାଗର ସହାୟତା ନିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ପୁଣି ଅଗ୍ନିକାଣ୍ଡ ଦେଖାଦେବାରୁ ଅଗ୍ନିଶମ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଆସିକା ସହର ସମେତ ଧରାକୋଟ, ବାଲିସିରା, ବୁଗୁଡା, ପୋଲସରା, କୋଦଳା, ବୁଢାମ୍ବ, କବିସୂର୍ଯ୍ୟନଗର ଆଦି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି।

## ଯାଜ୍ଞସେନୀଙ୍କ ସ୍ୱଚ୍ଛତା କାର୍ଯ୍ୟକ୍ରମ
# ପଲିଥିନ୍ ବର୍ଜନ କରିବାକୁ ସଚେତନ


ଚାରାରୋପଣ କାର୍ଯ୍ୟକ୍ରମରେ ବି. ଯାଜ୍ଞସେନୀଙ୍କ ସହ ଗ୍ରାମବାସୀ।

ଗୋପାଳପୁର,୨୯।୧୦

ନିକଟରେ ୨୨ତମ ମିସ୍ ଏଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ର୍ୟାମ୍ପ ସୋରେ ଭାଗନେଇ ଟାଇଟଲ ହାସଲ କରିଥିବା ନାରାୟଣପୁରସ୍ଥିତ ଆଲିପୁର ଗ୍ରାମର ବି. ଯାଜ୍ଞସେନୀ ଏବେ ନିଜ ଗ୍ରାମାଞ୍ଚଳକୁ ସ୍ୱଚ୍ଛ, ପଲିଥିନ୍, ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ମଙ୍ଗଳବାର ନାରାୟଣପୁରରେ ସଫେଇ ସହ ପଲିଥିନ, ପ୍ଲାଷ୍ଟିକ ବର୍ଜନ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ବିଭିନ୍ନ ଅଞ୍ଚଳରେ ଚାରାରୋପଣ କରିଛନ୍ତି। ଗ୍ରାମବାସୀ ଯୋଗଦେଇ ଶୋଭାଯାତ୍ରା ମାଧ୍ୟମରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନତା ସହ ଶପଥ ନେଇଥିଲେ। ସୂଚନାଯୋଗ୍ୟ, ଯାଜ୍ଞସେନୀ ଏବେ ଭୁବନେଶ୍ୱରସ୍ଥିତ ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଫେଶନ ଡିଜାଇନର ପ୍ରଥମ ବର୍ଷ ଛାତ୍ରୀ। ୨୦୧୯ରେ ଦିଲ୍ଲୀର ଏକ ହୋଟେଲରେ ସେ ୨୨ତମ ମିସ୍ ଏଣ୍ଡ ମିଷ୍ଟର ଟିନ ଇଣ୍ଡିଆ ର୍ୟାମ୍ପ ସୋରେ ଟାଇଟଲ ହାସଲ କରିଥିଲେ। ଗତ ୧୩ ତାରିଖରେ ବ୍ରହ୍ମପୁର ଇଣ୍ଟରନ୍ୟାସନାଲରେ ବିୟୁଟି ପ୍ରତିଯୋଗିତାରେ ଟାଇଟଲ ହାସଲ କରିଛନ୍ତି । କାର୍ଯ୍ୟକ୍ରମରେ ସମିତି ସଭ୍ୟ ବି. ସର୍ବେଶ୍ୱର ରାଓ, ଟି. ରାଜା ରାଓ, ଗ୍ରାମ ନାଇଡୁ, ଭୀମସେନ ରେଡ୍ଡୀ, ଏ. ରାଜେୟା, ବି. ଦ୍ରୌପଦୀ, ଟି. ମଧୁସୂଦନ ରାଓ, ଶିବଶଙ୍କର ଦୋରା, ଜୟଶ୍ରୀ ବେହେରା, ବି. ଜୟନ୍ତୀ ରେଡ୍ଡୀ, ଏ. ତେଜସ୍ୱିନୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା, ଜଣେ ଗିରଫ

ଛତ୍ରପୁର,୨୯।୧୦(ଡି.ଏନ୍.ଏ.)

ଛତ୍ରପୁର ଥାନା ମହାନାଦପୁର ପଞ୍ଚାୟତ ଶିଙ୍ଗିପୁର ଗ୍ରାମର ବ୍ୟବସାୟୀ ସୁଶାନ୍ତ କୁମାର ପାତ୍ରଙ୍କ ଉପରେ ୨୫ ତାରିଖରେ ଗୁଳିମାଡ ହୋଇଥିଲା। ଏହି ମାମଲାର ଅଭିଯୁକ୍ତ ସଞ୍ଜୟ ବାରିକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଗିରଫ କରିଛି।

## କରାପଲ୍ଲୀ ବାତ୍ୟା ଆଶ୍ରୟସ୍ଥଳୀ ପୁରସ୍କୃତ

ଛତ୍ରପୁର,୨୯।୧୦(ଡି.ଏନ.ଏ.)

ଶ୍ରେଷ୍ଠ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ଛତ୍ରପୁର ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତ ଅଧୀନ କରାପଲ୍ଲୀ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରାଜ୍ୟସ୍ତରରେ ଶ୍ରେଷ୍ଠ ଭାବେ ପୁରସ୍କୃତ ହୋଇଛି । ମଙ୍ଗଳବାର ଭୁବନେଶ୍ୱରରେ ଅନୁଷ୍ଠିତ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ପୁରସ୍କାର ସହ ବିଡିଓ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ମାର୍କଣ୍ଡିର ଦୁଃଖ ଅସମ୍ପୂର୍ଣ୍ଣ ବ୍ରିଜ୍


ପୁରୁଣା ବ୍ରିଜ୍ ଉପରେ ପାଣି ଚାଲୁଛି ।

ବ୍ରହ୍ମପୁର ଅଫିସ୍,୨୯।୧୦

ରଙ୍ଗେଇଲୁଣ୍ଡା ବ୍ଲକ ମାର୍କଣ୍ଡି ପଞ୍ଚାୟତର ଦୁଃଖ ପାଲଟିଛି ଅସଂପୂର୍ଣ୍ଣ ବ୍ରିଜ୍। ଏହି ବ୍ରିଜ୍‌ର କାମ ସମ୍ପୂର୍ଣ୍ଣ କରିବା ପାଇଁ ଜନପ୍ରତିନିଧି ଠାରୁ ପ୍ରଶାସକ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଅଞ୍ଚଳବାସୀ ଗୁହାରି କରି ସାରିଲେଣି। ହେଲେ କୌଣସି ସୁଫଳ ମିଳିନାହିଁ। ସୋମବାର ଅଞ୍ଚଳବାସୀ ଏନେଇ ଜିଲାପାଳଙ୍କୁ ଅବଗତ କରିଛନ୍ତି । ତାମ୍ପରା ନଦୀ ଉପରେ ବହୁ ବର୍ଷ ହେଲା ଏକ ବ୍ରିଜ୍ ରହିଛି, କିନ୍ତୁ ଉକ୍ତ ବ୍ରିଜ୍‌ଟି ଜରାଜୀର୍ଣ୍ଣ ଅବସ୍ଥାରେ। ବିପଦପୂର୍ଣ୍ଣ ଭାବେ ବ୍ରିଜ୍ ରହିଛି । ବ୍ରିଜର ଉଚ୍ଚତା କମ୍ ଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ଉପରେ ପାଣି ଚାଲୁଛି । ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଜନପ୍ରତିନିଧିଙ୍କୁ ଅବଗତ କରିଥିଲେ। ଫଳରେ ନଦୀ ଉପରେ ଆଉ ଏକ ଉଚ୍ଚ ବ୍ରିଜ୍ କାମ ଆରମ୍ଭ ହୋଇଥିଲା। ବ୍ରିଜ୍ କାମ ଆରମ୍ଭ ହୋଇଛି, କିନ୍ତୁ ଶେଷ ହେଉନି। ଜମି ବିବାଦ ଯୋଗୁ ପ୍ରାୟ ୫ ବର୍ଷ ହେଲା କାମ ବନ୍ଦ ରହିଛି। ଏପଟେ ପୂର୍ବବତ୍ ଅଞ୍ଚଳବାସୀ ପୁରୁଣା ବ୍ରିଜ୍ ଉପରେ ହିଁ ନିର୍ଭର କରୁଛନ୍ତି । ବର୍ଷର ଅନ୍ୟ ଦିନଗୁଡ଼ିକରେ ପୁରୁଣା ବ୍ରିଜ୍ ବିଶେଷ ସମସ୍ୟା ସୃଷ୍ଟି କରୁନି, କିନ୍ତୁ ବର୍ଷା ହେଲା ପରିସ୍ଥିତି ଜଟିଳ ହୋଇପଡୁଛି। ପୁରୁଣା ବ୍ରିଜ୍ ଉପରେ ବହୁ ଫୁଟ ଉଚ୍ଚରେ ପାଣି ଚାଲୁଛି । ବ୍ରିଜ୍ ଉପରେ ଯିବା ଅସମ୍ଭବ ହୋଇପଡୁଛି। ଗତ ମାସ ଶେଷରେ ଲଗାଣ ବର୍ଷା ଯୋଗୁ ବ୍ରିଜ୍ ଉପରେ ପାଣି ଚାଲିଲା। ୪ଦିନ ପର୍ଯ୍ୟନ୍ତ ମାର୍କଣ୍ଡି ପଞ୍ଚାୟତର ଅନେକ ଗ୍ରାମ ବାହ୍ୟ ଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଇଥିଲା। ଲୋକମାନେ ଜଳବନ୍ଦୀ ହୋଇପଡ଼ିଥିଲେ। ନାଳ ପାଣି ଉପରେ ଗୌଉଞ୍ଚି, କମଳାପୁର, ହାତୀପାଦ ଏବଂ ଏକ୍ସିଙ୍ଗି ଗ୍ରାମବାସୀ ନିର୍ଭର କରିଥାନ୍ତି । ଏଣୁ ନିର୍ମାଣାଧୀନ ବ୍ରିଜ୍ କାମ ଶେଷ ହେଲେ ପଞ୍ଚାୟତବାସୀ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀଙ୍କ ତରଫରୁ ଶରତ ଚନ୍ଦ୍ର ବେହେରା, ପି.ନରସିଂହାଲୁ ରେଡ୍ଡୀ, ସରୋଜ କୁମାର ସାହୁ, ବି.ତାତେୟା, କାହ୍ନା ମହାନ୍ତି ଏବଂ ଦିବାକର ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ରେଷ୍ଠ ସ୍କୁଲ ଘୋଷିତ

ଛତ୍ରପୁର,୨୯।୧୦(ଡି.ଏନ.ଏ.)

ଛତ୍ରପୁର ଶ୍ରୀରାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ୨୦୧୮-୧୯ ଶିକ୍ଷାବର୍ଷର ବାର୍ଷିକ ଦଶମ ଶ୍ରେଣୀ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା (ପାସ୍ ହାର) ପାଇଥିଲା। ଏଥିଲାଗି ଓଡିଶା ସରକାରଙ୍କ ପକ୍ଷରୁ ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ସ୍କୁଲ ମାନ୍ୟତା ପ୍ରଦାନ ସହ ୧ ଲକ୍ଷ ଟଙ୍କା ପୁରସ୍କାର ପାଇବା ପାଇଁ ଚୟନ କରାଯାଇଛି । ଏହି ସ୍କୁଲ ଦୀର୍ଘବର୍ଷ ଧରି ଦଶମ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ପାଇଆସୁଛି । ଅନୁଷ୍ଠାନ ସମ୍ପାଦକ ଟି. ଭେଙ୍କଟକ୍ରିଷ୍ଣୟା,ସଭାପତି ରଜନୀକାନ୍ତ ପଟ୍ଟନାୟକ, ଉପସଭାପତି ପଦ୍ମ ଚରଣ ସାହୁ, କୋଷାଧ୍ୟକ୍ଷ ଏ. ରାବଣା ରାଓ, ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର ନାଥ ଦାସଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

ହାତୀଓଟ,୨୯।୧୦

ପୋଲସରା ବ୍ଲକ କଳମ୍ବ ପଞ୍ଚାୟତରେ ଏକ ବିଷଧର ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳମ୍ବ ଗ୍ରାମ ଶିବ ମନ୍ଦିର ସାହିର ରାମଚନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ନର୍ମଦା (୪୦)। ମଙ୍ଗଳବାର ଭୋର୍‌ରେ ଧାନ ବିଲକୁ ଯାଇ କାମ କରୁଥିବାବେଳେ ଗୋଡକୁ ସାପ କାମୁଡି ଦେଇଥିଲା। ପାଖରେ କାମ କରୁଥିବାଲୋକେ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ତୁରନ୍ତ ପୋଲସରା ମେଡ଼ିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ନର୍ମଦାଙ୍କୁ ମୃତ ଘୋଷଣା କରିଥିଲେ।

Anugul Enclave
Multi Storied Residential Apartment Complex at a Prime Locality in Angul Town

Chief Guest
Sj. Rajani Kanta Singh
Hon'ble Deputy Speaker, OLA, Odisha

Inaugurator
Sj. Pratap Jena
Hon'ble Minister
Housing & Urban Development, Panchayati Raj & Drinking Water, Law, Govt. of Odisha

Guest of Honour
Sj. Mahesh Sahoo
Hon'ble Member of Parliament, Lokasabha
Sj. Manoj Kumar Mohanty
District Magistrate & Collector, Angul



Foundation Stone Laying Ceremony
On 30th Oct. 2019, at 3.30 pm. at Angul

Sj. Priyadarshi Mishra
CHAIRMAN
Odisha State Housing Board
Will preside over the Meeting

Awaiting Your Kind Presence

Housing Commissioner-cum-Secretary
ODISHA STATE HOUSING BOARD

ODISHA STATE HOUSING BOARD
Sachivalaya Marg, Bhubaneswar-751001, Phone No.: (0674)-2393524/2392587/2393277
BOOKING OPEN Till 30th Nov. 2019
For details contact: 98612 11820, 9437 22 6043, 90903 73641, 9437 228 444, 98610 32436
Or Visit : https://oshb.org
Building Houses Building Odisha

ଭିଜିଲାନ୍ସ ସଚେତନତା ସପ୍ତାହ
28 ଅକ୍ଟୋବର - 2 ନଭେମ୍ବର 2019

ସଚ୍ଚୋଟତା - ଏକ ଜୀବନ ଶୈଳୀ

▶ ଉପଭୋକ୍ତାମାନଙ୍କୁ ନିବେଦନ ◀

- ଦୟାକରି ବୈଧ ଦେୟଠାରୁ କୌଣସି ଅତିରିକ୍ତ ଦେୟ ଦିଅନ୍ତୁ ନାହିଁ।
- ଯେଉଁ ଅର୍ଥରାଶି ପୈଠ କରୁଛନ୍ତି ସେଥି ଲାଗି ରସିଦ୍/ ଟିକେଟ୍ ହାସଲ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣଙ୍କୁ କୌଣସି ରେଳବାଇ କର୍ମଚାରୀ ଲାଞ୍ଚ ମାଗୁଛନ୍ତି ବା କିଛି କାମ କରିଦେବାକୁ କହି ଅର୍ଥ ଦାବି କରୁଛନ୍ତି ତେବେ ଆପଣଙ୍କ ଅଭିଯୋଗ **ବରିଷ୍ଠ ଉପ ମହାପ୍ରବନ୍ଧକ (SDGM) ତଥା ମୁଖ୍ୟ ସତର୍କତା ଅଧିକାରୀ, ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଫୋନ୍ ନଂ.0674-2300230, ଫ୍ୟାକ୍ସ ନଂ.0674-2301328**ରେ ଯୋଗାଯୋଗ କରନ୍ତୁ କିମ୍ବା **sdgm@ecor.railnet.gov.in** / ୱେବସାଇଟ୍ **http://www.eastcoastrail.indianrailways.gov.in** ରେ ଇ-ମେଲ୍ କରନ୍ତୁ।
- ଦୟାକରି ଅଭିଯୋଗରେ ସ୍ୱାକ୍ଷର କରିବା ସହ ସଠିକ୍ ଠିକଣା ପ୍ରଦାନ କରନ୍ତୁ । ଏ ସମ୍ପର୍କିତ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା କରାଯାଇ ସେସବୁ ଦିଗରେ ତତ୍‌କ୍ଷଣାତ ଉପଯୁକ୍ତ ପଦକ୍ଷେପ ନିଆଯାଏ । ଯଦି ଆପଣ ଆପଣଙ୍କ ନାମ ଓ ଠିକଣା ଗୁପ୍ତ ରଖିବାକୁ ଚାହୁଁଛନ୍ତି ତେବେ ସେ ବିଷୟରେ ଅଭିଯୋଗପତ୍ରରେ ଉଲ୍ଲେଖ କରନ୍ତୁ ଏବଂ ସଂପୃକ୍ତ ଅଭିଯୋଗପତ୍ରକୁ ଏକ ଜଉମୁଦଦିଆ ଲଫାପାରେ ସୁରକ୍ଷିତ ଭାବେ, ଦି ସେକ୍ରେଟାରୀ, ସେଣ୍ଟ୍ରାଲ୍ ଭିଜିଲାନ୍ସ କମିଶନ, **ସତର୍କତା ଭବନ, ବ୍ଲକ୍ 'ଏ', ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ-110023** ଠିକଣାରେ ପ୍ରେରଣ କରନ୍ତୁ । ଲଫାପା ଉପରେ **"କମ୍ପ୍ଲେଣ୍ଟ ଅଣ୍ଡର ଦି ପବ୍ଲିକ୍ ଇଣ୍ଟରେଷ୍ଟ ଡ଼ିସ୍‌କ୍ଲୋଜର"** ସ୍ପଷ୍ଟ ଭାବେ ଲେଖିବାକୁ ଭୁଲନ୍ତୁ ନାହିଁ ।
- ଯଦି ରେଳବାଇରେ କୌଣସି ପ୍ରକାର ଭ୍ରଷ୍ଟାଚାର ବିଷୟରେ ଅଭିଯୋଗ ଥାଏ, ତେବେ ଆପଣ ଭିଜିଲାନ୍ସ ହେଲ୍ପଲାଇନ୍ ନଂ.8455885031 କୁ କଲ୍ କରି ସୂଚନା ଦେଇପାରିବେ।

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-459/K/19-20
ଭିଜିଲାନ୍ସ ହେଲ୍ପଲାଇନ୍ ନଂ. 8455885031

ଓଡ଼ିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

PRERANA
(Post Matric Scholarship Registration Release And Network Automation)

**No.V-47:-** ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ / ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ମାଟ୍ରିକପର ଉଚ୍ଚଶିକ୍ଷା ନିମନ୍ତେ ନାମଲେଖାଇ ଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ online ଦରଖାସ୍ତ ପଞ୍ଜୀକରଣ/ ନବୀକରଣ କରିବାର ସମୟ ବୃଦ୍ଧି କରାଯିବାର ସମୟ ସାରଣୀ ନିମ୍ନରେ ପ୍ରଦାନ କରାଯାଇଅଛି: ପ୍ରେରଣାରେ ଅନ୍‌ଲାଇନ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ/ ନିର୍ଦ୍ଦେଶନାମା website: **mpsc.mp.nic.in/scholarships** ରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି।

**ଦରଖାସ୍ତ ପଞ୍ଜୀକରଣ / ନବୀକରଣ କରିବାର ସମୟ ସାରଣୀ**

| କ୍ର.ନଂ. | କାର୍ଯ୍ୟକ୍ରମ | ତାରିଖ |
|---|---|---|
| ୧ | ଦରଖାସ୍ତ ଆବେଦନ କରିବା ନିମନ୍ତେ ଶେଷ ତାରିଖ | ୩୦।୧୧।୨୦୧୯ |
| ୨ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରେରଣା ପୋର୍ଟାଲରେ ଆବେଦନ ଦରଖାସ୍ତର ନକଲରେ ସ୍ୱାକ୍ଷର କରାଯାଇ ସମସ୍ତ ଦରକାରୀ ପ୍ରମାଣପତ୍ର ସହ ଅନୁଷ୍ଠାନରେ ଦାଖଲ କରିବାର ଶେଷ ତାରିଖ | ୧୫।୧୨।୨୦୧୯ |
| ୩ | ଦରଖାସ୍ତଗୁଡ଼ିକ ଅନୁଷ୍ଠାନ ଦ୍ୱାରା ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ online ପ୍ରେରଣ କରିବାର ଶେଷ ତାରିଖ | ୩୧।୧୨।୨୦୧୯ |
| ୪ | ଅନୁଷ୍ଠାନମାନଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକର hard copy ସମ୍ପୃକ୍ତ ଜିଲ୍ଲା ଅଧିକାରୀମାନଙ୍କୁ ପଠାଇବାର ଶେଷ ତାରିଖ | ୧୦।୦୧।୨୦୨୦ |
| ୫ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡ଼ିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୧।୦୧।୨୦୨୦ |

**ଆବେଦନକାରୀ ଏବଂ ଶିକ୍ଷାନୁଷ୍ଠାନମାନଙ୍କୁ ଅନୁରୋଧ, ସେମାନେ ସ୍ୱୀକୃତ ଦରଖାସ୍ତ ନକଲ ପଠାଇବାର ଶେଷ ତାରିଖକୁ ଅପେକ୍ଷା ନକରି ପଞ୍ଜୀକରଣ ଓ ଦରଖାସ୍ତ ଗ୍ରହଣର ୭ ଦିନ ମଧ୍ୟରେ ଯଥାକ୍ରମେ ନିଜର ଶିକ୍ଷାନୁଷ୍ଠାନ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ hardcopy ଦାଖଲ କରିବେ।

ଚଳିତ ବର୍ଷରୁ ମାଟ୍ରିକପର ଛାତ୍ରବୃତ୍ତି ନିମନ୍ତେ ''ଆଧାର'' ନମ୍ବର ପ୍ରମାଣୀକରଣ ନିତାନ୍ତ ଜରୁରୀ ଅଟେ। ପ୍ରେରଣାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଆଧାର ନମ୍ବର UIDAI ଦ୍ୱାରା ଯାଞ୍ଚ କରାଯିବ ଏବଂ କେବଳ ସଫଳତାପୂର୍ବକ ଯାଞ୍ଚ ହୋଇଥିବା ଆବେଦନଗୁଡ଼ିକୁ ପ୍ରାଥମିକତା ଭାବେ ଛାତ୍ରବୃତ୍ତି ପ୍ରଦାନ କରାହେବ। ଆଧାର ଯାଞ୍ଚର ସ୍ଥିତି ଆବେଦନକାରୀମାନଙ୍କୁ ପ୍ରେରଣାରେ ପଞ୍ଜୀକରଣ ସମୟରେ ଦେଇଥିବା ମୋବାଇଲ ନମ୍ବରରେ SMS ଦ୍ୱାରା ଜଣେଇ ଦିଆଯିବ ଏବଂ ସେମାନେ ନିଜ ID PASSWORD ରେ ମଧ୍ୟ LOGIN କରିକି ଜାଣିପାରିବେ। ତଦନୁସାରେ, ଆବେଦନକାରୀମାନଙ୍କୁ ଅନୁରୋଧ ସେମାନେ ପ୍ରେରଣା ପୋର୍ଟାଲରେ LOGIN କରି ନିଜର ଆଧାର ଯାଞ୍ଚ ସ୍ଥିତିର ତଦନ୍ତ କରିବେ। ଯଦି ସ୍ଥିତି "NOT-VERIFIED" ଥାଏ, ତେବେ ସେହି ଆବେଦନକାରୀମାନଙ୍କୁ ଜରୁରିକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ। ଆଧାର ପଞ୍ଜୀକରଣ କେନ୍ଦ୍ରରେ ଆଧାର ସଠିକକରଣ କିମ୍ବା ପୃଷ୍ଟିକରଣ କରିବା ପରେ, ଛାତ୍ରବୃତ୍ତି ପ୍ରଦାନ ପ୍ରକ୍ରିୟାକୁ ପୁନଃ ପ୍ରସଂସ୍କରଣ କରାଇବା ପାଇଁ ଆବେଦନକାରୀମାନେ ନିଜର ସଠିକ ଆଧାର ନମ୍ବର ନିଜର login ପେଜ୍‌ରେ ଯାଇ ଅପ୍‌ଡେଟ କରିବା ନିତାନ୍ତ ଜରୁରୀ ଅଟେ।

ପ୍ରେରଣା ପୋର୍ଟାଲ ମାଧ୍ୟମରେ ଛାତ୍ରବୃତ୍ତି ଆବେଦନ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଛାତ୍ରଛାତ୍ରୀ/ ଅଭିଭାବକମାନଙ୍କର ଦୃଷ୍ଟି ଆକର୍ଷଣ ନିମନ୍ତେ ଏହି ବିଜ୍ଞପ୍ତି ପ୍ରକାଶ କରାଯାଇଅଛି।

ସ୍ୱା./- ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

26001/11/0017/1920

## ସଂକ୍ଷେପରେ

### କନ୍‌ସଲ୍ ଜେନେରାଲଙ୍କୁ ମନ୍ତ୍ରୀ, ପଦାଧିକାରୀଙ୍କ ସୌଜନ୍ୟମୂଳକ ସାକ୍ଷାତ

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ):** ଯୁକ୍ତରାଷ୍ଟ୍ର ଆମେରିକାର ବାଣିଜ୍ୟ ଦୂତ (କନ୍‌ସଲ୍ ଜେନେରାଲ୍) ଜୋଏଲ୍ ରେଫ୍‌ମ୍ୟାନ୍ ମଙ୍ଗଳବାର ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ 'ମୋ କଲେଜ୍'ର ଉପଦେଷ୍ଟା ଆକାଶ ଦାସ ନାୟକ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କନ୍‌ସଲ୍ ଜେନେରାଲ୍ କାର୍ଯ୍ୟାଳୟର ରାଜନୈତିକ ଓ ଅର୍ଥନୈତିକ ବିଶେଷଜ୍ଞ ଶିବ ପ୍ରସାଦ ତ୍ରିପାଠୀ ଓ କେ. ଶ୍ରୀମାଳି ମଧ୍ୟ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ବିଶ୍ୱରେ ଦେଖା ଦେଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ଏବଂ ଭାରତ ସମେତ ବିଭିନ୍ନ ଦେଶ ଉପରେ ଏହାର ପ୍ରଭାବ, ଜଳବାୟୁ ପରିବର୍ତ୍ତନ ଏବଂ ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ଓ ଏହାର ସଫଳ ମୁକାବିଲା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ତୃତୀୟ କମାଣ୍ଡାଣ୍ଟସ ସମ୍ମିଳନୀ
### ଇ-ଅଫିସ ଯୋଜନାରେ ସାମିଲ ହେଲା ୫ ବାଟାଲିୟନ

- ୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ବାଟାଲିୟନ ସାମିଲ ହେବ
- କାର୍ଯ୍ୟରେ ସ୍ୱଚ୍ଛତା ଓ ଗୋପନୀୟତା ବଜାୟ ରହିବ
- ୪ ସ୍ୱତନ୍ତ୍ର ଲୋଗୋ ଲୋକାର୍ପଣ କଲେ ଡିଜିପି

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ):** ପୋଲିସ ବିଭାଗରେ କାର୍ଯ୍ୟକାରୀ ହୋଇଥିବା ଇ-ଅଫିସ ଯୋଜନାରେ ପ୍ରଥମଥର ପାଇଁ ସାମିଲ ହୋଇଛି ସ୍ପେଶାଲ ଆର୍ମଡ଼ ପୋଲିସ ବାଟାଲିୟନ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଢେଙ୍କାନାଳ, କଟକ, ମାଲକାନଗିରି, ଖୋର୍ଦ୍ଧା ଓ ରାଉରକେଲାରେ ଥିବା ୫ ବାଟାଲିୟନ ଯୋଡ଼ି ହୋଇଛି। ମଙ୍ଗଳବାର ଚନ୍ଦ୍ରଶେଖରପୁରସ୍ଥିତ ପୋଲିସ ଭବନରେ ଅନୁଷ୍ଠିତ ତୃତୀୟ କମାଣ୍ଡାଣ୍ଟସ ସମ୍ମିଳନୀରେ ପୋଲିସ ଡିଜି ବି.କେ. ଶର୍ମା ଏହାର ଶୁଭାରମ୍ଭ କରିଛନ୍ତି। ଏଥିସହ ଓଏସ୍‌ଏପି, ଆଇଆର୍‌ବି, ଏସ୍‌ଏସ୍‌ବି ଓ ଓଆଇଏସ୍‌ଏଫ୍‌ର ସ୍ୱତନ୍ତ୍ର ଲୋଗୋକୁ ସେ ଲୋକାର୍ପଣ କରିଛନ୍ତି। ଡିଜିପି ଶର୍ମା କହିଲେ, ଇ-ଅଫିସ ଯୋଜନା ମାଧ୍ୟମରେ ବାଟାଲିୟନ କାର୍ଯ୍ୟରେ ସ୍ୱଚ୍ଛତା ଓ ଗୋପନୀୟତା ଅଣାଯିବା ସହ ପୋଲିସ ବିଭାଗରେ କାଗଜପତ୍ର ବ୍ୟବହାରକୁ କମ୍ କରାଯାଇ ସମସ୍ତ କାର୍ଯ୍ୟକୁ ଡିଜିଟାଇଜେଶନ କରାଯିବ। ଉପାନ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବା ବାଟାଲିୟନ ଫୋର୍ସଙ୍କ ସୁବିଧା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମାଲକାନାଗିରିରୁ ପୋଲିସ ମୁଖ୍ୟାଳୟକୁ ଗୋଟିଏ ଚିଠି ଆସିବାକୁ ୫ରୁ ୭ ଦିନ ସମୟ ଲାଗୁଥିଲା। କେହି ଛୁଟି ନେବାଠାରୁ ଆରମ୍ଭ କରି ଜରୁରି ଖବର ପାଇବାରେ ଅନେକ ସମସ୍ୟା ଦେଖାଯାଉଥିଲା। ବର୍ତ୍ତମାନ ଇ-ଅଫିସ ଯୋଜନାରେ କମ୍ପ୍ୟୁଟରର ଗୋଟିଏ କ୍ଲିକ୍‌ରେ ମିଳିପାରିବ। ଏହା ଜରିଆରେ ଚାକିରି ସମ୍ପର୍କିତ ରେକର୍ଡପତ୍ର ଖୁବ୍‌ଶୀଘ୍ର ପୋଲିସ ମୁଖ୍ୟାଳୟରେ ପହଞ୍ଚିପାରିବ। ସ୍ୱଳ୍ପ ସମୟ, ଖର୍ଚ୍ଚ କମ ହେବା ସହ ସୀମିତ ମାନବ ସମ୍ବଳର ଆବଶ୍ୟକତା ପଡିବ। ୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ବାଟାଲିୟନ ଏହି ପ୍ରକଳ୍ପରେ ସାମିଲ ହେବ। ରାଜ୍ୟ ପୋଲିସ ବିଭାଗର ପ୍ରାୟ ଏକ ତୃତୀୟାଂଶ ବାଟାଲିୟନରେ କାର୍ଯ୍ୟ କରୁଛନ୍ତି। ମାଓବାଦୀ ଦମନଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଓ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଶର୍ମା କହିଥିଲେ। ଏହି ଅବସରରେ ରାଜ୍ୟରେ ରହିଥିବା ୨୧ ବାଟାଲିୟନ ସହ ୨ ଟ୍ରେନିଂ ସେଣ୍ଟରରେ ରହିଥିବା ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତ ବାଟାଲିୟନର କମାଣ୍ଡାଣ୍ଟ ଓ ଡେପୁଟି କମାଣ୍ଡାଣ୍ଟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କେଉଁ ପରିସ୍ଥିତିରେ କିପରି ଡ୍ରେସ କୋଡ ରହିବ, କେଉଁ ପୋଷାକ ପିନ୍ଧିଲେ ସେମାନେ ଅଧିକ ସୁରକ୍ଷିତ ରହିପାରିବେ, ଉପାନ୍ତ ଅଞ୍ଚଳରେ କାର୍ଯ୍ୟରତ ଫୋର୍ସଙ୍କ ପାଇଁ ନୂତନ ରଣ କୌଶଳ କ'ଣ ରହିବ, କେଉଁସବୁ ସମସ୍ୟାର ସେମାନେ ସମ୍ମୁଖୀନ ହେଉଛନ୍ତି ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ସ୍ୱତନ୍ତ୍ର ଡିଜି ମନୋଜ ଛାବ୍ରା, ଏସ୍‌ଏପି ଆଇଜି ଜତୀନ୍ଦ୍ର ଗୋଏଲ, ସେଣ୍ଟର ଫର୍ ମଡର୍ଣ୍ଣାଇଜିଙ୍ଗ୍ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ ପ୍ରକଳ୍ପ ସଂଯୋଜକ ପିନାକୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ନୀଳମ ପ୍ରିୟଦର୍ଶିନୀ ନାୟକ


ଶିବମ୍ ନାୟକ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ସମବାୟ ସଂସ୍ଥା ଦ୍ୱାରା ଋଣ ପ୍ରଦାନ ପାଇଁ ପ୍ରସ୍ତୁତ ହେବ ରୋଡ୍ ମ୍ୟାପ୍

**ଭୁବନେଶ୍ୱର,୨୯।୧୦(ବ୍ୟୁରୋ)**

ରାଜ୍ୟରେ ସମବାୟ ସଂସ୍ଥା ମାଧ୍ୟମରେ ଋଣ ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏକ ରୋଡ଼ ମ୍ୟାପ୍ ପ୍ରସ୍ତୁତ କରାଯିବ। କୃଷି କ୍ଷେତ୍ରରେ ଫସଲ ଋଣ ପ୍ରଦାନ ଦିଗରେ ସମବାୟ ସଂସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଅଣାଯିବ ବୋଲି ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ସ୍ଥାନୀୟ ଆବାସିକ କାର୍ଯ୍ୟାଳୟରେ ନାବାର୍ଡ ଅଧିକାରୀଙ୍କ ସହିତ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ଏନେଇ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଓଡ଼ିଶା ଗ୍ରାମୀଣ ସମବାୟ ବ୍ୟାଙ୍କଗୁଡ଼ିକର ଇନ୍‌ସ୍ପେକସନ୍ ରିପୋର୍ଟ ଉପରେ ଆଲୋଚନା କରାଯାଇଥିଲା। ମନ୍ତ୍ରୀ କହିଥିଲେ, ପ୍ରାଥମିକ କୃଷି ସମବାୟ ସମିତିର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ଦିଗରେ ନାବାର୍ଡ ପକ୍ଷରୁ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଦେବା ପାଇଁ ଅନୁରୋଧ କରିଥିଲେ। ବୈଠକରେ ନିୟମିତ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ବୈଠକ କରି କାର୍ଯ୍ୟପନ୍ଥା ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହିତ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକର ନିୟମିତ ଅଡିଟ୍ କରିବା ଓ ବକେୟା ଅଡିଟ୍‌ଗୁଡ଼ିକ ସଂପୂର୍ଣ୍ଣ କରିବା ଏବଂ ସମବାୟ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ଅଧିକ ପେସାଦାର ଢଙ୍ଗରେ କାର୍ଯ୍ୟକରି କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସବୁଦିନେ ନ ଥାଏ ପର ପୀରତି**
**ସବୁଦିନେ ନ ଥାଏ ଚାନ୍ଦିନୀ ରାତି**
**ସବୁ ଦିନେ ନ ଥାଏ ଶୀତ ପାହାନ୍ତି।**

ପ୍ରିୟାପ୍ରୀତି, ଭାବପ୍ରୀତି ସବୁଦିନ ରହି ନ ଥାଏ। ଆକାଶରେ ପୂର୍ଣ୍ଣମୀ ଜହ୍ନ ସବୁଦିନ ନ ଥାଏ। ପୂର୍ଣ୍ଣମୀ ପରେ ଚନ୍ଦ୍ରର ଦୈନିକ କ୍ଷୟ ଘଟି ପୁଣି ଅମାବାସ୍ୟା ବି ଆସିଥାଏ। ସେହିପରି ଶୀତଋତୁର ପାହାନ୍ତିଆ ଅନୁଭୂତି ସବୁକାଳେ ମିଳି ନ ଥାଏ। ଜୀବନ ହସ ଲୁହ ଭରା। ସବୁଦିନ ସମାନ ଯାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସବୁ ପାଇ**
**ମଇତ୍ର, ମା, ବାପ ନ ପାଇ।**

ମଣିଷ ଜୀବନରେ ଜଣେ ଭଲ ବନ୍ଧୁ ପାଇବା ଭାଗ୍ୟର କଥା। କୁହାଯାଏ ପଇସା ଦେଇ ଅନେକ କିଛି କିଣି ହେବ, ହେଲେ ଭଲ ବନ୍ଧୁଟିଏ ପାଇବା ସହଜ ନୁହେଁ। ଜୀବନରେ ଜଣେ ବ୍ୟକ୍ତି ଯଦି ସାରା ଜୀବନ ପାଇଁ ବିପଦ ବେଳର ବନ୍ଧୁଟିଏ ପାଇଯାଏ, ତାହା ହିଁ ଯଥେଷ୍ଟ। ଅଗଣିତ ତାରା ଅପେକ୍ଷା ଯେମିତି ଗୋଟିଏ ଚନ୍ଦ୍ର ଶ୍ରେୟସ୍କର ସେମିତି ଅନେକ ବନ୍ଧୁ ଅପେକ୍ଷା ପ୍ରକୃତ ହିତାକାଂକ୍ଷୀ ବନ୍ଧୁ ଶ୍ରେଷ୍ଠତର। ସେହିପରି ସନ୍ତାନ ପ୍ରତି ମାତାପିତାଙ୍କର ଅନାବିଳ ସ୍ନେହ ମମତା ବାସ୍ତବିକ ଅମୂଲ୍ୟ। ସନ୍ତାନ ପାଇଁ ମାତାପିତାଙ୍କ ଶୁଭ ଆଶୀର୍ବାଦ ପ୍ରାପ୍ତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଅନୁଗୋଳ ମେଡିକାଲ ପରିଦର୍ଶନ କଲେ ୫-ଟି ସଚିବ
# ବାହାରୁ ମେଡିସିନ୍ କିଣାକୁ ନେଇ ଖପ୍ପା

**ଅନୁଗୋଳ ଅଫିସ, ୨୯।୧୦**

- ୧୫ ରୋଗୀଙ୍କ ସହ ଆଲୋଚନା କଲେ
- ବଢ଼ିବ ଶଯ୍ୟା ସଂଖ୍ୟା, ପରିମଳ ନେଇ ସନ୍ତୋଷ
- ଭଲ କାମ କରି ପୁରସ୍କାର ନେବାକୁ ଆହ୍ୱାନ

ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ କିପରି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ମଙ୍ଗଳବାର ତାହା ଅନୁଧ୍ୟାନ କରିଛନ୍ତି ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ। ପୂର୍ବାହ୍ନ ୧୧ଟା ୫୦ରେ ସଚିବ ମେଡିକାଲରେ ପହଞ୍ଚି ପ୍ରଥମେ ଯକ୍ଷ୍ମା ୱାର୍ଡକୁ ଯାଇଥିଲେ। ଏଥିସହ ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଥିବା ୧୫ ଜଣ ରୋଗୀଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ବୁଝିଥିଲେ। ତେବେ ଜଣେ ରୋଗୀଙ୍କୁ ବାହାରୁ ମେଡିସିନ୍ ଆଣିବାକୁ କୁହାଯାଇଥିବାରୁ ୫-ଟି ସଚିବ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପରେ ଖପ୍ପା ହୋଇଥିଲେ। କିନ୍ତୁ ମେଡିକାଲର ପରିମଳ ଓ ସୁବ୍ୟବସ୍ଥାକୁ ନେଇ ସଚିବ ସନ୍ତୋଷ ବ୍ୟକ୍ତ କରିବା ସହ ପରେ ଡାକ୍ତର ଓ ପଦାଧିକାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ସଚିବଙ୍କ ସହ ଏନଏଚ୍‌ଏମ୍ ଡାଇରେକ୍ଟର ଶାଳିନ୍ ପଣ୍ଡିତ, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କେ.କେ. ମୀନା, ଡିଆଇଜି ନରସିଂହ ଭୋଳ, ଜିଲାପାଳ ମନୋଜ କୁମାର ମହାନ୍ତି, ଉପଜିଲାପାଳ ବାସୁଦେବ ଶତପଥୀ, ସିଡିଏମ୍‌ଓ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ଅନୁଗୋଳ ମେଡିକାଲରେ ୫-ଟି ସଚିବ ଜଣେ ରୋଗୀଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି।

ଯକ୍ଷ୍ମା ୱାର୍ଡ ବୁଲିବା ପରେ ସଚିବ ପୁରୁଷ ମେଡିସିନ୍ ୱାର୍ଡ, ୬ ମହଲାରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ରୋଗ ଚିକିତ୍ସା ବିଭାଗ ଆଦି ପରିଦର୍ଶନ କରିଥିଲେ। ବାରଣ୍ଡାରେ ରୋଗୀ ଚିକିତ୍ସିତ ହେଉଥିବା ବେଳେ ମେଡିସିନ୍ ଓ ପେଡିଆଟିକ୍ ୱାର୍ଡରେ ଶଯ୍ୟା ସଂଖ୍ୟା କମ୍ ଥିବାରୁ ତାହାକୁ ବୃଦ୍ଧି କରିବାକୁ ସଚିବ ପ୍ରସ୍ତାବ ଦେଇଥିଲେ। ପୁରୁଷ ମେଡିସିନ୍ ୱାର୍ଡରେ ବାହାରୁ ମେଡିସିନ୍ କିଣା ହେବା ନେଇ ସିଡିଏମ୍‌ଓଙ୍କୁ ତାଗିଦ୍ କରିଥିଲେ। ତୁରନ୍ତ ସମ୍ପୃକ୍ତ ରୋଗୀଙ୍କୁ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମ୍ମିଳନୀ କକ୍ଷରେ ମେଡିକାଲ କର୍ତ୍ତୃପକ୍ଷ, ଡାକ୍ତର, ମେଡିକାଲ ମ୍ୟାନେଜର, ଆରଆଣ୍ଡବି ନିର୍ବାହୀ ଯନ୍ତ୍ରୀ, ଜିଲା ପ୍ରଶାସନ ସହ ୫-ଟି ସଚିବ ବୈଠକ କରିଥିଲେ। ମେଡିକାଲର ଭିତ୍ତିଭୂମି ବିକାଶ ସହ ଶଯ୍ୟା ସଂଖ୍ୟା ୨ଶହ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ତଳ ମହଲାକୁ ଓପିଡି, ପ୍ରଥମ ମହଲାକୁ ନ୍ୟୁରୋ ଆଇସିୟୁ ସହିତ ଟ୍ରମା କେୟାର, ଦ୍ୱିତୀୟ ଓ ତୃତୀୟ ମହଲାକୁ ୨ଶହ ଶଯ୍ୟା ବିଶିଷ୍ଟ ୱାର୍ଡ କରିବାକୁ ବୈଠକରେ ଆଲୋଚନା କରିଥିଲେ। ଏହି ଅବସରରେ ଡାକ୍ତରଙ୍କ ସହ ଆଲୋଚନା କରି ବିଭିନ୍ନ ପରାମର୍ଶ ଦେଇଥିଲେ। କମ୍ପ୍ୟୁଟର ଟିକେଟ ପଞ୍ଜୀକରଣ ବ୍ୟବସ୍ଥା ନଭେମ୍ବର ୧ରୁ ଆରମ୍ଭ କରିବା, ବନ୍ଦ ପଡ଼ିଥିବା ଡିଜିଟାଲ ଏକ୍ସ-ରେ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜାତୀୟସ୍ତର ଅଧିସ୍ୱୀକୃତି(ଆକ୍ରିଡେସନ୍) ପ୍ରମାଣପତ୍ର କିପରି ହସ୍‌ପିଟାଲକୁ ମିଳିପାରିବ ସେ ନେଇ ସିଡିଏମ୍‌ଓଙ୍କୁ ପରାମର୍ଶ ଦେବା ସହ ପ୍ରତି ମାସରେ ସମୀକ୍ଷା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ ଜିଲାରୁ ସର୍ବାଧିକ ରାଜସ୍ୱ ମିଳୁଥିବାରୁ ମେଡିକାଲରେ ଟଙ୍କା ଖର୍ଚ୍ଚ କରିବାକୁ ସରକାର କୁଣ୍ଠାବୋଧ କରିବେ ନାହିଁ ବୋଲି ସଚିବ କହିଥିଲେ। ତେବେ ୫-ଟି ସଚିବ ଫେରିବା ସମୟରେ ଦୁଇ ଜଣ ବୟସ୍କା ମହିଳା ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଛଟ୍ ପୂଜା ପାଇଁ ପୁରୀରୁ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ)**

ଛଟ୍ ପୂଜାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରାଯାଇଛି। ହଟିଆ, ପାଟନା ଓ ଭାଗଲପୁରକୁ ସ୍ୱତନ୍ତ୍ର ଭାବେ ଏହି ଟ୍ରେନ ଚଳାଚଳ କରିବ। ହଟିଆକୁ ଚଳାଚଳ କରିବାକୁ ଥିବା ସ୍ୱତନ୍ତ୍ର ଟ୍ରେନ ପୁରୀରୁ ଅପରାହ୍ନ ୧ଟା ୩୦ରେ ଛାଡି ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡା, ରାଉରକେଲା ଦେଇ ଯାତ୍ରା କରିବ। ସେହିଭଳି ଗୁରୁବାର ସକାଳ ୯ଟାରେ ହଟିଆଠାରୁ ପୁରୀ ଅଭିମୁଖେ ବାହାରିବ। ଏହି ଟ୍ରେନରେ ଗୋଟିଏ ଏସି-୨ ଟାୟାର, ୩ ଏସି-୩ ଟାୟାର, ୧୦ ସ୍ଲିପର କ୍ଲାସ, ୪ ସାଧାରଣ ଦ୍ୱିତୀୟ ଶ୍ରେଣୀ ଓ ଦୁଇଟି ଗାର୍ଡ ତଥା ଲଗେଜ ଭ୍ୟାନ ରଖାଯାଇଛି। ଅନ୍ୟପକ୍ଷରେ ୦୮୪୨୩/୧୮୪୨୪ ପୁରୀ-ପାଟନା-ପୁରୀ ସ୍ୱତନ୍ତ୍ର ଟ୍ରେନ ପୁରୀରୁ ଅକ୍ଟୋବର ୨୬ ସକାଳ ୯ଟା ୨୫ରେ ଛାଡ଼ି ୨୭ ତାରିଖ ସକାଳ ୬ଟା ୧୫ରେ ପାଟନାରେ ପହଞ୍ଚିଥିବାବେଳେ ପୁଣି ନଭେମ୍ବର ୨ ଶନିବାର ସକାଳେ ସମାନ ସମୟରେ ଛାଡ଼ି ପରଦିନ ପହଞ୍ଚିବ। ସେହିଭଳି ପାଟନାରୁ ଅକ୍ଟୋବର ୨୭ ଓ ନଭେମ୍ବର ୩ ତାରିଖ ଅପରାହ୍ନ ୧ଟା ୪୫ରେ ଛାଡି ପୁରୀରେ ତା ପରଦିନ ସକାଳ ୯ଟା ୪୫ରେ ପହଞ୍ଚିବ। ୦୮୪୨୫/୧୮୪୨୬ ପୁରୀ-ଭାଗଲପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ ପୁରୀରୁ ଅକ୍ଟୋବର ୩୦ ଓ ନଭେମ୍ବର ୬ ତାରିଖ ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ଛାଡି ଭାଗଲପୁରରେ ତା' ପରଦିନ ସକାଳ ୭ଟାରେ ପହଞ୍ଚିବ। ଭାଗଲପୁରରୁ ଅକ୍ଟୋବର ୩୧ ଓ ନଭେମ୍ବର ୭ ସକାଳ ୮ଟା ୩୦ରେ ଛାଡି ପୁରୀରେ ତା' ପରଦିନ ସକାଳ ୬ଟା ୪୫ରେ ପହଞ୍ଚିବ। ଏହି ଟ୍ରେନ ଦ୍ୱୟରେ ପ୍ରତ୍ୟେକ ୯ ସ୍ଲିପର କ୍ଲାସ, ୫ ସାଧାରଣ ଦ୍ୱିତୀୟ ଶ୍ରେଣୀ ଓ ୨ ଗାର୍ଡ ତଥା ଲଗେଜ ଭ୍ୟାନ ବ୍ୟବସ୍ଥା ରହିଛି। ପୁରୀ, ପାଟନ ଓ ଭାଗଲପୁର ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନରେ ରହଣି କରିବ। ଯାତ୍ରୀମାନେ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ ଅନୁଯାୟୀ ବୁକିଂ କାଉଣ୍ଟର, ମୋବାଇଲ ଫୋନ୍ ଓ ଆଇଆର୍‌ସିଟିସି ୱେବ୍‌ସାଇଟରୁ ଟିକେଟ ବୁକ କରିପାରିବେ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ 2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP







ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି: REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
1980ରୁ ଆପଣଙ୍କ ସେବାରେ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
8929619951
SCO-106, Second Floor, Vishal Tower, Cannaught Place, Delhi.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi




BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭ ଅବସରରେ
ଋଣ ଧମାକା | ଋଣ ଧମାକା | ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

FINANCE
ସରକାରୀ ଜନକଲ୍ୟାଣ ଯୋଜନା ଅନ୍ତର୍ଗତ ଦ୍ୱାରା ମାର୍କସିଟ, ସମ୍ପତି, ଆଧାରକାର୍ଡ, ବ୍ୟବସାୟ ଓ BPL, ବ୍ୟକ୍ତିଗତ ଋଣ (1ରୁ 90 Lakh) ପର୍ଯ୍ୟନ୍ତ ମାତ୍ର ୧୩୫୦/- ଟଙ୍କାରେ ୪୮ ଘଣ୍ଟାରେ ପାଆନ୍ତୁ। ବାର୍ଷିକ 1% ସୁଧ 40% ଛାଡ
Ashoka Finance
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7900883466
8743042068

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କମ୍ପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ। ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






ଆମ ଦଳ ଅଲଗା ହୋଇପାରେ କିନ୍ତୁ ଚୌଟାଲା ପରିବାର ଗୋଟିଏ।
-ଦୁଷ୍ୟନ୍ତ ଚୌଟାଲା,
ଜେଜେପି ଅଧକ୍ଷ ତଥା ହରିୟାଣା ଉପମୁଖ୍ୟମନ୍ତ୍ରୀ





ନୂଆଦିଲ୍ଲୀରେ ଡିଟିସି ବସ୍‌ରେ ମାଗଣାରେ ଯାତ୍ରା କରୁଥିବା ମହିଳାମାନେ ପିଙ୍କ୍ ଟିକେଟ୍ ଦେଖାଉଛନ୍ତି।



ଭାବୀ ସିଜେଆଇ ଜଷ୍ଟିସ୍ ଶରଦ ଅରବିନ୍ଦ ବୋବ୍‌ଡେଙ୍କୁ ରାଷ୍ଟ୍ରପତିଙ୍କ ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ ପି.କେ. ମିଶ୍ର ।



ୟୁରୋପୀୟ ସଂଘର ୨୩ ଏମ୍‌ପି ଶ୍ରୀନଗର ଗସ୍ତ କରିଥିବାବେଳେ ଲାଲଚୌକ୍‌ରେ ମୁତୟନ ଜଣେ ସୁରକ୍ଷା କର୍ମୀ।

# ତେଜିଲା କ୍ଷମତା ଲଢ଼େଇ

ମୁମ୍ବାଇ,୨୯।୧୦(ପି.ଟି./ଆଇଏଏନ୍‌ଏସ୍)

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଅଡୁଆ ଛିଣ୍ଡୁନି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୁଇ ସହଯୋଗୀ ଭାଜପା ଓ ଶିବସେନା ମଧ୍ୟରେ ଟଣାଓଟଣା ଜାରି ରହିଛି। ଶିବସେନାକୁ ଅଢ଼େଇ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ପଦ ଦେବା ପାଇଁ ଭାଜପା ପକ୍ଷରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ ସ୍ପଷ୍ଟ କରିଛନ୍ତି। ଏହାର କିଛି ସମୟ ପରେ ଭାଜପା ସହ ହେବାକୁ ଥିବା ବୈଠକକୁ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ବାତିଲ କରିଦେଇଛନ୍ତି। ଏଥିଯୋଗୁ ଦୁଇଦଳର ସମ୍ପର୍କରେ ତିକ୍ତତା ବୃଦ୍ଧିପାଇବା ସହ ସରକାର ଗଠନ ପ୍ରକ୍ରିୟା ବିଳମ୍ବିତ ହୋଇପାରେ ବୋଲି କୁହାଯାଉଛି।

ମହାରାଷ୍ଟ୍ରରେ ସରକାର ଗଠନ ନେଇ ମଙ୍ଗଳବାର ଅପରାହ୍ଣ ୪ଟାରେ ଭାଜପା ଓ ଶିବସେନା ମଧ୍ୟରେ ଏକ ବୈଠକ ହେବାର ଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର, ଭାଜପା ନେତା ଭୂପେନ୍ଦ୍ର ଯାଦବ ଓ ଶିବସେନାର ବରିଷ୍ଠ ନେତାମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ହେଲେ ଏହା ପୂର୍ବରୁ ଫଡ଼୍‌ନବିସ ଶିବସେନାକୁ ମୁଖ୍ୟମନ୍ତ୍ରୀ ପଦ ଦେବାକୁ ମନା କରିଦେଇଛନ୍ତି। ନିଜ ସରକାରୀ ବାସଭବନ 'ବର୍ଷା'ରେ ଗଣମାଧ୍ୟମକୁ ଫଡ଼୍‌ନବିସ କହିଛନ୍ତି, ୨୦୧୯ ଲୋକ ସଭା ନିର୍ବାଚନ ପାଇଁ ମେଣ୍ଟ ଚୂଡ଼ାନ୍ତ ବେଳେ ଶିବସେନାକୁ ଅଢ଼େଇବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ପଦ ଦେବାଲାଗି ପ୍ରତିଶ୍ରୁତି ଦିଆଯାଇ ନ ଥିଲା । ଭାଜପା ନେତୃତ୍ୱାଧୀନ ସରକାର ୫ ବର୍ଷ ପାଇଁ ଚାଲିବ ଓ ସେ ମୁଖ୍ୟମନ୍ତ୍ରୀ ହେବେ। ଶିବସେନା ମୁଖପତ୍ର 'ସାମ୍ନା'ରେ ଭାଜପାକୁ ବାରମ୍ବାର ଟାର୍ଗେଟ କରାଯାଉଥିବାରୁ ଆଲୋଚନା ପ୍ରକ୍ରିୟାରେ ବାଧାସୃଷ୍ଟି ହେବ ବୋଲି ଫଡ଼୍‌ନବିସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେପଟେ ଶିବସେନା ଏଥିରେ ଅସନ୍ତୁଷ୍ଟ ହୋଇ ବୈଠକକୁ ବାତିଲ କରିଦେଇଛି। ଶିବସେନା କ୍ଷମତା ପାଇଁ ଭୋକିଲା ନାହିଁ। ସତ୍ୟର ରାଜନୀତିରେ ଆମେ ବିଶ୍ୱାସ କରୁ ବୋଲି ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି। ସେ ଆହୁରି କହିଛନ୍ତି, ଏଠାରେ କୌଣସି (ଜେଜେପି ନେତା) ଦୁଷ୍ୟନ୍ତ ଚୌଟାଲା ନାହାନ୍ତି, ଯାହାଙ୍କ ବାପା ଜେଲ୍ ଯାଇଥିବେ। ଆମକୁ କେହି କ୍ଷମତାରୁ ଦୂରେଇ ରଖିବାକୁ ଉଦ୍ୟମ କଲେ ତାହା ସତ୍ୟର ରାଜନୀତି ନୁହେଁ। ହରିୟାଣାରେ ମ୍ୟାଜିକ୍ ନମ୍ବରରୁ ୬ ଆସନ କମ୍ ପାଇଥିବା ଭାଜପା ଦୁଷ୍ୟନ୍ତଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦେଇ ସରକାର ଗଢ଼ିଥିବାରୁ ମହାରାଷ୍ଟ୍ରରେ ସେପରି ସମୀକରଣର ସମ୍ଭାବନାକୁ ଏଡ଼ାଇବା ଲାଗି ସଞ୍ଜୟ ଏହି ସନ୍ଦେଶ ଦେଇଥିବା କୁହାଯାଉଛି।

ପ୍ରକାଶ ଯେ, କ୍ଷମତା ଭାଗବଣ୍ଟାକୁ ନେଇ ୫୦:୫୦ ସୂତ୍ର ଅନୁସାରେ ମେଣ୍ଟ ହୋଇଥିଲା। ଏଥିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଓ ଫଡ଼୍‌ନବିସ ରାଜି ହୋଇଥିଲେ। ତେଣୁ ଶିବସେନାକୁ ଅଢ଼େଇବର୍ଷ ମୁଖ୍ୟମନ୍ତ୍ରୀ ପଦ ଦେବା ନେଇ ଲିଖିତ ପ୍ରତିଶ୍ରୁତି ଦିଆଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଏହିକ୍ରମରେ ମଙ୍ଗଳବାର ଶିବସେନା ପକ୍ଷରୁ ଏକ ପୁରୁଣା ଭିଡିଓ କ୍ଲିପ୍ ଜାରି କରାଯାଇଛି। ଏଥିରେ କ୍ଷମତାର ସମାନ ଭାଗବଣ୍ଟା ସମ୍ପର୍କରେ ଫଡ଼୍‌ନବିସ କହୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ଶିବସେନା ମୁଖ୍ୟମନ୍ତ୍ରୀ ପଦ ଦାବି ନ କରି ଉପମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବା ପାଇଁ ଏନ୍‌ଡିଏ ସହଯୋଗୀ ଆର୍‌ପିଆଇ ମୁଖ୍ୟ ତଥା କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଶିବସେନା ରାଜ୍ୟ ଓ କେନ୍ଦ୍ରରେ ଅଧିକ ସଂଖ୍ୟକ ମନ୍ତ୍ରୀ ପଦ ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ଭାଜପାକୁ ଛାଡ଼ିଦେବା ଉଚିତ। ସେହିପରି ଶିବସେନାର ନବନିର୍ବାଚିତ ୪୫ ବିଧାୟକ ଫଡ଼୍‌ନବିସଙ୍କ ନେତୃତ୍ୱରେ ସରକାର ଗଠନ ହେଉ ବୋଲି ଚାହୁଁଥିବା ଭାଜପାର ରାଜ୍ୟ ସଭା ସଦସ୍ୟ ସଞ୍ଜୟ କାକାଡେ ଦାବି କରିଛନ୍ତି।



ଉଦ୍ଧବ ଠାକ୍‌ରେ



ଦେବେନ୍ଦ୍ର ଫଡ଼୍‌ନବିସ

**ମହାରାଷ୍ଟ୍ରରେ ଘୂଳଚାଲ**

- ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରତିଶ୍ରୁତି ଦେଇନି ଭାଜପା: ଫଡ଼୍‌ନବିସ
- ଭାଜପା ସହ ବୈଠକ ବାତିଲ କଲା ଶିବସେନା
- ଉପମୁଖ୍ୟମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ଅଠାୱଲେଙ୍କ ପରାମର୍ଶ

## ବାଗ୍‌ଦାଦିଙ୍କ ଉତ୍ତରାଧିକାରୀ ନିହତ

ୱାଶିଂଟନ,୨୯।୧୦(ପି.ଟି.)

ସିରିଆରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ବେଳେ ନିହତ ହୋଇଥିବା ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ମୁଖ୍ୟ ଅବୁ ବକର ଅଲ୍ ବାଗ୍‌ଦାଦିଙ୍କ ଉତ୍ତରାଧିକାରୀଙ୍କ ମୃତ୍ୟୁ ଘଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ୪୮ ବର୍ଷୀୟ ବାଗ୍‌ଦାଦିଙ୍କ ମୃତ୍ୟୁ ନେଇ ସ୍ପଷ୍ଟ କରିଥିବାବେଳେ ମଙ୍ଗଳବାର ତାଙ୍କ ଉତ୍ତରାଧିକାରୀଙ୍କ ସମ୍ପର୍କରେ ଏହି ପ୍ରଘଟ କରିଛନ୍ତି।

ଆମେରିକା ସ୍ୱତନ୍ତ୍ର ବଳର ଅପରେଶନ ବେଳେ ସୁଡ଼ଙ୍ଗ ଭିତରେ କୁକୁରମାନେ ବାଗ୍‌ଦାଦିଙ୍କୁ ଗୋଡ଼ାଇଥିଲେ। ମୃତ୍ୟୁ ସୁନିଶ୍ଚିତ ଜାଣି ବାଗ୍‌ଦାଦି ନିଜକୁ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ତାଙ୍କର ୧ ନମ୍ବର ଉତ୍ତରାଧିକାରୀ ମଧ୍ୟ ଆମେରିକା ସୈନ୍ୟଙ୍କ କାର୍ଯ୍ୟାନୁଷ୍ଠାନରେ ନିହତ ହୋଇଥିବା ଟ୍ରମ୍ପ୍ ଟୁଇଟ୍ କରିଛନ୍ତି। ବାଗ୍‌ଦାଦି ଆନୁଷ୍ଠାନିକ ଭାବେ ଉକ୍ତ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରି ନ ଥିଲେ। ତେବେ ତାଙ୍କ ମୃତ୍ୟୁ ପରେ ଉତ୍ତରାଧିକାରୀ ଭାବେ ଅନେକ ନାମକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଥିବାବେଳେ ଟ୍ରମ୍ପ୍ ଏଭଳି ଟୁଇଟ୍ କରିଛନ୍ତି। ଟ୍ରମ୍ପ୍ ଏଥିରେ କୌଣସି ବ୍ୟକ୍ତି ବା ଆତଙ୍କବାଦୀଙ୍କ ନାମ ଓ କେଉଁ ଅପରେଶନରେ ସେ ନିହତ ହୋଇଛନ୍ତି ସେନେଇ କିଛି କହିନାହାନ୍ତି। ତେବେ ଉତ୍ତରାଧିକାରୀ ଜଣକ ଅବୁ ହାସନ ଅଲ୍ ମୁଜାହିର ହୋଇଥାଇପାରନ୍ତି ବୋଲି କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।



ଅବୁ ହାସନ ଅଲ୍ ମୁଜାହିର

## ସୌଦି ରାଜାଙ୍କୁ ଭେଟିଲେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୌଦି ଆରବ ରାଜା ସଲମାନ ବିନ୍ ଅବ୍ଦୁଲଅଜିଜ୍ ଅଲ୍ ସୌଦ୍‌ଙ୍କୁ ରିୟାଧରେ ଭେଟୁଛନ୍ତି।

ରିୟାଦ, ୨୯।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସାଉଦୀ ରାଜା ସଲ୍‌ମାନ୍ ବିନ୍ ଅବ୍ଦୁଲ୍‌ଅଜିଜ୍‌ଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆତଙ୍କବାଦକୁ ଏହି ଦୁଇ ରାଷ୍ଟ୍ରମୁଖ୍ୟ ନିନ୍ଦାକରିବା ସହ ଦ୍ୱିପାକ୍ଷିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦୁଇଦେଶ ମଧ୍ୟରେ ପାରସ୍ପରିକ ସହଯୋଗ ବୃଦ୍ଧି, ଆର୍ଥିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଛି। ଏଥିସହ କୃଷି, ତୈଳ, ଗ୍ୟାସ୍, ସାମୁଦ୍ରିକ ସୁରକ୍ଷା, ଅତ୍ୟାଧୁନିକ କାରୀଗରି କୌଶଳ, ଅକ୍ଷୟ ଶକ୍ତି ଓ ପୁଞ୍ଜିନିବେଶ ଉପରେ ମଧ୍ୟ ଦୁଇ ଦେଶ ଗୁରୁତ୍ୱ ଦେଇଛନ୍ତି। ପ୍ରତିରକ୍ଷା, ଶିଳ୍ପ କ୍ଷେତ୍ରରେ ଦୁଇ ରାଷ୍ଟ୍ର କେତେକ ଚୁକ୍ତି ସ୍ୱାକ୍ଷର କରିବାର କାର୍ଯ୍ୟକ୍ରମ ରହିଛି। ଅଶୋଧିତ ତୈଳ ରପ୍ତାନୀ ଲାଗି ମୋଦି ସୌଦି ରାଜାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ମୋଦିଙ୍କୁ ସେ ନିର୍ବାଚନ ବିଜୟ ଲାଗି ଅଭିନନ୍ଦନ ଜଣାଇଥିଲେ।

## ୪ ପରେ ହରିୟାଣା କ୍ୟାବିନେଟ ସମ୍ପ୍ରସାରଣ

ନୂଆଦିଲ୍ଲୀ, ୨୯।୧୦(ପି.ଟି.)

ହରିୟାଣା କ୍ୟାବିନେଟ ସମ୍ପ୍ରସାରଣ ଖୁବ୍‌ଶୀଘ୍ର ହେବ। ନଭେମ୍ବର ୪ରୁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେଉଥିବାବେଳେ ଏହା ପରେ କ୍ୟାବିନେଟ ସମ୍ପ୍ରସାରଣ କରାଯିବ ବୋଲି ଜଣାପଡ଼ିଛି । ଭାଜପା, ଜେଜେପିର ନେତାଙ୍କୁ ନେଇ ଏକ କମିଟି ଗଠନ କରାଯିବା ପରେ ମେଣ୍ଟ ସରକାରର ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ ସ୍ଥିର କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ନୂଆଦିଲ୍ଲୀରେ ପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଦୁଷ୍ୟନ୍ତ ଚୌଟାଲାଙ୍କ ସହ କ୍ୟାବିନେଟ ବୈଠକ ପରେ ସେ ଏହା କହିଛନ୍ତି।

## ଗାଈ ଚୋରି ସନ୍ଦେହ: ଯୁବକଙ୍କୁ ପିଟି ମାରିଦେଲେ

ପାଟନା,୨୯।୧୦(ଆଇଏଏନ୍‌ଏସ୍)

ବିହାର ରାଜଧାନୀ ପାଟନା ନିକଟସ୍ଥ ମୋକମାରେ ଗାଈ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଛି। ପୋଲିସ ସୂଚନାନୁସାରେ ସୋମବାର ରାତିରେ ବରହମ୍‌ପୁର ଗ୍ରାମର କେତେଜଣ ଯୁବକ ଗୋରୁ ଚୋରି କରିବା ପାଇଁ ମୋରେ ଗାଁକୁ ଯାଇଥିଲେ। ସେମାନେ ଏକ ଗୁହାଳରୁ ଗାଈଙ୍କୁ ନେବାକୁ ଉଦ୍ୟମ କରୁଥିବାବେଳେ ଗାଁ ଲୋକେ ଉଠି ଯାଇଥିଲେ। ଅନ୍ୟମାନେ ଖସି ପଳାଇବାରେ ସକ୍ଷମ ହୋଇଥିବାବେଳେ ଜଣେ ଯୁବକ ଧରାପଡ଼ିଥିଲେ। ଗାଁ ଲୋକେ ତାଙ୍କୁ ବାଡ଼ିରେ ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଯୁବକଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ବରହମ୍‌ପୁରର ମାଟ୍‌ଲୁ ବିନ୍ଦ ବୋଲି ଜଣାପଡ଼ିଛି। ଏହି ଘଟଣାରେ ୧୨ରୁ ୧୫ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ପୋଲିସ କହିଛି।

## ଫଡ଼୍‌ନବିସ୍‌ଙ୍କ ଏସ୍‌ଓଏସ୍‌ଙ୍କ ଘରେ ଆକ୍ରମଣ


ମୁମ୍ବାଇ, ୨୯।୧୦(ପି.ଟି.)

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍‌ଙ୍କ ସ୍ୱତନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ(ଏସ୍‌ଓଏସ୍) ଶ୍ରୀକାନ୍ତ ଭର୍ତ୍ତିୟାଙ୍କ ଅମରାବତୀର ରାଜ୍‌ପେଠସ୍ଥିତ ଘର ଉପରେ କେତେକ ବ୍ୟକ୍ତି ଆକ୍ରମଣ କରିଛନ୍ତି। ସୋମବାର ରାତିରେ ଆକ୍ରମଣ ବେଳେ ଭର୍ତ୍ତିୟାଙ୍କ ବାପା-ମା' ଘରେ ଥିବାବେଳେ ଅନ୍ୟମାନେ ବାହାରେ ଥିଲେ। ଆକ୍ରମଣରେ ଭର୍ତ୍ତିଆଙ୍କ ଭାଇ ତଥା ଭାଜପା କର୍ପୋରେଟର ତୁଷାରଙ୍କ କାର୍ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏନେଇ ଥାନାରେ ମାମଲା ରୁଜୁ କରାଯାଇଛି। ପୋଲିସ ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଜାରି ରଖିଥିବାବେଳେ ୨ ଜଣଙ୍କୁ ଚିହ୍ନଟ କରିଥିବା ପ୍ରକାଶ।

## ସ୍କୁଲ ଉପରେ ଆତଙ୍କବାଦୀ ଆକ୍ରମଣ

ପୁଲୱାମା, ୨୯।୧୦(ପି.ଟି.)

ଜମ୍ମୁ-କଶ୍ମୀରର ପୁଲୱାମାସ୍ଥିତ ଏକ ସ୍କୁଲ ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ପରୀକ୍ଷା କେନ୍ଦ୍ର ଭାବେ ବ୍ୟବହାର କରାଯାଇଥିବା ଏହି ସ୍କୁଲରେ ମୁତୟନ ସିଆର୍‌ପିଏଫ୍‌ଙ୍କୁ ଟାର୍ଗେଟ କରାଯାଇ ଏଭଳି ଆକ୍ରମଣ ହୋଇଛି। ଡ୍ରାବ୍‌ଗାମ୍‌ରେ ଏହି ଗୁଳିମାଡ଼ କରାଯାଇଥିବାବେଳେ ମୃତାହତଙ୍କ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ପ୍ରାୟ ୭ ରାଉଣ୍ଡ ଗୁଳିମାଡ଼ ଆତଙ୍କବାଦୀମାନେ କରିଥିଲେ। ଏହା ପରେ ସିଆର୍‌ପିଏଫ୍ ଓ ସ୍ଥାନୀୟ ପୋଲିସ ସେଠାରେ ପହଞ୍ଚି ସର୍ଚ୍ଚ ଅପରେଶନ କରିଥିଲେ। ୟୁରୋପୀୟ ସଂଘ ସଦସ୍ୟଙ୍କ କଶ୍ମୀର ଗସ୍ତ ବେଳେ ଆତଙ୍କବାଦୀମାନେ ଏଭଳି ଗୁଳିକାଣ୍ଡ ଭିଆଇଛନ୍ତି।



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା, ଘଡ଼ଘଡ଼ି ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୨୦.୧ |
| ଚାନ୍ଦବାଲି | ୩୦.୭ | ୨୨.୫ |
| କଟକ | ୩୨.୨ | ୨୧.୦ |
| ପାରାଦ୍ୱୀପ | ୩୧.୧ | ୨୪.୧ |
| ଭୁବନେଶ୍ୱର | ୩୧.୭ | ୨୨.୦ |
| ଗୋପାଳପୁର | ୩୪.୦ | ୨୫.୨ |
| ପୁରୀ | ୩୨.୨ | ୨୩.୫ |
| ଅନୁଗୋଳ | ୩୨.୭ | ୧୯.୬ |
| ବାରିପଦା | ୨୯.୨ | ୨୧.୪ |
| ଝାରସୁଗୁଡ଼ା | ୩୨.୦ | ୨୧.୮ |
| କେନ୍ଦୁଝର | ୨୮.୨ | ୧୯.୪ |
| ସମ୍ବଲପୁର | ୩୩.୧ | ୨୧.୭ |
| ସୁନ୍ଦରଗଡ଼ | ୨୬.୦ | ୧୬.୦ |
| ହୀରାକୁଦ | ୩୨.୨ | ୨୨.୬ |
| ତାଳଚେର | ୩୩.୧ | ୨୨.୩ |
| ଭବାନୀପାଟଣା | ୩୧.୮ | ୨୨.୫ |
| ବଲାଙ୍ଗୀର | -- | -- |
| କୋରାପୁଟ | ୨୯.୬ | ୧୯.୨ |
| ଫୁଲବାଣୀ | ୩୧.୫ | ୨୧.୩ |
| ଟିଟିଲାଗଡ଼ | ୩୫.୦ | ୧୯.୬ |
| ମାଲକାନଗିରି | ୩୪.୦ | -- |
| ସୋନପୁର | -- | ୨୦.୦ |
| ଦାରିଙ୍ଗିବାଡ଼ି | ୨୬.୦ | ୧୫.୫୦ |

ଡିଗ୍ରୀ ସେଲ୍‌ସିୟସ୍

**ଇତିହାସର ଆଇନାରେ**

### ଅକ୍ଟୋବର ୩୦ର ପ୍ରମୁଖ ଘଟଣା

୧୯୮୩ ଅକ୍ଟୋବର ୩୦ରେ ଆର୍ଜେଣ୍ଟିନାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୭ ବର୍ଷର ସାମରିକ ଶାସନ ପରେ ଗଣତନ୍ତ୍ର ପ୍ରତି ଲୋକଙ୍କ ଜବରଦସ୍ତ ସମର୍ଥନ ଦେଖିବାକୁ ମିଳିଥିଲା। ଲୋକମାନେ ଭୋଟ ମାଧ୍ୟମରେ ରାଷ୍ଟ୍ରପତି, ରାଜ୍ୟପାଳ, ମେୟର ଆଦିଙ୍କୁ ନିର୍ବାଚିତ କରିଥିଲେ। ପ୍ରାୟ ୮୬ ପ୍ରତିଶତ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିଲେ।

୨୦୧୫ ଅକ୍ଟୋବର ୩୦ରେ ରୋମାନିଆର ରାଜଧାନୀ ବୁକାରେଷ୍ଟସ୍ଥିତ ଏକ ନାଇଟ୍ କ୍ଲବରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୬୪ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୧୪୭ ଜଣ ଆହତ ହୋଇଥିଲେ। ଚିକିତ୍ସା ଲାଗି କେତେକଙ୍କୁ ଇସ୍ରାଏଲ, ବ୍ରିଟେନ, ଜର୍ମାନ ଓ ନେଦରଲାଣ୍ଡକୁ ପଠାଯାଇଥିଲା । କ୍ଲବର ବିଭିନ୍ନ ଆସବାବପତ୍ର ପୋଡ଼ିଯିବା ସହ ଅନେକ କ୍ଷତି ଘଟିଥିଲା।

## ୮୦ ଘଣ୍ଟା ପରେ ବୋର୍‌ୱେଲରୁ ସୁଜିତ୍‌ଙ୍କ ମୃତଦେହ ଉଦ୍ଧାର

ତିରୁଚିରାପଲ୍ଲୀ/ଚେନ୍ନାଇ ୨୯।୧୦(ପି.ଟି.)

ଦୀର୍ଘ ୮୦ ଘଣ୍ଟାର ରେସ୍କ୍ୟୁ ଅପରେଶନ ସତ୍ତ୍ୱେ ତାମିଲନାଡୁର ନଡୁକଟ୍ଟୁପଟ୍ଟି ବୋର୍‌ୱେଲରେ ଖସିପଡ଼ିଥିବା ୨ ବର୍ଷର ଶିଶୁ ସୁଜିତ୍ ୱିଲିୟମ୍‌ଙ୍କୁ ଜୀବିତ ଉଦ୍ଧାର କରାଯାଇ ପାରିନାହିଁ। ପ୍ରଶାସନର ସମସ୍ତ ପ୍ରୟାସ ବୃଥା ହୋଇଛି। ସୁଜିତ୍ ଶୁକ୍ରବାର ସନ୍ଧ୍ୟାରେ ଘର ପାଖରେ ଖେଳୁଥିବାବେଳେ ସେଠାରେ ଥିବା ଏକ ପରିତ୍ୟକ୍ତ ବୋର୍‌ୱେଲରେ ଖସିପଡ଼ିଥିଲେ। ଏନ୍‌ଡିଆର୍‌ଏଫ୍ ସହଯୋଗ କ୍ରମେ ମଙ୍ଗଳବାର ଶିଶୁଟିର ମୃତଦେହକୁ ଉଦ୍ଧାର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଫତିମାନଗରର କବଳରସ୍ଥଳୀକୁ ମରଶରୀରକୁ ଶେଷକୃତ୍ୟ ଲାଗି ନିଆଯାଇଥିଲା।

କେବଳ ସୁଜିତ୍ ନୁହନ୍ତି, ପ୍ରଶାସନର ଅବହେଳାରୁ ଗତ ୧୫ ବର୍ଷ ମଧ୍ୟରେ ତାମିଲନାଡୁରେ ଏଭଳି ୧୦ଜଣ ଶିଶୁ ପରିତ୍ୟକ୍ତ ବୋର୍‌ୱେଲରେ ଫଶି ପ୍ରାଣ ହରାଇଥିବା ଜଣାପଡ଼ିଛି। ସୁଜିତ୍ ମୃତ୍ୟୁକୁ ନେଇ ମଙ୍ଗଳବାର ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିବା ବେଳେ ଅଧିକାରୀଙ୍କ ଅବହେଳା ଓ ଅତ୍ୟଧିକ ବିଳମ୍ବକୁ ଦାୟୀ କରାଯାଇଛି। ଭବିଷ୍ୟତରେ ଏଭଳି ପରିସ୍ଥିତିରୁ ଦୂରେଇ ରହିବା ଲାଗି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାକୁ ଏଥିରେ ଦର୍ଶାଯାଇଛି। ଆଇନଜୀବୀ ଜି. ଏସ୍. ମଣିଙ୍କ ଦ୍ୱାରା ଏହି ଜନସ୍ୱାର୍ଥ ମମଲା ଦାଏର କରାଯାଇଥିଲା।



- ଅବହେଳା ନେଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା
- ତାମିଲନାଡୁରେ ୧୫ ବର୍ଷରେ ଗଲାଣି ୧୦ଟି ଜୀବନ

## ସଂକ୍ଷେପରେ

### ଆଜିଠାରୁ ହାଉସିଂ ଫର ଅଲ ସର୍ଭେ

ବ୍ରହ୍ମପୁର ଅଫିସ,୨୯।୧୦: ବ୍ରହ୍ମପୁର ମହାନଗର ନିଗମରେ ପ୍ରଧାନମନ୍ତ୍ରୀ ଅବାସ ଯୋଜନା ଅନ୍ତର୍ଗତ ହାଉସିଂ ଫର ଅଲ ସର୍ଭେ ପ୍ରକ୍ରିୟା ବୁଧବାରରୁ ଆରମ୍ଭ ହେବ। ଏନେଇ ମହାନଗର ପକ୍ଷରୁ ସୂଚନା ମିଳିଛି। ଏହି ଯୋଜନାରେ ମହାନଗରର ୪୦ ୱାର୍ଡରେ ପକ୍କାଘର ନ ଥିବା ଓ ବାର୍ଷିକ ଆୟ ୧.୮ ଲକ୍ଷରୁ କମ୍ ଥିବା ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏହାବ୍ୟତୀତ ବାର୍ଷିକ ଆୟ ୩.୬ ଲକ୍ଷ ଟଙ୍କାରୁ କମ୍ ଥିବା ହିତାଧିକାରୀଙ୍କୁ ଏହି ଯୋଜନା ଜରିଆରେ ବ୍ୟାଙ୍କଲୋନରେ ସବ୍‌ସିଡି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିବା ବିଏମ୍‌ସି ପକ୍ଷରୁ ସୂଚାଯାଇଛି। ଏନେଇ ବୁଧବାରରୁ ବିଏମ୍‌ସିର ସମସ୍ତ ୱାର୍ଡରେ ୪ ପର୍ଯ୍ୟାୟରେ ସର୍ଭେ କରାଯିବ। ଘରୋଇ ଏଜେନ୍ସିକୁ ଏହି ସର୍ଭେ ପରିଚାଳନା ଦାୟିତ୍ୱ ଦିଆଯାଇଥିବା କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି। ନଭେମ୍ବର ୨୩ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସର୍ଭେ ପାଇଁ ୧୦ ଟିମ୍ ଗଠନ କରାଯାଇଥିବା ମଧ୍ୟ ନିଗମ ପକ୍ଷରୁ ସୂଚାଯାଇଛି ।

### ୮ରେ ବିଷ୍ଣୁର୍ଦିବ୍ୟ ସହସ୍ରନାମ




ବ୍ରହ୍ମପୁର ଅଫିସ,୨୯।୧୦: ଆସନ୍ତା ୮ତାରିଖରେ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଖେଳପଡ଼ିଆରେ ୧୦୦୮ ଶ୍ରୀ ବିଷ୍ଣୁର୍ଦିବ୍ୟ ସହସ୍ରନାମ ସ୍ତୋତ୍ରମ୍ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୦୦୮ ବୈଦିକ ବ୍ରାହ୍ମଣ ଯୋଗଦେଇ ସ୍ତୋତ୍ରମ୍ ଉଚ୍ଚାରଣ କରିବେ। ବେଦପାଠଶାଳାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି । ବିଶ୍ୱଶାନ୍ତି ସମିତି ତରଫରୁ ଏହା ଆୟୋଜିତ ହେଉଛି। ସକାଳ ୯ଟାରେ ବେଦଧ୍ୱନୀ ସହ ମହାଦୀପ ପ୍ରଜ୍ୱଳନ ଓ ଶାନ୍ତ୍ୟାଧ୍ୟାୟ ପାଠ, ସାଢ଼େ ୯ଟାରେ ପୂଜାରମ୍ଭ, ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୧ଟା ମହାବିଷ୍ଣୁଙ୍କ ଷୋଡ଼ଶ ଉପଚାରାଦି ପୂଜନ ପରେ ମହାବିଷ୍ଣୁଙ୍କ ୧ ଲକ୍ଷ ଚନ୍ଦନ କୁଙ୍କୁମ ତୁଳସ୍ୟାର୍ଚ୍ଚନ ଓ ସକଳ ସୌଭାଗ୍ୟ ଦାୟକ ବିଷ୍ଣୁର୍ଦିବ୍ୟ ସହସ୍ରନାମ ସସ୍ୱର ପାରାୟଣାରମ୍ଭ, ପୂର୍ଣ୍ଣାହୁତି, ମହାଆଳତି ଓ ମନ୍ତ୍ର ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବ। ଏହା ପରେ ଏକ ସଭା ମଧ୍ୟ ଆୟୋଜିତ ହେବ। ସମ୍ପ୍ରତି ବିଭିନ୍ନ ସ୍ଥାନରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ବାରମ୍ବାର ଅଶାନ୍ତ ପରିବେଶ ସୃଷ୍ଟି ହେଉଛି । ମଣିଷମାନଙ୍କ ଚିନ୍ତାଧାରା କଳୁଷିତ ହେବାରେ ଲାଗିଛି। ମାନବ ଜାତିକୁ ଏଥିରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରାମଶଙ୍କର ଶତପଥୀ, ଉପଦେଷ୍ଟା ଶକ୍ତି ପ୍ରସାଦ ଶତପଥୀ, ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ ପ୍ରମୁଖ ସୂଚନା ଦେଇଛନ୍ତି ।

## ଅଧିକ ଯୌତୁକ ପାଇଁ ଦିଆଯାଉଥିଲା ନିର୍ଯାତନା

# ସ୍ତ୍ରୀଙ୍କୁ ହତ୍ୟାକରି ଜଙ୍ଗଲରେ ଫିଙ୍ଗିଥିଲେ ସ୍ୱାମୀ

### ଅଖାରେ ବନ୍ଧା କଙ୍କାଳ ଉଦ୍ଧାର କଲା ପୋଲିସ

ବୁଗୁଡ଼ା,୨୯।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ପୁରୁଣା ପାଣିକେଶର ଗ୍ରାମର ଶୁଭଶ୍ରୀ ଗୌଡ଼ଙ୍କୁ ହତ୍ୟା କରି ଅଖାରେ ବାନ୍ଧି ତାଙ୍କ ସ୍ୱାମୀ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ବୁଗୁଡ଼ା ଆଇଆଇସି ସିତାଂଶୁ ଶେଖର ମାନ୍ଧାତା ଓ ପୋଲିସ ଟିମ୍ ମଙ୍ଗଳବାର ତାରସିଙ୍ଗି ଜଙ୍ଗଲରେ ଥିବା ଏକ କେନାଲ ପାଖରୁ ଅଖାରେ ବନ୍ଧା ହୋଇ ପଡିଥିବା ଶୁଭଶ୍ରୀଙ୍କ ଚୁନି, ପାଉଁଜି, ଚୁଡ଼ି ଓ କଙ୍କାଳ ଜବତ କରିଛନ୍ତି। କଙ୍କାଳକୁ ଏଫଏମ୍‌ଟି ପାଇଁ ବ୍ରହ୍ମପୁର ପଠାଯିବ ବୋଲି ପୋଲିସ କହିଛି। ଶୁଭଶ୍ରୀଙ୍କ ମା'ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି କହିଛନ୍ତି ।

ପ୍ରକାଶ ଯେ, ବୁଗୁଡ଼ା ଥାନା ପାଣିକେଶର ଗ୍ରାମର ଦୁଃଖୀ ଗୌଡ଼ଙ୍କ ଝିଅ ଶୁଭଶ୍ରୀଙ୍କ ସହ ଭଗବାନପୁର ଗ୍ରାମର ଜୟ ଗୌଡ଼ଙ୍କ ପୁଅ ଶରତଙ୍କର ଏପ୍ରିଲ ୧୭ରେ ବିନା ଯୌତୁକରେ ବିବାହ ହୋଇଥିଲା। ପରେ ଶୁଭଶ୍ରୀଙ୍କ ଶ୍ୱଶୁର ଘର ଲୋକେ ୨ ଲକ୍ଷ ଟଙ୍କା, ସୁନାମୁଦି ଓ ଚେନ ଦାବିକରି ତାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଇ ଆସୁଥିଲେ। ୨ ମାସ ମଧ୍ୟରେ ଏସବୁ ଯୌତୁକ ଦେବେ ବୋଲି ଶୁଭଶ୍ରୀଙ୍କ ବାପଘରୁ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏହାକୁ ବିଶ୍ୱାସ ନ କରି ଶ୍ୱଶୁର ଘର ଲୋକେ ଶୁଭଶ୍ରୀଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେପ୍ଟେମ୍ବର ୧୮ରେ ତୁମ ଝିଅ ୨ ମାସ ହେଲା କୁଆଡ଼େ ଚାଲିଯାଇଛନ୍ତି ବୋଲି ସ୍ୱାଇଁ ଶରତ ଶୁଭଶ୍ରୀଙ୍କ ମା'ଙ୍କୁ ଫୋନରେ ଜଣାଇଥିଲେ। ଏପରିକି ଶୁଭଶ୍ରୀ ତାଙ୍କ ମାଙ୍କୁ ଫୋନ କରୁ ନ ଥିଲେ, କିମ୍ବା ସ୍ୱାଇଁଙ୍କୁ ଫୋନ କଲେ ସେ ଉଠାଉ ନ ଥିବାରୁ ତାଙ୍କ ମା' ବ୍ୟସ୍ତ ହେଉଥିଲେ। ତେଣୁ ଝିଅ ଶୁଭଶ୍ରୀଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ସନ୍ଦେହରେ ମା' ସେପ୍ଟେମ୍ବର ୨୫ ରେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୧୬/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ସନ୍ଦେହରେ ସ୍ୱାମୀ ଶରତଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିଲା। ଶରତଙ୍କୁ ପୋଲିସ ବାରମ୍ବାର ପଚରାଉଚରା ପରେ ସେ ଶୁଭଶ୍ରୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ । କିନ୍ତୁ ମୃତଦେହ ପକାଇ ଥିବା ସ୍ଥାନ ଠିକ୍‌ରେ ନ କହି ବାରମ୍ବାର ମତ ବଦଳାଉଥିଲେ। ପୋଲିସ ତାରସିଙ୍ଗି ଜଙ୍ଗଲ, ଦଶପଲ୍ଲା ଜଙ୍ଗଲ ଓ ବାଘୁଆ କେନାଲ ଆଦି ବିଭିନ୍ନ ସ୍ଥାନରେ ଖୋଜିଥିଲେ ମଧ୍ୟ ଶୁଭଶ୍ରୀଙ୍କ ପତ୍ତା ମିଳି ନ ଥିଲା । ଫଳରେ ପୋଲିସ ପାଇଁ ଏହା ଏକ ଚିନ୍ତାର ବିଷୟ ହୋଇଥିଲା। ମଙ୍ଗଳବାର ଶରତଙ୍କୁ ସାଙ୍ଗରେ ଧରି ତାରସିଙ୍ଗି ଥାନା ଅନ୍ତର୍ଗତ ଏକ ଜଙ୍ଗଲ ମଧ୍ୟସ୍ଥ କେନାଲ ନିକଟକୁ ପୋଲିସ ଯାଇଥିଲା। ସେଠାରେ ଏକ ଅଖାବନ୍ଧା ହୋଇଥିବା ଜାଣିପାରି ଦେଖିଲା ବେଳକୁ ସେଥିରେ କେବଳ କଙ୍କାଳ, ଚୁନି, ଚୁଡ଼ି, ପାଉଁଜି ସନ୍ଧାନ ମିଳିଥିଲା। ଏଗୁଡ଼ିକୁ ଶରତ ଚିହ୍ନିବାରୁ ପୋଲିସ ତାକୁ ଉଦ୍ଧାର କରି ଘଟଣାର ସତ୍ୟାସତ୍ୟ ଜଣାପଡ଼ିଥିଲା ।




ଦାବିପତ୍ର ପ୍ରଦାନ ବେଳେ ସଂଗଠନର କର୍ମକର୍ତ୍ତା।

## ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂସ୍କାରବାଦୀର ଦାବିପତ୍ର

ବ୍ରହ୍ମପୁର ଅଫିସ,୨୯।୧୦

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିନେଇ ସାମାଜିକ ସଂଗଠନ ସଂସ୍କାରବାଦୀ ପକ୍ଷରୁ ଆନ୍ଦୋଳନ ଅବ୍ୟାହତ ରହିଛି । ଦାବିପୂରଣ ନେଇ ସଂଗଠନ ପକ୍ଷରୁ ପୂର୍ବରୁ ବ୍ରହ୍ମପୁର କୋର୍ଟ ଆଗରେ ଧାରଣା, ପଦଯାତ୍ରା ଓ ଦସ୍ତଖତ ଅଭିଯାନ କରାଯାଇଛି। ମଙ୍ଗଳବାର ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ଉପରେ ସଂଗଠନ କର୍ମକର୍ତ୍ତା ଅବଗତ କରାଇଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଗଠନ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ । ଦାବିପତ୍ର ପ୍ରଦାନ ବେଳେ ସଂଗଠନ ସଭାପତି ତ୍ରିନାଥ ମହାରଣାଙ୍କ ସମେତ ରବି ରଥ, ଜିଲା ପରିଷଦ ସଦସ୍ୟ ବୃନ୍ଦାବନ ଖଟେଇ, ସରିତା ପଣ୍ଡା, ମଧୁସୂଦନ ସାହୁ, ରବି ନାରାୟଣ ଦାଶ, କପିଳଚନ୍ଦ୍ର ମହାନ୍ତି, ପ୍ରତାପ ପାଢୀ ଓ ହିତାଂଶୁ ଶେଖର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଖଲ୍ଲିକୋଟ କଲେଜରେ କ୍ୟାରିୟର କାଉନ୍‌ସେଲିଂ

ବ୍ରହ୍ମପୁର ଅଫିସ,୨୯।୧୦

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ମାର୍ଟକ୍ଲାସରେ ମଙ୍ଗଳବାର କ୍ୟାରିୟର୍ କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ନାତକ ଏବଂ ସ୍ନାତକୋତ୍ତର ବିଭିନ୍ନ ବିଭାଗର ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଏମ୍‌ସିର ବସ୍ତି ଉନ୍ନୟନ ଅଧିକାରିଣୀ ଇପ୍‌ସିତା ପ୍ରିୟଦର୍ଶିନୀ ବକ୍ତାଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକରେ ସଫଳତା ପାଇଁ କେମିତି ନିଜକୁ ପ୍ରସ୍ତୁତ କରାଯିବ, ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର ପ୍ରତିଦିନ କିଛି ନୂଆ ଶିଖିବାର ଇଚ୍ଛାଶକ୍ତି ରଖିଲେ, ନିଶ୍ଚୟ ସଫଳତା ମିଳିବ ବୋଲି ସେ କହିଥିଲେ। ମନରୁ ଭୟ ଦୂର କରିବା ସହ ଆତ୍ମବିଶ୍ୱାସ କେବେ କମ୍ ନ କରିବାକୁ ସେ ଆହ୍ୱାନ ଦେଇଥିଲେ। କ୍ୟାରିୟର୍ କାଉନସେଲିଂ ସେଲ୍ ସଂଯୋଜକ ପ୍ରଭାତ କୁମାର ସାହୁ ଏବଂ ସହସଂଯୋଜକ ଦୀପିକା ସେଠୀ ଏହାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅଧକ୍ଷା ଉତ୍ତମା ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଭାଗ ଅଧାପିକା ଅଧ୍ୟାପକମାନେ ଉପସ୍ଥିତ ଥିଲେ।



ଇପ୍‌ସିତା ପ୍ରିୟଦର୍ଶିନୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ସଡ଼କ ଦୁର୍ଘଟଣାରେ ଜୀବନବୀମା କର୍ମଚାରୀ ମୃତ

ବାଲୁଗାଁ,୨୯।୧୦(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥର ବ୍ରାହ୍ମଣ କୁଶଡ଼ିହ ଛକ ଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ପେଣ୍ଠ ବାଲିକୁଦା ଗ୍ରାମର ରମେଶ ଚନ୍ଦ୍ର ବଳ(୪୮)। ସେ ଜଣେ ଜୀବନବୀମା କର୍ମଚାରୀ ବୋଲି ଜଣାପଡିଛି। ପ୍ରକାଶ ଯେ, ବ୍ରହ୍ମପୁରସ୍ଥିତ ଜୀବନବୀମା ଶାଖାରେ କାର୍ଯ୍ୟ କରୁଥିବା ରମେଶ ମଙ୍ଗଳବାର ନିଜ ବାଇକ୍ ଯୋଗେ କେନ୍ଦ୍ରାପଡ଼ାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ବ୍ରାହ୍ମଣ କୁଶଡ଼ିହ ଛକରେ ପୂର୍ବାହ୍ନ ୧୧ଟାରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ସେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଗୁରୁତର ଅବସ୍ଥାରେ ରମେଶଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ସରକାରୀ ହସ୍ପିଟାଲ୍‌କୁ ନେଇଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ତାଙ୍କ ସ୍ତ୍ରୀ ବାଲୁଗାଁରେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇ ନଂ. ୧୩୨/୧୯ରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି।

## ଦଳିତଙ୍କ ଘର ଭାଙ୍ଗିବା ଘଟଣା

# ପ୍ରମାଣ ଅଭାବରୁ ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୯।୧୦

ଗଞ୍ଜାମ ଜିଲା ପ୍ରଥମ ଶ୍ରେଣୀ ଅତିରିକ୍ତ ଜଜ୍ (ଏଡିଜେ-୧) ପ୍ରସନ୍ନ କୁମାର ପଣ୍ଡା ଏକ ଦଳିତ ପରିବାରଙ୍କ ଘର ଭାଙ୍ଗିବା ଘଟଣାର ମଙ୍ଗଳବାର ଶୁଣାଣି କରିଥିଲେ। ପ୍ରମାଣ ମିଳି ନ ଥିବାରୁ ୪ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ପ୍ରଦୀପ ନାଇକ, ଅନ୍ତର୍ଯ୍ୟମୀ ପାତ୍ର, ଭୈରବ ଚନ୍ଦ୍ର ପାତ୍ର ଓ ଅଶୋକ କୁମାର ନାଇକ।

ପ୍ରକାଶଯେ, ଗୋଳନ୍ଥରା ଥାନା ବିଶ୍ୱନାଥପୁର ପଞ୍ଚାୟତ ମହାସାଇପେଣ୍ଠ ଗ୍ରାମ ପୋଖରୀ ହୁଡାରେ ଦୟା ନାଇକ ଏକ ଘର ନିର୍ମାଣ କରିଥିଲେ। ସେ ବାସହୀନ ଥିବା ବେଳେ ସରକାରୀ ଜାଗାରେ ତାଙ୍କ ପରିବାରକୁ ଧରି ରହୁଥିଲେ। ଗ୍ରାମର ୪ ଯୁବକ ଉକ୍ତ ଘର ନିର୍ମାଣକୁ ବିରୋଧ କରିଥିଲେ। ୨୦୧୪ ମାର୍ଚ୍ଚ ୨୬ ରାତିରେ ଉପରୋକ୍ତ ୪ ଅଭିଯୁକ୍ତ ଦୟାଙ୍କ ଘର ନିକଟରେ ପହଞ୍ଚି ତାଙ୍କ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିବା ସହ ସ୍ତ୍ରୀ ମୋହିନୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ଏପରିକି ଦୟାଙ୍କ ଘର ଭାଙ୍ଗିଦେବା ସହ ଗାଁ ଛାଡି ଚାଲିଯିବାକୁ ଧମକ ଦେଇଥିଲେ। ପରେ ଦୟା ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୩/୧୪ରେ ଏକ ମାମଲା ରୁଜୁକରି ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତତ୍କାଳୀନ ସଦର ଏସ୍‌ଡିପିଓ ହରିହର ପାଣି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଏହି ମାମଲାର ବିଚାର ବେଳେ ୬ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ବିଚାରପତି ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ମୋହନ ସିଙ୍ଗାରି, ପ୍ରକାଶ ଚନ୍ଦ୍ର ସେଠୀ, ଆର. ଶରତ କୁମାର ଓ ସରକାରଙ୍କ ପକ୍ଷରୁ ଜ୍ଞାନେନ୍ଦ୍ର ଜେନା ମକଦ୍ଦମା ପରିଚାଳନା କରିଥିଲେ।

## ପୂର୍ବତନ ମନ୍ତ୍ରୀ ବୃନ୍ଦାବନ ନାୟକଙ୍କ ଜୟନ୍ତୀ

# ସ୍ମୃତି କମିଟି ପକ୍ଷରୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ

ବ୍ରହ୍ମପୁର ଅଫିସ,୨୯।୧୦



ପୂର୍ବତନ ମନ୍ତ୍ରୀ, ବିଧାନସଭାର ପ୍ରାକ୍ତନ ବିରୋଧୀ ଦଳ ନେତା ଏବଂ ହିଞ୍ଜିଳି ଓ ବ୍ରହ୍ମପୁର ଆସନରୁ ବହୁବାର ବିଧାୟକ ହୋଇଥିବା ଲୋକପ୍ରିୟ ନେତା ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ୧୦୯ତମ ଜୟନ୍ତୀ ସମାରୋହ ମଙ୍ଗଳବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ବୃନ୍ଦାବନ ସ୍ମୃତି କମିଟି ଓ ଏସ୍‌ଏମ୍‌ଆଇଟିର ମିଳିତ ଆନୁକୂଲ୍ୟରେ ଡାଇମଣ୍ଡ ଜୁବିଲି ଟାଉନ ହଲରେ ସନ୍ଧ୍ୟାରେ ଆୟୋଜିତ ସମାରୋହରେ ସଞ୍ଜୟ ସ୍ମାରକୀ ବୈଷୟିକ ପ୍ରତିଷ୍ଠାନ ସଭାପତି ଭଗବାନ ଗନ୍ତାୟତ ଅଧକ୍ଷତା କରିଥିଲେ। ସମ୍ପାଦକ ଜାମୁଲା ଶଙ୍କର ନାରାୟଣ, ଯୁଗ୍ମ ସମ୍ପାଦକ ପ୍ରମୋଦ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଦଳମତ ନିର୍ବିଶେଷରେ ବିଶିଷ୍ଟ ବ୍ୟକ୍ତିମାନେ ଭାଷଣ ପ୍ରସଙ୍ଗରେ ସ୍ୱର୍ଗତ ନାୟକଙ୍କ କର୍ମମୟ ଜୀବନର ସ୍ମୃତି ସାଉଁଟିବା ସହ ତାଙ୍କ ଦୀର୍ଘବର୍ଷର ରାଜନୈତିକ ଜୀବନୀ ମନେପକାଇଥିଲେ। ଗଞ୍ଜାମ ଜିଲା ବିକାଶରେ ସ୍ୱର୍ଗତ ନେତାଙ୍କ ଅତୁଳନୀୟ ଅବଦାନ ନେଇ ଆଲୋକପାତ କରାଯାଇଥିଲା ।

ଏହି ଅବସରରେ ପୂର୍ବତନ ବିଧାୟକ ଚ୍ୟାଉ ପଟ୍ଟନାୟକ ଏବଂ ସାହିତ୍ୟିକ ଓ କଳାକାର ଭାନୁହଂସ ପଣ୍ଡାଙ୍କୁ ସ୍ମୃତି କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦୁଇ ଅନାଥ ଆଶ୍ରମର ଶତାଧିକ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ବଣ୍ଟନ ଏବଂ ଗରିବ ଅସହାୟ ବିଦ୍ୟାର୍ଥୀଙ୍କୁ କମିଟି ପକ୍ଷରୁ ଆର୍ଥିକ ଓ ଅନ୍ୟ ସହାୟତା ପ୍ରଦାନ କରାଯାଇଥିଲା। ବିଡିଏର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ ଓ ଅନ୍ୟମାନେ ସ୍ୱର୍ଗତ ନାୟକଙ୍କୁ ଶ୍ରଦ୍ଧାସୁମନ ଜଣାଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଜୀବନ ନେଉଛି ମସ୍ତିଷ୍କ ପକ୍ଷାଘାତ




କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ।

ବ୍ରହ୍ମପୁର ଅଫିସ,୨୯।୧୦

ବିଶ୍ୱ ପକ୍ଷାଘାତ ଦିବସ ମଙ୍ଗଳବାର ଆଇଇସି ହଲ୍‌ରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଅତିଥିଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର୍. ଜଗଦୀଶ ପଟ୍ଟନାୟକ, ଜିଲା ବହୁବ୍ୟାଧି ନିୟନ୍ତ୍ରକ ଡା. ଅଶୋକ ମିଶ୍ର, ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ସରୋଜିନୀ ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ମସ୍ତିଷ୍କ ପକ୍ଷାଘାତ ସମ୍ପ୍ରତି ବିଶ୍ୱରେ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖିବାକୁ ମିଳୁଛି। ବର୍ଷେ ଭିତରେ ୫.୫ନିୟୁତ ବ୍ୟକ୍ତିଙ୍କର ଏଥିରେ ମୃତ୍ୟୁ ଘଟିଲାଣି। ଏଣୁ ଏହି ରୋଗ ବିଷୟରେ ବ୍ୟାପକ ସଚେତନତା ଜରୁରୀ। ପ୍ରତିବର୍ଷ ଅକ୍ଟୋବର ୨୯ତାରିଖକୁ ବିଶ୍ୱ ପକ୍ଷାଘାତ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ବିଷୟ ରହିଛି 'ଆପଣ ଜଣେ ହୁଅନ୍ତୁ ନାହିଁ'। ଏହି ରୋଗକୁ ସତର୍କ କରାଯାଇ ପାରିଲେ, ମୃତ୍ୟୁସଂଖ୍ୟା ନିୟନ୍ତ୍ରଣ ହୋଇ ପାରିବ। ସେହିଭଳି ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି । ମସ୍ତିଷ୍କରେ ଥିବା ରକ୍ତନଳୀରେ କିଛି ବି ସମସ୍ୟା ସୃଷ୍ଟି ହେଲେ, ତାହା ମସ୍ତିଷ୍କ ପକ୍ଷାଘାତର ରୂପ ନେଇଥାଏ । ରକ୍ତନଳୀରେ ରକ୍ତ ପ୍ରବାହରେ ବାଧା ସୃଷ୍ଟି ହେଲେ କିମ୍ବା ଫାଟିଗଲେ ମୃତ୍ୟୁ ଘଟିଥାଏ। ଶତକଡ଼ା ୧୫ ଭାଗ ବ୍ୟକ୍ତି ଏହି ରୋଗରେ ମୃତ୍ୟୁମୁଖରେ ପଡିଥାନ୍ତି । ଶତକଡ଼ା ୨୦ରୁ ୨୫ ଭାଗ ବ୍ୟକ୍ତି ଡାକ୍ତରୀ ପରାମର୍ଶ ଏବଂ ପୁନର୍ବାସରେ ପ୍ରାୟ ଭଲ ହୋଇଥାନ୍ତି। ଶତକଡ଼ା ୬୦ଭାଗ ଲୋକ ପକ୍ଷାଘାତ ଜନିତ ଶାରୀରିକ ତଥା ମାନସିକ ଭିନ୍ନକ୍ଷମତାରେ ପୀଡ଼ିତ ହୁଅନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଜିଲା ଅଣସଂକ୍ରାମକ ରୋଗ ବିଭାଗ କର୍ମକର୍ତ୍ତା, ସ୍ୱାସ୍ଥ୍ୟକର୍ମୀ ଏବଂ ଏଏନ୍‌ଏମ୍ ଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆୟା ଆବଶ୍ୟକ**
(1) ଦୁଇ ମାସ ଶିଶୁର ଯତ୍ନ ନେବା ପାଇଁ ଆୟା ଆବଶ୍ୟକ।
(2) ଘରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଦରମା: Rs. 5,000/- + ରହିବା, ଖାଇବା ସୁବିଧା ଅଛି।
ଯୋଗାଯୋଗ
9348267623, 9583125591

**REQUIRED**
HR RECRUITER / BDE
Qualification - Graduate / Masters.
Experience 1 Yr. Fresher may Apply.
Email ID :
resume.ajeets@gmail.com
hr_one@ajeets.com

**WALK-IN-INTERVIEW**
ON 03.11.2019 (11am-5pm)
Plumber: 5 Nos.
Team Leader (Marketing) : 1No.
Marketing Executive: 10 Nos.
(Salary 10,000-20,000 PM+Perks)
CLEAN & FINE SERVICES
At-Banguari, Near Pahala Sweets Market, Bhubaneswar, Mob.: 9040064133

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time/Full Time)
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**Career Opportunity in Retail**
An established training provider working with government of India invites ready to go GRADUATES To workin established Retail Brands Pan India. Onspot Registration. Date 1st & 4th Nov. 19 at Canara Bank Building, Block Chaka, SAKHIGOPAL, Puri.
CONTACT : 9777791182/9668841656

**DIRECT JOIN JOB**
JOB LOCATION BBSR+CTC
• CUSTOMER CARE
• RECEPTIONIST
• BACK OFFICE
• DATA ENTRY
Mob : 9114090108

**DIRECT JOINING**
~ CALL CENTER
~ DATA ENTRY
~ TELE CALLER
~ DIGITAL MARKETING
~ BACK OFFICE
~ AUTOCAD
(Age Below 32 yrs) Odia, Hindi, English & Bengali
Qual. : 10th / +2 / +3 / ITI / Diploma
Salary : Rs.(6500 To 16500) + OT
9938733697, 9938809488

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା।
BRANCH MANAGER - 20 NOS
ASSISTANCE MANAGER - 10 NOS
OFFICE EXECUTIVE - 5 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot No : 551, Samantarapur Chhak, Behind Reliance Fresh, BBSR
Ph : 7992848615

**WANTED**
Pest Control Operator-2 nos.
୨ ବର୍ଷ ଅଭିଜ୍ଞତା ଥିବା ବ୍ୟକ୍ତି ଦରମା ୧୦,୦୦୦/- ପ୍ରତି ମାସ।
Italian/Continental Cook-1no. ୨ ବର୍ଷ ଅଭିଜ୍ଞତା ଥିବା ବ୍ୟକ୍ତି ଦରମା ୧୫,୦୦୦/- ପ୍ରତି ମାସ। ଯୋଗାଯୋଗ-
9437581042/9515883819

**URGENTLY REQUIRED FOR REAL ESTATE COMPANY**
Related jobs - JUNIOR ACCOUNTANT (Male), TELECALLING - (Ladies)
Experience Needed 2 to 3 Years
SHREEHARI CONSTRUCTIONS
B-II, 1st Floor, Indradhanu Market, IRC Village, Nayapalli, Bhubaneswar
Mail Id : shreeharipuri@gmail.com
Contact No.9439537644/9861796270.
Send CV with colour photograph to this above address or E-mail id.

**SECURITY JOB**
GISS ଆବଶ୍ୟକ କରୁଛି ଝାରସୁଗୁଡ଼ା, ଦେଓଗଡ଼, ବରଗଡ଼, ସୋନପୁର, ବଲାଙ୍ଗିର, ବୌଦ୍ଧ, ଅନୁଗୁଳ ଏବଂ ସୁନ୍ଦରଗଡ଼ ପାଇଁ ୫୫ ଜଣ ସିକ୍ୟୁରିଟି ଗାର୍ଡ। ମାସିକ ଦରମା ୮,୫୦୦ରୁ ୧୧,୦୦୦ (୮ ଘଣ୍ଟା), ସୁପରଭାଇଜର ୭ ଜଣ (EX Army) ମାସିକ ଦରମା ୧୨,୦୦୦ ରୁ ୧୪,୦୦୦ (୮ ଘଣ୍ଟା) E.S.I.C ଏବଂ E.P.F ସୁବିଧା ଉପଲବ୍ଧ।
Contact : 9861744455, 6370975356

**JOB VACANCY**
NEXGEN Renaissance Private Limited
Call Center Executive Required
BENGALI Speaking Candidate.
Qualification: Minimum +2 or Above.
Contact: 9615969596 / 9439800100
Work Based at Bhubaneswar, Patia

**RECRUITMENT**
For a reputed Jewellery Company *Area Managers* required. Persons having MBA with 5 to 6 yrs experinece in start-ups, Franchise development, FMCG, Mobile Handset selling are encourged for *Bhubaneswar*, *Balasore*, *Berhamepur* & *Cuttack*. Only shortlisted candidates will be called for interview.
Contact-7978691619
email-psunilpanda@yahoo.com

**PARADIP PORT TRUST**
PARADIP - 754 142, ODISHA (INDIA)
(An autonomous body under Ministry of Shipping, Govt. of India)
No. AD/RSC-I-24/32/2016/3483 Dt. 21 October, 2019
ADVERTISEMENT
Applications are invited from Indian Nationals for filling up one Class-I post of **Dy. Marine Engineer (UR)** on **Direct Recruitment** basis in Paradip Port Trust.
For further details, visit our website : **www.paradipport.gov.in**
Sr. Dy. Secretary
PPT/PR/401/19-20 Dt. 24.10.2019

**ନୋଟିସ୍**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ଲଜ୍‌ରୁ ୩ ନାବାଳିକା ଉଦ୍ଧାର

**ଭଞ୍ଜନଗର,୨୯।୧୦(ଡି.ଏନ.ଏ.):** ବେଲଗୁଣ୍ଠା ସହରରେ ଥିବା ଏକ ଲଜ୍‌ରେ ବ୍ରହ୍ମପୁର ଓ ବେଲଗୁଣ୍ଠା ଫାଣ୍ଡି ପୋଲିସ ସୋମବାର ରାତିରେ ମିଳିତଭାବେ ଚଢ଼ାଉ କରି ୩ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି। ଉଦ୍ଧାର ନାବାଳିକାମାନେ ବ୍ରହ୍ମପୁରର ହୋଇଥିବା ଯୋଗୁ ବ୍ରହ୍ମପୁର ପୋଲିସ ସେମାନଙ୍କୁ ନେଇଯାଇଛି। ଜଣେ ନାବାଳିକା ନିଖୋଜ ଥିବାନେଇ ତାଙ୍କ ପରିବାର ପକ୍ଷରୁ ବ୍ରହ୍ମପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନିଖୋଜ ନାବାଳିକାଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି ଠାବ କରିଥିଲା। ଏହି ସମୟରେ ଆଉ ୨ଜଣ ନାବାଳିକା ମଧ୍ୟ ଉକ୍ତ ନାବାଳିକାଙ୍କ ସହ ଥିବା ଜଣାପଡିଥିଲା। ନାବାଳିକାମାନେ କେଉଁ କାରଣରୁ ବେଲଗୁଣ୍ଠାକୁ ଆସି ଏହି ଲଜ୍‌ରେ ଥିଲେ, କାହା ସହ ଆସିଥିଲେ ସେନେଇ ବ୍ରହ୍ମପୁର ପୋଲିସ ତଦନ୍ତ ଚଳାଇଛି। ଏଥିସହ ବେଲଗୁଣ୍ଠା ଫାଣ୍ଡି ପୋଲିସ ଲଜ୍ ମାଲିକଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ନାବାଳିକାମାନେ ଆବଶ୍ୟକ କାଗଜପତ୍ର ନଦେଇ ଏଠାରେ ରହିଥିବା ସନ୍ଦେହ କରାଯାଉଛି।

### ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ

**ଗଞ୍ଜାମ,୨୯।୧୦(ଡି.ଏନ.ଏ.):** ଗଞ୍ଜାମ ବ୍ଲକ କନଫରେନ୍ସ ହଲଠାରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ, ଅତିରିକ୍ତ ଏସ୍‌ପି ସାନ୍ତନୁ କୁମାର ପାଢ଼ୀ, ବିଡିଓ ଜ୍ୟୋତି ଶଙ୍କର ରାଏ, ଭିଜିଲାନ୍ସ ଇନ୍ସପେକ୍ଟର (ଛତ୍ରପୁର) ସୋମନାଥ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ସମାଜ ପାଇଁ କଳଙ୍କ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯଦି କୌଣସି ଅଫିସରଙ୍କ କାର୍ଯ୍ୟଶୈଳୀରେ ସନ୍ଦେହ ହେଉଛି କିମ୍ବା କେହି ଲାଞ୍ଚ ମାଗନ୍ତି ତା’ହେଲେ ତୁରନ୍ତ ନିଶୁଳ୍କ ଫୋନ ନଂ.୦୬୮୦-୨୨୮୨୩୦୦ ମାଧମରେ ଅଭିଯୋଗ ଜଣାନ୍ତୁ ବୋଲି ଭିଜିଲାନ୍ସ ଏସପି ସ୍ୱାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସନ୍ତୋଷପୁର ସମିତିସଭ୍ୟ ଗଗନ ସ୍ୱାଇଁ ବ୍ଲକରେ ସ୍ୱଚ୍ଛତା ଆଣିବାକୁ ହେଲେ ମାନସିକତାର ପରିବର୍ତ୍ତନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

### ବଲସକୁମ୍ପାରେ ଗ୍ରାମସଭା

**ଖଜୁରିପଡ଼ା,୨୯।୧୦(ଡି.ଏନ.ଏ.):** ଖଜୁରିପଡା ବ୍ଲକ ବଲସକୁମ୍ପା ପଞ୍ଚାୟତ ବଲସକୁମ୍ପା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ସରପଞ୍ଚ ଅଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ୱାର୍ଡମେମ୍ବର, ଅଙ୍ଗନୱାଡ଼ି କର୍ମୀ, ପାଚିକା, ସ୍ୱୟଂ ସହାୟକ ଗୋଷ୍ଠୀ, ନାଏବ ସରପଞ୍ଚ ଗୀତାଞ୍ଜଳି ନାୟକ ଓ ପଞ୍ଚାୟତର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ଅଜୟ ମଲ୍ଲିକ ଗ୍ରାମସଭାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ନିଜ ନିଜ ଗ୍ରାମରେ ଆବଶ୍ୟକ ଥିବା ପ୍ରକଳ୍ପଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କ ମଞ୍ଜୁର ପାଇଁ ପଠାଯିବ ଏହାର ମୁଖ୍ୟ ଉଦ୍ଦେଶ୍ୟ। ବୈଠକରେ ରାଜେନ୍ଦ୍ର ବେହେରା, ମୋହନ ବେହେରା, ଝୁନୁ ନାୟକ, ମା’ ଇଷ୍ଟଦେବୀ ଯୁବ କଳା ପରିଷଦ ସଭାପତି ବିନାୟକ ସାହାଣୀ, ଉପସଭାପତି ଗୋକୁଳ ସାହାଣୀ, କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା, ସମ୍ପାଦକ ବିଦୁର ବେହେରା, ବିଜୟ ସାହାଣୀ ଓ ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଘୁମୁସର ବନଖଣ୍ଡରେ ୩୫ ହାତୀ

# ଦନ୍ତା ଆକ୍ରମଣରେ ମା’ ଗୁରୁତର, ବର୍ତ୍ତିଲେ ଝିଅ

**ଭଞ୍ଜନଗର,୨୯।୧୦(ଡି.ଏନ.ଏ.)**

ଘୁମୁସର ଉତ୍ତର ଓ ଦକ୍ଷିଣ ବନଖଣ୍ଡରେ ମଙ୍ଗଳବାର ସୁଦ୍ଧା ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ହାତୀ ଥିବା ଜଣାପଡିଛି। ସନ୍ଧ୍ୟା ହେଲେ ହାତୀମାନେ ଜଙ୍ଗଲରୁ ବାହାରି ଧାନ ଫସଲ ନଷ୍ଟ କରୁଛନ୍ତି। ଫଳରେ ଜଙ୍ଗଲ ପାଖ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ଜଗନ୍ନାଥପ୍ରସାଦ ରେଞ୍ଜ ନାରାୟଣପଲ୍ଲୀ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ମହିଳା ମାୟା ନାୟକ (୭୯) ଆହତ ହୋଇଛନ୍ତି। ଆକ୍ରମଣରୁ ତାଙ୍କ ଝିଅ ଟୁନି ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ମାୟାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍‌ପିଟାଲ ଓ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ।




ଆହତ ମହିଳାଙ୍କ ଚିକିତ୍ସା ଚାଲିଛି।

ପ୍ରକାଶ ଯେ, ମାୟା ଓ ଟୁନି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ପୂର୍ବାହ୍ନରେ ଗ୍ରାମ ନିକଟ ଜଙ୍ଗଲକୁ ଯାଇଥିଲେ। ୮ଟି ହାତୀଥିବା ଏକ ପଲ ସହ ମା’ ଝିଅଙ୍କର ମୁହାଁମୁହିଁ ହୋଇଥିଲା। ଟୁନି ଦୌଡି ପଳାଇ ଆସିଥିବାବେଳେ ମାୟାଙ୍କୁ ଏକ ଦନ୍ତା ଶୁଣ୍ଢରେ ଠେଲି ଦେଇଥିଲା। ପରେ ହାତୀପଲ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ଟୁନି ଗ୍ରାମବାସୀଙ୍କ ସହଯୋଗରେ ମାୟାଙ୍କୁ ଉଦ୍ଧାର କରି ମେଡିକାଲ ଆଣିଥିଲେ। ଡିଏଫଓ ଅଭୟ କୁମାର ଦଳେଇ ପରିସ୍ଥିତି ନେଇ ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ଏସିଏଫ ସୁଦର୍ଶନ ବାଦୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ନଜର ରଖାଯାଇଛି। ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବା ସହ ଲୋକଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ନେଇ ସଚେତନତା କରାଯାଉଛି।

# ରକ୍ତଝାଡ଼ାରେ ୧୦ ଗୋରୁ ମୃତ

**ଦାରିଙ୍ଗବାଡି,୨୯।୧୦(ଡି.ଏନ୍.ଏ.)**

ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ଜୁଡାବାଡି ଗ୍ରାମରେ ରକ୍ତଝାଡ଼ା ହୋଇ ୧୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଦାରିଙ୍ଗବାଡି ସହକାରୀ ପ୍ରାଣୀ ଚିକିତ୍ସକ ଚିନ୍ମୟ କୁମାର ସାହୁ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ଗୋରୁମାନଙ୍କୁ ଗୁହାଳରେ ରଖି ଖାଇବାକୁ ଦେବାକୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକୀୟ ଚିକିତ୍ସା ମଧ୍ୟ କରିଛନ୍ତି। ରକ୍ତଝାଡାରେ ଗୋରୁଙ୍କ ମୃତ୍ୟୁ ଘଟିବାରୁ ମାଲିକମାନେ ଭଗତସିଂ ପାହାଡି ଚାଷୀ ସଂଘକୁ ଅବଗତ କରାଇଥିଲେ। ଏହି ସଂଘ ଦାରିଙ୍ଗବାଡି ଗୋଷ୍ଠୀ ପ୍ରାଣୀ ଚିକିତ୍ସକଙ୍କ ନିକଟରେ ଜଣାଇବା ପରେ ସହକାରୀ ପ୍ରାଣୀ ଚିକିତ୍ସକ ଚିନ୍ମୟ କୁମାର ସାହୁ ଜୁଡାବାଡିରେ ପହଞ୍ଚି ଚିକିତ୍ସା କରୁଛନ୍ତି। ସେ କହିଛନ୍ତି ଯେ, ବର୍ଷା ଲାଗି ରହିଥିବାରୁ ବାହାରର ପଚାଶଢ଼ା ଖାଦ୍ୟ ଖାଇ ଗୋରୁଙ୍କ ପାକସ୍ଥଳୀରେ ଇନ୍‌ଫେକସନ ହୋଇଯାଇଛି। ଗ୍ରାମର ସାନ୍ଧୁରା ପ୍ରଧାନଙ୍କ ସମେତ ବୁଲିଙ୍ଗା ଦିଗାଳ, ରଞ୍ଜନ ଦିଗାଳ, ସିକନ୍ଦର ଦିଗାଳ, ଅନାମ ପ୍ରଧାନ ପ୍ରମୁଖ ଯୋଗଦେଇ ସହକାରୀ ପ୍ରାଣୀ ଚିକିତ୍ସକଙ୍କଠାରୁ ପରାମର୍ଶ ଗ୍ରହଣ କରିଛନ୍ତି।




ପ୍ରାଣୀଧନ ଚିକିତ୍ସକଙ୍କ ସହ ଗୋରୁ ମାଲିକମାନେ।

# କୃଷ୍ଣସାରଙ୍କ ସୁରକ୍ଷା ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ୨ ଡିଏଫ୍‌ଓଙ୍କ ସହ ଆଲୋଚନା କରୁଛନ୍ତି।

**ଭଞ୍ଜନଗର,୨୯।୧୦(ଡି.ଏନ.ଏ.)**

ଘୁମୁସର ଦକ୍ଷିଣ ବନଖଣ୍ଡର ବୁଗୁଡା ଓ ଆସିକା ରେଞ୍ଜରେ ବିରଳ କୃଷ୍ଣସାର ମୃଗ ଦେଖାଯାଆନ୍ତି। ଏଥିସହ ଉତ୍ତର ଘୁମୁସର ବନଖଣ୍ଡର ଜଗନ୍ନାଥପ୍ରସାଦ ରେଞ୍ଜର କେତେକ ଅଞ୍ଚଳରେ ମଧ୍ୟ ଏହି ବିରଳ କୃଷ୍ଣସାର ମୃଗ ଦେଖାଦିଅନ୍ତି। ଏମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। କେତେକ ସ୍ଥାନରେ ଅବାଧରେ ଶିକାର ମଧ କରାଯାଉଛି। ଯାହାକୁ ନେଇ ପରିବେଶବିତ୍ ଚିନ୍ତାରେ। ଏଭଳି ପରିସ୍ଥିତିରେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର କୃଷ୍ଣସାର ମୃଗମାନଙ୍କ ସୁରକ୍ଷା ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ମୃଗମାନଙ୍କ ଖାଦ୍ୟ ଅଭାବ ଆଶଙ୍କା ରହିଛି। ତେଣୁ ବିଭାଗ ପକ୍ଷରୁ ଘାସ ମଞ୍ଜି ବୁଣିବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୃଗମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ। କୃଷ୍ଣସାର ମୃଗ କେଉଁ ଅଞ୍ଚଳରେ କେଉଁ ସମୟରେ ପ୍ରାୟ ଦେଖାଦିଅନ୍ତି ସେନେଇ ମନ୍ତ୍ରୀ ପଚାରି ବୁଝିଥିଲେ। ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ମଧ୍ୟ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହୁରା, ଏସିଏଫ୍ ସୁଦର୍ଶନ ବାଦୀ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ମନ୍ତ୍ରୀ ମଙ୍ଗଳବାର ବନ ବିଭାଗ ପକ୍ଷରୁ ସ୍ଥାନୀୟ ହାର୍ଟନଗରରେ ହୋଇଥିବା କାଳୀ ପୂଜା ଦର୍ଶନ କରିବାକୁ ଆସିଥିଲେ। ଏହି ସମୟରେ ସେ ବିଭାଗୀୟ ଅଧିକାରୀଙ୍କ ସହ ଦୁଇ ବନଖଣ୍ଡର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ।

## ବାର୍‌ହା ପଲ ଯୋଗୁ ଫସଲ ନଷ୍ଟ: କ୍ଷତିପୂରଣ ଦାବିକଲେ ଗ୍ରାମବାସୀ

**ବୁଗୁଡ଼ା,୨୯।୧୦(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଖୋଲଖାଲି ଗ୍ରାମର ବିଭିନ୍ନ ଫସଲ ବାର୍‌ହା ପଲ ନଷ୍ଟ କରିଛନ୍ତି। କ୍ଷତିପୂରଣ ପ୍ରଦାନ ପାଇଁ ମଙ୍ଗଳବାର ଗ୍ରାମବାସୀ ଲିଖିତ ଆକାରରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଖୋଲଖାଲି ଗ୍ରାମବାସୀ କୃଷି ଉପରେ ନିର୍ଭର କରନ୍ତି। କିନ୍ତୁ ବର୍ତ୍ତମାନ ବାରହାପଲ ଅଞ୍ଚଳର ହୋଇଥିବା ଧାନ, ବିରି, ଆଳୁ, ସାରୁ ଓ ମୁଗ ଫସଲ ନଷ୍ଟ କରୁଛନ୍ତି। ତେଣୁ ସେମାନଙ୍କୁ ଘଉଡ଼ାଇବାର ବ୍ୟବସ୍ଥା ସହ ଫସଲ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କୁ ପଚାରିବାରୁ, ବାର୍‌ହାମାନଙ୍କୁ ଘଉଡ଼ାଇବା ବ୍ୟବସ୍ଥା ସହ କ୍ଷତି ହୋଇଥିବା ଫସଲର କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ।

## ନୂଆପଡା ପଞ୍ଚାୟତରେ ଅନିୟମିତତା ଅଭିଯୋଗ

# ତଦନ୍ତ କଲେ ସହକାରୀ ଜିଲାପାଳ

**ଚିଙ୍କିଟି,୨୯।୧୦(ଡି.ଏନ.ଏ.)**

ଚିଙ୍କିଟି ବ୍ଲକ୍ ନୂଆପଡା ପଞ୍ଚାୟତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଗ୍ରାମର ଜନସୂଚନା ଅଧିକାରୀ ହୃଷିକେଶ ନାୟକ ଗତ ୧୭ ଜୁଲାଇରେ ବ୍ଲକ୍ ଓ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। ତଦନ୍ତ ନ ହେବାରୁ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରେ ନୂଆପଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ବ୍ରହ୍ମପୁର ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଙ୍କିଟି ଏବିଡିଓ ରମାକାନ୍ତ ସାହୁ ଓ ଏଇ ସୁଶାନ୍ତ କୁମାର ପଟ୍ଟନାୟକ ପହଞ୍ଚି ତଦନ୍ତ ପାଇଁ ପ୍ରତିଶ୍ରୁତି ଦେବାପରେ ହୃଷିକେଶ ଅନଶନରୁ ଓହରିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ବ୍ରହ୍ମପୁର ଉପଜିଲାପାଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଜିଲାପାଳ ପି. ମାଲେଶୁ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ନୂଆପଡା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିବା ସହ ନଥିପତ୍ର ଯାଞ୍ଚ କରିଥିଲେ। ଏହି ଟିମ୍‌ରେ ଚିଙ୍କିଟି ତହସିଲଦାର ହରପ୍ରସାଦ ଭୋଇ, ବିଡିଓ ଫାଲ୍‌ଗୁନି ମାଝି, ଏବିଡିଓ ରମାକାନ୍ତ ସାହୁ, ଏଇ ସୁଶାନ୍ତ କୁମାର ପଟ୍ଟନାୟକ, ଜିପିଓ ରାମକୃଷ୍ଣ ରଥ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଉତ୍ତମ ନାୟକ ପ୍ରମୁଖ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୪ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ରାସ୍ତା ଓ ଇନ୍ଦିରାବାସ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଅନିୟମିତତା ହୋଇଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ନୂଆପଡା ସରପଞ୍ଚ ଏସ୍. ମମତାଙ୍କ ସହ ଯୋଗାଯୋଗ କରିବାରୁ ସେ ଅନିୟମିତତା କଥା ମିଛ ଓ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହିଥିଲେ।

## ଜମିରୁ ହୋଇପାରୁନି ଜଳ ନିଷ୍କାସନ

# ସ୍ଥିତି ଅନୁଧ୍ୟାନ କଲେ ଏମ୍‌ପି, ବିଧାୟିକା

**ଆସିକା,୨୯।୧୦(ଡି.ଏନ୍.ଏ.)**

ଆସିକା ବ୍ଲକ ହରିଡାପଦର ପଞ୍ଚାୟତ ମଣ୍ଡାପଡ଼ା ଗ୍ରାମ ନିକଟରେ ଜଳ ନିଷ୍କାସନ ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ ବରଗାଁ, ଜୟପୁର ଓ ହରିଡାପଦର ପଞ୍ଚାୟତର ପ୍ରାୟ ୨ଶହ ଏକରରୁ ଉର୍ଦ୍ଧ୍ୱ ଖାଲୁଆ ଚାଷ ଜମିରେ ପାଣି ଜମି କ୍ଷତି ହେଉଛି। ମଙ୍ଗଳବାର ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ସ୍ଥିତି ଅନୁଧ୍ୟାନ କରିବା ସହ ମାଗୁରା ଗ୍ରାମକୁ ଯାଇ ସରପଞ୍ଚ ଓ ଜନସାଧାରଣ ସହ ଆଲୋଚନା କରିଥିଲେ। ଜଳ ନିଷ୍କାସନ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଜଳ ସମ୍ପଦ ବିଭାଗ ସହ ଆଲୋଚନା କରି ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏମ୍‌ପି, ବିଧାୟିକାଙ୍କ ଗସ୍ତ ବେଳେ ଏମପି ପ୍ରତିନିଧି ସୁରଥ ପ୍ରଧାନ, ଯୁବନେତା ନଚିକେତା ସ୍ୱାଇଁ, ସରପଞ୍ଚ ସୁନିତା କୁମାରୀ ବିଶ୍ୱାଳ, ସଞ୍ଜୟ କୁମାର ଜେନା, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଜିଲାପରିଷଦ ପ୍ରତିନିଧି ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗଡଗଡିଆ ପାହାଡରୁ ଆସୁଥିବା ଜଳ ସହ ଚିନିଶିଳ୍ପର ମଇଳା ପାଣି କଇଁଫୁଲିଆ ନାଳ ଦେଇ ସଂପୃକ୍ତ ଖାଲୁଆ ଜମିରେ ପ୍ରବେଶ କରିଥାଏ। ତେବେ ମଣ୍ଡାପଡା ନିକଟରେ ବାଘୁଆ ନଦୀରେ ପଡିବା ପାଇଁ ଥିବା ଗେଟଗୁଡିକ କାମ କରୁ ନ ଥିବାରୁ ଜମିରୁ ଜଳ ନିଷ୍କାସନ ହୋଇ ନ ପାରି ଫସଲ କ୍ଷତି ହେଉଛି।

## ଆଇଆରଇର ସ୍ୱାସ୍ଥ୍ୟ ଶିବିର

**ଛତ୍ରପୁର,୨୯।୧୦(ଡି.ଏନ.ଏ.)**

ଆଇଆରଇ (ଭାରତୀୟ ବିରଳ ମୃତ୍ତିକା) ପ୍ଲାଣ୍ଟ ପକ୍ଷରୁ ଛତ୍ରପୁର ବ୍ଲକ କାଳିପଲ୍ଲୀ ଗାଁରେ ପଞ୍ଚାୟତସ୍ତରୀୟ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ହୋଇଥିଲା। ଏଥିରେ ୨୦୦ ଜଣଙ୍କର ଚିକିତ୍ସା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ଆଇଆରଇ ସିଜିଏମ୍ ଏ.ଜେ. ଜନାର୍ଧନନ୍, ଡିଜିଏମ୍ (ସମ୍ବଳ) ଜି.କେ. ନାୟକ, ଡିଜିଏମ୍ (ମାଇନିଂ) ଜେ.ଏନ୍.ଷଡଙ୍ଗୀ, ଚିଫ୍ ମ୍ୟାନେଜର ଏସ୍.ଏସ୍. ମଲ୍ଲୀକ ଯୋଗ ଦେଇଥିଲେ। ଡା. ଅର୍ଦ୍ଧେନ୍ଦୁ ପାଲ୍, ଡା. ପ୍ରମିଳା ମିଶ୍ର ଚିକିତ୍ସା କରିଥିଲେ। ଆର୍.କେ. ପାତ୍ର, ଟି.ଏଚ୍. ଆଚାର୍ଯ୍ୟ, କେ. ସି. ପ୍ରଧାନ, ସସ୍ମିତା ନାୟକ, ଭାରତ ବେହେରା, ସୁରେନ୍ଦ୍ର ପ୍ରଧାନ ଓ ଏନ୍.କେ. ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଚକାପାଦରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଶଙ୍କରାଖୋଲ,୨୯।୧୦(ଡି.ଏନ୍.ଏ.)**

ଚକାପାଦ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଡ. ବୃନ୍ଦା ଡି. ଯୋଗ ଦେଇ ୧୨୬ଟି ଅଭିଯୋଗ ଶୁଣିଥିଲେ। ଏଥିରେ ୧୧୦ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଅଭିଯୋଗ ରହିଥିଲା। ଏନ୍ଏଚ୍ କଡରେ ନିର୍ମାଣ ହୋଇଥିବା ଡ୍ରେନ୍ ଉପରେ ସ୍ଲାବ ପକାଇବା, ରାସ୍ତା କଡରେ ଯାଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାରକୁ ଉପରକୁ ଉଠାଇବାକୁ ସମିତିସଭ୍ୟ ବିଷ୍ଣୁ ଚରଣ ଦିଗାଳ ଦାବି କରିଥିଲେ। ସେହିପରି ବ୍ରାହ୍ମଣପାଦଠାରେ ନୂତନ ଆର୍‌ଆଇ କାର୍ଯ୍ୟାଳୟ ଖୋଲିବାକୁ ଗ୍ରାମବାସୀ ଦାବି କରିଥିଲେ। ଝରସାହି ଓ ଗଡପଦରଠାରେ ପାନୀୟ ଜଳ ଯୋଗାଣ, ପସରା ପଞ୍ଚାୟତ ଗଛାବାରିରେ ବିଦ୍ୟୁତ ସଂଯୋଗ ପାଇଁ ଦାବି କରିଥିଲେ। ଆବାସ



ଜିଲାପାଳ ଜଣେ ବୃଦ୍ଧାଙ୍କୁ ହୁଇଲଚେୟାର ପ୍ରଦାନ କରୁଛନ୍ତି।

ଗୃହ ପାଇଁ ଆସୁଥିବା ବାଲି ଟ୍ରାକ୍ଟରକୁ ନ ଧରିବାକୁ ବ୍ଲକ ଅଧକ୍ଷ ପ୍ରଭଞ୍ଜନ କହଁର, ସମିତିସଭ୍ୟ ପୀତାମ୍ବର ମଲିକ, ବିଷ୍ଣୁ ଚରଣ ଦିଗାଳ, ସରପଞ୍ଚ ଚିତ୍ର କହଁର, ସଚ୍ଚିଦାନନ୍ଦ ସାହୁ, ସୀମାଞ୍ଚଳ ବେହେରା ପ୍ରମୁଖ ଦାବି କରିଥିଲେ। ଜିଲାପାଳ ଏନେଇ ଚକାପାଦ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟକଲମେଣ୍ଡି ଗ୍ରାମର ଅସନି ଦିଗାଳ ଓ ବୁଢୁଲିମେଣ୍ଡି ଗ୍ରାମର ତାରାବତୀ ପ୍ରଧାନଙ୍କୁ ଜିଲାପାଳ ହୁଇଲ ଚେୟାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଚକାପାଦ ଗ୍ରାମର ପ୍ରଦୀପ୍ତ ଗନ୍ତାୟତଙ୍କୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ ସହ ତାଙ୍କ ଚିକିତ୍ସା ଖର୍ଚ୍ଚ ଜିଲା ପ୍ରଶାସନ ବହନ କରିବ ବୋଲି କହିଥିଲେ। ବିଡିଓ ଅନିଲ କୁମାର ପଟ୍ଟନାୟକ ଏହାର ପରିଚାଳନା କରିଥିଲେ।

# ନୂଆଗଡ଼ ବ୍ଲକରେ ସମିତି ବୈଠକ



ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ଆର.ଉଦୟଗିରି, ୨୯।୧୦(ଡି.ଏନ.ଏ.)**

ନୂଆଗଡ ବ୍ଲକ ସଭାଗୃହରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିବାବେଳେ ସମିତି ଅଧକ୍ଷା ଗୁରୁବାଇ ମଣ୍ଡଳ ଅଧକ୍ଷତା କରିଥିଲେ। ଉନ୍ନତିମୂଳକ କାମ ଦଳମତ ନିର୍ବିଶେଷରେ କରିବାକୁ ବିଧାୟକ ଗମାଙ୍ଗ ପରାମର୍ଶ ଦେଇଥିଲେ। ସମିତିସଭ୍ୟାସଭ୍ୟ ବ୍ଲକର କୌଣସି କାମରେ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ଉତ୍ତରରେ ନୂଆଗଡ ସରପଞ୍ଚ ମିନ ମଣ୍ଡଳ କହିଥିଲେ, ପୂର୍ବତନ ବିଡିଓ ଥିବାବେଳେ ଆପଣମାନେ ସରପଞ୍ଚମାନଙ୍କୁ ଗୁରୁତ୍ୱ ଦେଉ ନ ଥିଲେ। ସେହି ସମୟରେ ଆମେ ଆପଣ ମାନଙ୍କ ନାମରେ ଅଭିଯୋଗ କରିଥିଲୁ। ଏହାକୁ ନେଇ ବୈଠକରେ ପାଟିତୁଣ୍ଡ ହୋଇଥିଲା। ବିଧାୟକ ପ୍ରତିନିଧି ବୁଝାଇବାପରେ ବୈଠକ ସ୍ୱାଭାବିକ ହୋଇଥିଲା। ପି. ଅନ୍ତରଡାରେ ଉନ୍ନତିମୂଳକ କାମ ହେଉ ନ ଥିବା ସରପଞ୍ଚ ଅଭିଯୋଗ କରିଥିଲେ। ନୂଆଗଡ ସରପଞ୍ଚ ମିନ ମଣ୍ଡଳ ଏହି ବ୍ଲକକୁ ଅଧିକ ଜେଇ ଯୋଗାଇ ଦିଆଯାଉ, ବେତରସିଂ ଗ୍ରାମ ରାସ୍ତା ପୁର୍ନବାର ମରାମତି କରାଯାଉ ବୋଲି କହିଥିଲେ। ବୈଠକରେ ବିଡିଓ ପ୍ରଫୁଲ୍ଲ କୁମାର ମୁର୍ମୁ ଅଭିଭାଷଣ ରଖିଥିଲେ। ଜିଲା ପରିଷଦ ସଭ୍ୟା କବିତା ଶବର, ସହକାରୀ ନିର୍ବାହୀ ଯନ୍ତ୍ରୀ ପି. କେ. ପଟ୍ଟନାୟକଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିପିଇଓ ପ୍ରଭାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିମନବାଡ଼ିରେ ଫୁଡ୍ ଫେଷ୍ଟିଭାଲ

# କ୍ଷୁଦ୍ରଦାନା ଶସ୍ୟ ବ୍ୟବହାର ସଚେତନତା

**ଦାରିଙ୍ଗବାଡ଼ି,୨୯।୧୦(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ିରେ ସୋମବାର ଫୁଡଫେଷ୍ଟିଭାଲ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସିମନବାଡ଼ି ସରପଞ୍ଚ ପ୍ରତିନିଧି ପରମେଶ୍ୱର ପ୍ରଧାନ, ସହକାରୀ କୃଷି ଅଧିକାରୀ ପବିତ୍ର ମୋହନ ସାହୁ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓଡ଼ିଶା ମିଲେଟ ମିଶନ ପକ୍ଷରୁ ଜାଗୃତି ଏହାକୁ ଆୟୋଜନ କରିଥିଲା। କ୍ଷୁଦ୍ରଦାନାଶସ୍ୟର ଆବଶ୍ୟକ ଶରୀର ପାଇଁ ଉପଯୋଗୀ ଥିବା ଫାଇବର, ଭିଟାମିନସ୍ ପ୍ରଚୁର ପରିମାଣରେ ରହିଥିବାରୁ ଏହାକୁ ବ୍ୟବହାର କରିବାକୁ କୁହାଯାଇଥିଲା। ମାଣ୍ଡିଆ ସମେତ କାଙ୍ଗୁ, କୁଏରୀ ଆଦି କ୍ଷୁଦ୍ରଦାନା ଶସ୍ୟ




ଫୁଡ୍ ଫେଷ୍ଟିଭାଲରେ ଅତିଥି ଓ ଅଞ୍ଚଳବାସୀ।

ସମ୍ପର୍କରେ ସଚେତନ କରାଯାଇଥିଲା। ରାଜ୍ୟ ସରକାର ଏବେ ସାଧାରଣ ବଣ୍ଟନ ସାମଗ୍ରୀରେ ମାଣ୍ଡିଆ ପ୍ରଦାନ କରୁଛନ୍ତି। ଏଣୁ ଏହାକୁ ରାଜ୍ୟ ସରକାର ବହୁଳ ଭାବେ ପ୍ରଚାରପ୍ରସାର କରିବା

### ବହୁଳ ପ୍ରଚାର ପ୍ରସାର ଲାଗି ପରାମର୍ଶ

ସହ କ୍ଷୁଦ୍ରଦାନାଶସ୍ୟକୁ ଖାଦ୍ୟରେ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥି ସହ କ୍ଷୁଦ୍ରଦାନା ମାଣ୍ଡିଆରେ ପିଆଜି, ପକୁଡ଼ି, ଲଡ୍ଡୁ, କାକରା ପିଠା, ଗୁଲୁଗୁଲା,କାଙ୍ଗୁରେ ଖିରି ଆଦି ଖାଦ୍ୟ ପ୍ରସ୍ତୁତ କରି ସ୍ଥାନୀୟ ଲୋକଙ୍କୁ ଖାଇବାକୁ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମିଲଟ ମିଶନ ଜିଲା ସଂଯୋଜକ ଯଶୋବନ୍ତ ବଳିଆର ସିଂ, ବ୍ଲକ ସଂଯୋଜକ ମହେନ୍ଦ୍ର ପରିଡ଼ା, ସହସଂଯୋଜକ ଦେବାନନ୍ଦ ଦାସ, କୃଷକ ପାହାଡ଼ି ପ୍ରଡ୍ୟୁସର ଗ୍ରୁପ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ଯୁବରାଜ ଅଧିକାରୀ, କୃଷି ବିଭାଗର ଅରୁଣ ପଟ୍ଟନାୟକ, ସୋମନାଥ ସ୍ୱାଇଁ, ରଞ୍ଜିତ ପ୍ରଧାନ, ପ୍ରେମାନନ୍ଦ ସିଂ, ପ୍ରଦୀପ କହଁର, ଶଙ୍କର ନାୟକ ଓ ଜିସାୟ ପ୍ରଧାନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଫେଷ୍ଟିଭାଲ ମଙ୍ଗଳବାର ଉଦ୍‌ଯାପିତ ହେବ ବୋଲି କୁହାଯାଇଛି।



## ସୂର୍ଯ୍ୟମୁଖୀ

**ନ**ଭେମ୍ବର ୧୫ ତାରିଖ ମଧ୍ୟରେ ମଞ୍ଜିବୁଣା କାମ ଶେଷ କରନ୍ତୁ । ଉନ୍ନତ କିସମ ଯଥା : ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା – ବିଏସ୍‌ଏଚ୍–୧, ପିଏସି–୩୬, ଏମ୍‌ଏସ୍‌ଏଫ୍‌ଏଚ୍–୮, ଜ୍ୱାଳାମୁଖୀ ଆଦି ବିହନ ବ୍ୟବହାର କରନ୍ତୁ ।

–ଉନ୍ନତ କିସମ ଲାଗି ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନ କରି ବୁଣନ୍ତୁ ।

–ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ସକାଶେ ହେକ୍ଟର ପ୍ରତି ମୂଳସାର ୨୦:୪୦:୨୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୪୦:୬୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

## ଗହମ ଫସଲ



**ସା**ଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭ କଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ମାସ ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ ।

–ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକୀୟ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ–୩୪୩, ୟୁପି–୨୬୨, ଏଚ୍‌ଡି–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ ।

–ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ ଥିରାମ୍/କ୍ୟାପ୍‌ଟାନ୍ (କେଜି ପ୍ରତି ୩ ଗ୍ରାମ୍) ଦ୍ୱାରା ବିଶୋଧିତ କରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ ।

–ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡି ମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ପ୍ରୟୋଗ କରନ୍ତୁ ।

## ଫୁଲଚାଷ

**ଗୋ**ଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ ।

–କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ ।

–ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ ।

–ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ ।

–ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।



# ନଭେମ୍ବର ମାସର କୃଷି ସୂଚନା

**ଚୂନ ଓ ଜୈବସାର ପ୍ରୟୋଗ :** –ଡାଲି ଜାତୀୟ ଫସଲ ଏବଂ ଚିନାବାଦାମରେ ଶେଷଓଡ଼ ଚାଷ ସମୟରେ କିମ୍ବା ବିହନ ବୁଣା ସମୟରେ ଚୂନ ବା କାଗଜ କଳ ମଇଳା ହେକ୍ଟର ପ୍ରତି ୫ କୁଇଣ୍ଟାଲ ହିସାବରେ ମାଟିରେ ଦେଇ ସାରିବା ପରେ ଖତ ସହିତ ମିଶାଇ ପିଏସ୍‌ଏମ୍ ୪–୬ କିଗ୍ରା ହେକ୍ଟର ପ୍ରତି ପ୍ରୟୋଗ କରନ୍ତୁ । ରାଇଜୋବିୟମ୍ କଲ୍‌ଚର ବିହନ ମଞ୍ଜିରେ କିଗ୍ରା ପ୍ରତି ୨୫ ଗ୍ରାମ୍ ଉପଚାର କରନ୍ତୁ ।

**ଧାନ :** ମଧ୍ୟମ କିସମ ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ ।

–ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ ।

–ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆ ପାଣି ବାନ୍ଧି ରଖନ୍ତୁ ।

–ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ ।

–ଉତ୍କୃଷ୍ଟ ବିହନ କରିବା ପାଇଁ ମିଶା ଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ ।

–ଧାନ ଅମଳ ପରେ ଧାନକୁ ୨–୩ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ ।

**ଡାଲି ଜାତୀୟ :**ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷ କରନ୍ତୁ ।

–ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ ।

ମୁଗ କିସମ: ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ ।

ବିରି କିସମ: ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପିୟୁ–୧୯, ଉଜାଲା, ମହୁରୀ, ଶଶି ।

ବୁଟ : ଶ୍ୱେଥା, ଭାରତୀ, ବିହାର, ଜେବି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪, ଜାର୍ବି–୯୨୧୮ ।

ମଟର କିସମ : ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ ।

–ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍‌ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ ।

–ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ।

**ରୋଗ ଓ ପୋକ**

ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା– ପାଉଁଶିଆ ରୋଗ: ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରାଯାଏ। ୧୫–୨୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ।

ଜଉପୋକ : ୧୫ ଲିଟର ପାଣିରେ ୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ।

ଛୁଇଁବିନ୍ଧା ପୋକ : ହେକ୍ଟର ପ୍ରତି ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରନ୍ତୁ।



### ମାଛଚାଷ ସମ୍ପର୍କରେ...

–ବର୍ଷାରେ ମାଛ ପୋଖରୀ ହୁଡ଼ାଭାଙ୍ଗି ଯାଇଥିଲେ ତୁରନ୍ତ ମରାମତି କରନ୍ତୁ ।

–ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨୫୦୦ ଜାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ।

–ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହିତ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛଙ୍କୁ ରୋଗ ହୋଇ ନଥାଏ । ଜୀବାଣୁ ଜନିତ ରୋଗ – (୧) ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । (୨) ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ । ଏପରି ଦୁଇରୁ ତିନିଦିନ କରିବେ। (୩) ପଚା ଘାଦ ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।

## ପନିପରିବା ଫସଲ



ଆଳୁ: କୁଫ୍ରି ଜ୍ୟୋତି, ଚିପ୍‌ସୋନା–୧, ଚିପ୍‌ସୋନା–୨, ଚିପ୍‌ସୋନା–୩, ଚିପ୍‌ସୋନା–୪, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୁରୀ କିସମ ୨–୩ ଆଖି ବିଶିଷ୍ଟ ୧୫–୨୦ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କ୍ୱିଣ୍ଟାଲ୍ ଆଳୁ ବିହନ ବ୍ୟବହାର କରନ୍ତୁ । ୦.୨୫% ମାଙ୍କୋଜେବ୍‌ରେ ବିହନ ଆଳୁକୁ ବିଶୋଧନ କରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫–୬୦ ସେ.ମି. x ୧୫–୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

ପିଆଜ: ତଳି ପ୍ରସ୍ତୁତ କରୁଥିଲେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବର ଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡ୍ରେ ଜୀବାଣୁ ସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ମାସ ୨୦ରୁ ଡିସେମ୍ବର ମାସ ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ଔଷଧ, ପେଣ୍ଡିମେଥାଲିନ୍ ୩୦ ଏ.ଇ.କୁ ତଳି ରୋଇବାର ଦୁଇ ଦିନ ମଧ୍ୟରେ ପ୍ରୟୋଗ କଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ଣ୍ଣେଲ୍ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉକୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

ବାଇଗଣ: ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ ।

ବିଲାତି ବାଇଗଣ ଓ ବାଇଗଣ – ଫସଲରେ ଝାଉଁଳା ରୋଗ ଦେଖାଦେଲେ ୧.୫ ଗ୍ରାମ୍ ବାଭିଷ୍ଟିନ୍/୨.୫ ଗ୍ରାମ୍ ବ୍ଲାଇଟକ୍ସ–୫୦ ସହିତ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ୧ ଲିଟର ପାଣିରେ କିମ୍ବା ୧ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍/୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ ।

ଲଙ୍କା: ଲଙ୍କା ଫସଲରେ ଉକୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

–ଫୁଲକୋବି ଫସଲରେ ସଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ ।

–ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି,ଭୁବନେଶ୍ୱର

(ଅକ୍ଟୋବର ୨୯ରୁ ନଭେମ୍ବର ୪ ପର୍ଯ୍ୟନ୍ତ ପାଳିତ ହେଉଥିବା ଗୋ–ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ....)

# ଗୋ ସମ୍ବର୍ଦ୍ଧନା

ଡା. ବୀର କିଶୋର ପରିଡା

**ଗୋ**ମାତା ହେଉଛି ବିଶ୍ୱର ମାତା। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସମ୍ପଦ ଉପରେ ହିଁ ପର୍ଯ୍ୟବସିତ। ଗୋମାତା ତା'ର ଅମୃତମୟ ଗୋରସ ବା ଦୁଗ୍ଧ ପ୍ରଦାନ କରି ଆମକୁ ସୁସ୍ଥ ରଖିବାରେ ତଥା ଅର୍ଥ ଉପାର୍ଜନରେ ସହାୟତା କରିଥାଏ । ତା'ଠାରୁ ଜନ୍ମିତ ବାଛୁରୀ କ୍ଷେତରେ ଶସ୍ୟ ଫଳାଏ। ଗୋଧନଂ ରାଷ୍ଟ୍ର ବର୍ଦ୍ଧନଂ। ଅର୍ଥାତ୍ ଗୋସମ୍ପଦ ବୃଦ୍ଧି ଦ୍ୱାରା ରାଷ୍ଟ୍ରର ସୁଖସମୃଦ୍ଧି ଘଟିପାରିବ। ଗୋମାହାତ୍ମ୍ୟ ବିଶେଷତ୍ୱ ସହିତ ମନୁଷ୍ୟ ପ୍ରତି ଗୋମାତାର ଦାନ ନେଇ ଜନସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଚଳିତ ବର୍ଷ ଅକ୍ଟୋବର ୨୯ ରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଛି ୬୮ତମ ଗୋସମ୍ବର୍ଦ୍ଧନା ସପ୍ତାହ। ଗୋ–ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପାଳନ ପୂର୍ବକ ଆମ ରାଜ୍ୟ ତଥା ଦେଶରେ ଏହାକୁ "ଗୋ–ସମ୍ବର୍ଦ୍ଧନା ସପ୍ତାହ" ଭାବରେ ପାଳନ କରାଯାଇ ଆସୁଅଛି।

ଗୋମାତା ପ୍ରକୃତିର ୫ଟି ମୌଳିକ ଉପାଦାନକୁ ରୂପାନ୍ତରିତ କରିଥାଏ। ତାହା ହେଲା – କୃଷିଜାତ ବର୍ଜ୍ୟ ପଦାର୍ଥକୁ କ୍ଷୀରରେ ରୂପାନ୍ତରିତ କରିଥାଏ। ଗୋମାତାଠାରୁ ତା'ର ଜନ୍ମିତ କଅଁଳା ବାଛୁରୀକୁ ଛଡ଼ାଇ ନେବା ପରେ ମଧ୍ୟ ଗୋମାତା ଆମକୁ ଅନବରତ କ୍ଷୀର ଦେଇ ପ୍ରତିପୋଷଣ କରେ । ସହିଷ୍ଣୁତା ଓ ଆଜ୍ଞାନୁବର୍ତ୍ତିତାର ପ୍ରତୀକ ଭାବେ ବଳଦ ତା'ର କାନ୍ଧରେ ସକଳ କୃଷିକାର୍ଯ୍ୟ ଓ ପରିବହନରେ ସହାୟତା କରିଥାଏ। ଗୋମାତା ତା'ର ବାଛୁରୀ ଓ ମାଲିକଙ୍କୁ ଅସାଧାରଣ ଭାବେ ଭଲ ପାଏ । ମନୁଷ୍ୟ ପାଇଁ କ୍ଷତିକାରକ ବିଷ ପଦାର୍ଥକୁ ଅମୃତ ରସ ବା କ୍ଷୀରରେ ପରିଣତ କରେ। ଗୋରୁର ମଳ ହେଉଛି ପବିତ୍ର, ଯାହାର ସଂସ୍ପର୍ଶରେ ଗୋମୟ ପରିବେଶ ସୃଷ୍ଟି ହୋଇଥାଏ । ଗୋବର ହେଉଛି ଭୂମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ । ଜୈବିକ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଗୋବରର ଭୂମିକା ବିଶେଷ ରହିଅଛି । ଗୋମୂତ୍ର ଏକ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର ହୋଇଥାଏ ।

ଦ୍ୱାପର ଯୁଗରେ ବୃନ୍ଦାବନ ବିହାରୀ ପରମ ଗୋପାଳକ ଶ୍ରୀକୃଷ୍ଣ ଏବଂ ତାଙ୍କର ଅଗ୍ରଜ ବଳରାମ ଗୋପପୁରରେ ରହି ଗୋପାଳନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଯାଇଛନ୍ତି। ଗିରି ଗୋବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀ ସହ ଗୋଲକ ବିହାରୀ ଶ୍ରୀକୃଷ୍ଣଙ୍କୁ ସଂଶ୍ଳିଷ୍ଟ କରାଯାଇ ଯେଉଁ ଆଖ୍ୟାୟିକାଟି ପ୍ରଚଳିତ, ତାହା ସଂକ୍ଷେପରେ ଏହିପରି – "ବର୍ଷାକାଳ ଶେଷରେ ପ୍ରତିଦିନ ଗୋପବାସୀମାନେ ଇନ୍ଦ୍ରଯଜ୍ଞ କରି ଆସୁଥିଲେ। କାରଣ ସେମାନଙ୍କ ଧାରଣା ଯେ ଇନ୍ଦ୍ରଙ୍କ କୃପାରୁ ବୃଷ୍ଟି ହୁଏ। ବୃଷ୍ଟିପାତ ହେବାରୁ ଶସ୍ୟ ଫଳେ, ଶସ୍ୟ ଖାଇ ଗୋପବାସୀ ଜୀବନ ଧାରଣ କରନ୍ତି ଏବଂ ଗାଈମାନେ ଦୁଗ୍ଧବତୀ ହୁଅନ୍ତି। କିନ୍ତୁ ପରମ ସଂସ୍କାରକ ଶ୍ରୀକୃଷ୍ଣ ଏହି ଚିରାଚରିତ ପ୍ରଥାର ପରିବର୍ତ୍ତନ କରି ଗୋ ଓ ଗୋ–ବର୍ଦ୍ଧନ ପୂଜାର ପ୍ରବର୍ତ୍ତନ କରିବାକୁ ଚାହିଁଲେ। କାରଣ ଗୋ–ସମ୍ପଦ ଓ ଗୋ–ବର୍ଦ୍ଧନ ସହ ଗୋପପୁରବାସୀମାନେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବାରୁ ଏବଂ ଏମାନେ ବହୁ ଉପକାର କରୁଥିବାରୁ ଏମାନଙ୍କର ପୂଜା କରିବା ବିଧେୟ ବୋଲି ସେ ଯୁକ୍ତି କରିଥିଲେ। ତାଙ୍କର ଏହି ଅକାଟ୍ୟ ଯୁକ୍ତିକୁ ସମସ୍ତେ ଗ୍ରହଣ କରିଥିଲେ ଏବଂ ଗୋ ଓ ଗୋ–ବର୍ଦ୍ଧନ ପୂଜା କରିଥିଲେ।

ଗୋପପୁରରେ ଇନ୍ଦ୍ରପୂଜା ବ୍ୟାହତ ହେବା ଯୋଗୁ ଇନ୍ଦ୍ର କ୍ରୋଧାନ୍ୱିତ ହୋଇ କାର୍ତ୍ତିକ ଶୁକ୍ଳ ପକ୍ଷ ପ୍ରତିପଦଠାରୁ ସପ୍ତମୀ ପର୍ଯ୍ୟନ୍ତ ସାତଦିନ ବ୍ୟାପୀ ପ୍ରବଳ ବୃଷ୍ଟି କରିବା ପାଇଁ ଚାରିମେଘକୁ ଆଦେଶ ଦେଲେ। ମେଘ ଓ ବଜ୍ରର ପ୍ରକୋପ ସହି ନ ପାରି ସମସ୍ତ ଗୋପପୁରବାସୀ (ବ୍ରଜବାସୀ) ଶ୍ରୀକୃଷ୍ଣଙ୍କ ଶରଣ ଭିକ୍ଷା କଲେ। ଶ୍ରୀକୃଷ୍ଣ ଗୋପବାସୀ ଓ ଗୋସମ୍ପଦକୁ ପ୍ରବଳ ବୃଷ୍ଟିପାତରୁ ରକ୍ଷା କରିବା ପାଇଁ ନିଜର ବାମ ହାତର କନିଷ୍ଠାଙ୍ଗୁଳିରେ ଏକାଦିକ୍ରମେ ସାତ ଦିନ ପର୍ଯ୍ୟନ୍ତ ଗିରିଗୋବର୍ଦ୍ଧନ ଧାରଣ କରିଥିଲେ। ବର୍ଷାର ବେଗ କମାଇବା ପାଇଁ ପ୍ରଭୁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ନିୟୋଜିତ କରିଥିଲେ । ଶେଷରେ ଇନ୍ଦ୍ର ପରାସ୍ତ ହୋଇ ସ୍ୱର୍ଗ ଗାଭୀ ସୁରଭି ସହ ଆସି ଗର୍ବଦଳନ ନରହରିଙ୍କୁ ସ୍ତୁତି କଲେ ଓ ଗୋଜାତି ତଥା ଗୋକୁଳର ଶ୍ରେଷ୍ଠ ରକ୍ଷକ ଭାବେ ତାଙ୍କ ନାମ 'ଗୋବିନ୍ଦ' ଦେଲେ।"



ସେହିଦିନଠାରୁ ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ପ୍ରଚଳିତ ହୋଇ ଆସୁଅଛି । ଏହିଦିନ ଗୋରୁଙ୍କୁ ଗାଧୋଇ ଦିଆଯାଇ ମଥାରେ ଅଭିର, ସିନ୍ଦୂର ଓ ବେକରେ ଫୁଲମାଳ ଲଗାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ । ଏହି ଉତ୍ସବ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି ଏବଂ ସେଦିନ ଠାରୁ ଗୋପୂଜାର ପରମ୍ପରା ରହିଆସିଛି।

ବର୍ତ୍ତମାନ ଆମ ରାଜ୍ୟରେ ଗୋସମ୍ପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଅପହଞ୍ଚ ବା ଦୁର୍ଗମ ଅଞ୍ଚଳରେ ଗୋପାଳକମାନଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଛି। ଗୋପାଳନରେ ସଫଳତାର ଚାବିକାଠି ହେଉଛି ସବୁଜ ଘାସ ଚାଷ। ଗୋଖାଦ୍ୟର ଚାହିଦା ମେଣ୍ଟାଇବା ପାଇଁ ଖରିଫ୍ ଓ ରବି ଋତୁରେ ଘାସ ମଞ୍ଜି ଯୋଗାଣ ସହିତ ସବୁଦିନିଆ ଘାସ ଚାଷ ପାଇଁ ଘାସମୂଳ, କାଣ୍ଡ, ଚାରା ଆଦି ଯୋଗାଇ ଦିଆଯାଉଅଛି। ଜାତୀୟ ପ୍ରାଣୀଧନ ମିଶନ ଯୋଜନାରେ ଜଣେ ଗୋପାଳକ ଅନ୍ୟୂନ ଅଧଏକର ଜମିରେ ସବୁଦିନିଆ ଘାସ ଚାଷ ନିମନ୍ତେ ୬ହଜାର ଟଙ୍କାରୁ ଆରମ୍ଭ କରି ଅଢ଼େଇ ଏକର ପର୍ଯ୍ୟନ୍ତ ଜମିରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଗୋପାଳକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଅଛି। ସେହିପରି ତିରୋଟ ସମୟରେ ଆଜୋଲା ଚାଷ, ଫଡ଼ର ବ୍ଲକ ପ୍ରସ୍ତୁତି, ମାଟି ନ ଥାଇ ଘାସଚାଷ, ଜଳଶୁଷ୍କ ଅଞ୍ଚଳରେ ମରୁଡ଼ି ସହନଶୀଳ ଘାସଚାଷ ଆଦି କରିବା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯାଉଅଛି।

ଗୋମାତାର ଦାନ ଯୋଗୁ ଆଜି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଆମ ଦେଶ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଅନବରତ ଭାବେ ସମଗ୍ର ବିଶ୍ୱରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ରେକର୍ଡ଼ ସୃଷ୍ଟି କରିପାରିଛି। ଆମ ରାଜ୍ୟରେ ଗୋ–ସମ୍ପଦର ସାମୂହିକ ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଗୋ–ମହିଷାଦି ନୀତି – ୨୦୧୫ ପ୍ରଣୟନ କରାଯାଇଛି। ତେଣୁ ଆମର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା କରୁଥିବା ଗୋମାତା ପ୍ରତି ସମ୍ମାନ ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ ସହିତ ସେମାନଙ୍କର ଉପଯୁକ୍ତ ଲାଳନପାଳନ ପ୍ରତି ଯତ୍ନବାନ ହେବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିବା ଆବଶ୍ୟକ। ଏହି ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସା ଶିବିର, ପ୍ରଶିକ୍ଷଣ, ଗୋପୂଜନ, ଗୋ–ବତ୍ସା ପ୍ରଦର୍ଶନୀ, ସଭା, ଶ୍ରେଷ୍ଠ ଗୋପାଳକମାନଙ୍କୁ ସମ୍ବର୍ଦ୍ଧନା ଆଦିର ଆୟୋଜନ କରାଯାଇଛି। ସେହିପରି ଜିଲାଗୁଡ଼ିକରେ ଗୋପାଳକଙ୍କୁ ଉତ୍ସାହିତ କରିବା ସହିତ ଗୋପାଳନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଉତ୍ସବ ପାଳନ କରାଯାଉଅଛି।



–ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ
(ରୋଗ ନିୟନ୍ତ୍ରଣ),କଳାହାଣ୍ଡି,
ମୋ: ୯୪୩୭୬୦୭୩୧୨

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 70.84 (6) | 581.64 ↑ 39,831.81 | 159.70 ↑ 11,786.85 | ₹548 ↓ 38,857.00 | ₹1190 ↓ 47,900.00 |

ଭାରତର ମାନ୍ଦାବସ୍ଥା କ୍ଷଣସ୍ଥାୟୀ। ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପର ସୁଫଳ ଆଗାମୀ ତ୍ରୈମାସଗୁଡିକରେ ନଜରକୁ ଆସିବ।
– ମୁକେଶ ଅମ୍ବାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ



କମ୍ପାନୀଗୁଡିକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ଅଧିକ ଗରିବ ଲୋକଙ୍କୁ ସାମିଲ କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥ ମନ୍ତ୍ରୀ




## ସଂକ୍ଷେପରେ

### ଟେଲିକମ୍ କମ୍ପାନୀଙ୍କ ସମସ୍ୟା ସମାଧାନ ଲାଗି ସିଓଏସ୍ ଦେବ ପ୍ରସ୍ତାବ

**ନୂଆଦିଲ୍ଲୀ,୨୯-୧୦:** ଦେଶର ଟେଲିକମ୍ ଶିଳ୍ପ ବର୍ତ୍ତମାନ ଆର୍ଥିକ ସମସ୍ୟା ସାମ୍ନା କରୁଥିବା ବେଳେ ଏହାର ସମାଧାନ ଲାଗି କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଅଫ୍ ସେକ୍ରେଟେରୀ (ସିଓଏସ୍) ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦେବ। ସରକାରଙ୍କୁ ବକେୟା ବାବଦ ବିଭିନ୍ନ ବୈଧାନିକ ଦେୟ ଭାବେ ପ୍ରାୟ ୧.୪୨ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବାକୁ ସୁପ୍ରିମ କୋର୍ଟ ଟେଲିକମ୍ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଟେଲିକମ ଶିଳ୍ପ ବର୍ତ୍ତମାନ ଚିନ୍ତାରେ ରହିଥିବା ବେଳେ ସରକାର ଏହାର ସମାଧାନ ଲାଗି ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ସ୍ପେକ୍ଟ୍ରମ ସମେତ ଅନ୍ୟାନ୍ୟ ଦେୟ ପ୍ରଦାନ ଉପରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଉପରେ କମିଟି ବିଚାର କରିବ। ଏହି କମିଟିରେ ଅର୍ଥ ମନ୍ତ୍ରଣାଳୟ, ଟେଲିକମ୍ୟୁନିକେଶନ, ଆଇନ ଭଳି ମନ୍ତ୍ରଣାଳୟର ସଚିବ ରହିଛନ୍ତି। କମିଟି ଧାର୍ଯ୍ୟ ସମୟ ମଧ୍ୟରେ ସରକାରଙ୍କୁ ପ୍ରସ୍ତାବ ରଖିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

### ଡିଏଚ୍ଏଫ୍ଏଲ୍ର ତଦନ୍ତ କରିବ ଏସ୍ଏଫ୍ଆଇଓ




**ନୂଆଦିଲ୍ଲୀ,୨୯-୧୦:** ଦେୱାନ ହାଉସିଂ ଫାଇନାନ୍ସ ଲିମିଟେଡ୍ (ଡିଏଚ୍ଏଫ୍ଏଲ୍)ର ଆର୍ଥିକ ହେରଫେର ମାମଲାର ତଦନ୍ତ ଭାର ସିରିୟସ ଫ୍ରଡ ଇନଭେଷ୍ଟିଗେଶନ ଅଫିସ(ଏସ୍ ଏଫ୍ଆଇଓ)କୁ ପ୍ରଦାନ କରାଯିବ। ଏହାର ତଦନ୍ତ ନେଇ ଏସ୍ଏଫ୍ଆଇଓକୁ ଶୀଘ୍ର ସରକାର ନିର୍ଦ୍ଦେଶ ଦେବେ ବୋଲି ଜଣାପଡିଛି। ଏହି ମାମଲାରେ ଅର୍ଥ ହେରଫେର ହୋଇଥିବା ରେଜିଷ୍ଟ୍ରାର ଅଫ୍ କମ୍ପାନିଜର ମୁମ୍ବାଇ କାର୍ଯ୍ୟାଳୟ ପ୍ରଥମେ ରିପୋର୍ଟ ଦେଇଥିଲା। ଉକ୍ତ ମାମଲା ଏସ୍ଏଫଆଇଓକୁ ହସ୍ତାନ୍ତର ହେବାର ଅଧିକ ସମ୍ଭାବନା ରହିଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ଆଗାମୀ କିଛିଦିନ ମଧ୍ୟରେ ଏନେଇ ଚୂଡ଼ାନ୍ତ ହୋଇଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ମୋଟ ୯୭ ହଜାର କୋଟି ବ୍ୟାଙ୍କ ଋଣ ମଧ୍ୟରୁ ୩୧ ହଜାର କୋଟି ଭୂତ କମ୍ପାନୀଙ୍କ ଦ୍ୱାରା ଅନ୍ୟତ୍ର ପଠାଇ ଦିଆଯାଇଛି। କାରବାର ହୋଇଥିବା ଭୂତ କମ୍ପାନୀଙ୍କ ଠିକଣା ଦିଆଯାଇଥିବା ବେଳେ ସେହି ସ୍ଥାନଗୁଡିକରେ କମ୍ପାନୀ ନ ଥିବା ଜଣାପଡ଼ିଛି।

# ସର୍ବଶ୍ରେଷ୍ଠ ସିଇଓ ତାଲିକାରେ ୩ ଭାରତୀୟ

**ନ୍ୟୁୟର୍କ,୨୯-୧୦**

ବିଶ୍ୱର ସର୍ବଶ୍ରେଷ୍ଠ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ତାଲିକାରେ ୩ ଭାରତ ଜନ୍ମିତ ବ୍ୟକ୍ତି ସାମିଲ ହୋଇଛନ୍ତି। ହାର୍ଭାର୍ଡ ବିଜନେସ ରିଭ୍ୟୁ(ଏଚ୍ବିଆର୍) ପକ୍ଷରୁ ପ୍ରକାଶିତ 'ଦି ବେଷ୍ଟ ପରଫରମିଂ ସିଇଓ ଇନ୍ ଦି ୱାର୍ଲଡ-୨୦୧୯' ସୂଚୀରେ ୧୦୦ ସିଇଓ ରହିଥିବା ବେଳେ ଏମାନଙ୍କ ମଧ୍ୟରେ ଭାରତର ଶାନ୍ତନୁ ନାରାୟଣ, ଅଜୟ ବାଙ୍ଗା ଏବଂ ସତ୍ୟ ନାଡେଲା ସାମିଲ ହୋଇଛନ୍ତି। ତାଲିକାର ଶୀର୍ଷରେ ଆମେରିକା ଭିତ୍ତିକ ଟେକ୍ନୋଲୋଜି କମ୍ପାନୀ ଏନ୍ଭିଡିଆର ସିଇଓ ଜେନସେନ ହୁଆଙ୍ଗ ରହିଛନ୍ତି। ତାଲିକାର ୬ଷ୍ଠ ସ୍ଥାନରେ ଆଡବ୍ ସିଇଓ ଶାନ୍ତନୁ ନାରାୟଣ, ସପ୍ତମରେ ମାଷ୍ଟରକାର୍ଡ ସିଇଓ ଅଜୟ ବାଙ୍ଗା ଏବଂ ୯ମ ସ୍ଥାନରେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ସ୍ଥାନିତ ହୋଇଛନ୍ତି। ତାଲିକାରେ ଅନ୍ୟ ଭାରତୀୟ ଭାବେ ଡିବିଏସ୍ ବ୍ୟାଙ୍କ ସିଇଓ ପୀୟୂଷ ଗୁପ୍ତା ୮୯ ତମରେ ଥିବା ବେଳେ ଆପଲ ସିଇଓ ଟିମ୍ କୁକ ୬୨ ତମ ସ୍ଥାନରେ ରହିଛନ୍ତି।



**୬** ଷ୍ଠରେ ଆଡବ୍ ସିଇଓ ଶାନ୍ତନୁ ନାରାୟଣ, ୭ମରେ ମାଷ୍ଟରକାର୍ଡ ସିଇଓ ଅଜୟ ବାଙ୍ଗା

**୯** ମ ସ୍ଥାନରେ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା

- ଡିବିଏସ୍ ବ୍ୟାଙ୍କ ସିଇଓ ପୀୟୂଷ ଗୁପ୍ତା ୮୯ ସ୍ଥାନରେ

ତାଲିକାର ୨୦ତମ ସ୍ଥାନରେ ନାଇକ୍ ସିଇଓ ମାର୍କ ପାର୍କର, ୨୩ତମରେ ଜେପି ମୋର୍ଗାନ ଚେସ୍ ମୁଖ୍ୟ ଜେମି ଡାଇମନ, ଲକହିଡ ମାର୍ଟିନ ସିଇଓ ମାରିଲିନ ହିଓସନ (୩୨ତମ), ଡିଜନୀ ସିଇଓ ରବର୍ଟ ଆଇଗର(୫୫ତମ) ଏବଂ ୯୬ତମ ସ୍ଥାନରେ ସଫ୍ଟ ବ୍ୟାଙ୍କ ସିଇଓ ମାସାୟୁସି ସନ୍ ରହିଛନ୍ତି। କେବଳ ଆର୍ଥିକ ପରଫରମାନ୍ସ ନୁହେଁ ପରିବେଶ, ସାମାଜିକ, ଗଭର୍ନାନ୍ସ (ଇଏସ୍ଜି) ଭଳି ବର୍ଗରେ ରେଟିଂକୁ ଧ୍ୟାନରେ ରଖି ଏହି ତାଲିକା ପ୍ରସ୍ତୁତ କରାଯାଉଥିବା ହାର୍ଭାର୍ଡ ବିଜନେସ ରିଭ୍ୟୁ ପକ୍ଷରୁ କୁହାଯାଇଛି। ୨୦୧୪ ପରଠାରୁ ଆମାଜନ ସିଇଓ ଜେଫ୍ ବେଜୋସ୍ ତାଲିକାରେ ସ୍ଥାନିତ ହୋଇ ପାରିନାହାନ୍ତି। ନ୍ୟୁନ ଇଏସ୍ଜି ପାଇଁ ଏପରି ହେଉଥିବା ଜଣାପଡିଛି। ୨୦୧୯ର ଏହି ତାଲିକାରେ ୪ ମହିଳା ସିଇଓ ରହିଛନ୍ତି। ଏହା ୨୦୧୮ରେ ୩ ଏବଂ ୨୦୧୭ରେ ୨ ରହିଥିଲା। ତାଲିକାରେ ସ୍ଥାନିତ ଏକଜିକ୍ୟୁଟିଭଙ୍କ ମଧ୍ୟରେ ସିଇଓ ହେବାର ହାରାହାରି ବୟସ ୪୫ ଏବଂ ସେମାନେ ୧୫ ବର୍ଷ କାର୍ଯ୍ୟ କରିଥିବା ଜଣାପଡିଛି।

# ନିବେଶକଙ୍କ ସମ୍ପତ୍ତିରେ ୨.୭୩ ଲକ୍ଷ କୋଟି ବୃଦ୍ଧି

**ନୂଆଦିଲ୍ଲୀ,୨୯-୧୦**

- ୫୮୧.୬୪ ପଏଣ୍ଟ ବଢ଼ିଲା ସେନସେକ୍ସ
- କମ୍ପାନୀଙ୍କ ପୁଞ୍ଜୀକରଣରେ ମିଶିଲା ଆଉ ୨.୭୩ ଲକ୍ଷ କୋଟି ଟଙ୍କା

ମଙ୍ଗଳବାର ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହେବା ସହ ନିବେଶକଙ୍କ ସମ୍ପତ୍ତିରେ ୨.୭୩ ଲକ୍ଷ କୋଟି ବୃଦ୍ଧି ଘଟିଛି। ଏହି ସମୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୫୮୧.୬୪ ପଏଣ୍ଟ ବଢିଥିବା ଜଣାପଡିଛି। କମ୍ପାନୀଗୁଡ଼ିକର ତ୍ରୈମାସିକ ଫଳାଫଳରେ ଉନ୍ନତି ଏବଂ ଆମେରିକା-ଚାଇନା ବାଣିଜ୍ୟ ଚୁକ୍ତି ନେଇ ରହିଥିବା ସମ୍ଭାବନା ନିବେଶକଙ୍କ ମନୋଭାବ ଉପରେ ଭଲ ପ୍ରଭାବ ପକାଇଛି। ମଙ୍ଗଳବାର ସେନସେକ୍ସ ୫୮୧.୬୪ ବଢି ୩୯,୮୩୧.୮୪ ପଏଣ୍ଟରେ କାରବାର ବନ୍ଦ ହୋଇଛି। ଦିନ ସମୟର କାରବାରରେ ସୂଚକାଙ୍କ ୬୬୬.୮୧ ପଏଣ୍ଟ ବଢି ୩୯,୯୧୭.୦୧ ପଏଣ୍ଟ ଛୁଇଁଥିବା ଷ୍ଟକ ବଜାର ସୂତ୍ରରୁ ସୂଚନା ରହିଛି। ଏହି ସମୟରେ ବିଏସ୍ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୨.୭୩ ଲକ୍ଷ କୋଟି ଟଙ୍କା ବଢି ୧,୫୨,୦୪,୬୯୩.୩୪ କୋଟି ଟଙ୍କା ଛୁଇଁଛି। ବଡ ବଡ କର୍ପୋରେଟଗୁଡିକ ଚଳିତ ବର୍ଷ ଦ୍ୱିତୀୟ ତ୍ରୈମାସରେ ଭଲ ଫଳାଫଳ ହାସଲ କରିଥିବା ବେଳେ ମିଡ ଏବଂ ସ୍ମଲ କ୍ୟାପ୍ରେ ଆକର୍ଷଣୀୟ ଭାଲ୍ୟୁଏଶନ ନିବେଶକଙ୍କ ସପକ୍ଷରେ ରହିଛି।

ବାଣିଜ୍ୟ ଚୁକ୍ତି ଦ୍ୱାରା ବିଶ୍ୱ ବଜାରକୁ ନେଇ ରହିଥିବା ଅନିଶ୍ଚିତତା ହ୍ରାସ ହେବାକୁ ଯାଉଥିବାବେଳେ, ବ୍ରେକଜିଟ, ଆମେରିକା ଫେଡେରାଲ ରିଜର୍ଭର ସୁଧହାର ହ୍ରାସ ଆଶା ଭାରତ ଭଳି ଅଭିବୃଦ୍ଧିଶୀଳ ବଜାରଗୁଡିକ ଉପରେ ଭଲ ପ୍ରଭାବ ପକାଇଥିବା ଜିଓଜିତ ଫାଇନାନସିଆଲ ସର୍ଭିସେସ ଲିମିଟେଡର ରିସର୍ଚ୍ଚ ମୁଖ୍ୟ ବିନୋଦ ନାୟାର କହିଛନ୍ତି। ସେହିଭଳି ରେଲିଗାରେ ବ୍ରୋକିଙ୍ଗ ଲିମିଟେଡର ରିସର୍ଚ୍ଚ ଉପସଭାପତି ଅଜିତ ମିଶ୍ର କହିଛନ୍ତି ଯେ, ଅଟୋଶିଳ୍ପରେ ଉନ୍ନତି ଏବଂ ଆମେରିକା ଫେଡେରାଲ ରିଜର୍ଭର ସୁଧହାର ହ୍ରାସ ଆଶା ବଜାର ଟ୍ରେଣ୍ଡ ଉପରେ ପ୍ରଭାବ ପକାଇଥିବା ସେ କହିଛନ୍ତି। ୩୦ ଶେୟାର ବିଶିଷ୍ଟ ସେନସେକ୍ସ ମଧ୍ୟରୁ ପ୍ରାୟ ୨୬ ଭଲ କାରବାର କରିବାକୁ ସକ୍ଷମ ହୋଇଥିଲା। ସେପ୍ଟେମ୍ବର ତ୍ରୈମାସରରେ ଟାଟା ମୋଟର୍ସ ଏହାର କ୍ଷତି କମାଇବାକୁ ସକ୍ଷମ ହେବାରୁ ଏହାର ଶେୟାର କାରବାର ୧୬.୭୩% ବଢି ଘଟିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ୧୪୩୫ କମ୍ପାନୀର କାରବାର ଅତି ଭଲ ରହିଥିବାବେଳେ ୧୦୨୯ର କାରବାର ହ୍ରାସ ଏବଂ ୨୧୩ର ସ୍ଥିତି ଅପରିବର୍ତ୍ତିତ ରହିଥିଲା।

**PARADIP PORT TRUST**

Corrigendum-
1 to e-TENDER CALL
NOTICE

Name of the work: **Construction of 4-Lane road from L&T Junction at Fishery Harbour Road to Gate No.1.** Estimated cost **Rs. 4,75,72,335/-**. Last Date & time of submission: 01.11.2019 upto 17:00 hrs.
Refer our website for details:
eprocure.gov. in/eprocure/app

Executive Engineer, PRD, PPT
Dt. 28/10/2019
PPT/PR/415/19-20

### ବିବେକାନନ୍ଦ ହସ୍ପିଟାଲରେ ବିରଳ ଟ୍ୟୁମର ଅସ୍ତ୍ରୋପଚାର




**ଭୁବନେଶ୍ୱର, ୨୯।୧୦(ବ୍ୟୁରୋ):** ବିବେକାନନ୍ଦ ହସ୍ପିଟାଲରେ ଗତ ଗୁରୁବାର ଏକ ବିରଳ ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି। ପଶ୍ଚିମବଙ୍ଗର ଅରବିନ୍ଦ୍ର ପ୍ରାମାଣିକଙ୍କ ପେଟର ତଳ ଭାଗରୁ ହୃତ୍ପିଣ୍ଡକୁ ରକ୍ତ ପ୍ରବାହ କରୁଥିବା ନଳୀ ସହ ଯୋଡି ହୋଇ ଉକ୍ତ ଟ୍ୟୁମରଟି ବଢ଼ିଥିଲା। ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇ ନିରାଶ ହେବାପରେ ଅରବିନ୍ଦ୍ର ବିବେକାନନ୍ଦ ହସ୍ପିଟାଲରେ ଆଡ୍ମିଶନ ହୋଇଥିଲେ। ଶଲ୍ୟ ବିଶେଷଜ୍ଞ ଡାକ୍ତର ସନନ୍ତ ମହାନ୍ତି ଓ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସରୋଜ ସାହୁଙ୍କ ଉଦ୍ୟମ ତଥା ଅତ୍ୟାଧୁନିକ ଯନ୍ତ୍ର କୌଶଳରେ ଅରବିନ୍ଦ୍ରଙ୍କ ସଫଳ ଅସ୍ତ୍ରୋପଚାର ହୋଇଥିଲା। ଏବେ ସେ ଚିକିତ୍ସାଧୀନ ଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

### ଷ୍ଟକ ବଜାର ପାଇଁ ଆସିପାରେ ବଡ଼ ଘୋଷଣା

**ନୂଆଦିଲ୍ଲୀ,୨୯-୧୦:** ଷ୍ଟକ ମାର୍କେଟ ସମେତ ଘରୋଇ ବଜାରକୁ ଉତ୍ସାହିତ କରିବା ଲାଗି ସରକାର ଅଧିକ ସଂସ୍କାର ଘୋଷଣା କରିପାରନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ) ଏବଂ ଅର୍ଥ ମନ୍ତ୍ରଣାଳୟ ଏହାର ବିଭିନ୍ନ ଦିଗ ଉପରେ ବିଚାର କରୁଥିବା ଜଣାପଡିଛି। ଡିଭିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସ(ଡିଡିଟି)କୁ ଉଠାଇ ଦେବା ନେଇ ସରକାର ବର୍ତ୍ତମାନ ତର୍ଜମା କରୁଛନ୍ତି। ସେହିଭଳି ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ସ(ଏଲ୍ଟିସିଜି), ସର୍ଟ ଟର୍ମ କ୍ୟାପିଟାଲ ଗେନ୍ସ (ଏସ୍ଟିଜିସି) ଏବଂ ସିକ୍ୟୁରିଟି ଟ୍ରାଞ୍ଜାକଶନ ଟାକ୍ସ(ଏସ୍ଟିଟି)ର ବର୍ତ୍ତମାନ ସ୍ଲାବ ଓ ହୋଲ୍ଡିଂ ସମୟକୁ ବିଚାର କରାଯାଉଛି। ଅର୍ଥନୈତିକ ବ୍ୟାପାର ବିଭାଗ ଏବଂ ଅର୍ଥମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଅଧିକାରୀମାନେ ପିଏମ୍ଓଠାରେ ଏଭଳି ପ୍ରସଙ୍ଗ ଉପରେ ଏକ ବୈଠକରେ ଆଲୋଚନା କରିଛନ୍ତି। ୧୦ ବର୍ଷ ପରେ ଏଲ୍ଟିସିଜିକୁ ୨୦୧୮ ବଜେଟରେ ଲାଗୁ କରାଯାଇଥିଲା। ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟ ଉପରେ ୧୦% ଟିକସ ଲାଗୁ କରିବାର ନିୟମ ରହିଥିଲା। ଏକ ନିର୍ଦ୍ଦିଷ୍ଟ ଅବଧି ଯାଏ ଶେୟାର ରଖିବା ଉପରେ ଟିକସ ଉଠାଇ ଦେବା ଉପରେ ସରକାର ବିଚାର କରିପାରନ୍ତି ବୋଲି ଅନୁମାନ କରାଯାଉଛି।

**DISTRICT OFFICE, SUBARNAPUR**
**(ST & SC DEVELOPMENT SECTION)**
**NOTIFICATION**

**No.1099** **Date: 29.10.2019**

A Draft Merit List for the posts of **SIKSHYA SAHAYAK** for Ashram Schools of Subarnapur District and Trained Graduate Teacher (TGT) posts for Govt. (SSD) Higher Secondary School, Charbhata have been prepared in Annexure - I to Annexure - IV and Annexure - A & B respectively and published in the District Website **www.subarnapur.nic.in.** The candidates applied for the said posts are required to submit their objection in writing for any omission and commission in the draft merit list, if any, to the D.W.O., Subarnapur by post / in person within 15 (fifteen) days from the date of publication of this notice in daily Odia News Papers. No case will be considered after lapse of objection period.

**Sd./-**
**Collector, Subarnapur.**

**OFFICE OF THE REGULATED MARKET COMMITTEE, NABARANGPUR**

The Sub Collector-cum-Chairman, R.M.C., Nabarangpur invites tender from the approved suppliers for supply of Grading Equipments for the KMS 2019-20 vide Tender Call Notice No.2088 dated.25.10.2019 alongwith specification and Terms & Conditions may be seen and downloaded from the District Web Portal **http://www.nabarangpur.nic.in.** The date for availability of tender from 28.10.2019 at 10.00 A.M. to 07.11.2019 upto 5.30 P.M. and the last date for receipt of bid documents through Regd. Post / Speed Post on or before 14.11.2019 upto 5.30 P.M. and also the same will be opened on 15.11.2019 at 11.00 A.M.

**Sd./- Sub Collector-cum-Chairman, RMC, Nabarangpur**

नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Digitally signed online tenders are being invited from experienced bidders on OPEN/ Two- part (E-tender) mode through Central Public Procurement Portal for the following jobs at NALCO, CPP Plant at Angul, Odisha :

**1- NIT No. MC-4817**
**Name of the work:** Maintenance of Motors.

**2- NIT No. MC-4835**
**Name of the work:** Bunker De-Arching and Monsoon Assistance to Clear Choking in the Coal Feeding System.

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to **www.nalcoindia.com** & **http://eprocure.gov.in**

**AGM (Mech), Contract Cell**

ଓଡ଼ିଶା ସରକାର
**ପର୍ଯ୍ୟଟନ ବିଭାଗ**
No.: R-13

ପତ୍ର ସଂ.– ୯୩୩୧/ଟି.ଏସ୍.ଏମ୍.
T-TSP-II (BKM)-34/2019
ଭୁବନେଶ୍ୱର, ତା୨୯।୧୦।୨୦୧୯

**ଓଡ଼ିଶାର ଓଲା/ଉବେର/ଟ୍ୟାକ୍ସି ଗାଡ଼ିଚାଳକଙ୍କ ନିମନ୍ତେ ବିନା ମୂଲ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**
**(ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ କାର୍ଯ୍ୟକ୍ରମ)**

Indian Institute of Tourism & Travel Management (IITTM), Bhubaneswarଙ୍କ ଦ୍ୱାରା ଓଡ଼ିଶାର ଓଲା/ଉବେର/ଟ୍ୟାକ୍ସି ଗାଡ଼ି ଚାଳକମାନଙ୍କୁ ବିନା ମୂଲ୍ୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୨୦୧୯ରେ କରାଯିବା ପାଇଁ ସ୍ଥିର କରାଯାଇଅଛି।

| ପାଠ୍ୟକ୍ରମର ନାମ | ଅବଧି | ଯୋଗ୍ୟତା |
| --- | --- | --- |
| ପର୍ଯ୍ୟଟନଭିତ୍ତିକ ଅଭିମୁଖୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ | ୩ ଦିନ | ୧. ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ପ୍ରଦତ୍ତ ବିଧିସିଦ୍ଧ ଗାଡ଼ିଚାଳନା ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତି।<br>୨. ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ବୁଝିପାରୁଥିବା ଏବଂ କହିପାରୁଥିବା ବ୍ୟକ୍ତି।<br>୩. ଓଡ଼ିଶାର ଅଧିବାସୀ ହୋଇଥିବେ। |

**ଆବେଦନ ପ୍ରଣାଳୀ:**
ଆବେଦନ ଫର୍ମ Indian Institute of Tourism & Travel Management (IITTM), Bhubaneswarର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସର ପୂର୍ବାହ୍ନ ୯.୩୦ରୁ ଅପରାହ୍ନ ୫.୩୦ ସମୟ ମଧ୍ୟରେ ତଥା ୱେବସାଇଟ **www.iittmb.in**ରେ ଉପଲବ୍ଧ।
ଆବେଦନକାରୀ ଉକ୍ତ ଫର୍ମକୁ ସମ୍ପୂର୍ଣ୍ଣରୂପେ ପୂରଣ କରି ଏବଂ ଏଥି ସହିତ ସମ୍ପୃକ୍ତ ପ୍ରମାଣପତ୍ର ସଂଲଗ୍ନ କରି Indian Institute of Tourism & Travel Management (IITTM), Dumduma, Bhubaneswar - 751019 କାର୍ଯ୍ୟାଳୟରେ ୧୧ ନଭେମ୍ବର ୨୦୧୯ ସୁଦ୍ଧା ବ୍ୟକ୍ତିଗତଭାବେ କିମ୍ବା ଡାକ ଯୋଗେ ଦାଖଲ କରିବେ।

**ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ:**
**ଡଃ. ଏସ୍.ଏନ୍. ବିଶ୍ୱାସ (ମୋବାଇଲ ନଂ. – ୯୮୮୩୦୫୩୭୫୧)**

37001/11/0023/1920
ସ୍ୱା./– ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

**Advt. No.- 2774** **Walk-in-Interview** **Date- 29.10.2019**

Walk-in-Interview will be conducted as per scheduled date below for filling up the following posts under National Health Mission, Dhenkanal on part time basis with remuneration as per Ama Clinic guidelines noted against each as per OSH&FW Society terms & conditions.

| Sl. No. | Name of the Post | No of Vacancy | Remuneration (In Rs.) | Venue | Date of Registration / Interview |
| --- | --- | --- | --- | --- | --- |
| 01 | O&G Specialist (Part Time) | 1 | 1500/-per session (Max. 2 sessions in a day) | Conference Hall ,New DHH, Dhenkanal | 15.11.2019 |
| 02 | Pediatric specialist (Part Time) | 1 | | | |
| 03 | Medicine Specialist (Part Time) | 1 | | | |
| 04 | Skin & VD specialist (Part Time) | 1 | | | |
| 05 | ENT Specialist (Part Time) | 1 | | | |
| 06 | Eye Specialist (Part Time) | 1 | | | |
| 07 | Dentist (Part Time) | 1 | 1250/- per session(max. 2 sessions in a day) | | |

Interested candidates can log on to www.dhenkanal.nic.in for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration on the date as mentioned against each post with duly filled application form. **Registration timing will be from 10.00 A.M. to 11.00 A.M only on Walk-in-Interview dates.** No application will be entertained after scheduled timing of registration. The undersigned reserves the right to cancel the above posts without assigning any reason thereof.

10059/11/0008/1920 No. E-446 **Sd /- CDM&PHO cum DMD, Dhenkanal**

**GOVERNMENT OF ODISHA**
**Panchayati Raj and Drinking Water Department**

PR-RH-GRC-0009-2019 19271 /PR&DW Date: 28/10/19

**ADVERTISEMENT FOR ENGAGEMENT OF CONSULTANT (MONITORING & EVALUATION)**

No.i-43 :- Online applications are invited by Panchayati Raj & Drinking Water Department from retired OAS Officers for the post of consultant (Monitoring and Evaluation) on contract basis with monthly consolidated remuneration of Rs.40,000/- for a period of 1 year subject to further extension based on satisfactory performance/requirement.

Interested eligible candidates can apply online through the website i.e. **(http://www.rhodisha3.in)** from 30.10.2019 to 15.11.2019 till 6 P.M.

Details are available at **www.rhodisha3.in**

19001/11/0008/1920
**Sd./- Deputy Secretary to Government**

**REQUEST FOR PROPOSAL FOR "OPERATION & MANAGEMENT OF INTEGRATED PACK HOUSE (IPH) AT-GOVINDPUR, DHENKANAL ON LEASE"**

**RFP No.- 2** **Dt.29.10.2019**

No.: L-72: Managing Director, Dhenkanal Fruits & Vegetables Marketing Company Limited (DFVMCL)-cum-Director of Horticulture, Govt. of Odisha, invites sealed proposals from eligible bidders for "Operation & Management of Integrated Pack House (IPH) at Govindpur, Dhenkanal on Lease". The detailed RFP document can be downloaded from the website **https://tendersodisha.gov.in / www.odihort.nic.in**. The proposal complete in all respect must reach the undersigned by Speed Post/Registered Post/Courier only latest by **17.12.2019** upto 5.00 P.M. The last date for submission of proposal is **17.12.2019 upto 5.00 P.M.**
**MD DFVMCL-cum-Director of Horticulture, Govt. of Odisha reserves the right to accept or reject any application and to annual the process at any time, without any liability and assigning any reason thereof.**

**Sd./- MD DFVMCL-cum-Director of Horticulture, Krushi Bhawan, Gopabandhu Marg, Bhubaneswar, Odisha, PIN No.- 751001**
**e-mail: supportdho.od@nic.in**
01038/11/0007/1920

See Career Appointment on every Wednesday & Saturday

**OFFICE OF THE EXECUTIVE ENGINEER**
**R.W.S.&S. DIVISION, NUAPADA**
E-mail: eerwssnpd@rediffmail.com
**Govt. of Odisha "e" Procurement Notice**
Bid Identification No. RWS&S_04 /2019-20

**No. O-465:-** The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in single cover system in conformity with the terms & conditions of the Detailed Tender Call Notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the Percentage Rate Contract (P1) contract form.

| | |
| --- | --- |
| Nature of Work | :- Construction of district level laboratory, conference hall and record room in 1st floor and 2nd floor of RWSS Division office building Nuapada. |
| No. of Tender | :- 1 (One) no. |
| Approx. Estimated Cost | :- Rs.33.31 Lakhs |
| Period of completion | :- 03 (three) months |
| Tender Cost | :- Rs.6000/- |
| Class of Contractor | :- Class 'C' and 'B' |
| Date and Time of availability of bid document in the portal | :- 02.11.2019 at 10.00AM |
| Last date /Time for receipt of bids in the portal | :- 13.11.2019 up to 5.00 PM |
| Date of Opening of bid | :- 15.11.2019 at 11.00 AM |

The bidders have to participate in online bidding only. Further details can be seen from the website http://tendersorissa.gov.in

*Sd./- Executive Engineer RWSS Division, Nuapada*
25043/11/0004/1920

**DISTRICT PROJECT OFFICE SAMAGRA SHIKSHA, MALKANGIRI**

**No.3593 /2019** **Dated: 28.10.2019**

**NOTIFICATION**

It is hereby noticed to all concerned that the Final Merit list of candidates applied for the post of Warden, Accountant, Part Time Teacher (English), Part Time Teacher (Math/Science), Part Time Teacher (Sanskrit), Watchman, Head Cook, Asst. Cook & Peon-cum-Attendant of Residential School at Niladrinagar UPS in response to Advertisement 419, dtd. 21.01.2019 is hereby published. For the post of Warden - Sl No. 02, Accountant - Sl No. 01, Part Time Teacher (English) - Sl No. 01, Part Time Teacher (Math & Science) - Sl No. 01, Part Time Teacher(Sanskrit) - Sl No. 01, Watchman - Sl No. 02, Head Cook - Sl No. 03, Asst. Cook - Sl No. 01 & 03, Peon-cum-Attendant - Sl No. 01 (in order of merit list) are invited to attend this office on dtd. 06.11.2019 at 11.00 AM for signing of TOR and to receive the Engagement Order. The details can be downloaded from the website i.e. **www.malkangiri.nic.in.**

**By the order of Collector-cum-Chairman**
**Sd./- District Project Coordinator, Samagra Shiksha, Malkangiri**
**Dated.28.10.2019**

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀ,କ୍ଷୁଦ୍ର ଜଳସେଚନ ବିଭାଜନ ସୁନ୍ଦରଗଡଙ୍କ କାର୍ଯ୍ୟାଳୟ ।
GOVERNMENT OF ODISHA
OFFICE OF EXECUTIVE ENGINEER
MINOR IRRIGATION DIVISION,
SUNDARGARH
A-335
Phone No:-06622-272247, e-mail:eemisundargarh@yahoo.co.in

No. 2256 / MIDSNG/ Dt. 25.10.2019

**e-Procurement Notice**


**BID IDENTIFICATION NO. ONLINE – 04 /MID SNG/2019-20**

Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
| --- | --- | --- |
| 1 | Name of the work :- | Civil Works |
| 2 | No of Works :- | 04 ( Four ) Nos. |
| 3 | Estimated cost :- | Varies from Rs. 16.60 lakh to Rs 56.70 lakh (Approximately) |
| 4 | Period of completion :- | 03(Three) Calendar months |
| 5 | Date and Time of availability of bid documents in the portal :- | From 10.00AM of 04.11.2019 upto 5.00 PM of 13.11.2019 |
| 6 | Last date / time of receipt of bids in the portal | 13.11.2019 (5.00 PM) |
| 7 | Date of opening of Bid :- | 14.11.2019 at 11.00 AM onwards |
| 8 | Name and address of the OIT :- | Executive Engineer, Minor Irrigation Division, Sundargarh |
| 9 | Mode of payment of Bid Cost & Bid security | Online |

** Further details can be seen from the e-Procurement market place http://tendersodisha.gov.in

Sd/-25.10.2019
Executive Engineer
M.I. Division Sundargarh
32124/11/0002/1920



❝ ମୁଁ ଅଧିକ ଏଟିପି ଟୁର୍ ଖେଳିବାକୁ ଚାହୁଁଥିବାରୁ ବିଶ୍ରାମ ପାଇଁ ମୋତେ ବେଳେ ବେଳେ ଟୁର୍ନାମେଣ୍ଟରୁ ଓହରିଯିବାକୁ ହୋଇଥାଏ ।

–ରୋଜର ଫେଡରର, ସୁଇସ୍ ଟେନିସ ଖେଳାଳି



❝ କୌଣସି ମ୍ୟାଚରେ ଯଦି ମୁଁ ଚାପରେ ରୁହେ ତେବେ ଲଢୁଆ ପ୍ରଦର୍ଶନ କରିବାକୁ ପସନ୍ଦ କରିଥାଏ ।

–ସିମୋନା ହାଲେପ୍, ୱିମ୍ବେଲଡନ ଚାମ୍ପିୟନ

## ସଂକ୍ଷେପରେ

### ନିରାଶ କଲେ ଜ୍ୟୋତ୍ସ୍ନା

**କାଇରୋ, ୨୯।୧୦ (ପି.ଟି.):** ଭାରତର ଏକ ନମ୍ବର ସ୍କ୍ୱାଶ ଖେଳାଳି ଜ୍ୟୋତ୍ସ୍ନା ଚିନ୍ନାପା ସିଆଇବି ପିଏସ୍ଏ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ରାଉଣ୍ଡ-୧୬'ର ମ୍ୟାଚ୍‌ରେ ଟପ୍ ସିଡ୍ ଇଜିପ୍ଟର ନୁର୍ ଏଲ୍ ଶେର୍‌ବିନିଙ୍କ ନିକଟରୁ ପରାସ୍ତହୋଇ ଜ୍ୟୋତ୍ସ୍ନା ନିରାଶ କରିଛନ୍ତି। ବିଶ୍ୱ ମାନ୍ୟତାର ଦ୍ୱାଦଶ ସ୍ଥାନରେ ରହିଥିବା ଜ୍ୟୋତ୍ସ୍ନା ଏହି ମ୍ୟାଚ୍‌ରେ ୦-୩ (୫-୧୧, ୩-୧୧, ୬-୧୧) ସିଧାସଳଖ ସେଟ୍‌ରେ ନୁର୍‌ଙ୍କ ନିକଟରୁ ହାରିଯାଇଛନ୍ତି। ଶେର୍‌ବିନିଙ୍କ ନିକଟରୁ ଜ୍ୟୋତ୍ସ୍ନାଙ୍କ ଏହା ଲଗାତର ୨ୟ ପରାଜୟ। ଏଥିପୂର୍ବରୁ ୨୦୧୭ ଚାଇନା ସ୍କ୍ୱାଶ ଓପନ୍‌ରେ ସେ ଏହି ଇଜିପ୍ଟ ଖେଳାଳିଙ୍କ ନିକଟରୁ ହାରିଯାଇଥିଲେ। ପୂର୍ବରୁ ଜ୍ୟୋତ୍ସ୍ନା ରାଉଣ୍ଡ-୩୨ରେ ହଂକଂର ଜୋ ତିଜି ଲୋକ୍‌ଙ୍କୁ ମାତ୍ ଦେଇ ପ୍ରି-କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ।

### ବେଙ୍ଗାଲୁରୁ-ଗୋଆ ମ୍ୟାଚ୍ ଡ୍ର

**ଗୋଆ, ୨୯।୧୦:** ଚଳିତ ୬ଷ୍ଠ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ରେ ସୋମବାର ଗତବର୍ଷର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଏବଂ ଦୁଇଥର ରନର୍ସଅପ୍ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବେଙ୍ଗାଲୁରୁ ଉଦାନ୍ତ ସିଂଙ୍କ ଗୋଲ ଜରିଆରେ ଅଗ୍ରଣୀ ହେବାପରେ ଗୋଆ ପକ୍ଷରୁ ଫେରାନ କରୋମିନାସ ଅନ୍ତିମ ମିନିଟ୍‌ରେ ପେନାଲଟି କିକ ଯୋଗେ ଗୋଲ ପରିଶୋଧ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ। ଏଥିସହିତ ଏଫ୍‌ସି ଗୋଆ ଦୁଇଟି ମ୍ୟାଚରୁ ଚାରି ପଏଣ୍ଟ ପାଇ ମୁମ୍ବାଇ ସିଟି ଏଫ୍‌ସି ଏବଂ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ସହିତ ଟେବୁଲ ଶୀର୍ଷରେ ଯୋଗଦେଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି କ୍ରମାଗତ ଦ୍ୱିତୀୟ ଥର ମ୍ୟାଚ ଡ୍ର ରଖି ପଏଣ୍ଟ ଭାଗ କରିଛି। ସୋମବାର ଖେଳରେ ମାରୁତି ସୁଜୁକି ଲିମିଟଲେସ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ଫେରାନ କରୋମିନାସଙ୍କୁ ଏବଂ ହିରୋ ଅଫ ଦି ମ୍ୟାଚ ପୁରସ୍କାର ଉଦାନ୍ତ ସିଂଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଆଶିକ କୁରୁନିୟାନ ଆଇସଏଲ ଇମର୍ଜିଂ ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ଲାଭ କରିଥିଲେ।

# ଇଡେନରେ ଦିବାରାତ୍ର ଟେଷ୍ଟ

**ଭାରତ-ବାଂଲାଦେଶ ସିରିଜ୍**

**କୋଲକାତା,୨୯।୧୦(ପି.ଟି.)**

ଭାରତ ଏବେ ତା'ର ପ୍ରଥମ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବା ନିଶ୍ଚିତ ହୋଇଛି। ଐତିହାସିକ ଇଡେନ ଗାର୍ଡେନରେ ଭାରତ ପଡ଼ୋଶୀ ବାଂଲାଦେଶ ବିପକ୍ଷରେ ଏହି ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ଏନେଇ ନର୍ବ ନିର୍ବାଚତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ସୂଚନା ଦେଇଛନ୍ତି। ଫଳରେ ଏ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏହି ଟେଷ୍ଟ ମ୍ୟାଚ୍ ନଭେମ୍ବର ୨୨ରୁ ୨୬ ତାରିଖ ମଧ୍ୟରେ ଖେଳାଯିବ। ଆଗାମୀ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ଏହା ଦ୍ୱିତୀୟ ମ୍ୟାଚ୍ ସାବ୍ୟସ୍ତ ହେବ। ବିବାରାତ୍ର ଟେଷ୍ଟ ନେଇ ଗାଙ୍ଗୁଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ବୁଝାଇବାରେ ସକ୍ଷମ ହୋଇଛନ୍ତି।



ଗାଙ୍ଗୁଲି ପ୍ରଥମେ ବିସିବିକୁ ଏ ନେଇ ପ୍ରସ୍ତାବ ଦେଇଥିଲେ। ବାଂଲାଦେଶ ଖେଳାଳିମାନେ ଏହାକୁ ବିରୋଧ କରିଥିଲେ। ଏହାପରେ ଏକାଧିକ ବୈଠକ ବସିଥିଲା ଓ ଶେଷରେ ବିସିବି ଦିବାରାତ୍ର ଟେଷ୍ଟ ଖେଳିବାକୁ ରାଜି ହୋଇଥିଲା। ଏହା ଏକ ସକାରାତ୍ମକ ଅଗ୍ରଗତି। ଟେଷ୍ଟ କ୍ରିକେଟର ଲୋକପ୍ରିୟତା ବୃଦ୍ଧି ପାଇଁ ଏବେ ଏହା ଜରୁରୀ ହୋଇପଡିଛି। ଏଥିପାଇଁ ଅଧିନାୟକ ବିରାଟ କୋହଲିଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଗାଙ୍ଗୁଲି କହିଛନ୍ତି।

ଏହି ଦିବାରାତ୍ର ଟେଷ୍ଟ ମ୍ୟାଚ ଅବସରରେ ଦେଶର କିମ୍ବଦନ୍ତୀ ଖେଳାଳି ତଥା ଅଲିମ୍ପିଆନମାନଙ୍କୁ ସମର୍ଦ୍ଧିତ କରାଯିବ। ଦେଶର ଅଲିମ୍ପିକ୍ସ ବିପ୍ଳବରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଅଭିନବ ବିନ୍ଦ୍ରା, ଏମ୍‌ସି ମେରୀକମ ଓ ପି.ଭି. ସିନ୍ଧୁଙ୍କ ଭଳି ଖେଳାଳିଙ୍କ ସମ୍ମାନିତ କରାଯିବ। ପ୍ରତିବର୍ଷ ଦିବାରାତ୍ର ଟେଷ୍ଟ ଆୟୋଜନ କରାଯିବା ଉପରେ ଗାଙ୍ଗୁଲି ଗୁରୁତ୍ୱ ଦେଇଛନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ଭାରତୀୟ କ୍ରିକେଟରମାନେ ପିଙ୍କ୍ ବଲ୍‌ରେ ଦିବାରାତ୍ର ଟେଷ୍ଟ ଖେଳିବାକୁ ବିରୋଧ କରିଆସୁଥିଲେ। ପୁରୁଣା ହେବା ପରେ ବଲ୍‌କୁ ଦେଖିବାରେ ସମସ୍ୟା ସୃଷ୍ଟି ହେଉଥିବାରୁ ଖେଳାଳିମାନେ ଦିବାରାତ୍ର ଟେଷ୍ଟ ଖେଳିବାକୁ ପଛଘୁଞ୍ଚା ଦେଉଥିଲେ।

# ଶକିବ ୨ବର୍ଷ ସସ୍‌ପେଣ୍ଡ

**ଢାକା/ଦୁବାଇ, ୨୯।୧୦ (ପି.ଟି.)**

ବାଂଲାଦେଶ ଟେଷ୍ଟ ଏବଂ ଟି୨୦ ଅଧିନାୟକ ଶକିବ ଅଲ୍ ହସନ ମଙ୍ଗଳବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ୨ବର୍ଷ ସସ୍‌ପେଣ୍ଡ ହୋଇଛନ୍ତି। ଦୁର୍ନୀତି କାର୍ଯ୍ୟରେ ସାମିଲ ହେବାଲାଗି ତାଙ୍କୁ ୩ଥର ପ୍ରଲୋଭିତ କରାଯାଇଥିଲେ ମଧ୍ୟ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଅବଗତ କରି ନ ଥିଲେ। ଆଇପିଏଲରେ ଜଣେ ଭାରତୀୟ ସନ୍ଦିଗ୍ଧ ବୁକି ଏହି ଅଲରାଉଣ୍ଡରଙ୍କ ସହିତ ଯୋଗାଯୋଗ କରିଥିବା ପ୍ରକାଶ। ସସ୍‌ପେଣ୍ଡ ହୋଇଥିବାରୁ ଶକିବ ନଭେମ୍ବର ୩ରୁ ବାଂଲାଦେଶ କ୍ରିକେଟ ଦଳର ଭାରତ ଟୁର୍‌ରେ ସାମିଲ ହୋଇ ପାରିବେ ନାହିଁ। ଆଇସିସିର ନିର୍ଦ୍ଦେଶ ଅନୁସାରେ ଶକିବ ଏକ ବର୍ଷ ସମ୍ପୂର୍ଣ୍ଣ ସସ୍‌ପେଣ୍ଡ ହେବେ। ଏହି ସମୟ ମଧ୍ୟରେ ଯଦି ସେ ଆଇସିସିର ଦୁର୍ନୀତି ନିବାରଣ ନିୟମ ଉଲ୍ଲଂଘନ କରନ୍ତି ତେବେ ପୁଣି ୧୨ମାସ ସସ୍‌ପେଣ୍ଡ ହେବେ। ବାସନ୍ଦ ସମୟରେ ଏହି ୩୨ବର୍ଷୀୟ ଏହି ଖେଳାଳି ଆସନ୍ତା ବର୍ଷର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ସମାନ ବର୍ଷ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ହେବାକୁଥିବା ବିଶ୍ୱ ଟି୨୦ରେ ଅଂଶଗ୍ରହଣ କରିପାରିବେ ନାହିଁ। ଶକିବ କହିଛନ୍ତି, ମୋର ସବୁଠାରୁ ପ୍ରିୟ ଖେଳରୁ ବାସନ୍ଦ କରାଯାଇଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ। କିନ୍ତୁ ଖେଳାଳି ନିୟମ ଉଲ୍ଲଂଘନ ପାଇଁ ମୋତେ ଯେଉଁ ଦଣ୍ଡ ବିଧାନ କରାଯାଇଛି ତାହାକୁ ଗ୍ରହଣ କରୁଛି। ଶକିବଙ୍କ ଅନୁପସ୍ଥିତିରେ ବରିଷ୍ଠ ଖେଳାଳି ମୁସ୍‌ଫିକର ରହିମ ବାଂଲାଦେଶ ଟେଷ୍ଟ ଦଳର ଅଧିନାୟକତ୍ୱ କରିବେ। ସେହିପରି ମହମୁଦୁଲ୍ଲା ରିୟାଦ ଏବଂ ମୋସାଡେକ୍ ହୋସେନଙ୍କ ମଧ୍ୟରୁ ଜଣେ କେହି ତିନୋଟି ଟି୨୦ ପାଇଁ ଦଳର ଅଧିନାୟକ ହେବେ। ଆଇସିସିର ନିର୍ଦ୍ଦେଶକ୍ରମେ ଶକିବଙ୍କୁ ଭାରତ ଟୁର୍ ପାଇଁ ଚାଲିଥିବା ବାଂଲାଦେଶ ଅଭ୍ୟାସ ସେସନରୁ ବାଦ୍ ଦିଆଯାଇଛି। ବାଂଲାଦେଶ ଭାରତ ବିପକ୍ଷରେ ତିନୋଟି ଟି୨୦ ବ୍ୟତୀତ ୨ଟି ଟେଷ୍ଟ ମ୍ୟାଚ ଖେଳିବ। ଆଇସିସିର ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ) ଶକିବଙ୍କୁ ଚଳିତ ବର୍ଷ ଜାନୁୟାରୀ ଓ ଅଗଷ୍ଟରେ ଦୁଇଥର ଜେରା କରିଛି। ଆଇସିସି କହିବା ଅନୁସାରେ ଦୀପକ ଅଗ୍ରୱାଲ ନାମକ ଜଣେ ବୁକି ୩ଥର ପୃଥକ୍ ପୃଥକ୍ ଭାବେ ଟିମ୍ କମ୍ପୋଜିଶନ ଏବଂ ରଣକୌଶଳ ସମ୍ପର୍କରେ ଶକିବଙ୍କଠାରୁ ତଥ୍ୟ ନେବାକୁ ଚାହିଁଥିଲେ। ତନ୍ମଧ୍ୟରେ ୨୦୧୮ ଏପ୍ରିଲ ୨୬ରେ ଏକ ଘଟଣା ଅନ୍ୟତମ। ଏହି ଦିନ ତାଙ୍କ ଆଇପିଏଲ ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ ଏବଂ କିଙ୍ଗ୍ସ ଏକାଦଶ ପଞ୍ଜାବ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ସନରାଇଜର୍ସ ୧୩ ରନରେ ବିଜୟ ଲାଭ କରିଥିଲା। ଅଗ୍ରୱାଲ ୨୦୧୭ରେ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ) ଏବଂ ପରେ ୨୦୧୮ ଜାନୁୟାରୀରେ ଜିମ୍ବାୱେ ଏବଂ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜ ବେଳେ ତଥ୍ୟ ସଂଗ୍ରହ କରିବା ଲାଗି ପ୍ରୟାସ କରିଥିଲେ। ବିପିଏଲ୍‌ରେ ଶକିବ ଢାକା ଡିନାମାଇଟ୍ସ ତରଫରୁ ଖେଳୁଥିଲେ।



### ସାତ୍ତ୍ୱିକ ସାଇରାଜ-ଚିରାଗଙ୍କ ମାନ୍ୟତା ବୃଦ୍ଧି

**ନୂଆଦିଲ୍ଲୀ, ୨୯।୧୦:** ଭାରତର ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ବିଶ୍ୱ ମାନ୍ୟତାରେ ବୃଦ୍ଧି ଘଟିଛି। ବିଡବ୍ଲ୍ୟୁଏଫ୍ ପକ୍ଷରୁ ସଦ୍ୟ ପ୍ରକାଶିତ ପୁରୁଷ ଡବଲ୍ସ ର୍‍ୟାଙ୍କିଙ୍ଗ୍‌ରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨ଟି ପାହାଚ ଉପରକୁ ଉଠି ୯ମ ସ୍ଥାନରେ ରହିଛନ୍ତି। ଏଥିସହ ଉଭୟ ନିଜ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ସହ ସମକକ୍ଷ ହୋଇଛନ୍ତି। ନିକଟରେ ଏହି ଭାରତୀୟ ଯୋଡ଼ି ବିଡବ୍ଲ୍ୟୁଏଫ୍ ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୧୮-୨୧, ୧୬-୨୧ ଗେମ୍‌ରେ ଇଣ୍ଡୋନେସିଆର ମାର୍କସ ଫର୍ନାଲ୍ଡି ଗିଡେନ ଓ କେଭିନ ସୁକାମୁଲଜୋଙ୍କ ନିକଟରୁ ହାରିଯାଇଥିଲେ।



ଇଣ୍ଡିଆନ୍ ସୁପର୍ ଲିଗ୍‌ରେ ମଙ୍ଗଳବାର ଜାମ୍‌ସେଦପୁର ଏଫ୍‌ସି ଓ ହାଇଦ୍ରାବାଦ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଆଇଏସ୍ଏଲ୍: ପ୍ରଥମ ବିଜୟ ଲକ୍ଷ୍ୟରେ ଚେନ୍ନାଇନ

**ଚେନ୍ନାଇ,୨୯।୧୦(ପି.ଟି.):** ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଷଷ୍ଠ ସଂସ୍କରଣରେ ଚେନ୍ନାଇନ୍ ଏଫ୍‌ସି ବୁଧବାର ଏଟିକେକୁ ଭେଟିବ। ସ୍ଥାନୀୟ ମାରିନା ଏରିନାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ଚେନ୍ନାଇନ୍ ପ୍ରଥମ ବିଜୟ ହାସଲ ଲକ୍ଷ୍ୟରେ ରହିଛି। କୋଲକାତା ତା'ର ଗତ ମ୍ୟାଚ୍‌ରେ ଶୁକ୍ରବାର ଘରୋଇ ପରିବେଶରେ ହାଇଦ୍ରାବାଦ ଏଫ୍‌ସିକୁ ୫-୦ରେ ହରାଇ ଏକ ଜବରଦସ୍ତ ବିଜୟ ହାସଲ କରିଥିଲା। ତେଣୁ ଏହି ମ୍ୟାଚ୍ ଚେନ୍ନାଇନ୍ ପାଇଁ ଆଦୌ ସହଜ ହେବ ନାହିଁ। ଚେନ୍ନାଇନ ଚଳିତ ସେସନର ପ୍ରଥମ ମ୍ୟାଚ୍‌ରେ ଏଫ୍‌ସି ଗୋଆଠାରୁ ୦-୩ ଗୋଲରେ ପରାସ୍ତ ହୋଇଥିଲା। ତେବେ ଏହାପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ଚେନ୍ନାଇନ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ରବିବାର ଗୋଲ ଶୂନ୍ୟଭାବେ ଡ୍ର ରଖିଥିଲା। ଚେନ୍ନାଇନ୍‌ର ଡିଫେନ୍ସ ସେତେଟା ସ୍ଥିର ପ୍ରଦର୍ଶନ କରୁ ନ ଥିବାରୁ କୋଚ୍ ଜନ୍ ଗ୍ରେଗୋରୀ ଚିନ୍ତିତ ରହିଛନ୍ତି। ଚେନ୍ନାଇନ ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟ ରହିଛି। ଚେନ୍ନାଇନ ଅଧିନାୟକ ଲୁସିଆନ ଗୋଇଆନ୍ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନାହାନ୍ତି। ମୁମ୍ବାଇ ବିପକ୍ଷରେ ଆମେ ଅଧିକ ଗୋଲ ଦେଇପାରିଥାନ୍ତୁ ଚେନ୍ନାଇନ୍‌ର ଫରୱାର୍ଡ ଲିଥୁଆନିଆର ନେରିଜୁସ୍ ଭାଲସ୍କିସ୍ କହିଛନ୍ତି। ଚେନ୍ନାଇନ୍ ତା'ର ପ୍ରଦର୍ଶନରେ ଉନ୍ନତି ଆଣିଛି ବୋଲି ଏଟିକେ କୋଚ୍ ଆଣ୍ଟୋନିଓ ଲୋପେଜ ହାବାସ କହିଛନ୍ତି। ତେଣୁ ଚେନ୍ନାଇନକୁ ଆଦୌ ହାଲ୍‌କା ଭାବେ ନେଇ ହେବ ନାହିଁ ବୋଲି ସେ କହିଛନ୍ତି। ଚେନ୍ନାଇନ୍ ଏହି ମ୍ୟାଚ୍‌ରେ ବିପଜ୍ଜନକ ହୋଇପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ଚେନ୍ନାଇନ ଏକ ଦୃଢ଼ ପ୍ରତିପକ୍ଷ ଦଳ ବୋଲି ସେ କହିଛନ୍ତି। ଏଟିକେ ଇତିମଧ୍ୟରେ ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୩ ପଏଣ୍ଟ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ଚେନ୍ନାଇନ ଏପର୍ଯ୍ୟନ୍ତ ୨ଟି ମ୍ୟାଚ୍ ଖେଳି ଗୋଟିଏ ପରାଜୟ ଓ ଗୋଟିଏ ଡ୍ର ସହ ୧ ପଏଣ୍ଟ ପାଇ ତାଲିକାର ଅଷ୍ଟମ ସ୍ଥାନରେ ରହିଛି। ହାଇଦ୍ରାବାଦ ବିପକ୍ଷରେ ଏଟିକେ ଯେଉଁଭଳି ଖେଳିଲା ସେ ନେଇ ହାବାସ ଖୁସି ଜାହିର କରିଛନ୍ତି। ଏହି ମୁମେଣ୍ଟମ ଓ ଇଣ୍ଟେନ୍‌ସିଟି ବଜାୟ ରଖିବାକୁ ଏଟିକେ ପ୍ରୟାସ କରିବ ବୋଲି ଆଶା କରାଯାଉଛି। ଘରୋଇ ପରିବେଶରୁ ଚେନ୍ନାଇନ ନିଶ୍ଚୟ ଫାଇଦା ଉଠାଇବ। ଚେନ୍ନାଇନ ଓ ଏଟିକେ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

# ଟିମ୍ ଇଣ୍ଡିଆ ଉପରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

**ନୂଆଦିଲ୍ଲୀ,୨୯।୧୦**

ଆଗାମୀ ଭାରତ-ବାଂଲାଦେଶ ସିରିଜ ଅବସରରେ ଆତଙ୍କବାଦୀ ଆକ୍ରମଣ ସମ୍ଭାବନା ସୃଷ୍ଟି ହୋଇଛି। ଫଳରେ କଡ଼ା ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଲାଗି ଦିଲ୍ଲୀ ପୋଲିସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩ ତାରିଖରେ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଭାରତ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଅଧିନାୟକ ବିରାଟ କୋହଲି ଆତଙ୍କବାଦୀଙ୍କ ହିଟ୍ ଲିଷ୍ଟରେ ରହିଛନ୍ତି। ମଙ୍ଗଳବାର ଏ ନେଇ ନ୍ୟାଶନାଲ ଇଭେଷ୍ଟିଗେଟ ଏଜେନ୍ସି (ଏନ୍ଆଇଏ)କୁ ଏକ ବେନାମୀ ଚିଠି ମିଳିଛି। ଭାରତୀୟ କ୍ରିକେଟ ଦଳ, ଖାସ୍ କରି କୋହଲି ହିଟ୍ ଲିଷ୍ଟରେ ରହିଛନ୍ତି ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

ଆତଙ୍କବାଦୀଙ୍କ ଏହି ହିଟ୍ ଲିଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଗୃହମନ୍ତ୍ରୀ ଅମିତ ଶାହ, ଭାରତୀୟ ଜନତା ପାର୍ଟି (ଭାଜପା) ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ଭାଜପା କାର୍ଯ୍ୟକାରୀ ସଭାପତି ଜେ.ପି. ନଡ୍ଡା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ରହିଛନ୍ତି। ମିଳିଥିବା ଏହି ଚିଠିକୁ ଏନ୍ଆଇଏ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିକଟକୁ ପଠାଇ ଦେଇଛି। କେରଳର କୋଝିକୋଡ ପର୍ଯ୍ୟବସିତ ଆତଙ୍କବାଦୀ ସଂଗଠନ ଅଲ୍ ଇଣ୍ଡିଆ ଲସ୍କର କୋହଲି ଓ ଅନ୍ୟ ରାଜନେତାଙ୍କୁ ଟାର୍ଗେଟ କରିଛି ବୋଲି ଏହି ଚିଠିରେ ଉଲ୍ଲେଖ କାରଯାଇଛି।

ଏହି ଚିଠି ଏକ ଫମ୍ପା ଧମକ ହୋଇପାରେ ବୋଲି କୁହାଯାଇଛି। ତେବେ କୋହଲି ଓ ଅନ୍ୟ ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥାରେ ଆଦୌ ହେଳା କରାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏହି ସିରିଜରେ ଭାରତ ଓ ବାଂଲାଦେଶ ୩ଟି ଟି୨୦ ଓ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ରବିବାରଠାରୁ ଅରୁଣ ଜେଟଲୀ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ।

# ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ



ଜାତୀୟ କିକ୍ ବକ୍ସିଂ ପାଇଁ ମନୋନୀତ ପ୍ୟୁମାସ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ରୀଛାତ୍ର।

**ଭୁବନେଶ୍ୱର, ୨୯।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ପଶ୍ଚିମବଙ୍ଗର ୬୫ ବି.ଏନ୍. ବିଏସ୍ଏଫ୍ କ୍ୟାମ୍ପ ରାଧାବରୀଠାରେ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍ ନଭେମ୍ବର ୪ରୁ ଆରମ୍ଭ ହେବ। ଏଥିରେ ୨୫ ରାଜ୍ୟର ଖେଳାଳି ଅଂଶଗ୍ରହଣ କରିବେ। ଏଥିଲାଗି ଭିଏସ୍ଏସ୍ ନଗରସ୍ଥିତ ପ୍ୟୁମାସ ଇଣ୍ଟରନ୍ୟାଶନାଲ ସ୍କୁଲର ୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସ୍ମୃତି ଶିବାନୀ ପ୍ରଧାନ, ବିଶ୍ୱ ରଞ୍ଜନ ବେହେରା, ସନ୍ତୋଷ ଦାସ, ସ୍ୱର୍ଣ୍ଣ ସ୍ୱରୂପ ନାୟକ, ପ୍ରତିଜ୍ଞା ବେହେରା, ଆଶୀର୍ବାଦ ପଟ୍ଟନାୟକ, ଗୌରବ ଅଗ୍ରୱାଲ, ହର୍ଷିତ ଅଗ୍ରୱାଲ ଓ ଆରିୟାନ ମହାନ୍ତି। ସ୍କୁଲର କୋଚ୍ ଉଦୟନାଥ ରାଉତଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଗସ୍ତ କରିବେ।

### କାରେଙ୍କୁ ଅଷ୍ଟ୍ରେଲିଆ-ଏ ଦଳର ନେତୃତ୍ୱ

**ସିଡ୍‌ନୀ, ୨୯।୧୦ (ଏଏଫ୍‌ପି):** ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଟେଷ୍ଟ ସିରିଜ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ଦଳ ଏକ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଭ୍ରମଣକାରୀ ପାକିସ୍ତାନ ଦଳ ଏହି ୩ ଦିନିଆ ମ୍ୟାଚ୍ ଖେଳିବ। ଏଥିଲାଗି ମଙ୍ଗଳବାର ଅଷ୍ଟ୍ରେଲିଆ-ଏ ଦଳ ଘୋଷଣା କରାଯାଇଛି। ଉଇକେଟ୍‌କିପର ଆଲେକ୍ସ କାରେଙ୍କୁ ଏହି ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ବିବାଦୀୟ ଭାବେ ଆଶେସ ସିରିଜରୁ ବାଦ୍ ପଡ଼ିଥିବା ଜୋ ବର୍ନ୍ସଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆ ସୀମିତ ଓଭର ଦଳର ଉପ-ଅଧିନାୟକ ରହିଥିବା କାରେ ଉଭୟ ଦିନିକିଆ ଓ ଟି୨୦ରେ ବ୍ୟାଟ୍ ଓ ଗ୍ଲୋଭ୍ସରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଟେଷ୍ଟ ଅଧିନାୟକ ଟିମ୍ ପାଇନ୍ ଓ ମାଥ୍ୟୁ ୱାଡେଙ୍କ ଯୋଗୁ ସେ ଆଶେସ ଦଳରେ ସୁଯୋଗ ପାଇପାରି ନ ଥିଲେ। ଅଷ୍ଟ୍ରେଲିଆ-ଏ ଓ ପାକିସ୍ତାନ ମଧ୍ୟରେ ଏହି ମ୍ୟାଚ୍ ଅକ୍ଟୋବର ୩୧ରୁ ସିଡ୍‌ନୀରେ ଖେଳାଯିବ। ଏହାପରେ ବ୍ରିସ୍‌ବେନ୍ ଓ ଆଡିଲେଡରେ ୨ଟି ଯାକ ଟେଷ୍ଟ ମ୍ୟାଚ୍ ଅନୁଷ୍ଠିତ ହେବ।

## ଆଇସିସି ମହିଳା ଇମର୍ଜିଂ ଟିମ୍ ଏସିଆ କପ୍

# ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିୟନ

**କଲମ୍ବୋ, ୨୯।୧୦**

ସ୍ଥାନୀୟ ଆର୍. ପ୍ରେମଦାସ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ଏସିସି ମହିଳା ଏମର୍ଜିଂ ଟିମ୍ ଏସିଆ କପ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଛି। ଭାରତୀୟ ମହିଳା କ୍ରିକେଟ୍ ଦଳ ଡିଏଲ୍ ପଦ୍ଧତିରେ ୧୪ ରନରେ ଘରୋଇ ଶ୍ରୀଲଙ୍କାକୁ ହରାଇ ଏହି ସଫଳତା ପାଇଛି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ଉଇକେଟ୍ ହରାଇ ୧୭୫ ରନ କରିଥିଲା। ଦଳ ପକ୍ଷରୁ ତନୁଶ୍ରୀ ସରକାର ସର୍ବାଧିକ ୪୭ ରନ କରିଥିବାବେଳେ ସମରନ ବାହାଦୁର (୩୪), ମନାଲୀ ଦକ୍ଷିଣୀ (୧୮*) ଓ ଯଷ୍ଟିକା ଭାଟିଆ (୧୮) ଉପଯୋଗୀ ଇନିଂସ ଖେଳିଥିଲେ। ଘରୋଇ ଶ୍ରୀଲଙ୍କା ପକ୍ଷରୁ କଭିସା ଦିଲହାରୀ ୱେଲିଂନଟେଜ ୩ଟି ଉଇକେଟ୍ ନେଇଥିଲେ।

ଜବାବରେ ଶ୍ରୀଲଙ୍କା ଇନିଂସ ପୂର୍ବରୁ ବର୍ଷା କିଛି ସମୟ ପାଇଁ ମ୍ୟାଚ୍‌ରେ ବାଧା ସୃଷ୍ଟି କରିଥିଲା। ଫଳରେ ମ୍ୟାଚ୍‌କୁ ୩୫ ଓଭର ବିଶିଷ୍ଟ କରାଯାଇଥିଲା ଏବଂ ଶ୍ରୀଲଙ୍କା ସମ୍ମୁଖରେ ୧୫୦ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଶ୍ରୀଲଙ୍କା ପ୍ରାରମ୍ଭରୁ ୪୩ ରନରେ ୫ ଉଇକେଟ୍ ହରାଇ ସଙ୍କଟଜନକ ସ୍ଥିତିରେ ପଡ଼ିଥିଲା। ତେବେ ହର୍ଷିତା ସମରବିକ୍ରମା (୩୯), ମଧୁଶିକା ଲାକମଲି (୨୫) ଓ ଲିହିନୀ ଅପସରା (୨୨)ଙ୍କ ଉପଯୋଗୀ ଇନିଂସ ବଳରେ ୩୪.୩ ଓଭରରେ ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ତନୁଜା କନୱର (୭-୧-୧୫-୪) ଓ ଦେବୀକା ବିଦ୍ୟା (୭-୦-୨୯-୪) ସଫଳ ବୋଲର ରହିଥିଲେ।




**ସୁଶ୍ରୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ଚାମ୍ପିୟନ ଭାରତୀୟ ଦଳର ସଦସ୍ୟା ରହିଥିବା ଓଡ଼ିଆ କ୍ରିକେଟର୍ ସୁଶ୍ରୀ ଦିବ୍ୟଦର୍ଶନୀ ମ୍ୟାଚ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ବ୍ୟାଟିଂରେ ୮ମ ସ୍ଥାନରେ ଆସିଥିବା ସୁଶ୍ରୀ ୨୬ ବଲରୁ ୧୪ ରନ କରିଥିଲେ, ଯେଉଁଥିରେ ୨ଟି ଚୌକା ସାମିଲ ରହିଥିଲା। ଏହାପରେ ବୋଲିଂରେ ୬.୩ ଓଭର ବୋଲିଂ କରି ୨୫ ରନ ବ୍ୟୟ କରି ଗୋଟିଏ ଉଇକେଟ୍ ନେଇଥିଲେ। ମ୍ୟାଚ୍‌ର ଅନ୍ତିମ ଓଭର ବୋଲିଂ କରିବାକୁ ଆସି ସେ ଥରିକା ସିୱାର୍ଦ୍ଦିଙ୍କୁ ଆଉଟ୍ କରିଥିଲେ।



ବିଶ୍ୱସ୍ତ ତଥା ନିର୍ଭରଯୋଗ୍ୟ ରେସ୍ ଇଞ୍ଜିନିୟର ପିଟର ବୋନିଙ୍ଗଟନ ଓ ଲୁଇସ୍ ହାମିଲଟନଙ୍କ ବିନା ଆମ ଟିମ୍ ବିଜୟ ହାସଲ କରିପାରିବ ।

–ଟୋଟୋ ଓଲ୍‌ଫ, ମର୍ସିଡିଜ୍ ଫର୍ମୁଲା ୱାନ ଟିମ୍ ମୁଖ୍ୟ



ଆଣ୍ଠି ମୁରେ ଭଲ ପ୍ରଦର୍ଶନ ଜାରି ରଖିଲେ ୨୦୨୦ରେ ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିପାରିବେ ।

–ନୋଭାକ୍ ଜୋକୋଭିଚ୍, ସର୍ବୀୟ ଟେନିସ ଖେଳାଳି

## ସଂକ୍ଷେପରେ

### 'ପ୍ରଥମ ଶ୍ରେଣୀ ଖେଳାଳିଙ୍କ ପାଇଁ ଚୁକ୍ତି ବ୍ୟବସ୍ଥା ଲାଗୁହେବ'



**କୋଲକାତା, ୨୯।୧୦ (ପି.ଟି.):** ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ଲାଗି ଖୁବ୍‌ଶୀଘ୍ର ଚୁକ୍ତି ବ୍ୟବସ୍ଥା ଲାଗୁ ହେବ। ଏହାଦ୍ୱାରା ସେମାନେ ନିଜ ସ୍ଥିତି ନେଇ ସୁରକ୍ଷିତ ମନେକରିବେ। ବିସିସିଆଇର ସଭାପତି ସୌରଭ ଗାଙ୍ଗୁଲି ଏଠାରେ ଏକ ସାକ୍ଷାତ୍‌କାରରେ ଏହା ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ଖେଳାଳିଙ୍କ ଲାଗି ଯେପରି ବାର୍ଷିକ ଚୁକ୍ତି ପ୍ରଚଳନ କରାଯାଇଛି, ସେହି ଢାଞ୍ଚାରେ ଘରୋଇ କ୍ରିକେଟରେ ପାରିଶ୍ରମିକ ପ୍ରଦାନ ବ୍ୟବସ୍ଥା କରିବାକୁ ସେ ଚାହୁଁଛନ୍ତି। ଘରୋଇ କ୍ରିକେଟରମାନଙ୍କ ଲାଗି ଚୁକ୍ତି ବ୍ୟବସ୍ଥା ପ୍ରସ୍ତୁତ କରିବା ଲାଗି ନୂଆ ଆର୍ଥିକ କମିଟିକୁ କୁହାଯିବ। ବର୍ତ୍ତମାନ ଜଣେ ଘରୋଇ କ୍ରିକେଟର ବାର୍ଷିକ ୨୫ରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି। ଏହା ଅବଶ୍ୟ ସେ କେତେ ମ୍ୟାଚ ଖେଳୁଛନ୍ତି ତାହା ଉପରେ ନିର୍ଭର କରେ। ପ୍ରଥମ ଶ୍ରେଣୀ ଗେମ୍ ପାଇଁ ମ୍ୟାଚ ଫି' ଦିନ ପିଛା ୩୫,୦୦୦ ଟଙ୍କା (ଦୈନିକ ଭତ୍ତା ଛାଡ଼ି) ପାଉଛନ୍ତି। ବିସିସିଆଇ ବ୍ରଡକାଷ୍ଟ ରାଇଟ ବାବଦରେ ଯେତିକି ରାଜସ୍ୱ ପାଏ ତାହାର ୧୩ ପ୍ରତିଶତ ଖେଳାଳିଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ।

# 'କଳିଙ୍ଗରେ ଖେଳିବା ପାଇଁ ଉତ୍ସାହିତ'

**ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ**

ଭୁବନେଶ୍ୱର, ୨୯।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ମହିଳା ହକିଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ହେବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆମେରିକାକୁ ଭେଟିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୧ ଓ ୨ ତାରିଖରେ ଆମେରିକା ବିପକ୍ଷରେ ଭାରତ ୨ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଲାଗି ଭାରତୀୟ ମହିଳା ହକି ଦଳ କଳିଙ୍ଗ ଷ୍ଟାଡିୟମରେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ଆଠବର୍ଷର ଦୀର୍ଘ ଅନ୍ତର୍ଜାତୀୟ କ୍ୟାରିୟରରେ ପ୍ରଥମଥର ଲାଗି ଘରୋଇ ଗ୍ରାଉଣ୍ଡରେ ଖେଳିବାକୁ ଯାଉଥିବାରୁ ଭାରତୀୟ ଦଳର ଅଭିଜ୍ଞ ମିଡ୍‌ଫିଲ୍ଡର ଲିଲିମା ମିଞ୍ଜ୍ ଏହି ମ୍ୟାଚ୍‌କୁ ନେଇ ବେଶ୍ ଉତ୍ସାହିତ ରହିଛନ୍ତି। 'ଘରୋଇ ପରିବେଶରେ ପ୍ରଥମଥର ଲାଗି ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଯାଉଛି। ସେଥିପାଇଁ ବେଶ୍ ଖୁସି ଲାଗୁଛି। ପୂର୍ବରୁ ଓଡ଼ିଶା ବାହାରେ ଅନେକ ମ୍ୟାଚ୍ ଖେଳିଛୁ, କିନ୍ତୁ ଆମ ପରିବାର ମ୍ୟାଚ୍‌କୁ ସିଧାସଳଖ ଦେଖିବାରୁ ବଞ୍ଚିତ ହୋଇଥିଲେ। କିନ୍ତୁ ଏଥର ପରିବାର ସଦସ୍ୟଙ୍କ ସମ୍ମୁଖରେ ମ୍ୟାଚ୍ ଖେଳିବାର ସୁଯୋଗ ପାଇଛୁ। ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ପୁରୁଷ ଦଳର ଅନେକ ମ୍ୟାଚ୍ ଅନୁଷ୍ଠିତ ହୋଇସାରିଛି। ଏଠାକାର ଦର୍ଶକଙ୍କ ସମର୍ଥନ ମଧ୍ୟ ଭଲ ରହିଛି, ଯାହାକି ଆମକୁ ଖେଳିବାକୁ ଆହୁରି ଉତ୍ସାହିତ କରିବ' ବୋଲି ମଙ୍ଗଳବାର ଏକ ସାକ୍ଷାତକାର ଅବସରରେ ୨୫ ବର୍ଷୀୟା ସୁନ୍ଦରଗଡ଼ ଝିଅ ଲିଲିମା କହିଛନ୍ତି।

ପ୍ରତିପକ୍ଷ ଆମେରିକା ଏକ ଭଲ ଟିମ୍। ପୂର୍ବରୁ ଆମେ ତାଙ୍କ ସହ ଅନେକ ମ୍ୟାଚ୍ ଖେଳିସାରିଛୁ। ଆମେରିକା ଖେଳିଥିବା ମ୍ୟାଚ୍‌ର ଭିଡିଓକୁ ଆମେ ଆନାଲିସିସ୍ କରୁଛୁ। ସେହି ଅନୁଯାୟୀ ଆମର ଷ୍ଟ୍ରାଟେଜି ପ୍ରସ୍ତୁତ କରି ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିବୁ ବୋଲି ନିକଟରେ ଜାତୀୟ ଦଳ ପକ୍ଷରୁ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଲିଲିମା ଏହି ଅବସରରେ ପ୍ରକାଶ କରିଛନ୍ତି। ଭାରତୀୟ ମହିଳା ଦଳରେ ବର୍ତ୍ତମାନ ଆମେ ୪ ଜଣ ଓଡ଼ିଆ ଖେଳାଳି ଖେଳୁଛୁ। କିନ୍ତୁ ସୁନୀତା ଲାକ୍ରା ଆଘାତଜନିତ ସମସ୍ୟା ଲାଗି ଦଳରୁ ବାହାରେ ରହିଛନ୍ତି। ସେହିଭଳି ଜୁନିୟରସ୍ତରରେ ଓଡ଼ିଶାରେ ଆହୁରି ଭଲ ଖେଳାଳି ରହିଛନ୍ତି, ଯେଉଁମାନେ କି ଆଗାମୀ ଦିନରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ସମର୍ଥ ରଖିଛନ୍ତି। ଜାତୀୟ ଦଳରେ ଓଡ଼ିଆ ଖେଳାଳିଙ୍କ ସଂଖ୍ୟା ବଢ଼ିଲେ ଏହା ଖୁସିର କଥା ବୋଲି ଲିଲିମା କହିଛନ୍ତି। ସେହିଭଳି କ୍ୟାରିୟରରେ ଦେଢ଼ଶହ ମ୍ୟାଚ୍ ଖେଳିବାକୁ ନେଇ ଲିଲିମା କହିଛନ୍ତି, 'ଏହି ମାଇଲଖୁଣ୍ଟ ଛୁଇଁବି ବୋଲି କେବେ ଆଶା ରଖି ନ ଥିଲି। ରିଓ ଅଲିମ୍ପିକ୍ସ ବେଳକୁ ମୁଁ ୧୦୦ ମ୍ୟାଚ୍ ମଧ୍ୟ ଖେଳି ନ ଥିଲି। ଏହାପରେ ଆଘାତଜନିତ ସମସ୍ୟା ଦେଇ ଗତି କରିଥିଲି। କ୍ୟାରିୟର ଏଠାରେ ଶେଷ ହୋଇଯିବ ବୋଲି ଗୋଟିଏ ସମୟରେ ଭାବିଥିଲି। କିନ୍ତୁ ଏହାପରେ ମାନସିକସ୍ତରରେ ନିଜକୁ ବେଶ୍ ଦୃଢ଼ କରିବା ସହ ଫିଟ୍ ହୋଇ ଫିଲ୍ଡକୁ ପ୍ରତ୍ୟାବର୍ତ୍ତନ କରିଥିଲି। ସେବେଠାରୁ ଆଉ ପଛକୁ ଫେରିଚାହିଁ ନାହିଁ। ଆଗକୁ ଯେତେଦିନ ପର୍ଯ୍ୟନ୍ତ ଫିଟ୍ ରହିବି ଖେଳି ଜାରି ରଖିବି। ଆମେରିକା ବିପକ୍ଷ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଟୋକିଓ ଅଲିମ୍ପିକ୍ସ ଟିକେଟ୍ ହାସଲ କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ'।



ଲିଲିମା ମିଞ୍ଜ

### ଗ୍ରେଟ୍ ବ୍ରିଟେନ ଟୁର୍ ସାହାଯ୍ୟ କରିବ

ଆମେରିକା ବିପକ୍ଷ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌କୁ ନେଇ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ଆତ୍ମବିଶ୍ୱାସରେ ଥିବା କହିଛନ୍ତି। 'ଗତ ଦୁଇ ସପ୍ତାହ ହେଲା ଆମେ ଏଠାରେ ଅଭ୍ୟାସ ଜାରି ରଖିଛୁ। ବାଳିକାମାନେ ମ୍ୟାଚ୍ ପାଇଁ ପୁରା ପ୍ରସ୍ତୁତ ରହିଛନ୍ତି। ଏହା ଏକ ରୋମାଞ୍ଚପୂର୍ଣ୍ଣ ମ୍ୟାଚ୍ ହେବାକୁ ଯାଉଥିବାରୁ ଆମେ ଟିକେ ନର୍ଭସ ରହିଛୁ। ଯେତେବେଳେ ମ୍ୟାଚ୍ ରୋମାଞ୍ଚକ ହୋଇ ନ ଥାଏ ସେତେବେଳେ ନର୍ଭସ ହେବାର କାରଣ ନ ଥାଏ' ବୋଲି ମାରିଜନେ ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ଆମେରିକା ଦଳକୁ କିଭଳି ଭାବରେ ଦେଖୁଛ ବୋଲି ପ୍ରଶ୍ନ ହେବାରୁ ମାରିଜନେ କହିଛନ୍ତି, 'ଆମର ଫୋକସ୍ ବର୍ତ୍ତମାନ କେବଳ ଆମ ଖେଳାଳିଙ୍କ ଉପରେ ରହିଛି। ସେମାନେ ଆମେରିକାନ୍ ଶୈଳୀରେ ଖେଳିଥାନ୍ତି। ପ୍ରୋ-ଲିଗ୍‌ରେ ମଧ୍ୟ ଆମେ ତାଙ୍କ ଖେଳ ପୂର୍ବରୁ ଦେଖିଛୁ। ସେମାନଙ୍କ ଦୁର୍ବଳତାକୁ କେବଳ ପରଖି ଆମର ଗେମ୍ ଷ୍ଟ୍ରାଟେଜୀ ପ୍ରସ୍ତୁତ କରୁଛୁ ବୋଲି ପୁରୁଷ ହକି ଦଳର ପୂର୍ବତନ ମୁଖ୍ୟ କୋଚ୍ ମାରିଜନେ କହିଛନ୍ତି। 'ଗତ ଗ୍ରେଟ୍ ବ୍ରିଟେନ ଟୁର୍ ଆମ ପାଇଁ ବେଶ୍ ଭଲ ରହିଥିଲା। ଫଳାଫଳ ଅପେକ୍ଷା ଏହି ଟୁର୍‌ରୁ ଆମେ ବହୁତ କିଛି ଶିଖିବାକୁ ପାଇଲୁ, ଯାହାକି ଆମେରିକା ବିପକ୍ଷ ଯୋଗ୍ୟତା ମ୍ୟାଚ୍‌ରେ ସାହାଯ୍ୟ କରିବ' ବୋଲି ୪୫ ବର୍ଷୀୟ ଏହି ପୂର୍ବତନ ଡଚ୍ ଖେଳାଳି କହିଛନ୍ତି।



ଜୋର୍ଡ ମାରିଜନେ

## ପଦକ ନିଶ୍ଚିତ କଲେ ଶିବ ଥାପ୍ପା



**ଟୋକିଓ, ୨୯।୧୦ (ପି.ଟି.):** ଚାରିଥର ଏସୀୟ ପଦକ ବିଜେତା ଭାରତୀୟ ଷ୍ଟାର୍ ବକ୍ସର ଶିବ ଥାପ୍ପା (୬୩ କିଗ୍ରା) ଏଠାରେ ଚାଲିଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ବକ୍ସିଂର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଶିବ ପଦକ ମଧ୍ୟ ନିଶ୍ଚିତ କରିଛନ୍ତି। ସେହିଭଳି ଅନ୍ୟ ୬ ଭାରତୀୟ ବକ୍ସର ମଧ୍ୟ କୌଣସି ଲଢ଼େଇ ନ କରି ଅନ୍ତିମ-୪ରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ୩ୟ ଥର ପାଇଁ ଜାତୀୟ ଟାଇଟଲ୍ ହାସଲ କରିଥିବା ଥାପ୍ପା କ୍ୱାର୍ଟର ଫାଇନାଲରେ ୫-୦ରେ ଘରୋଇ ଖେଳାଳି ୟୁକି ହିରାକାୱାଙ୍କୁ ହରାଇଛନ୍ତି। ବୁଧବାର ଖେଳାଯିବାକୁ ଥିବା ସେମିଫାଇନାଲରେ ଥାପ୍ପାଙ୍କ ମୁକାବିଲା ଅନ୍ୟତମ ଜାପାନ ଖେଳାଳି ଡାଇସୁକେ ନାରିମାତ୍‌ସୁଙ୍କ ସହ ହେବ। ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ୬ ଭାରତୀୟ ବକ୍ସର ହେଲେ ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ନିଖାତ୍ ଜରୀନ୍ (୫୧ କିଗ୍ରା), ଏସୀୟ ପଦକ ବିଜେତା ସୁମିତ୍ ସାଙ୍ଗୱାନ (୯୧ କିଗ୍ରା), ଆଶିଷ (୬୯ କିଗ୍ରା), ଭାନ୍‌ଲିମ୍ପୁଇଆ (୭୫ କିଗ୍ରା), ସିମରନଜିତ୍ କୌର (୬୦ କିଗ୍ରା) ଓ ପୂଜା ରାଣୀ (୭୫ କିଗ୍ରା)।

## ଟି୨୦ ବିଶ୍ୱକପ୍ ପାଇଁ ନେଦରଲାଣ୍ଡସ୍କୁ ଯୋଗ୍ୟତା

**ଦୁବାଇ, ୨୯।୧୦ (ପି.ଟି.):** ଅଷ୍ଟ୍ରେଲିଆରେ ଆସନ୍ତା ବର୍ଷ ହେବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ନେଦରଲାଣ୍ଡସ୍ ଯୋଗ୍ୟତା ଅର୍ଜନ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ କ୍ୱାଲିଫାଇଙ୍ଗ ପ୍ଲେ-ଅଫ୍ ମ୍ୟାଚ୍‌ରେ ଏହି ଦଳ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ୮ ଉଇକେଟରେ ହରାଇ ଦେଇଛି। ମ୍ୟାଚ୍‌ରେ ୟୁଏଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୮୦ରନ କରି ପାରିଥିଲା। ନେଦରଲାଣ୍ଡସ୍ ପକ୍ଷରୁ ବ୍ରାଣ୍ଡନ ଗ୍ଲୋଭର ୪ ଉଇକେଟ ସଫଳତା ପାଇଥିଲେ। ପରେ ନେଦରଲାଣ୍ଡସ୍ ୮୧ ରନର ବିଜୟ ଲକ୍ଷ୍ୟକୁ ୧୫.୧ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଓପନର ବେନ୍ କୁପର ୫୩ ବଲ୍‌ରେ ୪୧ରନର ଏକ ଆକର୍ଷଣୀୟ ଇନିଂସ ଖେଳିଥିଲେ। ଆୟର୍ଲାଣ୍ଡ ଓ ପାପୁଆ ନ୍ୟୁ ଗିନି ପରେ ନେଦରଲାଣ୍ଡସ୍ ତୃତୀୟ ଦଳ ଭାବେ ଟି୨୦ ବିଶ୍ୱକପ୍‌ରେ ସ୍ଥାନ ପାଇଛି। ଆସନ୍ତା ବର୍ଷ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ହେବାକୁଥିବା ଏହି ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡ ୮ଟି ଦଳକୁ ନେଇ ହେବ।

## ଜାତୀୟ ଫୁଟବଲ ଶିବିରରେ ୩ ଓଡ଼ିଆ



ଜ୍ୟୋତି କୁମାରୀ



ମନୀଷା ନାୟକ



ମଞ୍ଜୁ ଗଞ୍ଜୁ

**କଟକ ଅଫିସ,୨୯।୧୦:** ଆସନ୍ତା ନଭେମ୍ବର ପହିଲାରୁ ଗୋଆର ମରଗାଓ ସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ୧୭ବର୍ଷରୁ କମ ଜାତୀୟ ବାଳିକା ଫୁଟବଲ ଦଳର ପ୍ରସ୍ତୁତି ଓ ଚୟନ ଶିବିର ଆରମ୍ଭ ହେବ। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫ୍‌ଏଫ) ପକ୍ଷରୁ ୩ଜଣ ଓଡ଼ିଆ ଖେଳାଳିଙ୍କ ନାମ ଉକ୍ତ ଶିବିର ନିମନ୍ତେ ଚୂଡ଼ାନ୍ତ କରାଯାଇଛି । ଏମାନେ ହେଲେ ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲର ମନୀଷା ନାୟକ, କଟକ ସାଇ ହଷ୍ଟେଲର ଜ୍ୟୋତି କୁମାରୀ ଓ ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲର ମଞ୍ଜୁ ଗଞ୍ଜୁ। ୩ଜଣଙ୍କୁ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ ଶୁଭେଚ୍ଛା ଜଣାଇଛନ୍ତି।

## ୩ୟ ସମାନ୍ତରାଳ ସଂଘ ପାଇଁ ଉଦ୍ୟମ

**ଓଡ଼ିଶା ହକିରେ ଅନ୍ତର୍ଦ୍ୱନ୍ଦ୍ୱ**

କଟକ ଅଫିସ,୨୯।୧୦

ମେଳି ବାନ୍ଧୁଛନ୍ତି 'ହକି ଓଡ଼ିଶା' ବିରୋଧୀ। ଦୀର୍ଘ ଦିନର ଅସନ୍ତୋଷ ପରେ ଏବେ ନୂତନ ରାଜ୍ୟ ହକି ସଂଘ ଗଠନ ପାଇଁ ଯୋଜନା କରୁଛନ୍ତି। ନୂତନ ହକି ସଂଘ ଗଢ଼ିବା ପାଇଁ ୨୨ଟି ଜିଲା ଏକମତ। ଏହାର ନେତୃତ୍ୱ ନେଉଛି ସମ୍ବଲପୁର ଜିଲା। ଖୁବଶୀଘ୍ର 'ହକି ଇଣ୍ଡିଆ' ସ୍ୱୀକୃତି ପାଇଁ ଏମାନେ ନୂଆଦିଲ୍ଲୀ ଯିବେ। ସ୍ୱୀକୃତି ପାଇଁ ଆବଶ୍ୟକ ସମସ୍ତ କାଗଜପତ୍ର ମଧ୍ୟ ପ୍ରସ୍ତୁତ ହୋଇ ସାରିଲାଣି । ନୂତନ ସଂଘ ହେବ 'ଓଡ଼ିଶା ହକି'। ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏ ସମସ୍ତ କାର୍ଯ୍ୟ ଅଗ୍ରଗତି କରୁଥିବା ଜଣାପଡ଼ିଛି।

ରାଜ୍ୟରେ ଏବେ ଦୁଇଟି ହକି ସଂଘ ରହିଛି। ଗୋଟିଏ ହେଉଛି ହକି ଓଡ଼ିଶା ଓ ଅନ୍ୟଟି ହକି ଗାଙ୍ଗପୁର। ଉଭୟ ସଂଘ ହକି ଇଣ୍ଡିଆର ଅନୁବନ୍ଧିତ ୟୁନିଟ। ନୂତନ ସଂଘ ଗଠନ କରିବାକୁ ପ୍ରସ୍ତୁତ ହେଉଥିବା ସଦସ୍ୟମାନେ ହକି ଓଡ଼ିଶା ଦ୍ୱାରା ଅନୁବନ୍ଧିତ ଜିଲାର ପ୍ରତିନିଧି। ହକି ଓଡ଼ିଶାର କାର୍ଯ୍ୟ ଉପରେ ଅସନ୍ତୁଷ୍ଟ ହୋଇ ନୂତନ ଏକ ସଂଘ ଗଠନ କରିବା ପାଇଁ ମେଳି ହୋଇଛନ୍ତି। ସମ୍ବଲପୁର ସମେତ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ବୌଦ୍ଧ, କେନ୍ଦୁଝର, ବାରିପଦା ପ୍ରମୁଖ ନୂତନ ସଂଘ ଗଠନ ପାଇଁ ରାଜି ହୋଇ ସାରିଛନ୍ତି ବୋଲି ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଦୁଲାଲ କହିଛନ୍ତି। ୨୦୨୦ ଜାନୁୟାରୀ ମାସରୁ ନୂତନ ସଂଘ କାର୍ଯ୍ୟ କରିବ। ଏବେ ହକି ଇଣ୍ଡିଆ ଅଧିକାରୀଙ୍କ ସହ ନିୟମିତ ଯୋଗାଯୋଗ କରାଯାଉଛି। ସେମାନଙ୍କୁ ଭେଟିବାକୁ ଏକ ପ୍ରତିନିଧି ମଣ୍ଡଳୀ ଯିବ ବୋଲି ଦୁଲାଲ କହିଛନ୍ତି। ହକି ଓଡ଼ିଶାର ଗତ ସାଧାରଣ ପରିଷଦ ବୈଠକରେ ଏହି ବିବାଦର ମୂଳଦୁଆ ପଡ଼ିଥିବା ଜଣାପଡ଼ିଛି। ଗତ ସାଧାରଣ ପରିଷଦ ବୈଠକରେ ସମ୍ବଲପୁର ଜିଲାକୁ ଅନୁବନ୍ଧିତ ୟୁନିଟରୁ ବାଦ୍ ଦିଆଯାଇଥିଲା। ଏହାକୁ ବିରୋଧ କରି ଦୁଲାଲ ଓ ହକି ଓଡ଼ିଶାର ସମ୍ପାଦକ ପ୍ରତାପ ଶତପଥୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପ୍ରତାପ ମନମୁଖି ଭାବେ ସମସ୍ତ କାର୍ଯ୍ୟ କରୁଛନ୍ତି ଏବଂ ରାଜ୍ୟରେ ହକିର ବିକାଶ ପାଇଁ କିଛି ବି ପଦକ୍ଷେପ ନେଉ ନାହାନ୍ତି ବୋଲି ଦୁଲାଲ ଅଭିଯୋଗ କରିଛନ୍ତି । ଏହାଛଡ଼ା ଦିନକୁ ଦିନ ରାଜ୍ୟରେ ହକିର ସ୍ଥିତି ଦୁର୍ବଳ ହେବା ପାଇଁ ହକି ଓଡ଼ିଶାର ଅପାରଗ କର୍ମକର୍ତ୍ତାମାନେ ହିଁ ଦାୟୀ ବୋଲି ଦୁଲାଲ ମତ ଦେଇଛନ୍ତି । ଏ ସମ୍ପର୍କରେ ହକି ଓଡ଼ିଶା ସମ୍ପାଦକ ପ୍ରତାପଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ହକି ଓଡ଼ିଶା ସମସ୍ତ କାର୍ଯ୍ୟ ସୁଚାରୁରୂପେ କରୁଛି । ନୂତନ ସଂଘ ଗଠନ ହେବା ନେଇ ମୋ ପାଖରେ କୌଣସି ଖବର ନାହିଁ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

**ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି**

# କଳିଙ୍ଗ ଉପରେ ନଜର କେନ୍ଦ୍ରୀଭୂତ

ଭୁବନେଶ୍ୱର, ୨୯।୧୦(କ୍ରୀଡ଼ା ପ୍ରତିନିଧି)

ନଭେମ୍ବର ୧ ଓ ୨ ତାରିଖରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ ଅନୁଷ୍ଠିତ ହେବ। ପୁରୁଷ ବିଭାଗରେ ଭାରତ ଲୋ ର୍‍ୟାଙ୍କପ୍ରାପ୍ତ ରୁଷିଆକୁ ଭେଟିବାକୁ ଯାଉଥିବାବେଳେ ମହିଳା ବିଭାଗରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ଆମେରିକା। ଏହି ମ୍ୟାଚ ପରେ କେଉଁ ଦୁଇଟି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ ତାହା ସ୍ପଷ୍ଟ ହେବ। ପ୍ରତିଯୋଗିତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଭାରତୀୟ ମହିଳା ଓ ପୁରୁଷ ଦଳ ଏବଂ ଆମେରିକା ଓ ରୁଷିଆ ନିଜ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ଇତିମଧ୍ୟରେ ବିଶ୍ୱର ବିଭିନ୍ନ ସ୍ଥାନରେ ମହିଳା ଓ ପୁରୁଷ ବିଭାଗରେ ୬ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରୁ ୩ଟି ଲେଖାଏ ଦଳ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି। ତେଣୁ ଏବେ ହକି ଜଗତର ନଜର କଳିଙ୍ଗ ଷ୍ଟାଡିୟମ ଉପରେ କେନ୍ଦ୍ରୀଭୂତ ହୋଇଛି। ଏଠାରେ ମ୍ୟାଚ ଦେଖିବାପାଇଁ ହକି ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି।



### ସ୍ପେନ, ନେଦରଲାଣ୍ଡସ୍, କାନାଡ଼ାକୁ ଯୋଗ୍ୟତା

ସ୍ପେନ, ନେଦରଲାଣ୍ଡସ୍ ଓ କାନାଡ଼ା ପୁରୁଷ ହକିରେ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି। ଭାଲେନ୍ସିଆଠାରେ ଅକ୍ଟୋବର ୨୫ ଓ ୨୬ରେ ଅନୁଷ୍ଠିତ ୨ଟି ମ୍ୟାଚରେ ଫ୍ରାନ୍ସକୁ ପଛରେ ପକାଇ ସ୍ପେନ ଅଲିମ୍ପିକ୍ସ ଟିକେଟ ପାଇଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚଟି ୩-୩ ଗୋଲରେ ଡ୍ର ରହିଥିବାବେଳେ ଦ୍ୱିତୀୟ ମ୍ୟାଚରେ ସ୍ପେନ ୩-୨ ଗୋଲରେ ବିଜୟୀ ହୋଇଥିଲା। ଫଳରେ ୬-୫ ଗୋଲ ବ୍ୟବଧାନରେ ଆଗକୁ ବଢ଼ିଛି ସ୍ପେନ। ସେହିପରି ଆମଷ୍ଟେଲଭିନଠାରେ ଅକ୍ଟୋବର ୨୬ ଓ ୨୭ରେ ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନକୁ ନିରାଶ କରି ନେଦରଲାଣ୍ଡସ୍ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ପାଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ରଥମ ମ୍ୟାଚଟି ୪-୪ ଗୋଲରେ ଡ୍ର ରହିଥିବାବେଳେ ଦ୍ୱିତୀୟ ମ୍ୟାଚରେ ନେଦରଲାଣ୍ଡସ୍ ୬-୧ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଫଳରେ ମୋଟ ୧୦-୫ ଗୋଲ ବ୍ୟବଧାନରେ ନେଦରଲାଣ୍ଡସ୍ ଆଗକୁ ଯାଇଥିବାବେଳେ ପାକିସ୍ତାନର ଅଲିମ୍ପିକ୍ସ ଖେଳିବା ଆଶା ଧୂଳିସାତ ହୋଇଛି। ଅକ୍ଟୋବର ୨୬ ଓ ୨୭ରେ ଅନୁଷ୍ଠିତ ମ୍ୟାଚରେ ଆୟର୍ଲାଣ୍ଡକୁ ପଛରେ ପକାଇବାରେ ସକ୍ଷମ ହୋଇଛି କାନାଡ଼ା। ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡ ଚମତ୍କାର ପ୍ରଦର୍ଶନ କରି କାନାଡ଼ାକୁ ୫-୩ ଗୋଲରେ ହରାଇବାରେ ସକ୍ଷମ ହୋଇଥିଲା। ମାତ୍ର ଦ୍ୱିତୀୟ ମ୍ୟାଚରେ କାନାଡ଼ା ୩-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ୨ ମ୍ୟାଚ ଶେଷରେ ଉଭୟ ଦଳର ଗୋଲସଂଖ୍ୟା ୬ ହେବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ କାନାଡ଼ା ୫-୪ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଫଳରେ ଭଲ ଖେଳିଥିଲେ ହେଁ ଆୟର୍ଲାଣ୍ଡ ଅଳ୍ପକେ ଅଲିମ୍ପିକ୍ସ ଯୋଗ୍ୟତା ପାଇବାରୁ ବଞ୍ଚିତ ହୋଇଥିଲା।

### ମହିଳାରେ ଅଷ୍ଟ୍ରେଲିଆ, ଚାଇନା ଓ ସ୍ପେନ

ମହିଳା ବିଭାଗରେ ଅଷ୍ଟ୍ରେଲିଆ, ଚାଇନା ଓ ସ୍ପେନ ହକିଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପର୍ଥଠାରେ ଅକ୍ଟୋବର ୨୫ ଓ ୨୬ରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୯-୨ ଗୋଲ ବ୍ୟବଧାନରେ ରୁଷିଆକୁ ପରାସ୍ତ କରିଥିଲା। ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୪-୨ ଏବଂ ଦ୍ୱିତୀୟ ମ୍ୟାଚରେ ୫-୦ ଗୋଲରେ ବିଜୟୀ ହୋଇ ମୁକାବିଲାକୁ ଏକପାଖିଆ କରି ଦେଇଥିଲା। ଚାଙ୍ଗଝୋଉଠାରେ ଅକ୍ଟୋବର ୨୫ ଓ ୨୬ରେ ଅନୁଷ୍ଠିତ ଚାଇନା-ବେଲଜିୟମ ମ୍ୟାଚ କିନ୍ତୁ ବେଶ୍ ରୋମାଞ୍ଚକର ହୋଇଥିଲା। ପ୍ରଥମ ମ୍ୟାଚରେ ବେଲଜିୟମ ୨-୦ ଗୋଲରେ ଚାଇନାକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ କିନ୍ତୁ ଚାଇନା ୨-୦ ଗୋଲରେ ବେଲଜିୟମକୁ ହରାଇଥିଲା। ୨ ମ୍ୟାଚ ଶେଷରେ ଉଭୟ ଦଳର ଗୋଲ ସଂଖ୍ୟା ୨-୨ରେ ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ ଚାଇନା ୨-୧ ଗୋଲରେ ବେଲଜିୟମକୁ ହରାଇ ବାଜି ମାରିନେଇଥିଲା। ସେଇ ଅକ୍ଟୋବର ୨୫ ଓ ୨୬ରେ ଭାଲେନ୍ସିଆଠାରେ ସ୍ପେନ ଓ ଦକ୍ଷିଣ କୋରିଆ ମଧ୍ୟରେ ମଧ୍ୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ସ୍ପେନ ୨-୧ ଗୋଲରେ ଏବଂ ଦ୍ୱିତୀୟ ମ୍ୟାଚରେ ୨-୦ ଗୋଲରେ ବିଜୟୀ ହୋଇଥିଲା। ଫଳରେ ମୋଟ ୪-୧ ଗୋଲରେ ଆଗୁଆ ରହିବା ସହ ଏହି ଦଳ ଅଲିମ୍ପିକ୍ସ ଟିକେଟ ପାଇଥିଲା।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଅନସୂୟା ନାୟକ**

ଆବିର୍ଭାବ: ୨୫।୧୧।୧୯୪୨
ତିରୋଧାନ: ୨୦।୧୦।୨୦୧୯

ବୋଉ, ତୁମର ଆବର୍ତ୍ତମାନରେ ଆମ୍ଭେମାନେ ଦିଗହରା। ତୋର ସ୍ନେହବୋଳା ପରଶ, ଆଦର୍ଶ ଜୀବନ ଆମ୍ଭମାନଙ୍କର ପାଥେୟ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା ।

**ଶୋକାକୁଳ ପରିବାର:**
ସ୍ୱାମୀ– ଗଣେଶ ନାୟକ, ପୁତ୍ର, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ

ଧ-୬୮୫୦୨

**ଦଶମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦିବାକର ରଥ**

ପ୍ଲଟ୍ ନଂ. ୨୬୭/୩୩୫୫
ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୨୬
ତିରୋଧାନ: ୨୧।୧୦।୨୦୦୯

ଆଜି ଆପଣଙ୍କର ଦଶମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:**
ପରିବାରବର୍ଗ।

ଧ-୬୧୦୬୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶକୁନ୍ତଳା କୁଅଁର**

ଆବିର୍ଭାବ: ୧୪।୦୪।୧୯୨୫
ତିରୋଧାନ: ୧୭।୧୦।୨୦୧୯

ପିଉସୀ ମାଆ, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମ୍ଭମାନଙ୍କ ପାଇଁ ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ ପରିବାର :**
ଭାଇ: ଗଣେଷ ଚନ୍ଦ୍ର ନାୟକ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ।

ଧ-୬୮୫୦୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ଅକ୍ଟୋବର ୩୦/୨୦୧୯ Berhampur, Wednesday, October 30/ 2019

## ସଂକ୍ଷେପରେ

### ଦିଗପହଣ୍ଡିରେ ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ପକ୍ଷରୁ ଚଢ଼ାଉ
### ମଦ ଜବତ, ୨ ଗିରଫ

ଦିଗପହଣ୍ଡି,୨୯।୧୦(ଡି.ଏନ.ଏ.)- ବ୍ରହ୍ମପୁର ଅବକାରୀ ଷ୍ଟ୍ରାଇକିଙ୍ଗ ଫୋର୍ସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ଦିଗପହଣ୍ଡି ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରାଯାଉଥିବା ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ମଦ ବିକ୍ରି କରୁଥିବା ଦିଗପହଣ୍ଡିର ପପୁନ ସେଠୀ ଏବଂ ବୁଡୁ ବେହେରାଙ୍କୁ ଗିରଫ କରାଯାଇ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ଷ୍ଟ୍ରାଇକିଙ୍ଗ ଫୋର୍ସ ସଦଳବଳ ଚଢ଼ାଉ କରି ଅଭିଯୁକ୍ତ ଦ୍ୱୟଙ୍କଠାରୁ ୨୬ ଦେଶୀ ମଦ ପାଉଚ ଓ ୨୦ ବିଦେଶୀ ମଦ ବୋତଲ ଜବତ କରିଥିଲା। ଅବକାରୀ ମାମଲା ନଂ ୪୮/ ୧୯-୨୦ ଓ ୨୧/୧୯-୨୦ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ଦିଗପହଣ୍ଡି ଅବକାରୀ କାର୍ଯ୍ୟାଳୟ ଥିଲେ ସୁଦ୍ଧା ଚୋରା ମଦ ଧରପଗଡ଼ ହେଉନଥିବା ଅଭିଯୋଗ ହେଉଛି।

### ମଧ୍ୟାହ୍ନ ଭୋଜନ ରୋଷେଇ ବେଳେ ଫାଟିଲା ଗ୍ୟାସ୍ ଟାଙ୍କି

କୁକୁଡ଼ାଖଣ୍ଡି,୨୯।୧୦(ଡି.ଏନ.ଏ.)- କୁକୁଡ଼ାଖଣ୍ଡି ବ୍ଲକ ଲୁଚାପଡା ବାସୁଦେବନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ମଧାହ୍ନ ଭୋଜନ ପ୍ରସ୍ତୁତ ହେଉଥିବା ବେଳେ ରେଗୁଲେଟରରେ ସାମାନ୍ୟ ତ୍ରୁଟି ଥିବା ଯୋଗୁ ଗ୍ୟାସ ସିଲିଣ୍ଡର ଫାଟି ଯାଇଥିଲା। ଦୁର୍ଘଟଣା ଘଟିବା ପୂର୍ବରୁ ସ୍କୁଲ ପିଲାମାନେ ଭୟରେ ଦୌଡ଼ି ପଳାଇ ଯାଇଥିବା ସୂଚନା ମିଳିଛି। ଏଥିସହ କାହାରି କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ବ୍ରହ୍ମପୁର ଅଗ୍ନିଶମ ବିଭାଗ ଆସି ନିଆଁ ଲିଭାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତ ପିଲାମାନଙ୍କୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ନିକଟରେ ଥିବା ସ୍କୁଲରୁ ପିଲାମାନଙ୍କ ପାଇଁ ମଧାହ୍ନ ଭୋଜନ ଅଣାଯାଇ ଦିଆଯାଇଥିଲା। ଘଟଣାସ୍ଥଳରେ ବିଇଓ ଏସ୍.ଗିରିଧର,ଏବିଇଓ ସୁରେନ୍ଦ୍ର ସେନାପତି ଓ ତ୍ରିନାଥ ମଲ୍ଲିକ ପହଞ୍ଚି ଅନୁସନ୍ଧାନ କରିଥିଲେ।

### ସଦର ଥାନା ଅଞ୍ଚଳରୁ ଚୋରି

କୁକୁଡାଖଣ୍ଡି,୨୯।୧୦(ଡି.ଏନ.ଏ.)-ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ନଳିହାଡ଼ ଗ୍ରାମରେ ସୋମବାର ରାତିରେ ବଡଧରଣର ଡକାୟତି ହୋଇଥିବା ସୂଚନା ମିଳିଛି। ଦୁର୍ବୃତ୍ତମାନେ ୧୫ ତୋଳା ସୁନା ଅଳଙ୍କାର ସହ ନଗଦ ୪୩ ହଜାର ଟଙ୍କା ଲୁଟ କରିଥିବା ସୂଚନା ମିଳିଛି। ଗ୍ରାମର ସୁଶାନ୍ତ କୁମାର ବିଷୋୟୀଙ୍କ ଘରୁ ଏହି ଚୋରି ହୋଇଛି। ପୋଲିସ ପାଟ୍ରୋଲିଂ ଢିଲା ଯୋଗୁ ଚୋରି ବଢୁଛି। ସେହିପରି ବାଇଗଣବାଡି ଛକରୁ ଓଡି୦୭ଡି୪୨୮୭ ନମ୍ବରର ଏକ ଗାଡି ଚୋରି ହୋଇଥିବା ସୂଚନା ମିଳିଛି। ଏଏସ୍‌ଆଇ ସୁରେଶ ସାହୁ ଘଟଣାସ୍ଥଳ ପରିଦର୍ଶନ କରିଥିବା ବେଳେ ଥାନା ନଂ. ୨୯୪/୧୯ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସଦରଥାନା ଅଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି।

### ରଙ୍ଗେଇଲୁଣ୍ଡା ବ୍ଲକ ବାର୍‌ହା ଉପଦ୍ରବରେ ଧାନ ଫସଲ ନଷ୍ଟ

କନିଷି,୨୯।୧୦(ଡି.ଏନ.ଏ.)-ରଙ୍ଗେଇଲୁଣ୍ଡା ବ୍ଲକର ଶାସନପଦର, ଚିକରଡ଼ା, ଗୋଳନ୍ଥରା, ମନ୍ଦିଡ଼ି, ଇନ୍ଦ୍ରାକ୍ଷୀ, ତୁଲୁ, କୋଠାରସିଂ ଏବଂ ବିଶ୍ୱନାଥପୁର ଅଞ୍ଚଳରେ ବାର୍‌ହା ଉପଦ୍ରବ ଜାରି ରହିଛି। ବାର୍‌ହା ପଲ ଧାନ ଓ ବିଭିନ୍ନ ପରିବା ଚାଷ ନଷ୍ଟ କରିବାରେ ଲାଗିଛନ୍ତି। ପ୍ରତିବର୍ଷ ବାତ୍ୟା ଓ ଲଘୁଚାପ ପ୍ରଭାବରେ ଚାଷୀ କ୍ଷତି ସହୁଥିବା ବେଳେ ବାର୍‌ହା ମଧ ଚିନ୍ତା ବଢ଼ାଉଛି। ୩ ଦିନ ତଳେ ଗୋଳନ୍ଥରା ଗ୍ରାମର ଚାଷୀ ରାଜୁ ସେଠୀଙ୍କ ୫ ଏକର ଜମିର ଧାନ ଫସଲ ବାର୍‌ହା ସମ୍ପୂର୍ଣ୍ଣ ନଷ୍ଟ କରିଥିବା ସେ ଅଭିଯୋଗ କରିଛନ୍ତି। ଏ ବର୍ଷ ବର୍ଷ ଧରି ବାର୍‌ହାପଲ ଫସଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରୁଥିଲେ କ୍ଷତିପୂରଣ ମିଳୁ ନ ଥିବା ଅଭିଯୋଗ ହେଉଛି।

### ପୁଅକୁ ପିଟି ହତ୍ୟା ଘଟଣା ଜେଲ୍ ଗଲେ ବାପା

ଶେରଗଡ,୨୯।୧୦(ଡି.ଏନ.ଏ.)- ଶେରଗଡ ବ୍ଲକ କେରିକେରି ଝୋଳା ଗ୍ରାମରେ ମଙ୍ଗଳବାର ରାତିରେ ବାପା ଶିବ ଗୌଡ ତାଙ୍କ ପୁଅ ପିଣ୍ଟୁଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଥିଲେ। ଶେରଗଡ ପୋଲିସ ନଂ.୧୦୩/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ଦିଆଯାଇଛି। ବାପା ଶିବଙ୍କୁ ପୋଲିସ ଗିରଫ କରି ଶେରଗଡ କୋର୍ଟ ଚାଲାଣ କରାଯାଇଛି।

### ଜିଲାସ୍ତରୀୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ
# ଜିରୋ କାଜୁଆଲ୍‌ଟି ଉପରେ ଜିଲାପାଳଙ୍କ ଗୁରୁତ୍ୱ

ଛତ୍ରପୁର,୨୯।୧୦(ଡି.ଏନ୍.ଏ.)

ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଉପଯୁକ୍ତ ତାଲିମ ଦିଆଯିବ ବୋଲି କହିଥିଲେ। ଏଥିସହ ସମସ୍ତ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହିତ ମୁକାବିଲା କରିବା ପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ କରାଯିବ। ଜିଲାର ୫ଶହ ମହିଳାଙ୍କୁ ବିପର୍ଯ୍ୟୟ ମୁକାବିଲା ସମ୍ପର୍କିତ ତାଲିମ ପ୍ରଦାନ କରାଯିବ। ବିପର୍ଯ୍ୟୟ ସମୟରେ କିଭଳି ଜିରୋ କାଜୁଆଲ୍‌ଟି ରହିବ ତା' ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିପର୍ଯ୍ୟୟ ସମ୍ବନ୍ଧୀୟ ବିଭିନ୍ନ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡୁଡାର ପିଡି ସୁଦାମ ଚରଣ ମଣ୍ଡଳ, ଜିଲା ଜରୁରିକାଳୀନ ଅଧିକାରୀ ପ୍ରଜ୍ଞା ପାରମିତା ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଏକ ସଚେତନତା ରାଲିକୁ ଛତ୍ରପୁର ଷ୍ଟାଡିୟମଠାରେ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।



ଜଣେ ଛାତ୍ରୀଙ୍କୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

### କାନ୍ଥ ଭୁଶୁଡ଼ିବା ଘଟଣା
# ଆହତ ବୃଦ୍ଧାଙ୍କ ଜୀବନ ଗଲା, ମୃତ୍ୟୁ ସଂଖ୍ୟା ୨ ହେଲା

ଦିଗପହଣ୍ଡି,୨୯।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡା ପଞ୍ଚାୟତ ଅନ୍ତର୍ଗତ ବଜ୍ରଗୁମ୍ଫା ଗାଁର ସନ୍ତୋଷ ନାଇକଙ୍କ ଝାଟିମାଟି ଘର କାନ୍ଥ ଶନିବାର ଭୋରରେ ଭୁଶୁଡ଼ି ପଡ଼ିଥିଲା। କାନ୍ଥତଳେ କିଛି ସମୟ ଚାପିହୋଇ ରହିବାରୁ ସନ୍ତୋଷଙ୍କ ୧୦ ମାସର ପୁଅଙ୍କ ମୃତ୍ୟୁ ହୋଇଥିଲା। ସନ୍ତୋଷଙ୍କ ସମେତ ତାଙ୍କ ମା' ରାହାସ, ସ୍ତ୍ରୀ ବନିତା, ଝିଅ ପ୍ରିୟଙ୍କା ଆହତ ହୋଇଥିଲେ। ମା' ରାହାସଙ୍କର ମଙ୍ଗଳବାର ଭୋରରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବନିତା ଏବେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପରିବାରର ୨ଜଣଙ୍କୁ ହରାଇ ସନ୍ତୋଷ ଭାଙ୍ଗି ପଡ଼ିଥିବାବେଳେ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ଇଂ.ଉତ୍ତମ କୁମାର ପାଣିଗ୍ରାହୀ ଦାବି କରିଛନ୍ତି। ଏ ନେଇ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଡାକ୍ତରଙ୍କ ରିପୋର୍ଟ ମିଳିବା ପରେ ସରକାରୀ କ୍ଷତିପୂରଣ ନିମନ୍ତେ ଜିଲା ପ୍ରଶାସନଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, କାନ୍ଥ ଭୁଶୁଡ଼ି ଶିଶୁ ମୃତ୍ୟୁ ଘଟିଥିବା ଜାଣିବା ପରେ ଘଟଣାଦିନ ତହସିଲଦାର ସ୍ୱାଇଁ ଓ ବିଡ଼ିଓ ହଳଧର ଶବର ବଜ୍ରଗୁମ୍ଫା ଗାଁରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ।

# ଚଳନ୍ତା କାରରେ ନିଆଁ, ଚାଳକ ସୁରକ୍ଷିତ


କାର୍‌ଟି ଜଳିଯାଉଛି।

ଭଞ୍ଜନଗର,୨୯।୧୦(ଡି.ଏନ୍.ଏ.)

ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତାର ଡିମିରିପଲ୍ଲୀ ଛକରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଚଳନ୍ତା କାରରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ମାତ୍ର ଗାଡିଚାଳକ ଓ ତାଙ୍କର ଜଣେ ସହଯୋଗୀ ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛନ୍ତି। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ବେଣିପଲ୍ଲୀର ରାଜକିଶୋର ପାତ୍ରଙ୍କ କାରକୁ ଚାଳକ ଧରି ମଧ୍ୟାହ୍ନରେ ଭଞ୍ଜନଗରରୁ ବେଲଗୁଣ୍ଠା ଅଭିମୁଖେ ଯାଉଥିଲେ। ବାଟରେ କାର ବ୍ୟାଟେରିରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ଯାଇଥିଲା। ନିଆଁ ଦେଖି ଚାଳକ ଓ ସହଯୋଗୀ ଡିମିରିପଲ୍ଲୀ ଛକରେ ଗାଡିରୁ ଓହ୍ଲାଇ ପଡିଥିଲେ। ପରେ ଗାଡିଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।

# ବାବୁ ହତ୍ୟା ଘଟଣା, ୪ ଗିରଫ

ଶେରଗଡ଼/ଧରାକୋଟ, ୨୯।୧୦ (ଡି.ଏନ୍.ଏ.)

ଶେରଗଡ ବ୍ଲକ ଧରାକୋଟ ଥାନା ବାଦଗଡ ଗ୍ରାମରେ ଗତ ୨୩ ତାରିଖରେ ଖଣ୍ଡାରେ ହାଣି ବାବୁ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି ଧରାକୋଟ ପୋଲିସ। ଘଟଣାରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର ଶେରଗଡ କୋର୍ଟକୁ ଚାଲାଣ କରିଛି। ସେମାନେ ହେଲେ ବାଦଗଡର ଗଙ୍ଗା ସାହୁ, ରୋହିତ ସାହୁ, କୁନା ସାହୁ, ଡାକ ସାହୁ। ଏନେଇ ଧରାକୋଟ ଥାନାରେ ନଂ.୧୫୭/୨୦୧୯ରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି। ବାଦଗଡ ଗ୍ରାମରୁ ଅଭିଯୁକ୍ତମାନେ ବ୍ୟବହାର କରିଥିବା ୩ ବାଇକ, ଦୁଇଟି କାତି, ଗୋଟିଏ ଖଣ୍ଡା ଜବତ ହୋଇଛି। ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଆଉ ଏକ ହତ୍ୟାକାଣ୍ଡ ଘଟିଥିବା ଧରାକୋଟ ପୋଲିସ କହିଛି। ସୁବାସ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ବାବୁଙ୍କୁ ହତ୍ୟା କରାଯାଇଥିବା ଧରାକୋଟ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ କହିଛି।

ପ୍ରକାଶ ଯେ, ୨୦୧୭ ନିର୍ବାଚନରେ କୁଲାଗଡ ପଞ୍ଚାୟତ ବାଦଗଡ ଗ୍ରାମର ସୁବାସ ସାହୁଙ୍କ ଭାଇବୋହୂ ଓ ବାବୁଙ୍କ ସ୍ତ୍ରୀ ସମିତିସଭ୍ୟା ପ୍ରାର୍ଥୀ ହୋଇଥିଲେ। ବାବୁଙ୍କ ସ୍ତ୍ରୀ ପରାଜିତ ହୋଇଥିଲେ। ଏହାର ପ୍ରତିଶୋଧ ନେବାକୁ ବାବୁ ସୁବାସଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲା। ୨୫ଜୁନ୍ ୨୦୧୭ରେ ସୁବାସଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବାବୁ ଗିରଫ ହୋଇଥିଲେ। କିଛିଦିନ ତଳେ ସେ ଜାମିନରେ ଆସି କୋରାପୁଟ ସେମିଳିଗୁଡାରେ ରହି ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ମା'ଙ୍କ ମୃତ୍ୟୁପରେ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବାକୁ ବାଦଗଡ ଆସିଥିଲେ। ୨୩ ତାରିଖ ରାତିରେ ଗାଁ ପୋଖରୀକୁ ଗାଧୋଇ ଯାଇଥିବାବେଳେ ପୂର୍ବରୁ ଲୁଚି ରହିଥିବା ଗଙ୍ଗା, କୁନା, ରୋହିତ, ଦିଲ୍ଲୁ, ଗଣେଶ, ଡାକ ତାଙ୍କୁ ଖଣ୍ଡା କାତିରେ ହାଣି ହତ୍ୟା କରିଥିଲେ।


ଗିରଫ ଅଭିଯୁକ୍ତଙ୍କ ସହ ଥାନା ଅଧିକାରୀ।

- ସୁବାସ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ବାବୁଙ୍କୁ ହତ୍ୟା
- ୩ ବାଇକ, ଖଣ୍ଡା, କାତି ଜବତ

### ଡକାୟତି କରିବାକୁ ଆସି ୩ ଜେଲ ଗଲେ

ବାଲିଗୁଡା,୨୯।୧୦(ଡି.ଏନ୍.ଏ.): ବାଲିଗୁଡା ଥାନା ଅନ୍ତର୍ଗତ ସୁଦ୍ରା ପଞ୍ଚାୟତର ପଲମି ଗ୍ରାମରେ ଡକାୟତି କରିବାକୁ ଆସିଥିବା ୩ ଦୁର୍ବୃତ୍ତଙ୍କୁ ଗ୍ରାମବାସୀ ସୋମବାର ରାତିରେ କାବୁ କରିଥିଲେ। ଏ ନେଇ ଥାନାକୁ ଜଣାଯିବା ପରେ ପୋଲିସ ମଙ୍ଗଳବାର ସକାଳେ ଗ୍ରାମରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନେ ହେଲେ ମୋହନଗିରିର ଦାଶା ଭୋଇ ତିରିଆ, ଏମ୍. ରାମପୁରର ହେମନ୍ତ ସାହୁ ଓ ଗଟାଙ୍ଗିର ଗିରି ଛତ୍ରିଆ। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଭୁଜାଲି ଜବତ କରାଯାଇଛି। ଏ ନେଇ ନଂ.୧୪୬/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଆଇ ଦୀପକ ରାଉତ କହିଛନ୍ତି। ପ୍ରକାଶ ଯେ, ୩ ଦୁର୍ବୃତ୍ତ ଗ୍ରାମର କେତେଜଣଙ୍କ ଘରେ ପଶି ଭୁଜାଲି ଓ ବନ୍ଧୁକ ଦେଖାଇ ଟଙ୍କା ସୁନା ମାଗିଥିଲେ । ଗ୍ରାମବାସୀ ଏହା ଜାଣିବା ପରେ ଏକାଠି ହୋଇ ସେମାନଙ୍କୁ କାବୁ କରି ବାନ୍ଧି ରଖିଥିଲେ । ପରେ ପୋଲିସକୁ ଖବର ଦେଇଥିଲେ।

# ଇତିହାସ ବିଭାଗ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ରାଇକିଆ,୨୯।୧୦(ଡ଼ି.ଏନ.ଏ)

କନ୍ଧମାଳ ଜିଲା ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟ ଇତିହାସ ବିଭାଗର ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜଗନ୍ନାଥ ଦାସ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ଡ. ସୁରେଶ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟ ସନ୍ଦର୍ଭ 'ଓଡ଼ିଶାର ପ୍ରଥମ ସ୍ୱାଧୀନତା ସଂଗ୍ରାମ'କୁ ବିଭାଗୀୟ ଛାତ୍ରୀ ଅର୍ଚ୍ଚନା ନାୟକ ପାଠ କରିଥିଲେ । ଆଲୋଚ୍ୟ ବିଷୟ ଉପରେ ଅଧ୍ୟାପକ ପାଢୀ ଆଲୋକପାତ କରିଥିବା ବେଳେ ଅତିଥି ଓ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବିଭାଗୀୟ ଅଧ୍ୟାପକମାନେ ରଖିଥିଲେ। ଶେଷରେ ଅଧ୍ୟାପକ ଜଗନ୍ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ଦଖଲରେ ଥିବା ଜମିର ପଟ୍ଟା ଦିଆଯାଉ

ଜି.ଉଦୟଗିରି,୨୯।୧୦(ଡି.ଏନ.ଏ.)

ପୁରୁଷ ପୁରୁଷ ଧରି ଦଖଲରେ ରଖି ଚାଷ କରି ଆସୁଥିବା ଆଦିବାସୀଙ୍କ ଜମିକୁ ତାଙ୍କ ନାମରେ ପଟ୍ଟା କରିବା ପାଇଁ ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ ଦାବି କରିଛି। ଏପରିକି ସେମାନଙ୍କୁ ସେହି ଜାଗାରୁ ଉଚ୍ଛେଦ କରି ଅଣଆଦିବାସୀମାନଙ୍କୁ ଅନେକ ସ୍ଥାନରେ ଏସବୁ ଜମି ଦିଆଯାଉଛି ବୋଲି କୁଇ ସମାଜ ୟୁନିୟନ ସଭାପତି ଭୀମସେନ ପ୍ରଧାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏକ ସ୍ମାରକପତ୍ର ଦିଆଯାଇଛି ବୋଲି ସେ କହିଛନ୍ତି। ଆଦିବାସୀମାନେ ଦେଇଥିବା ଜଙ୍ଗଲ ଜମି ଦରଖାସ୍ତଗୁଡ଼ିକୁ ବିଚାର କରି ଜମି ଯୋଗାଇବା ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଜି.ଉଦୟଗିରି ତହସିଲଦାର ଭିକାରୀ ସାହୁଙ୍କୁ ପଚାରିବାରୁ ଘରଡିହ ନ ଥିବା ଲୋକଙ୍କୁ ପ୍ରଥମେ ଡିହ ଯୋଗାଇ ଦିଆଯାଉଛି। ପାଖାପାଖି ୨ ହଜାର ଜଙ୍ଗଲ ଜମି ପଟ୍ଟା ନିମନ୍ତେ ଆଦିବାସୀମାନଙ୍କଠାରୁ ଦରଖାସ୍ତ ଆସିଥିଲା। ବର୍ତ୍ତମାନ ସୁଦ୍ଧା ତହସିଲରୁ ପ୍ରାୟ ସମସ୍ତଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆ ସରିଛି। ଅନ୍ୟ କେତେକ ଲୋକଙ୍କୁ ଅତିଶୀଘ୍ର ପଟ୍ଟା ଦିଆଯିବ ବୋଲି ଜି.ଉଦୟଗିରି ଅତିରିକ୍ତ ତହସିଲଦାର ରାକେଶ କୁମାର ପାତ୍ର କହିଛନ୍ତି।

# ହ୍ୱାଟସ୍ ଆପ୍‌ରେ ଅଭିଯୋଗ, ପଦକ୍ଷେପ ଶୂନ

ଭଞ୍ଜନଗର,୨୯।୧୦(ଡି.ଏନ.ଏ.)

### ଗଙ୍ଗାପାଣି ବଞ୍ଜାରକୁ ପକ୍କା ରାସ୍ତା ନାହିଁ

ବେଲଗୁଣ୍ଠା ବ୍ଲକରେ ବିକାଶ ବହୁତ ପଛରେ ପଡ଼ିଛି। ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହେଉନି। ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀ ପାଉନାହାନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ ଗଙ୍ଗାପାଣି ବଞ୍ଜାରକୁ ପକ୍କା ରାସ୍ତାଟିଏ ଏ ଯାଏ ହୋଇପାରିଲା ନାହିଁ। ଗଙ୍ଗାପାଣି ବଞ୍ଜାର ସାହିରେ ପ୍ରାୟ ୨୦ ପରିବାର ୪୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ବସବାସ କରୁଛନ୍ତି। ଭଞ୍ଜନଗର- ଆସିକା ଜାତୀୟ ରାଜପଥର ଶାଳୁଆପଲ୍ଲୀ ଛକ ନିକଟ ରାସ୍ତା ପାର୍ଶ୍ୱରୁ ବଞ୍ଜାରସାହି ମାତ୍ର ୧ କିମି ଦୂର। ହେଲେ ଉକ୍ତ ରାସ୍ତାଟି ମାଟି ରାସ୍ତା ଯୋଗୁ ଲୋକେ ବର୍ଷା ଦିନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସାହିବାସିନ୍ଦା ବହୁବାର ପଞ୍ଚାୟତ ଓ ବ୍ଲକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତଥାପି ରାସ୍ତା ହେବାକୁ ନାହିଁ। ଜନସାଧାରଣ ଯେଭଳି ତାଙ୍କ ସମସ୍ୟା ଜଣାଇପାରିବେ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୨ମାସ ପୂର୍ବେ ଏକ ହ୍ୱାଟସ୍ ଆପ୍ ନମ୍ବର ଜାରି କରାଯାଇଥିଲା। ବଞ୍ଜାର ସାହି ବାସିନ୍ଦା ଉକ୍ତ ନମ୍ବରରେ ଅଭିଯୋଗ ଜଣାଇଥିଲେ। ଅଭିଯୋଗ ପଠାଇବାର ୨ମାସ ବିତିବାକୁ ବସିଥିଲେ ମଧ ପ୍ରଶାସନ ପକ୍ଷରୁ ରାସ୍ତା ମରାମତି ପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ଆଗାମୀ ଦିନରେ ଏହାକୁ ନେଇ ବଞ୍ଜାରସାହି ବାସିନ୍ଦା ରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି। ଦୈନନ୍ଦିନ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ବଡ଼ପଡ଼ାର ଦେବରାଜ ନାୟକ କହିଛନ୍ତି, ବିଭିନ୍ନ ଗ୍ରାମକୁ ପକ୍କା ରାସ୍ତା ହେଉଛି, କିନ୍ତୁ ଏହି ରାସ୍ତା ପ୍ରତି ପ୍ରଶାସନର ଦୃଷ୍ଟି ପଡୁନି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ